

ବୈଭବଙ୍କ ସମ୍ପତ୍ତିକୁ ନେଇ ଚର୍ଚ୍ଚା

ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 41 | ଭାଗ ୩୪ | ସଂଖ୍ୟା ୪୧

Bhubaneswar | Sunday 4 May 2025 | Page 8 Rs. 4.00

● ଭୁବନେଶ୍ୱର ରବିବାର ୪ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ପୋଲରୁ ଖସିଲା ସ୍ଲାବ୍ ୨ଯନ୍ତ୍ରୀଙ୍କ ସମେତ ୩ ମୃତ



- ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
- ୫ ଲକ୍ଷ ଲେଖାଏଁ ସହାୟତା ଘୋଷଣା
- ତଦନ୍ତ କରିବ ବୈଷୟିକ କମିଟି : ପୃଥ୍ୱୀରାଜ



**ଭୁବନେଶ୍ୱର/କଟକ, ୩।୫(ସଂଚାର ବ୍ୟୁରୋ):** ନିର୍ମାଣାଧୀନ ପୋଲରେ ଘଟିଛି ବଡ଼ ଅଘଟଣ। କଟକ ଖାନ୍‌ନଗରସ୍ଥିତ ପୋଲ ନିର୍ମାଣ ବେଳେ ସ୍ଲାବ୍ ଖସିପଡ଼ିବାରୁ ଦୁଇଜଣ ଯନ୍ତ୍ରୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଅନ୍ୟ ୨ ଜଣ ଗୁରୁତରଙ୍କର ଚିକିତ୍ସା ଜାରି ରହିଛି। ମୃତକମାନେ ହେଲେ ସୌମ୍ୟରଂଜନ ବେହେରା, ଶିବଶଙ୍କର ପଟ୍ଟନାୟକ ଓ ସୁବାସ ଭକ୍ତ। ➪ପୃଷ୍ଠା-୬

# ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ ପାଇଁ ଷଡ଼ଯନ୍ତ୍ର

**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ରାଜ୍ୟର ନୂଆ ସରକାର ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଦନାମ ପାଇଁ ଜୋରଦାର ଉଦ୍ୟମ ଚାଲିଛି। ନୂଆ ସରକାର ଗଠନ ପରେ ରାଜ୍ୟରେ ହୋଇଥିବା ବିକାଶର ଚର୍ଚ୍ଚା ବଦଳରେ କିଛି ବ୍ୟକ୍ତି ଏବେ ସୁଚିନ୍ତିତ ଭାବେ ମୋହନଙ୍କୁ ଟାର୍ଗେଟ କରୁଛନ୍ତି। ଏହାଦ୍ୱାରା ସରକାରଙ୍କୁ ଭରପୂର ବଦନାମ ପାଇଁ ଉଦ୍ୟମ

## ରୁବେନଙ୍କ ଆଖିରେ ଅନ୍ଧପୁଟୁଳି

ଚାଲିଥିବା ବେଳେ ସରକାରୀ ଦଳର ନିରବତା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆତ୍ମଜୀବନୀ ଲେଖି ଚର୍ଚ୍ଚାରେ ଥିବା ସାମ୍ବାଦିକ ରୁବେନ ବାନାର୍ଜୀ ଏବେ ରାଜ୍ୟର ବିଜେପି ସରକାରକୁ ସମାଲୋଚନା କରି ଗୋଟିଏ ପରେ ଗୋଟିଏ ଭିଡିଓ ଛାଡ଼ିଚାଲିଛନ୍ତି। ଏହି ଭିଡିଓରେ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଟାର୍ଗେଟ କରାଯାଉଛି। ମୁଖ୍ୟମନ୍ତ୍ରୀ ଦିଲ୍ଲୀ, ମୁମ୍ବାଇ ଗଲେ କେଉଁଠି ରହୁଛନ୍ତି, କ'ଣ ଖାଉଛନ୍ତି, କେଉଁଥିରେ ଯାଉଛନ୍ତି, ତାହାକୁ ବନେଇଚୁନେଇ ପରିବେଷଣ କରାଯାଉଛି। ତେବେ ମୁଖ୍ୟମନ୍ତ୍ରୀ ସେଠାରେ କେଉଁ କେଉଁମାନଙ୍କୁ ଭେଟୁଛନ୍ତି, ଓଡ଼ିଶାକୁ କେତେ ନିବେଶ ଆଣୁଛନ୍ତି, ସେ ସଂକ୍ରାନ୍ତରେ ବିଶେଷ କିଛି କହୁନାହାନ୍ତି।



ତେବେ ମୁଖ୍ୟମନ୍ତ୍ରୀ ଯେତେବେଳେ ଦେଶର ଆଗଧାଡ଼ିର ଶିଳ୍ପପତିମାନଙ୍କୁ ଭେଟୁଛନ୍ତି, ସେତେବେଳେ କିଭଳି ଆଦବକାଇଦାରେ କେଉଁ ସ୍ଥାନରେ ଭେଟିବାକୁ ହୁଏ, ଜଣେ ଜାତୀୟ ସ୍ତରର ଗଣମାଧ୍ୟମ ପ୍ରତିନିଧି ଭାବେ ରୁବେନ ଭଲଭାବେ ଜାଣିଥିଲେ ମଧ୍ୟ ସେ ସଂକ୍ରାନ୍ତରେ ନିରବ ରହୁଛନ୍ତି। ଓଡ଼ିଶା ଭଳି ଏକ ସମୃଦ୍ଧ ରାଜ୍ୟର ମୁଖ୍ୟ ହିସାବରେ ମୁଖ୍ୟମନ୍ତ୍ରୀ ସରକାରୀ କାର୍ଯ୍ୟରେ ଯାଇ ଗୋଟିଏ ତାରକା ହୋଟେଲରେ ରହିବାକୁ ନେଇ ଯେଉଁ ହୋହଲ୍ଲା ଚାଲିଛି, ତାହାକୁ କିନ୍ତୁ ଓଡ଼ିଶାର ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି।

ରାଜ୍ୟରେ ମୋହନଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ଓଡ଼ିଶା ଛାଡି ➪ପୃଷ୍ଠା-୬

## ୧୧ ମାସରେ କ'ଣ କରିଛନ୍ତି ମୋହନ

- ❑ ୧ କୋଟି ମହିଳାଙ୍କୁ ସୁଭଦ୍ରା ସହାୟତା
- ❑ ଅନ୍ତ୍ୟୋଦୟ ଯୋଜନାରେ ପକ୍କାଘର
- ❑ ଓଡ଼ିଶାରେ ଆୟୁଷ୍ମାନ୍ ଜନଆରୋଗ୍ୟ
- ❑ ଚାଷୀଙ୍କୁ ସିଏମ୍ କିଷାନ୍ ସହାୟତା
- ❑ ଛାତ୍ରଛାତ୍ରୀଙ୍କୁ ମାଧୋ ସିଂ ହାତଖର୍ଚ୍ଚ
- ❑ ଶିଳ୍ପ ପାଇଁ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍
- ❑ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ମେଳା
- ❑ ଶ୍ରୀମନ୍ଦିର ପାଇଁ ୫୦୦ କୋଟିର କର୍ପସ୍ ଫଣ୍ଡ
- ❑ ପୁରୀ ସାହିଯାତ ଓ ଧନୁଯାତ୍ରାକୁ ସହାୟତା

## ଚୀନକୁ ଦେବ ଟକ୍କର

# କୃତ୍ରିମ ସୂର୍ଯ୍ୟ ତିଆରି କରିବ ଭାରତ

**ନୂଆଦିଲ୍ଲୀ, ୩।୫:** ଚୀନର ପରୀକ୍ଷାମୂଳକ ଆଡଭାନ୍ସଡ ସୁପରକଣ୍ଡକ୍ଟିଂ ଟୋକାମାକ୍ (ଇଷ୍ଟ), ଯାହାକୁ 'କୃତ୍ରିମ ସୂର୍ଯ୍ୟ' ମଧ୍ୟ କୁହାଯାଏ, ପରମାଣୁ ଫ୍ୟୁଜନ ଗବେଷଣାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଗତ ଜାନୁଆରି ୨୦ ତାରିଖରେ ଇଷ୍ଟ ୧୦୬୬ ସେକେଣ୍ଡ ପାଇଁ ପ୍ଲାଜମା ବଜାୟ ରଖିଥିଲା, ଯାହା କି ୨୦୨୩ରେ ସ୍ଥାପିତ ୪୦୩ ସେକେଣ୍ଡର ପୂର୍ବ ରେକର୍ଡକୁ ଭାଙ୍ଗି ଦେଇଥିଲା । ତେବେ ଚୀନର ଏହି କୃତ୍ରିମ ସୂର୍ଯ୍ୟକୁ ଏବେ ଟକ୍କର ଦେବାକୁ ଯାଉଛି ଭାରତ। ଖୁବଶୀଘ୍ର କୃତ୍ରିମ ସୂର୍ଯ୍ୟ ତିଆରି କରିବାକୁ ଯାଉଛି ଦେଶ।

ବୈଜ୍ଞାନିକମାନେ ଆଣବିକ ଫ୍ୟୁଜନ ଶକ୍ତିର ଉପଯୋଗ କରିବାର ନିକଟତର ହେଉଥିବା ବେଳେ ଭାରତ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ନ୍ୟୁକ୍ଲିୟର ଫ୍ୟୁଜନ ସୂର୍ଯ୍ୟକୁ ଶକ୍ତି ପ୍ରଦାନ କରୁଥିବା ପ୍ରକ୍ରିୟା, ଏକ ଅସୀମ ଏବଂ ସ୍ୱଚ୍ଛ ଶକ୍ତି ଉତ୍ସ ପ୍ରଦାନ କରିବାର କ୍ଷମତା ରଖିଛି । ୧୯୮୭ ମସିହାରୁ କାର୍ଯ୍ୟକ୍ଷମ ସାହା ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସ (ଏସଆଇଏନପି)ରେ ଟୋକମାକରୁ ଫ୍ୟୁଜନ ଗବେଷଣା କ୍ଷେତ୍ରରେ ଭାରତର ଯାତ୍ରା ଆରମ୍ଭ ହୋଇଥିଲା। ଏହି ଅଗ୍ରଣୀ



ଅଧିକ ଗରମ ତାପମାତ୍ରା ସୃଷ୍ଟି କରି ଭାରତକୁ ସୁପରକଣ୍ଡକ୍ଟିଂ ଟୋକମାକ୍ ଥିବା ୬ଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଫ୍ୟୁଜନ ଗବେଷଣା କ୍ଷେତ୍ରରେ ଭାରତର ସଫଳତା ୨୦୦୫ରେ ଅନ୍ତର୍ଜାତୀୟ ଥର୍ମୋନ୍ୟୁକ୍ଲିୟର ଏକ୍ସପେରିମେଣ୍ଟାଲ ରିଆକ୍ଟର (ଆଇଟିଇଆର) ପ୍ରକଳ୍ପରେ ପ୍ରବେଶ କରିଥିଲା। ୨୫ ବିଲିୟନ ଡଲାରର ଏହି ସହଯୋଗର ଅଂଶ ସ୍ୱରୂପ ଭାରତ ଅନ୍ୟ ୩୪ଟି ଦେଶ ସହିତ ୧୦% ଯୋଗଦାନ ଦେଉଛି ।

ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରତ ➪ପୃଷ୍ଠା-୬

## ଧର୍ମଶାଳାରେ ଅଧର୍ମ ରାଜ

# ଯୁବକଙ୍କୁ ପିଟିପିଟି ମାରିଦେଲେ ମାଫିଆ

**ଯାଜପୁର,୩।୫(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଧର୍ମଶାଳାର ପାହାଡ଼ ସବୁବେଳେ ମାଫିଆଙ୍କ ପାଇଁ ଲେଉଟିଆ କିଆରି ସାବ୍ୟସ୍ତ ହୋଇଆସିଥିବା ବେଳେ ସେମାନଙ୍କ ସ୍ୱାର୍ଥରେ ସାମାନ୍ୟତମ ଆଞ୍ଚ୍ ଆସିଲେ, କେହି ବି ବର୍ତ୍ତିବେ ନାହିଁ ବୋଲି ସେମାନେ ପ୍ରମାଣିତ କରିଆସିଛନ୍ତି। ଗତ ବିଜେଡି ସରକାର ଅମଳରେ ତତ୍କାଳୀନ ବିଧାୟକଙ୍କଠାରୁ ଅମର ବର ପାଇଥିବା ଏହି ମାଫିଆମାନେ ଏବେ ବି ବେଶ୍ ସକ୍ରିୟ ଅଛନ୍ତି। ରାଜ୍ୟରେ ସରକାର ବଦଳିଥିଲେ ମଧ୍ୟ ଧର୍ମଶାଳାରେ ଏବେ ବି ମାଫିଆଙ୍କ ରାଜୁତି ସହ ଅଧର୍ମର ରାଜ ଚାଲିଛି। ପରିସ୍ଥିତି ଏପରି ହୋଇଛି ଯେ ଧର୍ମଶାଳା ପାହାଡ଼ ପର୍ବତରେ ରାବଣ ରାଜ ଚାଲିଥିବା ଚର୍ଚ୍ଚା ହେଉଛି। ସଦ୍ୟ ଘଟଣାରେ ପଥର ମାଫିଆମାନେ ଜଣେ ଶ୍ରମିକଙ୍କୁ ଅତି ନିର୍ମମ ଭାବେ ପିଟି ପିଟି ହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବିଶେଷକରି ଗତ ୧ ତାରିଖରେ ସମଗ୍ର ବିଶ୍ୱରେ ଶ୍ରମିକଙ୍କୁ ଶୋଷଣରୁ ରକ୍ଷା କରିବା ସହ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଦେବା ପାଇଁ ପାଳନ କରାଯାଉଥିବା ଆନ୍ତର୍ଜାତିକ ଶ୍ରମିକ ଦିବସର ଅବ୍ୟବହିତ ପୂର୍ବରୁ ଧର୍ମଶାଳାରେ ଶ୍ରମିକଙ୍କୁ ନ୍ୟାୟ ତ ମିଳିନାହିଁ, ବରଂ ଜଣେ ଶ୍ରମିକଙ୍କ ଦେହରେ ଗରମ ତେଲ ପକାଇ ଅତି ଅମାନବୀୟ ଭାବେ ଲୁହା ରଡ୍‌ରେ ପିଟିପିଟି ହତ୍ୟା କରାଯାଇଛି।

ମିଳିଥିବା ସୂଚନାନୁସାରେ, ଯାଜପୁର ଜିଲ୍ଲାର ଧର୍ମଶାଳାର ମେଘା କ୍ରସରରେ ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଥାନାଞ୍ଚଳର ରାହାଡପୁର ମୌଜାରେ ଥିବା ପଦ୍ମାବତୀ କ୍ରସରରେ କ୍ୟାସିୟର ଭାବେ କାର୍ଯ୍ୟ କରୁଥିଲେ ଅରଜିତ ଜେନା (୨୨ ବର୍ଷ)। ତେବେ ଗତ ୨୮ ତାରିଖରେ ଉକ୍ତ କ୍ରସର୍‌ର ମାଲିକ ଜ୍ଞାନ ରଞ୍ଜନ ମହାପାତ୍ର ଓରଫ୍ ସିଲୁ ତାଙ୍କ ଦେହରେ ଗରମ ତେଲ ପକାଇ ଗୁରୁତର ଭାବେ ଆହତ କରିଥିଲେ। ତାଙ୍କ ମନ ଏତିକିରେ ବୁଝିନଥିଲା ଓ ସେ ଅରଜିତ୍‌ଙ୍କୁ ଲୁହା ରଡ୍‌ରେ ଅତି ଅମାନୁଷିକ ଭାବେ ପିଟି ପିଟି ଗୁରୁତର ଆହତ କରିଥିଲେ। ଅରଜିତ୍‌ଙ୍କୁ ମୁମୂର୍ଷୁ ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ପରଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅରଜିତ୍‌ଙ୍କୁ କଳାପଥର ଟଙ୍କା ହଡ଼ପ କରିଥିବା ଅଭିଯୋଗ ରହିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ତେବେ ସବୁଠାରୁ ଦୁଃଖର ବିଷୟ ଯେ ଜ୍ଞାନରଞ୍ଜନ ଅରଜିତ୍‌ଙ୍କୁ ବର୍ବରୋଚିତ ଆକ୍ରମଣ କରି ଲହୁଲୁହାଣ କରିବା ସହ ଗୁପ୍ତାଙ୍ଗକୁ ମଧ୍ୟ ଆଘାତ ଦେଇଥିଲେ। ଅଧିକନ୍ତୁ ଅରଜିତ୍‌ଙ୍କୁ ଡାକ୍ତରଖାନା ନେବା ସକାଶେ ପରିବାର ଲୋକେ କାକୁତିମିନତି ହୋଇଥିଲେ ମଧ୍ୟ ଜ୍ଞାନରଞ୍ଜନ ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ ➪ପୃଷ୍ଠା-୬



**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସତୀଶ**

# ଏମକେସିଜିରୁ ୭ ଡାକ୍ତର ନିଖୋଜ

- ● ଖୋଜ ଖବର ନେବାକୁ କେହି ନାହାନ୍ତି
- ● ବର୍ଷ ବର୍ଷ ଧରି କାର୍ଯ୍ୟରେ ଯୋଗ ଦେଉନାହାଁନ୍ତି
- ● ବିନା ଛୁଟି ଆବେଦନ କି ଇସ୍ତଫାପତ୍ରରେ ଗାଏବ୍
- ● ସବୁ ଜାଣି ବି ନିରବ ସ୍ୱାସ୍ଥ୍ୟ ବିଭାଗ

**ବ୍ରହ୍ମପୁର, ୩।୫ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରୁ ସାତ ଜଣ ଡାକ୍ତର ବର୍ଷ



ବର୍ଷ ଧରି ନିଖୋଜ। ସେମାନେ ନା ଛୁଟି ଆବେଦନ କରିଛନ୍ତି ନା ଚାକିରିରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ବର୍ଷ ବର୍ଷ ଧରି ସେମାନେ ଅନଧିକୃତ ଭାବେ କାର୍ଯ୍ୟରେ ଯୋଗ ଦେଉନାହାଁନ୍ତି। ସବୁଠାରୁ ଉଦବେଗର କଥା ହେଉଛି ରାଜ୍ୟ ସରକାର ଏହି ସାତ ଜଣ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବି ନେଉନାହାଁନ୍ତି।

ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୬ ଅକ୍ଟୋବର ୧୭ ତାରିଖରୁ କାର୍ଯ୍ୟରେ ଯୋଗ ଦେଉନାହାଁନ୍ତି ଡାକ୍ତର ରାମଚନ୍ଦ୍ର ଦେଓ। ସେହିଭଳି ୨୦୨୩ ଜୁଲାଇ ୬ତାରିଖରୁ ନିଖୋଜ ଅଛନ୍ତି ଡାକ୍ତର ➪ପୃଷ୍ଠା-୬

# ପ୍ରକୃତି ପରେ ପ୍ରିଶା: ଆଉ କେତେ ମଲେ ଚେତିବେ?

**ଭୁବନେଶ୍ୱର, ୩।୫ (ସଂଚାର ବ୍ୟୁରୋ):** କିଟ ବିଶ୍ୱବିଦ୍ୟାଳୟ ଆଉ ଶିକ୍ଷାନୁଷ୍ଠାନ ହୋଇ ରହିନି । ଆତ୍ମହତ୍ୟାର ଉପତ୍ୟକା ପାଲଟିଛି କିଟ । ଜଣଙ୍କ ପରେ ଜଣେ ଶିକ୍ଷାର୍ଥୀ ଆତ୍ମହତ୍ୟା କରୁଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିଘା ନାହିଁ କି ସରକାର ବି ନିରବ । ରାଜ୍ୟ ସରକାର ଗଠନ କରିଥିବା କମିଟିର ତଦନ୍ତ କୁଆଡେ ଗଲା ଜଣାନାହିଁ। ଫେବୃଆରି ୧୬ରେ ପ୍ରକୃତି ଲାମସାଲ ଆତ୍ମହତ୍ୟାକୁ ନେଇ ତୁମୁଳକାଣ୍ଡ ହୋଇଥିଲା। ପରେ ଜଣେ ଛାତ୍ର ବିଶ୍ୱବିଦ୍ୟାୟ କ୍ୟାମ୍ପସ ବାହାରେ ଆତ୍ମହତ୍ୟା କରିଥିବା ବେଳେ ଏବେ ପ୍ରିଶା ନିଜ ହଷ୍ଟେଲ ରୁମରେ ଫ୍ୟାନରେ ଝୁଲିପଡିଛି ।

ଏହି ଘଟଣାର ତଦନ୍ତ ପାଇଁ ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛି । ଇନ୍ଦିରା ଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟ ବା ଇଗ୍ନୋର ପୂର୍ବତନ କୁଳପତି ପ୍ରଫେସର ନାଗେଶ୍ୱର ରାଓଙ୍କ ଅଧକ୍ଷତାରେ ଗଠିତ ଏହି ଫ୍ୟାକ୍ଟ ଫାଇଣ୍ଡିଂ କମିଟିରେ ତାଙ୍କ ସହ ୩ଜଣ ସଦସ୍ୟ ରହିଛନ୍ତି । ଏହି କମିଟି ୭ଟି ପ୍ରମୁଖ ଦିଗ ଉପରେ ତଦନ୍ତ କରିବେ। କେଉଁ ପରିସ୍ଥିତିରେ କିଟରେ ବାରମ୍ବାର ଛାତ୍ରୀ ଆତ୍ମହତ୍ୟା ଭଳି ଅଘଟଣ ଘଟୁଛି, ସେ ନେଇ କିଟ୍ କର୍ତ୍ତୃପକ୍ଷଙ୍କୁ ଜବାବ ତଲବ କରିବେ। ଶିକ୍ଷାନୁଷ୍ଠାନରେ କେଉଁ ବାତାବରଣରେ ପିଲା ପାଠ ପଢୁଛନ୍ତି , ଶିକ୍ଷାନୁଷ୍ଠାନର ପଲିସି କଣ ଅଛି। ବିଶ୍ୱ ବିଦ୍ୟାଳୟର ଫ୍ରେମ୍ ୱାର୍କ, ଫ୍ୟାକଲଟିଙ୍କ ଗତିବିଧି, ପିଲାଙ୍କ ଉପରେ ମାନସିକ ଚାପ ପଡୁଥିଲା କି ? ଛାତ୍ରଛାତ୍ରୀଙ୍କ ପାଇଁ ସିକ୍ୟୁରିଟି, ସେଫଟି ପ୍ରୋଟୋକଲ, ଆଣ୍ଟି ହାରସମେଣ୍ଟ ଗ୍ରୀଭାନ୍ସ ବ୍ୟବସ୍ଥା ଥିଲା କି । ଛାତ୍ରଛାତ୍ରୀ, ଆଡମିନିଷ୍ଟ୍ରେସନ୍, ଫ୍ୟାକଲ୍ଟି, ଷ୍ଟେକ୍ ହୋଲଡରଙ୍କ ପାରସ୍ପରିକ ସମ୍ପର୍କ କଣ ରହିଥିଲା। ଏ ସବୁ ବିଷୟରେ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ୟୁଜିସିକୁ ରିପୋର୍ଟ ଦେବ । କମିଟି ଯାଞ୍ଚ ସାରି ୧୦ ଦିନ ଭିତରେ ୟୁଜିସିକୁ ରିପୋର୍ଟ ଦେବେ । ଫେବ୍ରୁଆରି ୧୬ରେ ଅନ୍ୟ ଜଣେ ଛାତ୍ରୀ ଆତ୍ମହତ୍ୟା ଘଟଣାର ମଧ ଯାଞ୍ଚ କରିବେ ଏହି କମିଟି ।

ଆଜି ପ୍ରିଶାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି । ନେପାଳରୁ ଆସିଥିବା ଛାତ୍ରୀଙ୍କ ପରିବାର ଲୋକେ, ପୁଲିସ, ସାଇଣ୍ଟିଫିକ୍ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଷ୍ଟମର୍ଟମ କରାଯାଇଛି। ସେ ସମୟର ଭିଡିଓ ଗ୍ରାଫି ବି କରାଯାଇଛି। ମୃତଦେହ ନେପାଳ ନେବାକୁ ଛାତ୍ରୀଙ୍କ ପରିବାର ଲୋକେ ମନା କରିବାରୁ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେପଟେ କେଉଁ କାରଣରୁ ପ୍ରିଶାଙ୍କ ମୃତ୍ୟୁ ହେଲା ତଦନ୍ତ କରିବାକୁ ଦାବି ➪ପୃଷ୍ଠା-୬



**ୟୁଜିସି ଗଠନ କଲା ଫ୍ୟାକ୍ଟ ଫାଇଣ୍ଡିଂ କମିଟି**

**ରାଜ୍ୟ ସରକାର କାହିଁକି ନିରବ?**

# କଲମ୍ବୋ ଯାଇଛନ୍ତି ପହଲଗାମ ଆତଙ୍କୀ!



**ଚେନ୍ନାଇ,୩।୫:** ଗତ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପହଲଗାମ ନରସଂହାରରେ ଲିପ୍ତ ଆତଙ୍କବାଦୀମାନେ ଦେଶ ଛାଡ଼ି ପଳାୟନ କରିଥିବା ସୂଚନା ମିଳିଛି। ଏହି ଆତଙ୍କୀମାନେ ନରସଂହାର ରଚିବା ପରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ଅଭିମୁଖେ ଚେନ୍ନାଇରୁ ଯାଇଥିବା ନେଇ ଗୁଇନ୍ଦା ବିଭାଗ ପକ୍ଷରୁ ଆଶଙ୍କା କରାଯାଇଛି। ଉକ୍ତ ବିମାନରେ ୬ ଜଣ ଆତଙ୍କବାଦୀ ପଳାୟନ କରିଥିବା କୁହାଯାଉଛି। ଚେନ୍ନାଇରୁ ଉଡ଼ାଣ ଭରିଥିବା ଉକ୍ତ ୟୁଏଲ୍ ୧୨୨ ବିମାନଟି ଶ୍ରୀଲଙ୍କାର ବନ୍ଦରାନାଇକେ ଅନ୍ତର୍ଜାତୀୟ ବିମାନବନ୍ଦରରେ ଉକ୍ତ ଦିନ ପୂର୍ବାହ୍ନ ୧୧.୫୯ ମିନିଟରେ ପହଞ୍ଚିଥିଲା। ଭାରତୀୟ ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନ ପାଇବା ପରେ କଲମ୍ବୋରେ ଶ୍ରୀଲଙ୍କାରେ ବିମାନର ଯାଞ୍ଚ୍ କରାଯାଇଛି। ସ୍ଥାନୀୟ ଅଧିକାରୀଙ୍କ ସହାୟତାରେ ଏହି ଯାଞ୍ଚ୍ ହୋଇଥିଲେ ହେଁ ଉକ୍ତ ଆତଙ୍କବାଦୀଙ୍କ ସନ୍ଧାନ ମିଳିଛି କି ନାହିଁ ସେ ସମ୍ପର୍କରେ କିଛି ଠୋସ୍ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ ଯେ ଜମ୍ମୁ-କାଶ୍ମୀରର ପହଲଗାମରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ଆଖିବୁଜା ଗୁଳିମାଡ଼ କରିଥିଲେ ଆତଙ୍କବାଦୀ। ଏହି ଆକ୍ରମଣରେ ୨୭ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆହତ ହୋଇଥିଲେ। ଆକ୍ରମଣ ପରେ ସୁରକ୍ଷା ବାହିନୀ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ପହଲଗାମ ହିଲ୍ ଷ୍ଟେସନଠାରୁ ପ୍ରାୟ ୫ କିଲୋମିଟର ଦୂର ବୈସରନ ଭ୍ୟାଲିରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଆତଙ୍କୀମାନେ ପର୍ଯ୍ୟଟକମାନଙ୍କୁ କଲମା ପଢ଼ିବାକୁ କହିବା ସହ କେବଳ ହିନ୍ଦୁମାନଙ୍କୁ ଟାର୍ଗେଟ୍ କରିଥିଲେ। ଏହି ଆତଙ୍କୀ ହମ୍‌ଲାରେ ବାଲେଶ୍ୱରର ପ୍ରଶାନ୍ତ ଶତପଥୀ ମଧ ପ୍ରାଣ ହରାଇଛନ୍ତି। ଏହି ହମ୍‌ଲା ପାଇଁ ପାକିସ୍ତାନର କୁଖ୍ୟାତ ଆତଙ୍କୀ ସଂଗଠନ ଲସ୍କର-ଇ-ତୋଏବାର ସ୍ଥାନୀୟ ଶାଖା ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଥିଲା।



## କାନ ଡେରିଥା

ମଦ ପିଇ ଦେଇ ରାସ୍ତାରେ ଗଡ଼ିଲେ
ଜୀବନେ ଖୁସି କି ମିଳେ?
କ୍ଷଣିକ ଖୁସିକୁ ପାଇବା ପାଇଁକି
ପ୍ରବଳ ପଇସା ସାରେ
କୁକୁର ପରିସ୍ରା ଧରେ...
କେତେବେଳେ ପୁଣି ଗାଡି ଚକା ତଳେ
ଜୀବନ ଟା ଝଡ଼ି ପଡ଼େ!

■ *ଦେବାଶିଷ*

# ବିକୁଥିଲେ ମେଡିକାଲ୍ ସିଟ୍, ବନ୍ଧାହେଲେ ୪ ଦଲାଲ୍

**ଭୁବନେଶ୍ୱର, ୩।୫ (ସଂଚାର ବ୍ୟୁରୋ) :** ସମ୍ପ୍ରତି ନାମଲେଖା ଋତୁ ଆରମ୍ଭ ହୋଇଥିବା ବେଳେ କ୍ରମଶଃ ବେପାରର କେନ୍ଦ୍ରବିନ୍ଦୁ ପାଲଟିଥିବା ଶିକ୍ଷାନୁଷ୍ଠାନ ଆଡ଼କୁ ଅଧିକରୁ ଅଧିକ ଶିକ୍ଷାର୍ଥୀଙ୍କୁ ଭିଡ଼ିବା ସକାଶେ ଦଲାଲ୍‌ମାନେ ସକ୍ରିୟ ହୋଇପଡ଼ିଛନ୍ତି। ସେମାନେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କଠାରୁ କାଉନସେଲିଂ ନାଁରେ ତଥ୍ୟ ସଂଗ୍ରହ କରିବା ସହ ସେମାନଙ୍କ ଆଗରେ ପ୍ରତିଶ୍ରୁତିର ପାହାଡ ଛିଡ଼ା କରାଇ ଲୋଭନୀୟ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। ବିଶେଷକରି ଉଚ୍ଚାକାଂକ୍ଷୀ ପିତାମାତାଙ୍କ ଆଶା ପୂରଣ କରିବା ସକାଶେ ଏହି ଦଲାଲ୍‌ମାନେ ମଧ୍ୟସ୍ଥି ସାଜିଛନ୍ତି। ଏପରି ଏକ ଖବର ଗତ ୨୯ ତାରିଖରେ 'ସଂଚାର'ରେ ପ୍ରକାଶ ପାଇଥିବା ବେଳେ ଆଜି ଏହାର ପର୍ଦ୍ଦାଫାସ୍ କରିଛି କମିଶନରେଟ୍ ପୁଲିସ୍। ଦଲାଲ୍‌ମାନେ ଡାକ୍ତରୀ ସିଟ୍ ଆବଣ୍ଟନ ସକାଶେ ବେଶ୍ ମୋଟା ଅଙ୍କର ଅର୍ଥ ନେବା ସହ ଡିଲ୍ କରୁଥିବା ସମୟରେ ପୁଲିସ୍ ହାତରେ ଧରାପଡ଼ିଛନ୍ତି। ଆସନ୍ତାକାଲି ନିଟ୍ ପରୀକ୍ଷା ହେବାକୁ ଥିବା ବେଳେ ଏହା ପୂର୍ବରୁ ଆଜି ମେଡିକାଲ କଲେଜ ସିଟ୍ ବିକ୍ରି ପାଇଁ ହୋଟେଲରେ ଡିଲ୍ ଚାଲିଥିଲା। ମୂଲଚାଲରେ ଚୂଡ଼ାନ୍ତ ଦର ମଧ ଛିଣ୍ଡିସାରିଥିଲା। କିନ୍ତୁ ଠିକ୍ ସମୟରେ ସେଠାରେ ଚଢ଼ାଉକରି କମିଶନରେଟ୍ ପୁଲିସ୍ ସବୁକିଛି ଗଡ଼ବଡ଼ କରିଦେଲା। ଡିଲ୍ କରୁଥିବା ୪ ଜଣ ଆନ୍ତଃରାଜ୍ୟ ଦଲାଲଙ୍କୁ ଗିରଫ କରି ଏକ ବଡ଼ ଧରଣର ର‍୍ୟାକେଟ୍‌ର ➪ପୃଷ୍ଠା-୬



**ସଂଚାର ପ୍ରଭାବ**

**ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍**

**ପରୀକ୍ଷାରେ ବସିଥାନ୍ତେ ଜାଲ୍ ପରୀକ୍ଷାର୍ଥୀ**

**ଅଭିଭାବକ ଦେଇଥିଲେ ବ୍ଲାଙ୍କ୍ ଚେକ୍**







Sanchar-29-04-2025_1
29 Apr 2025

ସଂଚାର

## ରାଜ୍ୟରେ ସକ୍ରିୟ ନାମଲେଖା ଦଲାଲ

- ● ଶିକ୍ଷାନୁଷ୍ଠାନ ପରିଚୟରେ ମାଲ ମାଲ ଏଜେଣ୍ଟ
- ● କାଉନସେଲିଂ ନାଁରେ ଚାଲିଛି ସୂଚନା ସଂଗ୍ରହ



## ଜିଲ୍ଲାର ବିଭିନ୍ନ ସ୍ଥାନରେ ଶନିଶ୍ଚର ଜଳାଭିଷେକ ଓ ମହାଯଜ୍ଞ ଅନୁଷ୍ଠିତ

**କେନ୍ଦ୍ରାପଡ଼ା,୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହର ସ୍ଥିତ ମହିପାଳସ୍ଥିତ ବାୟାବକାରର ନ୍ୟାୟ ଦେବତା ସୂରା କମିଟି ଦ୍ୱାରା ଆୟୋଜିତ ଚର୍ତୁଦଶତମ ଜନ୍ମ ବାର୍ଷିକ ଉପଲକ୍ଷେ ଶନିଷ୍ଟର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି । ସେହିପରି ସହରସ୍ଥ ଗଣାମାହାଲ ସ୍ଥିତ ବାଲାବାବା ମନ୍ଦିର ପ୍ରାଙ୍ଗଣରେ ଶନିଶ୍ଚରାୟ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଆନୁକୂଲ୍ୟରେ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଶୁଭାଧିବାସ କରାଯାଇ ଆଜ୍ଞାମାଳ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା । ଶନିବାର ଦିନ ପ୍ରାତଃ ୬ଟା ୩୦ମିନିଟ୍‌ରେ ଘଟ ନିମନ୍ତ୍ରଣ ପରେ ଭକ୍ତମାନେ ଏକ ଶୋଭାଯାତ୍ରାରେ ନୂଆବସଷ୍ଟାଣ୍ଡ ଶନିଘାଟରୁ ପାଣି ଆଣି ଘଟସ୍ଥାପନ କରିଥିଲେ । ପ୍ରାତ ୮ଟା ୩୦ମିନିଟ୍‌ରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞାରମ୍ଭ କରାଯିବା ସହିତ ରାତ୍ର ୧୦ଟା ୩୦ମିନିଟ୍‌ରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା । ସେହିପରି ତିନିମୁହାଣୀ ଶନି ମନ୍ଦିର, ନୂଆ ବସଷ୍ଟାଣ୍ଡ ଶନି ମନ୍ଦିର, କୋର୍ଟ ଛକ ଶନିମନ୍ଦିର, ଗରାପୁର କାଳିମନ୍ଦିର ସ୍ଥିତ ଶନି ମନ୍ଦିରରେ କେନ୍ଦ୍ରାପଡା ସହର ଓ ସହରଆଖପାଖ ଅଳରୁ ବହୁ ମାନସିକଧାରୀ ଓ ଶ୍ରଦ୍ଧାଳୁମାନେ ଆସି ଶନିଙ୍କ ନିକଟରେ ଜଳାଭିଷେକ କରିବା ପରେ ଯଜ୍ଞରେ ସାମିଲ ହେଇଥିଲେ । ଏହି ଉପଲକ୍ଷେ ରାଜନୈତିକ ଦଳର ବହୁ ନେତାମାନେ ଆସି ଶନି ଦେବତାଙ୍କ ଆର୍ଶୀବାଦ ନେଇଥିଲେ ।

## ପୋଖରୀରେ ବୁଡି ବାଳକ ମୃତ



**ଆଳି,୩।୫ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ନାଉଡିହ ଗାଁରେ ପ୍ରହଲ୍ଲାଦ ପରିଡ଼ା ଓ ମାତା ସସ୍ମିତା ପରିଡ଼ାଙ୍କ ଏକମାତ୍ର ପୁତ୍ର ପ୍ରଭୁପାଦ ପରିଡ଼ା (୧୦) ବର୍ଷ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ପ୍ରଭୁପାଦ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ପ୍ରକାଶ ଯେ ନାଉଡିହ ଗ୍ରାମରେ ଶନି ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ଗ୍ରାମବାସୀ ନିକଟସ୍ଥ ପୋଖରୀରୁ କଳସ ନେଇ ପାଣି ଉଠାଇ ଶନି ମନ୍ଦିରକୁ ଆସି ବିଗ୍ରହ ଉପରେ ଜଳଲାଗି କରିଥିଲେ। ଉକ୍ତ ବଡ ପୋଖରୀରୁ ପ୍ରଭୁପାଦ ଜଳଲାଗି ପାଇଁ କଳସ ଧରି ପାଣି ଉଠାଇବାକୁ ମଧ ଯାଇଥିଲେ। ପ୍ରଭୁପାଦଙ୍କ ଗୋଡ ଖସିଯିବାରୁ ପୋଖରୀ ଭିତରକୁ ଖସିଯାଇ ବୁଡିଯାଇଥିଲେ। ଗ୍ରାମବାସୀମାନେ ଖୋଜାଖୋଜା କରି ବାଳକକୁ ପୋଖରୀରୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଚଂଳରେ ଶୋକରଛାୟା ଖେଳିଯାଇଛି। ପରିବାର ଲୋକ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ଗ୍ରାମବାସୀମାନେ ଉକ୍ତ ପରିବାରକୁ ସାନ୍ତ୍ୱନା ଦେବା ସହିତ ସରକାରଙ୍କ ନିକଟରେ ସାହାଯ୍ୟ ଓ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ରାଜନଗରରେ ୯୪.୭୪ ପ୍ରତିଶତ ପାସ୍

### ବ୍ଲକରେ ଏ୧ରେ ମାତ୍ର ଜଣେ

**ରାଜନଗର,୩।୫ (ସଂଚାର ବ୍ୟୁରୋ):** ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇଛି। ରାଜନଗର ବ୍ଲକର ୨୬ଟି ହାଇସ୍କୁଲରେ ୨୨୮୩ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧରୁ ୨୧୬୩ ଜଣ ଅର୍ଥାତ୍ ୯୪.୭୪ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସେମାନଙ୍କ ମଧରୁ ଏ୧ରେ ମାତ୍ର ଜଣେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ୨ ରେ ୨୦ଜଣ, ବି୧ ରେ ୬୮ଜଣ, ବି୨ ରେ ୧୯୯ଜଣ, ସି ରେ ୪୯୬ଜଣ, ଡିରେ ୯୪୪ଜଣ, ଇ ରେ ୪୩୫ ଜଣ ଓ ଏଫ୍ ଗ୍ରେଡରେ ୯୮ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ୪ଟି ସଂସ୍କୃତ ବିଦ୍ୟପୀଠରେ ୧୨୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧରୁ ଏ୧, ଏ୨, ବି୧ କେହି ଉତିର୍ଣ୍ଣ ହୋଇନଥିବା ବେଳେ, ବି୨ ରେ ୫୫ଜଣ, ସି ରେ ୩୭ଜଣ, ଡି ରେ ୨୩ଜଣ ପାସ୍ କରିଥିବା ବେଳେ ଏଫ୍ ଗ୍ରେଡରେ ୩ ଜଣ ରହିଛନ୍ତି। ରାଜନଗର ବ୍ଲକର ୨୬ଟି ହାଇସ୍କୁଲ ମଧରୁ ଶିକ୍ଷକ ନଥିବା ଭାଟପଡା ନୀଳ କଣ୍ଠେଶ୍ୱର ହାଇସ୍କୁଲରେ ଶତ ପ୍ରତିଶତ ଛାତ୍ର ଛାତ୍ରୀ ପାସ୍ କରିଛନ୍ତି। ଏହି ହାଇସୁଲରେ ୨୧ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଛନ୍ତି। ଶ୍ରୀଜଗନ୍ନାଥ ହାଇସୁଲ କେରେଡାଗଡ଼ରେ ସର୍ବାଧିକ ୧୪ ଜଣ ଛାତ୍ର ଛାତ୍ରୀ ଫେଲ ହୋଇଥିବା ବେଳେ, ବନ୍ଧପଡା ଜିପି ହାଇସୁଲରେ ୧୦ ଜଣ, ସାତଭାୟା ହାଇସୁଲରେ ୯ ଜଣ ଓ ବିବେକାନନ୍ଦ ବିଦ୍ୟାପୀଠ ବାଘମାରିରେ ୭ ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି।

## ବାଲ୍ୟ ବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ନିଷେଧ ପାଇଁ ଧାର୍ମିକ ଅନୁଷ୍ଠାନରେ ଶପଥପାଠ




**ପଟ୍ଟାମୁଣ୍ଡାଇ,୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ ତରଫରୁ ବାଲ୍ୟ ବିବାହ ଭଳି ଏକ ସାମାଜିକ କୁପ୍ରଥାକୁ ବିରୋଧ କରିବା ଅବସରରେ ଜିଲ୍ଲାର ସମସ୍ତ ମନ୍ଦିର, ମସଜିଦ ଓ ଚର୍ଚ୍ଚର ପୂଜକ ଓ ଧର୍ମଗୁରୁମାନଙ୍କର ସଚେତନତା କାର୍ଯ୍ୟକ୍ରମ ସହିତ ବାଲ୍ୟ ବିବାହକୁ ବିରୋଧ କରି ଏକ ଶପଥ ପାଠ ପଟ୍ଟାମୁଣ୍ଡାଇ ଠାରେ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ସ ସଂଗଠନର ମିଳିତ ଆନୁକୁଲ୍ୟରେ ଆରମ୍ଭ କରାଯାଇଥିବା ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଉତ୍କଳ ସେବକ ସମାଜ ଏକ ଅଂଶୀଦାର ଭାବେ ଓଡ଼ିଶାର କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ହାତକୁ ନେବା ସହ ବିଭିନ୍ନ ମହିଳା ସଂଗଠନ, ମନ୍ଦିର ପୂଜକ, ପଞ୍ଚାୟତ ପ୍ରତିନିଧି ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନଙ୍କ ସହିତ କାର୍ଯ୍ୟକ୍ରମମାନ ସମ୍ପାଦନ କରିଆସୁଅଛି। ଏହି ପରୀପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇରେ ପୂଜକ, ମୌଲବୀ, ପାଦ୍ରୀ ସମୂହ ଧର୍ମଗୁରୁମାନେ ନିଜ ଧାର୍ମିକ ଅନୁଷ୍ଠାନରେ କୌଣସି ବାଲ୍ୟ ବିବାହ ସମ୍ପୂର୍ଣ୍ଣ ହେବାକୁ ଦେବେ ନାହିଁ ବୋଲି ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜ ତରଫରୁ ପି ଶ୍ରୀମତୀ ରାଓ, ଅମରେଶ ପାଣି ଓ ତପସ୍ୱିନୀ ଖୁଣ୍ଟିଆ ପ୍ରମୁଖ ନେତୃତ୍ୱ ନେଇ ସମ୍ପାଦନା କରିଛନ୍ତି।

## କଦମଛନ୍ଦାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଗରଦପୁର,୩।୫ (ସଂଚାର ବ୍ୟୁରୋ):** କଦମଛନ୍ଦା ଗ୍ରାମର ଶତାୟୁ ଅନୁଷ୍ଠାନ ମା'ରଣପୁରୀଙ୍କ ବିଜେସ୍ଥଳୀରେ ପବିତ୍ର ଅକ୍ଷୟ ତୃତୀୟା ଦିନ ଆହୋରାତ୍ର ଅଷ୍ଟପ୍ରହରୀ ନାମଯଜ୍ଞ ସହ ଆକର୍ଷଣୀହ ହରିହାଟ, ନଗର କୀର୍ତ୍ତନ ଓ ସହ ସହ ଲୋକ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଲଳିତ ନାରାୟଣ ଷେଣ୍ଡ ଓ ପିତାମ୍ବର ଲେଙ୍କାଙ୍କ ବଳିଷ୍ଠ ନେତୃତ୍ୱରେ ଗ୍ରାମର ସମସ୍ତ ଉଦ୍ୟମୀ ଯୁବକ ବରିଷ୍ଠ ମାନଙ୍କ ପରାମର୍ଶ କ୍ରମେ ଉତ୍ସବଟିକୁ ସଫଳ କରାଇଥିଲେ । ପଡିଶା ଗ୍ରାମ ନୂଆଗାଁ, ନିରପୋଇ ଓ ବସନ୍ତ ପୁରର ଶହଶହ ଭଗବତ୍ ପ୍ରେମୀ ଜନସାଧାରଣ ଉପସ୍ଥିତ ହୋଇ ସହଯୋଗର ହାତ ବଢାଇଥିଲେ। ହରିହାଟରେ ପଂକ୍ତି ଭାଗବତ ପଠନ ପୂର୍ବକ ମହୋତ୍ସବରେ ଯୋଗଦାନ କରି ପରମ ଶାନ୍ତି ଲାଭ କରିଥିଲେ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାହିଁ ଜମ୍ବୁ ଦ୍ୱୀପ ମହୋତ୍ସବ ତଥ୍ୟ

# ଉଦ୍‌ବେଗ ପ୍ରକାଶ କଲେ ସୂଚନାଧିକାର କର୍ମୀ

**କେନ୍ଦ୍ରାପଡ଼ା/ମହାକାଳପଡ଼ା,୩।୫ (ସଂଚାର ବ୍ୟୁରୋ):** ଧୁମଧାମରେ ସରିଛି ମହାକାଳପଡ଼ାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଜମ୍ବୁ ଦ୍ୱୀପ ମହୋତ୍ସବ। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ହୋଇଥିବା ଏହି ଜମ୍ବୁ ଦ୍ୱୀପ ମହୋତ୍ସବରେ ଉଦଘାଟନୀ ସମାରୋହରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ କାହା ତରଫରୁ ନିମନ୍ତ୍ରଣ କରାଯାଇଥିଲା ତାହାର ତଥ୍ୟ ଜିଲ୍ଲାପାଳଙ୍କ ନିକଟରେ ନାହିଁ ବୋଲି ଜାଣିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଉପରେ ସନ୍ଦେହ ପ୍ରକଟ କରିଛନ୍ତି ସୂଚନା ଅଧିକାର କର୍ମୀ।

ଜମ୍ବୁ ଦ୍ୱୀପ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗ ଦେବା ନିମନ୍ତେ ପ୍ରଶାସନ କେଉଁ ଦିନ ଓ କେଉଁ ମାଧମରେ ଜଣାଇ ଥିଲେ ଏବଂ ମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ଦେଇଥିବା ଅନୁମତି ପତ୍ର ଇତ୍ୟାଦି ପ୍ରଦାନ ନିମନ୍ତେ ଜିଲ୍ଲାପାଳ, କେନ୍ଦ୍ରାପଡ଼ାଙ୍କୁ ସୂଚନା ଅଧିକାର ଆଇନରେ ୨୮ ଏପ୍ରିଲରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ ରାମନଗରର ଜଣେ ସୂଚନା ଅଧିକାର କର୍ମୀ ଅମିତାଭ ଦାଶ। କିନ୍ତୁ ଦୁଃଖର ବିଷୟ ଜିଲ୍ଲା ପ୍ରଶାସନ ଆୟୋଜନ କରୁଥିବା ଏହି ମହୋତ୍ସବର ତଥ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାହିଁ ବୋଲି ଜାଣିବାକୁ ମିଳିଛି।

ଅମିତାଭ ମାଗିଥିବା ତଥ୍ୟର ସୂଚନା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ା, ଜିଲ୍ଲା ସଂସ୍କୃତି ବିଭାଗ ଓ ବିଡ଼ିଓ ମହାକାଳପଡ଼ାଙ୍କ ନିକଟକୁ ପଠାଇଛନ୍ତି। ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଆସିବେ ଆଉ ଅନେକ ସଫଳତା ହାସଲ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରିବେ ବୋଲି ଚିଠି କରିବା ସହ ମାଇକ ପ୍ରଚାର ମଧ ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା ହେଲେ ପ୍ରଶ୍ନ ଉଠୁଛି କେମିତି ଏ ବାବଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତଥ୍ୟ ନାହିଁ? ତା ସହ ହେଲିପ୍ୟାଡ଼ ଇତ୍ୟାଦି ତିଆରି ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ଜିଲ୍ଲାପାଳଙ୍କ ପାଖରେ ଏ ସମ୍ପର୍କିତ ତଥ୍ୟ ନାହିଁ ବୋଲି ହୋଇଥିବା ଚିଠି ପ୍ରମାଣିତ କରିଛି। ଅମିତାଭ ମାଗିଥିବା ତଥ୍ୟର ସୂଚନା ଚିଠି ପାଇବାର ୭ ଦିନ ଭିତରେ ପ୍ରଦାନ କରିବାକୁ ଜିଲ୍ଲା ସୂଚନା ଅଧିକାରୀ ଉଲ୍ଲେଖ କରିଛନ୍ତି। ଯାହାକୁ ନେଇ ସୂଚନା ଅଧିକାର କର୍ମୀ ଅମିତାଭ ଦାଶ ଓ କେନ୍ଦ୍ରାପଡା ଜିଲ୍ଲା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରତାପ ମହାନ୍ତି ଉଦବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଜମ୍ବୁ ଦ୍ୱୀପ ମହୋତ୍ସବର ତଥ୍ୟ ଯଦି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାହିଁ ତେବେ କିଏ ଏହି ମହୋତ୍ସବକୁ ଆୟୋଜିତ କରିଥିଲା ତାହା ଏବେ ଆଶଙ୍କା ସୃଷ୍ଟି କରିଛି।



## ଡାଏମଣ୍ଡ ଜୁବୁଲି ଲାଇବ୍ରେରୀକୁ ଲକ୍ଷେ ଟଙ୍କା ଦାନ

**କେନ୍ଦ୍ରାପଡ଼ା,୩।୫ (ସଂଚାର ବ୍ୟୁରୋ):** ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ଡାଏମଣ୍ଡ ଜୁବୁଲି ପବ୍ଲିକ ଲାଇବ୍ରେରୀକୁ ବାଙ୍କାନିଧି ଦାସ ଓ ଦେବୀ ଚାରି ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟପାଇଁ ୧ ଲକ୍ଷ ଟଙ୍କା ଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ତଥା ଆମେରିକା ସ୍ଥିତ ଆଲାବାମା ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼ଃ ଦେବେନ୍ଦ୍ର କୁମାର ଦାସ ଟ୍ରଷ୍ଟି ଭୁବନ ମୋହନ ଦାସ ଓ ମମତା ଦାସଙ୍କ ମାଧ୍ୟମରେ ଏହି ଅର୍ଥ ପ୍ରଦାନ କରିଥିବା ଜଣାପଡ଼ିଛି । ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ଲାଇବ୍ରେରୀର ସଭାପତି ସରୋଜରାଜ ସିଂହ, ସମ୍ପାଦକ ବୈଦ୍ୟନାଥ ଚାଟାର୍ଜୀ, ଅଶିଷ ସେନାପତି, ଧ୍ରୁବ ଚରଣ ଜେନା, ଧିରେନ ସାହୁ, ସଚ୍ଚିଦାନନ୍ଦ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଦତ୍ତ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରାଯାଇଛି । ଏହାସହ ଆମେରିକାରେ ରହୁଥିବା ପ୍ରବାସୀମାନେ ମଧ ଲାଇବ୍ରେରୀ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରଫେସର ଦାସ ନିବେଦନ କରିଛନ୍ତି ।

## ଏମଏନ ହାଇସ୍କୁଲକୁ ୧୦ଲକ୍ଷ ଟଙ୍କା ଅନୁଦାନ ଦେଲେ ବିଧାୟକ

**ପଟ୍ଟାମୁଣ୍ଡାଇ,୩।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଗୌରବମୟ ସରକାରୀ ଶିକ୍ଷାନୁଷ୍ଠାନ ତଥା ସରକାରୀ ଭାବେ ସେଣ୍ଟର ଅଫ ଏକ୍ସିଲେନ୍ସ ମାନ୍ୟତା ପାଇଥିବା ଏମଏନ ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ ରାଜନଗର ବିଧାୟକ ଧ୍ରୁବ ସାହୁ। ସେଠାରେ ଶିକ୍ଷାନୁଷ୍ଠାନର ମଧାହ୍ନ ଭୋଜନ ଗୃହ ନଥିବାରୁ ଛାତ୍ରଛାତ୍ରୀମାନେ ନାହିଁନଥିବା ଅସୁବିଧା ଭୋଗ କରୁଥିବା ଜାଣି ବିଧାୟକ ଦୁଃଖ ପ୍ରକାଶ କରିବା ସହିତ ସଙ୍ଗେ ସଙ୍ଗେ ମଧାହ୍ନଭୋଜନ ଗୃହ ନିର୍ମାଣ ପାଇଁ ନିଜ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ।




ବିଧାୟକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଉପନିର୍ବାହୀ ଯନ୍ତ୍ରୀ ସମୀର ଠାକୁର, ବ୍ଲକ କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର, କାଉନସିଲର ଗୋପୀବଲ୍ଲଭ ନାୟକ, ଅଭିଭାବକ ସଂଘ ସଭାପତି ଗୋପୀନାଥ ତ୍ରିପାଠୀ ପ୍ରମୁଖ ଏମ ଏନ ହାଇସ୍କୁଲ ପରିଦର୍ଶନ କରିଥିଲେ। ଏମଏନ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜୟ ରାଉତରାୟ ଓ ଶିକ୍ଷକ/ ଶିକ୍ଷୟତ୍ରୀମାନେ ବିଧାୟକ, ବ୍ଲକ ଅଧକ୍ଷ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ମଧାହ୍ନଭୋଜନ ଗୃହ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିବାରୁ ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ ଓ ଅଭିଭାବକ ସଂଘ ସଭାପତି ଗୋପୀନାଥ ତ୍ରିପାଠୀ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଦିବ୍ୟରଞ୍ଜନ ରାଉତ ମାର୍ଶାଘାଇ ବ୍ଲକ ଟପ୍ପର



**ମାର୍ଶାଘାଇ,୩।୫ (ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟରଞ୍ଜନ ରାଉତ ୫୬୦ନମ୍ବର ରଖି ମାର୍ଶାଘାଇ ବ୍ଲକ ଟପ୍ପର ହୋଇଛନ୍ତି। ମାର୍ଶାଘାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଚାଷୀ ସୁବାସ ରାଉତଙ୍କ ପୁତ୍ର ଦିବ୍ୟରଞ୍ଜନ ନିଜ ଜେଜ ହରେକୃଷ୍ଣ ରାଉତଙ୍କ ପ୍ରେରଣା ଯୋଗୁଁ ଅଧିକ ସମୟ ପାଠପଢା ପ୍ରତି ଧ୍ୟାନ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ବେହେରା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଫଳତାର ଶ୍ରେୟ ଦେବେ ବୋଲି କହିଛନ୍ତି । ବଡବାପା ରବିନ୍ଦ୍ର ରାଉତ, ମାର୍ଶାଘାଇ ବ୍ଲକ ଆତ୍ମା କମିଟି ଅଧକ୍ଷ ପ୍ରଦୀପ୍ତ କୁମାର ଗାହଣ, ସମାଜସେବୀ ଅଶୋକ କୁମାର ରାଉତ, ଆଇନଜୀବି ଶଙ୍କର୍ଷଣ ରାଉତ ପ୍ରମୁଖ ଦିବ୍ୟରଞ୍ଜନଙ୍କ ସଫଳତାରେ ଖୁସି ବ୍ୟକ୍ତ କରିଛନ୍ତି । ଏହି ବ୍ଲକ ଅନ୍ତର୍ଗତ ମାଣିକପୁର ନୃସିଂହଜୀଉ ଉଚ୍ଚ ବିଦ୍ୟାଳୟର ଛାତ୍ର ଅମିତ ମଲ୍ଲ ୫୫୪ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିପରି ପେଣ୍ଟ ଜନଶକ୍ତି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ ବେହେରା ୫୪୩ ନମ୍ବର ରଖି ଏ-୧ ରେ କୃତକାର୍ଯ୍ୟ ହୋଇ ବ୍ଲକରେ ତୃତୀୟ ସ୍ଥାନରେ ରହିଛନ୍ତି ।

## ସରସ୍ୱତୀ ଶିଶୁ ମନ୍ଦିର ଟପ୍ପରଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ସାନ୍ତସାହି ଛକ ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ଏ ବର୍ଷ ପ୍ରତ୍ୟୁଷ ସାହୁ ସର୍ବୋଚ୍ଚ ମାର୍କ ରଖି ଟପ୍ପର ହୋଇଛନ୍ତି। ସେ ୫୬୫ ମାର୍କ ରଖି ଏ ୱାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାପା ବିଷ୍ଣୁ ଚରଣ ସାହୁ ଓ ମା ସସ୍ମିତା ସାହୁ ଓ ସହାୟକ ଶିକ୍ଷକ ପବିତ୍ର ଷଡ଼ଙ୍ଗୀଙ୍କୁ ଏହି ଶ୍ରେୟ ପ୍ରତ୍ୟୁଷ ଦେଇଛନ୍ତି। ତାଙ୍କର ଏହି ସଫଳତା ରେ ଶିଶୁ ମନ୍ଦିର ଶିକ୍ଷକମାନେ ବେଶ ଖୁସୀ ଅଛନ୍ତି।

ଏହି ସଂସ୍କାରଧର୍ମୀ ବିଦ୍ୟାଳୟରେ ସଫଳତା ପରେ କେନ୍ଦ୍ରାପଡ଼ାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ପ୍ରତ୍ୟୁଷଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ଉତ୍ତରୀୟ ସହ ଏକ ଫଳ ବୃକ୍ଷ ଦେଇ ସମ୍ମାନୀତ କରିଥିଲେ।



ପରିଶେଷରେ ସହକାରୀ ଶିକ୍ଷକ ପବିତ୍ର ଷଡ଼ଙ୍ଗୀ ଛାତ୍ରର ସଫଳତା ପାଇଁ କିଛି ଉପହାର ପ୍ରଦାନ କରିଥିଲେ। ଆଇଆଇଟି କ୍ଷେତ୍ରରେ ଅଧ୍ୟୟନ ପାଇଁ ସେ ଲକ୍ଷ୍ୟ ରଖିଥିବା ପ୍ରତ୍ୟୁଷ ମତ ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଉପସଭାପତି ରଶ୍ମୀ ରଞ୍ଜନ ବାରିକ, ଆଲୋକ କୁମାର ମଲ୍ଲିକ ଓ ରଥ ନନା ସାମିଲ୍ ଥିଲେ।

## ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ, ବ୍ଲକ ଅଧକ୍ଷ ଓ ଶିକ୍ଷାଧିକାରୀ

**ପଟ୍ଟାମୁଣ୍ଡାଇ,୩।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡା ପଂଚାୟତ କାଠିଆପଡା ଦକ୍ଷିଣେଶ୍ୱର ହାଇସ୍କୁଲ ଛାତ୍ର ଶୁଭମ ଜ୍ୟୋତି ରାଉତ ଚଳିତ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ୫୭୫ ସର୍ବୋଚ୍ଚ ନମ୍ବର ରଖି ଜିଲ୍ଲା ଟପ୍ପର ହେବା ସହିତ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଓ କାଠିଆପଡା ଦକ୍ଷିଣେଶ୍ୱର ହାଇସ୍କୁଲର ସୁନାମ ଓ ଗୌରବ ବୃଦ୍ଧି କରିଛନ୍ତି। ଏଥି ସହିତ ଛାତ୍ରୀ ହର୍ଷିତା ଆଦର୍ଶିନୀ ୫୫୩ ନମ୍ବର ରଖି ଦକ୍ଷିଣେଶ୍ୱର ହାଇସ୍କୁଲ ଗୌରବ ବୃଦ୍ଧି କରିଛନ୍ତି।

ଏହି ଉପଲକ୍ଷେ ଦକ୍ଷିଣେଶ୍ୱର ହାଇସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ନିବେଦିତା ଦାସଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ଉଭୟ ଶୁଭମ ଓ ହର୍ଷିତାଙ୍କ ସହିତ କୃତି ଛାତ୍ର ଛାତ୍ରୀ ଙ୍କ ପିତାମାତାଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

ଏହି ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବଡ଼ପଡା ସରପଞ୍ଚ ଅନନ୍ୟା ପ୍ରିୟ ଦର୍ଶନୀ ସେଠୀ, ସି ଆର ସି ସି ମଳୟ ଜେନା, ଶିକ୍ଷକନେତା ଅନ୍ତର୍ଯ୍ୟାମୀ ବେଜ ଓ ସ୍କୁଲ ପରିଚାଳନା କମିଟି ସଭାପତି ସରୋଜ ପାଢ଼ୀ ପ୍ରମୁଖ ଯୋଗ ଦେଇ ଉଭୟ ଶୁଭମ ଓ ହର୍ଷିତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏହି ଉତ୍ସବରେ ହାଇସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।





## ଡେରାବିଶ ବ୍ଲକ୍‌ରେ ୬୩ ଜଣ ପାଇଲେ ଏ-୧ ଗ୍ରେଡ୍

### କଳିଙ୍ଗ ଆବାସିକ ବିଦ୍ୟାଳୟରୁ ୧୮

**ଡେରାବିଶ,୩।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ୩୭ଟି ବିଦ୍ୟାଳୟର ୧୬୩୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ଏଥିରୁ ୧୧ଟି ବିଦ୍ୟାଳୟରେ ଶତପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ମଧରେ ୨୩ ଜଣ ଏ-୧ ଗ୍ରେଡ୍ ପାଇଛନ୍ତି। କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ୧୮ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବାବେଳେ ଆପେଶା ଧଳ ୫୬୫ ନମ୍ବର ରଖ୍ ବ୍ଲକ ଟପ୍ପର ହୋଇଛନ୍ତି । ସେହିପରି ଗୋଲରାହାଟସ୍ଥ ଡେରାବିଶ ହାଇସ୍କୁଲ ଛାତ୍ରୀ ମନୀଷା କର ୫.୬୩ ରଖ୍ ଦିତୀୟ ଓ କଳିଙ୍ଗ ଆବାସିକ ବିଦ୍ୟାଳୟର ଛାତ୍ର ଆଦିତ୍ୟ ନାରାୟଣ ରଥ, ଛାତ୍ରୀ ସିଦ୍ଧିରୂପା ଦାଶ ଓ କାଜଲ ତ୍ରିପାଠୀ ଓ ହରିଅଙ୍କ ହାଇସ୍କୁଲର ଛାତ୍ରୀ ଶୁଭସ୍ମିତା ସ୍ୱାଇଁ ୫-୬୦ ନମ୍ବର ରଖି ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

କଳିଙ୍ଗ ଆବାସିକ ବିଦ୍ୟାଳୟ ଛାତ୍ରୀ ଶୁଭାସିନୀ ଲେଙ୍କା ୫୫୯, ଶୁଭଶ୍ରୀ ପରିଡ଼ା, ୫୫୪, ଆନନ୍ଦିତା ମହାପାତ୍ର ୫୪୨ ପ୍ରତିସଦ୍ୟା ସାତ୍ତୁ ୫୪୯, ତେଜସ୍ୱିନୀ ପଢ଼ିହାରୀ ୫୪୮, ଗାୟତ୍ରୀ ରାଜତ ୫୪୮, ରାଗ୍ୟଶ୍ରୀ ମହାନ୍ତି ୫୪୬, ଆଦ୍ୟାଶା ପରିଡ଼ା ୫୪୬, ଶ୍ରଦ୍ଧା ପ୍ରିୟଦର୍ଶିନୀ ୫୪୧, ଗାୟତ୍ରୀ ବେହେରା ୫୪୧ ଓ ଛାତ୍ର ଦେବାଶିଷ ସାହୁ ୫୫୭, ହିତେନ ଆଚାର୍ଯ୍ୟ ୫୪୫, ଆଦିତ୍ୟ ଶଙ୍କର ବାରିକ ୫୪୫, ଯୋଗେଶ ସ୍ୱାଇଁ ୫୪୧, କେ.ସି. ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସଞ୍ଜନା ସାହୁ ୫୫୬, ବିବି ମଡେଲ ହାଇସ୍କୁଲର ସୁଦର୍ଶନ ପଣ୍ଡା ୫୪୫ ଓ ଶୁଭଙ୍କର ମନ୍ତ୍ରୀ ୫୪୫ ନମ୍ବର ରଖ୍ ବ୍ଲକରେ ଏ-୧ ଗ୍ରେଡ୍ ପାଇଛନ୍ତି। ଆରିପଦା ହାଇସ୍କୁଲ, ବିବି ମଡେଲ ହାଇସ୍କୁଲ ହରିଅଙ୍କ ହାଇସ୍କୁଲ, ଜାଗୁଳେଇ ବିଦ୍ୟାନିକେତନ, ଜାଗୁଳେଇପଡ଼ା ଦେଶପୁର ବାଳିକା ବିଦ୍ୟାନିକେତନ, କୁସୁନୁପୁର ହାଇସ୍କୁଲ, ଲାଲବାହାଦୂର ହାଇସ୍କୁଲ ଗଣେଶପୁର ପଞ୍ଚାୟତ ହାଇସ୍କୁଲ ଯଅଁରାବାରିକୂଳ, ରାମଚନ୍ଦ୍ର ବିଦ୍ୟାପୀଠ ସବଳଙ୍ଗ, ଶାରଦା ଏକାଡେମୀ ଛଳନା, ମଡ଼ର୍ଷ ପବ୍ଲିକ ସ୍କୁଲର ଶତପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ପତ୍ରପୁରରେ ନିର୍ମାଣ ହେବ ଦ୍ୱିତୀୟ ସେତୁ

**ରାଜନଗର,୩।୫ (ସଂଚାର ବ୍ୟୁରୋ):** କଟକ ଚାନ୍ଦବାଲି ରାସ୍ତାର ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେବ ଦ୍ୱିତୀୟ ସେତୁ। ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩୦୬ କୋଟି ୮୫ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହିତ ରାଜନଗର ନିର୍ବାଚନ ମଣ୍ଡଳୀର ପଟାମୁଣ୍ଡାଇ- କାଠିଆପଡା ରାସ୍ତାର ପ୍ରଶସ୍ତିକରଣ ସହିତ ପୁନଃନିର୍ମାଣ ପାଇଁ ୧୫ କୋଟି ୫୪ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଅର୍ଥରେ ୧୧କିମି ୩୩ ମିଟର ରାସ୍ତା ନିର୍ମାଣ ହେବ। ରାଜନଗର ବ୍ଲକର ପନ୍ତାଳ ଭାୟା ପଞ୍ଚୁପଲ୍ଲୀ, ଶୀଳପୋଖରୀ, ନୂଆଖୁଣ୍ଟା ଦେଇ ଜୁନୁସନଗର ଘାଟ ଯାଏଁ ରାସ୍ତା ନିର୍ମାଣ ହେବ। ୯ କୋଟି ୩୩ ଲକ୍ଷ ୪୬ ହଜାର ଟଙ୍କା ବ୍ୟୟରେ ଏହି ୬ କିମି ୨୦୦ ମିଟର ରାସ୍ତା ନିର୍ମାଣ ହେବ। ପତ୍ରପୁର ସେତୁ ଓ ରାଜନଗର ନିର୍ବାଚନ ମଣ୍ଡଳୀର ଦୁଇଟି ରାସ୍ତା ପୁନଃ ନିର୍ମାଣ ଓ ପ୍ରଶସ୍ତିକରଣ ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେତୁ ଓ ରାସ୍ତା ପାଇଁ ଅର୍ଥ ବ୍ୟୟ ବରାଦ ପରେ ମାନ୍ୟବର ମନ୍ତ୍ରୀ ଏନେଇ ଚିଠି ମାଧମରେ ଜଣାଇଛନ୍ତି। ଏଥିପାଇଁ ସରକାର ଅର୍ଥ ମଞ୍ଜୁର କରିଥିବାରୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ରାଜନଗର ବିଧାୟକ ଶ୍ରୀସାହୁ କୃତଜ୍ଞତା ଜଣାଇଛନ୍ତି।

> ପୋଲ ପାଇଁ ୩୦୬ କୋଟି ୮୫ ଲକ୍ଷ ଓ ରାଜନଗର ନିର୍ବାଚନ ମଣ୍ଡଳୀର ୨ଟି ରାସ୍ତା ପାଇଁ ୨୫ କୋଟି ମଞ୍ଜୁର

# ପ୍ରଶାସନକୁ ଚୋରା ମାଟି ମାଫିଆଙ୍କ ଖୋଲା ଚାଲେଞ୍ଜ

### ଭଦ୍ରେଶ୍ୱର ଥାନା ପୁଲିସର ଅହେତୁକ ଅନୁକମ୍ପାକୁ ନେଇ ଚର୍ଚ୍ଚା

**ମାହାଙ୍ଗା,୩।୫ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ୍ ଭଦ୍ରେସ୍ୱର ଥାନା ଅଞ୍ଚଳରେ ମାଟି ମାଫିଆମାନେ ଖଣି ଓ ତହସିଲ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ଦୈନିକ ଶହ ଶହ ଟ୍ରିପ ମାଟି ଟ୍ରାକ୍ଟର ଓ ହାଇୱା ଦ୍ୱାରା ଲୁଟ୍ କରି ଗାଁ ଗହଳିର ଅଣଓସାରିଆ ରାସ୍ତାରେ ସେମାନଙ୍କର ବେପାର ଅନାୟସରେ କରୁଥିବା ଦେଖିବାକୁ ମିଳୁଛି । ମାଟି ମାଫିଆମାନେ ବିଶେଷକରି ଛୁଟିଦିନ ବ୍ୟତୀତ ପ୍ରଶାସନିକ କାର୍ଯ୍ୟାଳୟ ଖୋଲାଥିବା ସମୟରେ ମଧ ତାଙ୍କର ଲୁଟ୍ କାର୍ଯ୍ୟକୁ ଚରିତାର୍ଥ କରିବାକୁ ସକ୍ଷମ ହେଉଥିବା ଦେଖିବା ପାଇଁ ମିଳୁଛି। ରାତି ୧୧ଟାରୁ ଆରମ୍ଭ କରି ପ୍ରାତଃ ୬ ଘଟିକା ପର୍ଯ୍ୟନ୍ତ ଘମାଘୋଟ ଭାବେ ମାଟି ଚାଲାଣ କରି ଶହ ଶହ ଟ୍ରିପ ମାଟିକୁ ସରକାରୀ ନାଳ, ଗୋଚର, ଶ୍ମଶାନ ପଡିଆକୁ ଜେସିବି ଦ୍ୱାରା




ତାଡି ଟ୍ରାକ୍ଟର ଓ ହାଇୱା ଧରି ଚଟାପଟ ମାଟି ଲୋଡ୍ କରି ନିଜ ଗନ୍ତବ୍ୟ ସ୍ଥଳକୁ ପଳାଇ ଯାଉଛନ୍ତି।

ଭଦ୍ରେସ୍ୱର ଥାନା ଅନ୍ତର୍ଗତ ଏରକଣା, ହଳଦିଅ, ନାହାଙ୍ଗ, ଗୋଡରା,ଭଉଁରିଆ, ଏପରିକି ଥାନା ପାର୍ଶ୍ୱ ଉମର, ଝାଡେସ୍ୱରପୁର, ଗୋପାଳପୂର ଅଞ୍ଚଳରେ ବେଧଡ଼କ ଭାବେ ଜେସିବିରେ ଟ୍ରାକ୍ଟର ଟ୍ରାକ୍ଟର ମାଟି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଖଣି ନିୟମକୁ ଖୋଲା ଖୋଲି ଉଲଂଘନ କରି ୫୦ମିଟର ମଧରୁ ଅଧିକ ଗର୍ତ୍ତ କରି ଜେସିବି ଦ୍ୱାରା ଖୋଳା ହୋଇ ଚାଲାଣ ହେଉଛି ଶହ ଶହ ଟ୍ରିପ ମାଟି। ବାରମ୍ବାର ଅଭିଯୋଗ କରାଯିବା ପରେ ମଧ ନା ମାହାଙ୍ଗା ତହସିଲ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ମାଟି ମାଫିଆମାନେ ସକ୍ରିୟ ହେବାରେ ଲାଗିଛନ୍ତି। ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ସହ ପୁଲିସ ପ୍ରଶାସନର ସହଭାଗିତାରେ ଏଭଳି ମାଟି ଚୋରା ଚାଲାଣ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ଅନ୍ୟପଟେ ସ୍ଥାନୀୟ ଜୈନିକ ଗଣମାଧମ ପ୍ରତିନିଧି ଓ ଭଦ୍ରେସ୍ୱର ପୁଲିସ ପ୍ରଶାସନଙ୍କ ମିଳିତ ପ୍ରୋତ୍ସାହନରେ ମାଟି ମାଫିଆ ମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ କାରବାର ହେବା ସହିତ ମାଟି ମାଫିଆ ମାନଙ୍କୁ ଭଦ୍ରେସ୍ୱର ଥାନା ପୁଲିସ୍ ଅହେତୁକ ଅନୁକମ୍ପା ପ୍ରଦାନ କରୁଥିବା କଥା ସାଧାରଣରେ ଆଲୋଚ୍ୟାର ବିଷୟ ପାଲଟିଛି। ତେବେ ଏବେ ଯଦି ଏହି ଚୋରା ମାଟି ମାଫିଆଙ୍କୁ ଚେକ୍ ଦିଆନଯାଏ ତେବେ ଆଗାମୀ ଦିନରେ ଭଦ୍ରେସ୍ୱର ଥାନା ଅଞ୍ଚଳର ଗୋଚର, ଶ୍ମଶାନ ଓ ଚାଷଜମି ଆଉ ଦେଖୁବାକୁ ମିଳିବ ନାହିଁ। ତୁରନ୍ତ ଖଣି ବିଭାଗ ପକ୍ଷରୁ ଏହି ମାଟି ମାଫିଆଙ୍କ ଉପରେ କଡ଼ା ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନବୀକରଣୀୟ ଶକ୍ତି ଉପଯୋଗ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଓ ସନ୍ତୁଳିତ ଜୀବନଯାପନ ଦିଗରେ ଏକ ଦୃଢ଼ ପ୍ରୟାସ ଭାବେ ପ୍ରଦୂଷଣ ହ୍ରାସ ସହ ପୃଥିବୀକୁ ସୁରକ୍ଷିତ ରଖିବା ଓ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଞ୍ଚୟ ସକାଶେ ସବୁଜ ଶକ୍ତିର ଅଧିକରୁ ଅଧିକ ଉପଯୋଗ ଉପରେ ରାଜ୍ୟପାଳ

## ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା

ଡ. ହରିବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ରାଜ୍ୟପାଳ ତାଙ୍କ ସମୟରେ ଭୁବନେଶ୍ୱରରେ ଶକ୍ତି ଭିତ୍ତିଭୂମି କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନ ପରିସରରେ ୧୫୦ କିଲୋୱାଟ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଖୁବଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଣ୍ଟ୍ ସ୍ଥାପିତ ହେବ। ଫଳରେ ରାଜ୍ୟପାଳଙ୍କ ବାସଭବନ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍‌ରେ ପରିଣତ ହେବା ଦିଗରେ ଅଗ୍ରସର ହେବ। ସେହିପରି ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇଚକିଆ ଯାନ ଓ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ସେହିପରି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ସବୁଜ ମିଶନ୍ ଆଗକୁ ବଢ଼ୁଥିବା ବେଳେ ସୌରଶକ୍ତିର ଉପଯୋଗକୁ ଉତ୍ସାହିତ କରିବା ସକାଶେ କେନ୍ଦ୍ର ସରକାର ବ୍ୟାପକ ମାତ୍ରାରେ ସବ୍‌ସିଡି ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ମଧ୍ୟ ତାଙ୍କ ଭୂମିକା ତୁଲାଉଛନ୍ତି। ରାଜ୍ୟ ସରକାରଙ୍କ ଏପରି ଏକ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଏଥିସହ ଧୀରେ ଧୀରେ ପେଟ୍ରୋଲ ଓ ଡିଜେଲଚାଳିତ ଯାନବାହନ ପରିବର୍ତ୍ତେ ବିଦ୍ୟୁତଚାଳିତ ଯାନବହାନ ବ୍ୟବହାର କରିବା ସକାଶେ ଶ୍ରୀ କମ୍ଭମପାଟି ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଏ କ୍ଷେତ୍ରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ନବୀକରଣୀୟ ଶକ୍ତିର ବହୁଳ ଉପଯୋଗ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ପ୍ରବର୍ତ୍ତିତ ଯୋଜନା ଓ ଉପଲବ୍ଧ ରିହାତି ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୧୨ରୁ ଭୁବନେଶ୍ୱର ନୂଆ ଷ୍ଟେସନରୁ ଗଡ଼ିବ ୩ ଏକ୍ସପ୍ରେସ୍




**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱର ନୂଆ ଷ୍ଟେସନରେ ୩ଟି ଟ୍ରେନ ପାଇଁ ଟର୍ମିନାଲ ପଏଣ୍ଟ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଥିବା ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ୩ଟି ଟ୍ରେନ ଭୁବନେଶ୍ୱର ନୂଆ ଷ୍ଟେସନଠାରୁ ଯାତ୍ରା ଆରମ୍ଭ କରିବେ ।

ଏହି ଟ୍ରେନଗୁଡ଼ିକ ହେଉଛି- ୧୧୦୨୦/୧୧-୧୯୦୧୯ ଭୁବନେଶ୍ୱର-ସିଏସ୍‌ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ। ମେ' ୧୧ଠାରୁ ମୁମ୍ବାଇରୁ ଛାଡୁଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେସନରେ ଏହାର ଯାତ୍ରା ଶେଷ କରିବ। ପୂର୍ବ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ରାତ୍ରି ୧୧ ଘ.୫୫ମି.ରେ ଭୁବନେଶ୍ୱର ନୂଆ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ରାତ୍ରି ୧୨ଘ.୦୨ମି.ରେ ମଞ୍ଚେଶ୍ୱରରେ ପହଞ୍ଚିବ ଏବଂ ସେଠାରୁ ୧୨ଘ.୦୪ମି.ରେ ଛାଡି ରାତ୍ରି ୧୨ଘ.୨୦ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିବ।

୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ୧୨ ମଇ ୨୦୨୫ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ଅପରାହ୍ନ ୦୨ଘ.୪୦ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡିବ। ଏହି ଟ୍ରେନ ଅପରାହ୍ନ ୦୨ଘ.୪୮ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୦୨ଘ.୫୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଛାଡିବ। ଅପରାହ୍ନ ୩ ଘଟିକାରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ।

ସେହିପରି ମେ' ୧୧ଠାରୁ ସିକନ୍ଦରାବାଦରୁ ଛାଡୁଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେସନରେ ଶେଷ କରିବ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ଅପରାହ୍ନ ୪ ଘଟିକାରେ ଭୁବନେଶ୍ୱର ନୂତନ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ଅପରାହ୍ନ ୪ଘ.୦୪ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୪ଘଣ୍ଟା ରେ ଛାଡିବ ଏବଂ ତା'ପରେ ଅପରାହ୍ନ ୪ଘ. ୨୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିବ।

୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ୧୨ ମଇ ୨୦୨୫ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ପୂର୍ବାହ୍ନ ୮ ଘଟିକାରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡିବ। ଏହି ଟ୍ରେନଟି ପୂର୍ବାହ୍ନ ୦୮ଘ. ୦୮ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ପୂର୍ବାହ୍ନ ୦୮ଘ.୧୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ପୂର୍ବାହ୍ନ ୦୮ଘ.୨୦ ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୦୮ଘ.୪୦ମି.ରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ। ଏହା ବ୍ୟତୀତ ବିଶାଖାପାଟଣାରୁ ଛାଡୁଥିବା ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ମେ' ୧୨ରୁ ଭୁବନେଶ୍ୱର ନୂତନ ଷ୍ଟେସନରେ ଏହାର ଯାତ୍ରା ଶେଷ କରିବ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ରାତ୍ରି ୧୨ ଘ.୧୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନଟି ରାତ୍ରି ୧୨ଘ.୨୦ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ରାତ୍ରି ୧୨ଘ.୨୨ମି.ରେ ଛାଡିବ ଏବଂ ତା'ପରେ ରାତ୍ରି ୧୨ଘ.୩୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିବ।

୨୨୮୧୯ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ୧୨ ମଇ ୨୦୨୫ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ସକାଳ ୦୭ ଘ.୧୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଯାତ୍ରା ପ୍ରାରମ୍ଭ କରିବ। ଏହି ଟ୍ରେନଟି ସକାଳ ୦୭ ଘ.୧୮ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ସକାଳ ୦୭ଘ. ୨୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଯାତ୍ରା କରିବ । ସକାଳ ୦୭ଘ.୨୫ ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ପୂର୍ବ ନିର୍ଦ୍ଧାରିତ ସମୟରେ ସକାଳ ୦୭ଘ.୪୫ ମି.ରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ। ଉପରୋକ୍ତ ସମସ୍ତ ଟ୍ରେନଗୁଡ଼ିକ ମଞ୍ଚେଶ୍ୱର ରେଳ ଷ୍ଟେସନରେ ଉଭୟ ଦିଗରୁ ପ୍ରତ୍ୟେକ ଦୁଇ ମିନିଟ୍ ପାଇଁ ରହଣି ପ୍ରଦାନ କରିବେ । ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ଉପୋରକ୍ତ ଟ୍ରେନ ଗୁଡିକ ୨୦ ମିନିଟ୍ ରହଣି ସମୟ ପ୍ରଦାନ କରିବେ।




# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପାଳିଲା ଶ୍ରମିକ ଦିବସ

**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଜିଲ୍ଲା ଜଜ୍ କୋର୍ଟସ୍ଥିତ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଥିବା ବେଳେ ଏଥିରେ ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଶ୍ରମ କମିଶନର ଅଜୟ କୁମାର ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୪ ଜଣଙ୍କୁ ଉନ୍ନତ ମାନର ଶିକ୍ଷା ପାଇଁ ୧ ଲକ୍ଷ ୫୬ ହଜାର ୪ ଶହ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ସେହିଭଳି ବୈବାହିକ ସହାୟତା ବାବଦରେ ୨ ଜଣଙ୍କୁ ଏକ ଲକ୍ଷ, ୪ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୧୧ ଲକ୍ଷ, ୩ ଜଣଙ୍କୁ ଅନ୍ତିମ ସଂସ୍କାର ପାଇଁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହାଛଡ଼ା ୧୧୪ ଜଣ ଶ୍ରମିକଙ୍କୁ ସେମାନଙ୍କ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧିକରଣ ସଚିବ ସଲୋମୀ ସାହୁ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ପରିବାର ଅଦାଲତ ଜଜ୍ ମଦନ ଲାଲ କେଡିଆ, ଅତିରିକ୍ତ ଜିଲ୍ଲା ବିଚାରପତି ଦେବାଶିଷ ରାଉତ, ବରିଷ୍ଠ ଦେୱାନୀ ବିଚାରପତି ମୁସାରତ୍ ଯାହିନଙ୍କ ସମେତ ବହୁ ବିଚାର ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଶେଷରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ୱେତା ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯଥା ପ୍ରାଧିକରଣଙ୍କ ନ୍ୟାୟ ଅଧିକାର ମିତ୍ର ଯସ୍ମିନ ଗିରି, ଆକାଂକ୍ଷା ସାମଲ, ଏଲ୍ କୁମାର, ଅର୍ପିତା ମହାନ୍ତି ଓ ମହେଶ ରଞ୍ଜନ ପଟ୍ଟନାୟକ ସହଯୋଗ କରିଥିଲେ।

● ଜାତୀୟ କୋଇଲା ଖଣି ଶ୍ରମିକ ଦିବସ

# ସ୍ମାର୍ଟ ଖଣି ବ୍ୟବସ୍ଥା ଦ୍ୱାରା ସୁରକ୍ଷାକୁ ସୁଦୃଢ଼ କରିଛି ବେଦାନ୍ତ




**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** କୋଇଲା ଖଣି ଶ୍ରମିକ ଦିବସ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ନିଜର ଖଣି ଶ୍ରମିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି।ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ପ୍ରକଳ୍ପରେ କମ୍ପାନୀ ଏହାର ଖଣି କାର୍ଯ୍ୟକଳାପରେ ସୁରକ୍ଷା ମାନକକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛି। ଏହି ଆଗଧାଡିର ପଦକ୍ଷେପଗୁଡ଼ିକ ହେଉଛି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଚାଳିତ, ଡ୍ରୋନ୍-ଆଧାରିତ ନିରୀକ୍ଷଣ ପ୍ରଣାଳୀର ନିୟୋଜନ। ଏହି ଅତ୍ୟାଧୁନିକ ସମାଧାନ ବ୍ୟବସ୍ଥା ମଣିଷ, ପଶୁ ଏବଂ ଯାନବାହାନର ଉପସ୍ଥିତିକୁ ସ୍ୱୟଂକ୍ରିୟ ଭାବରେ ଚିହ୍ନଟ ଏବଂ ରେକର୍ଡିଂ କରି ୫୦୦ ମିଟର ବିସ୍ଫୋରଣ ଜୋନର ରିଅଲ୍ ଟାଇମ୍ ଏରିଆଲ୍ ମନିଟରିଂକୁ ସକ୍ଷମ କରେ । ଏହି ବ୍ୟବସ୍ଥା ଅନଧିକୃତ ପ୍ରବେଶ କ୍ଷେତ୍ରରେ ଲାଇଭ୍ ଷ୍ଟ୍ରିମିଂ ଏବଂ ତୁରନ୍ତ ଆଲର୍ଟକୁ ସହଜ ସହିତ ଏହାର ସମାଦାନ କରିଥାଏ । ବେଦାନ୍ତର ସ୍ପାର୍କ ନବସୃଜନ କାର୍ଯ୍ୟକ୍ରମ ସହଯୋଗରେ ଆରମ୍ଭ ହୋଇଥିବା ଏହି ଡ୍ରୋନ୍ ବ୍ୟବସ୍ଥା ଅଧିକାରୀ, ଡ୍ରୋନ୍ ପାଇଲଟ୍ ଏବଂ ବିସ୍ଫୋରଣକାରୀ ଅଧିକାରୀଙ୍କ ମଧ୍ୟରେ ଅଡିଓ ଯୋଗାଯୋଗକୁ ମଧ୍ୟ ସହଜ କରିଥାଏ, ଯାହା ସମନ୍ୱୟ ଏବଂ ପରିଚାଳନା ଦକ୍ଷତାରେ ଉନ୍ନତି ଆଣିଥାଏ। ବେଦାନ୍ତ ଆଲୁମିନିୟମ୍ ଏହାର ଜାମଖାନି କୋଇଲା ଖଣିରେ ଡ୍ରୋନ୍ ଆଧାରିତ ଷ୍ଟକପାଇଲ୍ ଭଲିଉମେଟ୍ରିକ ବିଶ୍ଳେଷଣକୁ ଆହୁରି ତ୍ୱରାନ୍ୱିତ କରିଛି। ଏହି ବ୍ୟବସ୍ଥା ସମଗ୍ର ଷ୍ଟକୟାର୍ଡକୁ ବିଶ୍ଳେଷଣ କରେ ଏବଂ ୧୨ ଘଣ୍ଟା ମଧ୍ୟରେ ପାରମ୍ପରିକ ପଦ୍ଧତି ତୁଳନାରେ ଯଥେଷ୍ଟ ଦ୍ରୁତ ଏବଂ ନିରାପଦ ବିସ୍ତୃତ ରିପୋର୍ଟ ପ୍ରଦାନ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ସମ୍ଭାବ୍ୟ ବିପଜ୍ଜନକ ଅଞ୍ଚଳରେ କର୍ମଚାରୀଙ୍କୁ ନିୟୋଜିତ କରିବାର ଆବଶ୍ୟକତାକୁ ଦୂର କରିଥାଏ। ଖଣିଗୁଡ଼ିକରୁ ସାମଗ୍ରୀ ପରିବହନ ପାଇଁ ଖଣି ଯାନ ଗୁରୁତ୍ୱପୂର୍ଣ୍ଣ ଓ ଏହି ଯାନଗୁଡ଼ିକୁ ଚଳାଉଥିବା ଡ୍ରାଇଭରମାନଙ୍କ ସୁରକ୍ଷା ବେଦାନ୍ତ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଏକ କ୍ଲାନ୍ତି ନିରୀକ୍ଷଣ ପ୍ରଣାଳୀ ପ୍ରସ୍ତୁତ କରିଛି, ଯାହା ନିଦ୍ରା, ମୋବାଇଲ୍ ଫୋନ୍ ବ୍ୟବହାର ଓ ଅନ୍ୟାନ୍ୟ ବିକ୍ଷେପ କ୍ଷେତ୍ରରେ ରିଅଲ୍ ଟାଇମ୍ ଆଲର୍ଟ ପ୍ରଦାନ କରି ଡ୍ରାଇଭର ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି । ଯାନବାହନ ସୁରକ୍ଷା ପାଇଁ ବେଦାନ୍ତ ଧକ୍କା ଏଡ଼ାଇବା ବ୍ୟବସ୍ଥା ମଧ୍ୟ ସ୍ଥାପନ କରିଛି। ଏହି ବ୍ୟବସ୍ଥା ଯାନ ସାମ୍ନାରେ ଥିବା ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ ଏବଂ ଡ୍ରାଇଭରମାନଙ୍କୁ ଠିକଣା ସମୟରେ ସତର୍କ କରି ଯାନ ସୁରକ୍ଷାକୁ ବୃଦ୍ଧି କରେ। ଜାମଖାନିରେ କମ୍ପାନୀ ସକ୍ରିୟ ଭାବେ ଅନେକ ଡିଜିଟାଲ୍ ସୁରକ୍ଷା ପ୍ରଯୁକ୍ତିବିଦ୍ୟା ପରିଚାଳନା କରୁଛି, ଯେଉଁଥିରେ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଚାଳିତ ସୁରକ୍ଷା ଅଣ-ଅନୁପାଳନ ଚିହ୍ନଟ ବ୍ୟବସ୍ଥା ରହିଛି, ଯାହା ବାସ୍ତବ-ସମୟର ଉଲ୍ଲଙ୍ଘନଗୁଡ଼ିକୁ ଚିହ୍ନିତ କରିବା ପାଇଁ ସ୍ମାର୍ଟ ସିସିଟିଭି ବ୍ୟବହାର କରିଥାଏ।

# ଗରିଆବନ୍ଦ ଜଙ୍ଗଲରେ ଏନକାଉଣ୍ଟର, ଜଣେ ନକ୍ସଲ ନିହତ

**ଭୁବନେଶ୍ୱର, ୩।୫ (ସଂଚାର ବ୍ୟୁରୋ) :** ଓଡ଼ିଶା ସୀମାନ୍ତ ଛତିଶଗଡ଼ ଗରିଆବନ୍ଦ ଜଙ୍ଗଲରେ ବଡ଼ ଧରଣର ନକ୍ସଲ ଏନକାଉଣ୍ଟର । ଶୋଭା ଥାନା ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ନକ୍ସଲ ମଧ୍ୟରେ ହୋଇଥିଲା ଏନକାଉଣ୍ଟର । ଏହି ଏନକାଉଣ୍ଟରରେ ଜଣେ ୟୁନିଫର୍ମ ପିନ୍ଧା ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରୁ ଗୋଟିଏ ଏସ୍‌ଏଲ୍‌ଆର୍ ସହ ଅସ୍ତ୍ରଶସ୍ତ୍ର ଏବଂ ଜରୁରୀ ସାମଗ୍ରୀ ଜବତ କରାଯାଇଛି । ଗରିଆବନ୍ଦ ଏସପି ଆନୁଷ୍ଠାନିକ ଭାବରେ ଏହି ଏନକାଉଣ୍ଟରକୁ ନିଶ୍ଚିତ କରିଛନ୍ତି। ଗରିଆବନ୍ଦ ଏସପିଙ୍କ ସୂଚନା ଅନୁସାରେ, ଜଙ୍ଗଲରେ ସ୍ଥାନୀୟ ପୋଲିସ ସହ ମିଶି ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଚାଲିଥିଲା। ଯେଉଁଥିରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ପ୍ରଥମେ ଗୁଳିଚାଳନା କରିଥିଲେ । ଯାହାର ଦୃଢ଼ ଜବାବ ଦେଇଥିଲେ ସୁରକ୍ଷାକର୍ମୀ। ଦୀର୍ଘ ସମୟ ଧରି ଉଭୟଙ୍କ ମଧରେ ଗୁଳି ବିନିମୟ ଚାଲିଥିଲା । ପରେ ମାଓବାଦୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ପୋଲିସର ସର୍ଚ୍ଚ ଅପରେସନରେ ଜଣେ ନକ୍ସଲ ନିହତ ହୋଇଥିବା ଜଣାପଡିଛି । ମୃତ ନକ୍ସଲ ଜଣଙ୍କ ୟୁନିଫର୍ମ ପିନ୍ଧିଥିବା ଜଣାପଡିଛି। ଏହା ସହିତ ଘଟଣାସ୍ଥଳରୁ ଗୋଟିଏ ଏସ୍‌ଏଲ୍‌ଆର୍ ସହ ଅସ୍ତ୍ରଶସ୍ତ୍ର ଏବଂ ଜରୁରୀ ସାମଗ୍ରୀ ଜବତ କରାଯାଇଛି । ଏବେବି ଗାରିଆବନ୍ଦ ପୋଲିସ ଏବଂ ସୁରକ୍ଷା ବାହିନୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି ।

# ରାଜଧାନୀରେ କାଳବୈଶାଖୀ, ପବନ ସାଙ୍ଗକୁ ଭୀଷଣ ବର୍ଷା

**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟରେ କାଳବୈଶାଖୀ ଜାରି ରହିଥିବା ବେଳେ ଆଜି ସନ୍ଧ୍ୟାରେ ରାଜଧାନୀବାସୀ ଏକରକମ ଆକ୍ରାନ୍ତ ହୋଇଯାଇଛନ୍ତି। ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ସମୟରେ ଅଚାନକ ଚାରିଆଡ଼ ଅନ୍ଧାର ହେବା ସହ ଭୀଷଣ ବେଗରେ ପବନ ହୋଇଥିଲା। ପାଖାପାଖି ୬୦ କିମି ଘଣ୍ଟା ପ୍ରତି ବେଗରେ ପବନ ବହିବା ଫଳରେ ଛୋଟମୋଟ କେତେକ ଗଛବୃକ୍ଷ ଭାଙ୍ଗିଯାଇଥିଲା। ଏହାପରେ ପାଖାପାଖି ଘଣ୍ଟାଏ କାଳ ବର୍ଷା ହେବା ଫଳରେ ରାସ୍ତାଘାଟରେ ପାଣି ଜମିଯାଇଥିଲା। ତେବେ ଏହି କାଳବୈଶାଖୀ ବର୍ଷା ଯୋଗୁଁ ଲୋକଙ୍କୁ ସାମୟିକ ଭାବେ ତାତିରୁ ତ୍ରାହି ମିଳିଛି।

# ଲୁହାରଡ଼ରେ ପିଟି ପିଟି ଯୁବକଙ୍କୁ ହତ୍ୟା

**କଟକ,୩।୫ (ସଂଚାର ବ୍ୟୁରୋ) :** ଲୁହାରଡ଼ରେ ପିଟି ପିଟି ଯୁବକଙ୍କୁ ହତ୍ୟା। କଟକ ଗୋପାଳପୁରରେ ଘଟିଛି ଏହି ଅଭାବନୀୟ ଘଟଣା । ମୃତ ଯୁବକଙ୍କ ନା ଚକ୍ରଧର ମହାରଣା। ସେ ଚାହା ଦୋକାନରେ ବସିଥିବା ବେଳେ ଲୁହାରଡ଼ରେ ଆକ୍ରମଣ କରିଥିଲେ ଅନ୍ୟ ଜଣେ ଯୁବକ । ସଦର ଥାନା ପୁଲିସ ହତ୍ୟାକାରୀ ଯୁବକକୁ କାବୁ କରିବା ସହ ଥାନାରେ ଅଟକ ରଖିଛି।

# ବଡ଼ଚଣାରେ ୧୫ ଆରଆଇ କାର୍ଯ୍ୟାଳୟର ଶିଳାନ୍ୟାସ କଲେ ରାଜସ୍ୱ ମନ୍ତ୍ରୀ

**ଚଣ୍ଡିଖୋଲ,୩।୫ (ସଂଚାର ବ୍ୟୁରୋ):** ବଡ଼ଚଣା ନିର୍ବାଚନମଣ୍ଡଳୀର ଦର୍ପଣ ତହସିଲ ଅଧୀନରେ ୧୫ଟି ନୂଆ ଆରଆଇ ଅଫିସ୍ ପାଇଁ ଶିଳାନ୍ୟାସ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସରେଶ ପୂଜାରୀ। ଦର୍ପଣ ତହସିଲ ଅଧୀନରେ ୧୭ଟି ଆରଆଇ ସର୍କଲ ରହିଛି। ଶୁକ୍ରବାର ବଡ଼ଚଣା ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ସରକାର ପର୍ଯ୍ୟାୟକ୍ରମେ ଆରଆଇ ସର୍କଲକୁ ପଞ୍ଚାୟତ ସହ ସମୟାନୁସାରେ ଯୋଗ କରି ପ୍ରତି ପଞ୍ଚାୟତରେ ଆରଆଇ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। କାର୍ଯ୍ରକ୍ରମରେ ଯାଜପୁର ସାଂସଦ ଡ.ରବୀନ୍ଦ୍ର ନାରାୟଣ ବେହେରା ଓ ବଡ଼ଚଣା ବିଧାୟକ ଅମର ନାୟକ ଅତିଥି ଭାବେ ଯୋଗ ଦେଇ ମୋଟ ୧୮କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟାଳୟ ନିର୍ମାଣ ହେବାକୁ ଥିବାବେଳେ ତହସିଲ କାର୍ଯ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ବିଡ଼ିଓ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିଳାନ୍ୟାସ ହେବାକୁ ଥିବା ବିଭିନ୍ନ ଆର ଆଇ ସର୍କଲର ଅଧିକାରୀଙ୍କ ସହ



ଭିଡିଓ କନଫରେନସିଂ ମାଧମରେ ମନ୍ତ୍ରୀ ଆଲୋଚନା କରିବ ସେମାନଙ୍କ ଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

# ଗାଡ଼ି ଭିତରୁ ଚାଳକଙ୍କ ମୃତଦେହ ଉଦ୍ଧାର




**ସମ୍ବଲପୁର,୩।୫ (ସଂଚାର ବ୍ୟୁରୋ) :** ଗାଡି ଭିତରୁ ଜଣେ ଚାଳକଙ୍କ ମୃତ ଦେହ ଉଦ୍ଧାର । ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଫାର୍ମରଡ଼ ଅଞ୍ଚଳରେ ଘଟିଛି ଏଭଳି ଘଟଣା । ଚାଳକ ଜଣକ ହେଉଛନ୍ତି ଝାରସୁଗୁଡା ଅଞ୍ଚଳର ଚନ୍ଦ୍ରଭାନୁ ରାଉତ। ସେ ଝାରସୁଗୁଡାରୁ ଜଣେ ରୋଗୀଙ୍କୁ ସମ୍ବଲପୁରର ଏକ ନରସିଂହୋମକୁ ଚିକିତ୍ସା ପାଇଁ ଆଣିଥିଲେ । ନର୍ସିଂହୋମରେ ରୋଗୀଙ୍କୁ ଛାଡିବା ପରେ ଚାଳକ ଜଣକ ତାଙ୍କ ଆର୍ଟିଗା ଗାଡିକୁ ଏକ ଗଛ ଛାଇରେ ରଖିଥିଲେ ଓ ଗାଡି ପଛ ସିଟରେ ଶୋଇଥିଲେ। ତେବେ କିଛି ଘଣ୍ଟା ପରେ ମଧ୍ୟ ଗାଡିରୁ ନବାହାରିବାରୁ ସ୍ଥାନୀୟ ଲୋକେ ଟାଉନ ଥାନାକୁ ଜଣାଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଚନ୍ଦ୍ରଭାନୁଙ୍କୁ ମେଡିକାଲ ନେଇ ଯାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ତେବେ କେଉଁ କାରଣ ପାଇଁ ଚନ୍ଦ୍ରଭାନୁଙ୍କ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଶବ ବ୍ୟବଚ୍ଛେଦ ପରେ ପୁରା ଘଟଣା ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି ।

# ଜାତୀୟ ସ୍ତରରେ ୟୁନିଭର୍ସିଟି ଲ' କଲେଜ ରନର୍ସଅପ୍



**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ନୂଆଦିଲ୍ଲୀଠାରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରି ପୂର୍ବ ଜୋନରୁ ସ୍ଥାନୀୟ ୟୁନିଭର୍ସିଟି ଲ' କଲେଜ ଛାତ୍ରୀମାନେ ଜାତୀୟ ସ୍ତରରେ ରନର୍ସଅପ ହୋଇଛି। ନୂଆଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଆମନ୍ତ୍ରଣ କ୍ରମେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସାଲୋମୀ ସାହୁଙ୍କ ନେତୃତ୍ୱରେ ୟୁନିଭର୍ସିଟି ଲ' କଲେଜ ଦ୍ୱିତୀୟ ବର୍ଷ ଛାତ୍ରୀ ଜାଗୃତି ମାଝୀ, ସାନିଆ ଖାନ, ସ୍ମୃତିଶିଖା ସାହୁ, ଆଦ୍ୟାଦେବପ୍ରଜ୍ଞା ପଟ୍ଟନାୟକ ଓ ଶ୍ରୀମୟୀ ମହାପାତ୍ର ପ୍ରତିଯୋଗିତାରେ ଭାଗନେଇଥିଲେ। ପ୍ରାଧିକରଣଙ୍କ ଦ୍ୱାରା ଆୟୋଜିତ କ୍ରାନ୍ତିଜ୍ୟୋତି ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମଦିନ ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀମାନେ ଯୋଗ ଦେଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ତଥା ପୃଷ୍ଠପୋଷକ ଜଷ୍ଟିସ ସଞ୍ଜୀବ ଖାନ୍ନା ଓ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଉଚ୍ଚତମ ନ୍ୟାୟାଳୟ ବିଚାରପତି ଜାତୀୟ ଆଇନ ସେବା ପ୍ରାଧିକରଣ ଜଷ୍ଟିସ ବି.ଆର. ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ସଦସ୍ୟ ସଚିବ ଏସସି ମୁଙ୍ଗେଡଙ୍କଠାରୁ ଛାତ୍ରୀମାନେ ପୁରସ୍କାର ଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ଓ ଆଇନ ଛାତ୍ରୀମାନେ କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ଇଷ୍ଟ ଜୋନ ପାଇଁ ମୁଖ୍ୟ ବିଚାରପତିଙ୍କଠାରୁ ପାନ ଇଣ୍ଡିଆ ଜୋନାଲ ଲେବଲ ସଂକ୍ଷିପ୍ତ ଚଳଚ୍ଚିତ୍ର ପ୍ରଦର୍ଶନରେ ରନର୍ସଅପ ପୁରସ୍କାର ଗ୍ରହଣ କରିଛନ୍ତି। ଏ ବାବଦରେ ସେମାନଙ୍କୁ ୫ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଛି।

# 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ଉନ୍ମୋଚିତ



**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ସ୍ଥାନୀୟ ପୋଖରୀପୁଟ ଶ୍ରୀହନୁମାନ ମନ୍ଦିରରେ ଆଧ୍ୟାତ୍ମିକ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ଓ ଜ୍ଞାନଯୁଗ ପ୍ରକାଶନ ଦ୍ୱାରା ପ୍ରକାଶିତ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ତଥା ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ପର୍ଶୁରାମ ପଣ୍ଡା ଦେବାର୍ପଣ କରିବା ସହ ଏଥିରେ ଶ୍ରୀ ଶନିଶ୍ଚର ମହାଗ୍ରହଙ୍କ ସମ୍ପର୍କିତ ବୈଜ୍ଞାନିକ ତଥ୍ୟ ଓ ପୌରାଣିକ ତତ୍ତ୍ୱ ଉଲ୍ଲେଖ କରାଯାଇଛି ବୋଲି କହିଥିଲେ। ଏଥିସହ ଶନିଶ୍ଚରଙ୍କୁ ନେଇ ୩୦୦ ପୃଷ୍ଠାରୁ ଉର୍ଦ୍ଧ୍ୱ ଏକ ତତ୍ତ୍ୱ ଓ ତଥ୍ୟଭିତ୍ତିକ ପୁସ୍ତକ କୌଣସି ଭାଷାରେ ପ୍ରକାଶ ପାଇନାହିଁ ବୋଲି ମଧ୍ୟ ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ସାହିତ୍ୟିକ ରତ୍ନାକର ରାଉତ ଯୋଗଦେଇ ଜୀବନରେ ଆଧ୍ୟାତ୍ମିକତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଶନିଶ୍ଚର ମହାରାଜ କିପରି ଜୀବନକୁ ପ୍ରଭାବିତ କରନ୍ତି ଓ ପ୍ରଭାବିତ ବ୍ୟକ୍ତି କେଉଁ ଆଧ୍ୟାତ୍ମିକ ଉପାୟ ଅବଲମ୍ବନ କଲେ ତାଙ୍କ କୃପାଦୃଷ୍ଟି ଲଭିପାରିବ, ସେନେଇ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ, ବାଗ୍ମୀ, ପ୍ରବଚକ ବିଜୟ ଦାଶ ଏହି ପୁସ୍ତକ ଏକ ଉପାଦେୟ ଗ୍ରନ୍ଥ ହେବା ସହ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଉପଯୋଗୀ ଏବଂ ଏଥିରେ ପ୍ରକୃତ ଉପଚାର ପ୍ରାଞ୍ଜଳ ଭାବେ ଉପସ୍ଥାପିତ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ। ଲେଖକ ଡ. ଚୌଧୁରୀ କହିଥିଲେ ଯେ ଉଭୟ ବୈଜ୍ଞାନିକ ଏବଂ ଜ୍ୟୋତିଷ ଦୃଷ୍ଟିକୋଣରୁ ଶନିଶ୍ଚର ମହାଗ୍ରହ ଗ୍ରହମଣ୍ଡଳରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି, ଯାହାଙ୍କର ପ୍ରଭାବରେ ସକଳ ଜଗତ ପରିଚାଳିତ ହେଉଛି। ଶନିଶ୍ଚରଙ୍କୁ ପାଥେୟ କରି ଭୌତିକ ତଥା ଆଧ୍ୟାତ୍ମିକ ଜଗତର ଜଗତର ବିକାଶର ଧାରାକୁ ନିର୍ଣ୍ଣୟ କରିହୁଏ, ଯାହାଙ୍କ ଅନୁଗ୍ରହ ହେଲେ ଜଣେ ସାଧାରଣ ବ୍ୟକ୍ତି ଅନନ୍ୟ ଦିବ୍ୟକୃପା ପ୍ରାପ୍ତ କରିଥାଏ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ଜାତୀୟ ରାଜପଥର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାବତ ଏହି ପୁସ୍ତକ ଜଣେ ପାଠକଲେ ଶନିମହାଗ୍ରହଙ୍କ ବିଷୟରେ ବୈଜ୍ଞାନିକ ତଥ୍ୟ, ଜ୍ୟୋତିଷ ତତ୍ତ୍ୱ, ଧର୍ମ, ଆଧ୍ୟାତ୍ମିକ ପରିଭାଷା, ଶନିଙ୍କର ସମସ୍ତ ଉପଚାର ବିଷୟରେ ଅବଗତ ହୋଇପାରିବେ ବୋଲି କହିଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ତଥା ନିର୍ଦ୍ଦେଶକ କେଶବ ଚନ୍ଦ୍ର ସାହୁ ପ୍ରାରମ୍ଭିକ ଭକ୍ତିସଂଗୀତ ପରିବେଷଣ କରିଥିଲେ। ଜ୍ଞାନଯୁଗ ପବ୍ଲିକେଶନର କାର୍ଯ୍ୟନିର୍ବାହୀ ଅଧିକାରୀ ତୁଷାରକାନ୍ତ ସାହୁ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଏକାମ୍ର ମହାବିଦ୍ୟାଳୟର ପ୍ରାଧ୍ୟାପିକା ପ୍ରଭା ମଞ୍ଜରୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ କ୍ଷେତ୍ରରେ ରୁଚି ରଖୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କମୁଛି ଦୁର୍ଘଟଣା ହାର, ବଢ଼ୁଛି ମୃତ୍ୟୁ ହାର

**ଭୁବନେଶ୍ୱର,୩।୫:** ରାଜ୍ୟରେ ସଡକ ଦୁର୍ଘଟଣାର ହାର କମୁଥିବାବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ହାର କିନ୍ତୁ ବଢ଼ିବାରେ ଲାଗିଛି। ଦୁର୍ଘଟଣା ପରବର୍ତ୍ତୀ ସମୟରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଥିବା କୁହାଯାଉଛି। ସର୍ବଶେଷ ସୂଚନା ଅନୁଯାୟୀ ରାଜ୍ୟରେ ୨୦୨୨ମସିହାରେ ୧୧,୬୬୩ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ଏହାର ହାରାହାରି ସଂଖ୍ୟା ଥିଲା ୨.୮୨ ପ୍ରତିଶତ । କିନ୍ତୁ ୨୦୨୪ରେ ଏହି ହାର ୦.୨ ପ୍ରତିଶତକୁ ହ୍ରାସ ପାଇଛି। ଯଦିଓ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇ ୧୨ ହଜାରକୁ ଟପିଛି । କିନ୍ତୁ ଯେଉଁ ହାରରେ ରାଜ୍ୟରେ ଦୁର୍ଘଟଣା ଘଟୁଥିଲା ସେଥିରେ ଲଗାମ ଲାଗିଛି । ଦୁର୍ଘଟଣା ରୋକିବାକୁ ରାଜ୍ୟ ସରକାର ବ୍ୟାପକ ଯୋଜନା ହାତକୁ ନେଇ ସହିତ ଡ୍ରାଇଭରମାନଙ୍କୁ ସଚେତନ କରିବା ଦ୍ୱାରା ଏହି ହାର ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଇଛି। ତେବେ ରାଜ୍ୟରେ ଦୁର୍ଘଟଣା ମୃତ୍ୟୁରେ କିନ୍ତୁ ଲଗାମ ଲାଗିପାରୁ ନାହିଁ । ୨୦୨୨ରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୫୪୬୭ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ମୃତ୍ୟୁହାର ହାରାହାରି ୪.୯୮ ପ୍ରତିଶତ ଥିଲା। କିନ୍ତୁ ୨୦୨୪ରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୬ ହଜାରକୁ ଟପିବା ସହିତ ମୃତ୍ୟୁହାର ୫.୨୪ ପ୍ରତିଶତରେ ପହଞ୍ଚିଯାଇଛି।




ଦୁର୍ଘଟଣା ପରେ ପରେ ଆହତଙ୍କୁ ଠିକଣା ସମୟରେ ଡାକ୍ତରଖାନାରେ ପହଞ୍ଚାଯାଇବା ସହିତ ଉପଯୁକ୍ତ ଚିକିତ୍ସା ଯୋଗାଯାଇ ପାରିଲେ ଆହୁରି ଅନେକ ଜୀବନ ରକ୍ଷାପାଇ ଯାଆନ୍ତା ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେବେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାସ୍ତାକଡ ବ୍ୟବସାୟୀଙ୍କୁ ଏ ସଂକ୍ରାନ୍ତରେ ଯେତେପ୍ରକାର ସଚେତନ କରାଗଲେ ବି ସେଭଳି ସୁଫଳ ମିଳିପାରୁ ନାହିଁ। ଅନେକ ସ୍ଥାନରେ ଲୋକେ ପୁଲିସ୍ ମାମଲାରେ ଛନ୍ଦି ହେବାକୁ ଭୟ କରି ଆହତକୁ ଡାକ୍ତରଖାନା ନେବାକୁ ପଛଘୁଞ୍ଚା ଦେଉଛନ୍ତି।

ରାଜ୍ୟରେ ଦୁର୍ଘଟଣା ହ୍ରାସ ସହ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ଲାଗି ରାଜ୍ୟ ସରକାର ଉଦ୍ୟମକୁ ଜୋରଦାର କରୁଛନ୍ତି। ସଡ଼କ ସୁରକ୍ଷା ସଚେତନତା ନାଁରେ ବ୍ୟାପକ ଅର୍ଥ ବ୍ୟୟ ହେଉଥିବା ବେଳେ ଏବେ ଶୂନ ଦୁର୍ଘଟଣା ଲକ୍ଷ୍ୟକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଶେଷକରି ଦୁର୍ଘଟଣାପ୍ରବଣ ସ୍ଥାନଗୁଡିକ ଚିହ୍ନଟ କରାଯିବା ସହିତ ସେଠାରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଅଧିକ ଜୋର ଦିଆଯାଉଛି। ସେହିଭଳି ତାଲିମପ୍ରାପ୍ତ ଗାଡିଚାଳକଙ୍କ ଉପରେ ମଧ୍ୟ ପରିବହନ ବିଭାଗ ପକ୍ଷରୁ ଜୋର ଦିଆଯାଉଛି। ବିଶେଷକରି ଭାରିଯାନ ଚଳାଉଥିବା ଚାଳକମାନେ ଯେଭଳି ଠିକଣା ତାଲିମ ପାଇବେ ସେଥିପାଇଁ ରାଜ୍ୟରେ ୪ଟି ସରକାରୀ ତାଲିମ କେନ୍ଦ୍ର ଖୋଲିଥିବା ବେଳେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ମଧ୍ୟ ପ୍ରଚଳିତ ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଉଛି। ତେବେ ରାଜ୍ୟରେ ଦୁଇ ଓ ଚାରିଚକିଆ ଯାନର ସଂଖ୍ୟା ଯେଭଳି ହୁ ହୁ ଭାବେ ବଢ଼ିବାରେ ଲାଗିଛି ଓ ଯୁବକମାନେ ଅତ୍ୟନ୍ତ ବେପରୁଆ ଭାବେ ଗାଡି ଚାଳନା କରୁଛନ୍ତି, ତା' ଉପରେ ବ୍ରେକ୍ ନ ଲାଗିଲେ ରାଜ୍ୟରେ ଶୂନ ଦୁର୍ଘଟଣା ଲକ୍ଷ୍ୟ ଆଦୌ ସମ୍ଭବପର ନୁହେଁ ବୋଲି ପରିବହନ ବିଶେଷଜ୍ଞମାନେ ମତ ଦେଉଛନ୍ତି । (ତଥ୍ୟ)

SANCHAR
ସଂଚାର
ସମ୍ପାଦକୀୟ
sanchar.live


ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଅନୁପ୍ରବେଶକାରୀଙ୍କୁ ତଡ଼ିବା ଅଭିଯାନ

ପହଲଗାମ ଆତଙ୍କୀ ହମଲା ପରେ ଭାରତର ବିଭିନ୍ନ ଅଞ୍ଚଳରେ ଲୁଚିଛପି ଏବଂ ଜାଲ ପରିଚୟ ବା ପ୍ରମାଣପତ୍ରରେ ରହୁଥିବା ବାଂଲାଦେଶୀ ନାଗରିକଙ୍କୁ ତଡ଼ିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏବେ ଅନୁପ୍ରବେଶକାରୀଙ୍କୁ ତଡ଼ିବା ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ। ଏହା ହିଁ ଭାରତର ସାମାଜିକ ଏବଂ ଆର୍ôଥିକ ବିକାଶରେ ଏକ ମୁଖ୍ୟ ପ୍ରତିବନ୍ଧକ। ପହଲଗାମ ଆକ୍ରମଣ ଆମକୁ ସଚେତନ କରାଇଛି। ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍ôଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ ବାଧ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସୁଖଲ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ମୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ôଥିକ ସଙ୍କଟ ସୃଷ୍ଟି ହୋଇଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି। କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା



ଉଚିତ ଏବଂ ଭାରତରୁ ମଧ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ ଅନେକ ଭାରତୀୟ ବସବାସ କରୁଛନ୍ତି। ଭାରତୀୟ ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା। ସେଠାରେ ଅନେକ ଭାରତୀୟ ଛାତ୍ର ରହୁଛନ୍ତି ଏବଂ ପାଠପଢ଼ା ପରେ ଅନେକ ସେଠାରେ ଚାକିରୀ କରୁଛନ୍ତି। ଅନେକ ବ୍ୟବସାୟ ପାଇଁ ମଧ ବିଦେଶକୁ ଯାଉଛନ୍ତି ସେଠାରେ ସଫଳତା ହାସଲ କରିବା ସହ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ସାଉଦୀ ଆରବ, ୟୁଏଇ, ଓମାନ, କୁଏତ, ବାହାରିନ, ଇରାନ, ଇରାକ ଭଳି ଦେଶରେ ଅନେକ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏସବୁ ଦେଶରେ ସେମାନଙ୍କୁ ଭଲ ପାରିଶ୍ରମିକ ମିଳୁଛି। ମଧପ୍ରାଚ୍ୟ ବା ଆରବରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଅନେକ ଓଡ଼ିଆ ମଧ ଅଛନ୍ତି। ଅନେକ ସମୟରେ ଏହି ପ୍ରବାସୀମାନେ ପ୍ରତାରଣା, ଦୁର୍ଦ୍ଦଶା ଏବଂ ଶୋଷଣର ଶିକାର ହେଉଛନ୍ତି। କିନ୍ତୁ ଭାରତରେ ଅନୁପ୍ରବେଶକାରୀ ବାଂଲାଦେଶୀ ଏବଂ ରୋହିଙ୍ଗିୟାମାନେ ରାଜନୈତିକ ବ୍ୟକ୍ତିଙ୍କ ଶରଣରେ ରହି ବେଶ ସହଜରେ ନିଜକୁ ସୁରକ୍ଷିତ ରଖି ଆରାମରେ ଜୀବନ ଯାପନ କରୁଛନ୍ତି। କିଛି ବର୍ଷ ଭିତରେ ସେମାନେ ଭାରତୀୟ ନାଗରିକଭାବେ ସବୁ ସ୍ୱୀକୃତି ପାଉଛନ୍ତି ଏବଂ ସବୁ ପ୍ରକାର ସରକାରୀ ଯୋଜନାର ହିତାଧିକାରୀ ହେଉଛନ୍ତି। ଏମାନେ ଭାରତରେ ଜନ ବିସ୍ଫୋରଣରେ ମୁଖ୍ୟ ଭୂମିକା ନେଉଛନ୍ତି। ଏମାନେ ଭାରତରେ ବିଭିନ୍ନ ଅପରାଧ, ଆତଙ୍କବାଦ ଏବଂ ହିଂସା କାଣ୍ଡରେ ସମ୍ପୃକ୍ତ କିନ୍ତୁ ଅନେକ ସମୟରେ ପୋଲିସ ସେମାନଙ୍କୁ ଖୋଜି ବାହାର କରିପାରୁନାହାଁନ୍ତି। କାରଣ ସେମାନଙ୍କୁ କିଛି ଅଲଣା ଶକ୍ତି ସୁରକ୍ଷା ପ୍ରଦାନ କରୁଛନ୍ତି। ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ଏଭଳି ଅନୁପ୍ରବେଶକାରୀଙ୍କ ସଂଖ୍ୟା ସର୍ବାଧିକ। ଗୁଜରାଟ ସରକାର ଯେପରି ବାଂଲା ଅନୁପ୍ରବେଶକାରୀଙ୍କୁ ତଡ଼ିବା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି, ଓଡ଼ିଶା ସରକାର ମଧ ଅନୁରୂପ ଅଭିଯାନ ଆରମ୍ଭ କରିବା ଉଚିତ। ଓଡ଼ିଶାକୁ ରକ୍ଷା କରିବା ନିମନ୍ତେ ପ୍ରଥମେ ଅନୁପ୍ରବେଶକାରୀଙ୍କୁ ତଡ଼ିବା ଜରୁରୀ। ନଚେତ ଓଡ଼ିଶା ଆଉ ଏକ ପଶ୍ଚିମବଙ୍ଗରେ ପରିଣତ ହେଉଛି ଯେଉଁଠି ଅନୁପ୍ରବେଶକାରୀମାନେ ଶାସନ କ୍ଷମତା ଦଖଲରେ ନିର୍ଣ୍ଣାୟକ ଭୂମିକା ନେଉଛନ୍ତି। ସେମାନେ ପଶ୍ଚିମବଙ୍ଗର ବାରୁଦ ଏବଂ ଅପରାଧର ମୁଖ୍ୟ କାରଣ। ସେହିପରି ଆସାମ, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମୂହରେ ଆଜି ସୃଷ୍ଟି ହୋଇଥିବା ଅଶାନ୍ତି ପଛରେ ଏହି ଅନୁପ୍ରବେଶକାରୀ ଅଛନ୍ତି। ସେଠାରୁ ମଧ ଅନୁପ୍ରବେଶକାରୀଙ୍କୁ ତଡ଼ିବା ଏବଂ ଆବ୍ୟାକପଡ଼ିଲେ ନିର୍ମମଭାବେ ଦମନ କରିବାର ଆବଶ୍ୟକତା ରହିଛି।

# ଜ୍ଞାନର ଗଭୀରତା ସମସ୍ତଙ୍କ ସମାନ ନୁହଁ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା



ବର୍ତ୍ତମାନ ସମୟରେ ପରୀକ୍ଷା ସାକ୍ଷାତକାରରେ ପାର୍ଥି ଚୟନ ହେଉଛନ୍ତି ପୁଣି କିଛି ତଳହାତିଆ ସୁପାରିଶରେ କେହିବା ପଦ ଅଧିକାରୀ ହେଉଛନ୍ତି। ଏକ ବିଶେଷ ଦାୟିତ୍ୱ ସମ୍ପନ୍ନ ପଦରେ ଜାଲିଆତି ବିଦ୍ୟାଧର ଯଦି ଅଧିକାରୀ ହୁଅନ୍ତି ତେବେ ସେ କେମିତି ଲୋକଙ୍କର ଉପକାର କରିବେ ସଂସାରର ସେ କେମିତି ଉତ୍ତମ ସେବା କରିବେ ସଂସାରର ଗତି କେମିତି ଭଲ ଦିଗକୁ ମାଡ଼ିବ ? ପୂର୍ବେ ବି ପରୀକ୍ଷା ନଥିଲା ଏମିତି ନୁହଁ, ଜଙ୍ଗଲରେ ଗୁରୁ ଆଶ୍ରମରେ ରାଜପୁତ୍ର ମାନେ ବି ପାଠ ପଢୁଥିଲେ। ଜନପଦରେ ଯେଉଁ ଖାଦ୍ୟପେୟ ପୋଷାକ ପରିଚ୍ଛଦ ବିଳାସ ବ୍ୟସନ ଭୋଗ୍ୟ ବ୍ୟବସ୍ଥା ମିଳେ ଓ ଜଣଙ୍କ କର୍ମ ଆଉ ଜଣେ କରି ଦିଅନ୍ତି ସେ କର୍ମ ବା ବ୍ୟବହାରାଦି ଗୁରୁ ଆଶ୍ରମରେ ମିଳିନଥାଏ। ଖାଇ ପିଇ ବଞ୍ଚିବା ସହିତ ନିଜର ନିତ୍ୟକର୍ମରେ ଯାହା କରାଯିବ କଥା ତାହା କରିବାକୁ ପଡ଼ିଥାଏ। ଅନ୍ନ ପୁଣି ସାର୍ବଜନୀନ ଅନ୍ନ। ଅନ୍ନ ପାଇଁ ଜଙ୍ଗଲ ଜମିରୁ ବଗିଚା କାମ କରି ଫଳମୂଳ ଶସ୍ୟ ଉତ୍ପାଦନରେ ପ୍ରତ୍ୟକ୍ଷଭାଗ ଆଶ୍ରମର ଅନ୍ତେବାସୀମାନେ କରୁଥିଲେ। ଜାଳେଣୀ ସଂଗ୍ରହ ଜଙ୍ଗଲରୁ କରିବାକୁ ପଡୁଥିଲା ଶିକ୍ଷାରେ ପ୍ରବୀଣ ଗୁରୁମାନେ ପିଲାଙ୍କୁ ଏକ ଗାର୍ହସ୍ଥ ଜୀବନ ପାଇଁ ରାଜପୁତ୍ର ମାନଙ୍କୁ ପ୍ରଜା ଶାସନ ପାଇଁ ସମସ୍ତ ପ୍ରକାର ମୌଳିକ ଜ୍ଞାନ ଶିକ୍ଷା ଦେଇ ଧୂରୀଣ କରାଉଥିଲେ। ସାଥି ଭାଇ ମାନଙ୍କ ସମ୍ପର୍କ ସମାନ ଅଧିକାର ରାଜପୁତ୍ରମାନେ ରହି ଶିକ୍ଷା କରୁଥିଲେ।

ଏଇ ଋଷିମାନେ ଏପରି ଅନ୍ୟ ଋଷି ମାନଙ୍କର ଜୁନିଅରକୁ ବୟସ ଓ ସ୍ୱସାଧନାରେ ସିନିଅର ହେଉଥିଲେ। ସିନିଅରମାନେ ବର୍ଷିୟାନ ହେଲେ ତତ୍କାଳ ତାଙ୍କ ପାଖରୁ ଜଟିଳ ସମସ୍ୟାର ସମାଧାନ ଜ୍ଞାନ ଆହରଣ ପାଇଁ ଅନେକ ଆସୁଥିଲେ ଫଳରେ ଜ୍ଞାନ ପିପାସୁମାନେ ତାଙ୍କୁ ଏକ ସମ୍ମାନୀୟ ପଦବୀ ଭୂଷଣ କରୁଥିଲେ ଯାହାର ଛାୟା ଏବେ ଆମ ସମାଜରେ ପରିଲକ୍ଷିତ ହେଉଛି। ଶିକ୍ଷକ ଅଧାପକ ପ୍ରଫେସର ପରି ସ୍ତର ଏବେ ବୁଝା ପଡୁଛି ପୂର୍ବେ ଏପରି ଥିଲା ସାତ ପ୍ରକାର ଋଷି, ବ୍ରହ୍ମର୍ଷି, ଚଦର୍ଷି, ରାଜର୍ଷି, ମହର୍ଷି ପରମର୍ଷି, କାଣ୍ଡର୍ଷି, ଶ୍ରୁତର୍ଷି। ବଶିଷ୍ଠ ଥିଲେ ବ୍ରହ୍ମର୍ଷି, ଶକ୍ତିଶାଳୀ ବ୍ରହ୍ମବିଦ୍ୟାରେ ଜ୍ଞାନୀ, ଖୋଦ ବ୍ରାହ୍ମଣକୂଳରେ ଜନ୍ମ। ତାଙ୍କର ଅନେକ ସନ୍ତାନ ହୋଇ ରାଜଶକ୍ତି ଦ୍ୱାରା ମୃତ, ବହୁ ବିବ୍ରତରୁ ଆତ୍ମହତ୍ୟା ପାଇଁ ଚେଷ୍ଟା ପୁତ୍ରଶକ୍ତି ବି ମୃତ, ସେ ଚଣ୍ଡାଳ କଥାର ପାଣିଗ୍ରହଣ କରିବା ଦ୍ୱାରା ବଶିଷ୍ଠଙ୍କ ମର୍ମ ବେଦନା ଆଦି ତାଙ୍କର ଥିଲା ହେଲେ ସେ ବିଖ୍ୟାତ ଥିଲେ ଏବେ ବି ନିତ୍ୟ ସ୍ମରଣୀୟ। ବ୍ରହ୍ମର୍ଷି ହେବାକୁ ହେଲେ କି ଧୈର୍ଯ୍ୟ ଆବଶ୍ୟକ କି ତ୍ୟାଗ ଆବଶ୍ୟକ କି ପ୍ରକାର ଆତ୍ମଜ୍ଞାନ ଆବଶ୍ୟକ ଏପରି ଜ୍ଞାନ ଅନୁଭୂତି ଅଙ୍ଗେ ଲିଭାଇବାର ସେ ଥିଲେ ପରମ ଏକକ।

ବ୍ରହ୍ମଜ୍ଞାନୀମାନେ ସୃଷ୍ଟିର ରକ୍ଷାର ସମସ୍ତ ସାର୍ବଜନୀନ ସତ୍ୟ ଉପସ୍ଥାପିତ କରିବା ଦ୍ୱାରା ରାଜକୋଷରେ ପଡ଼ିଥାନ୍ତି। ସୌଦାସ ଶବ୍ଦ ହେଉଛି ଶହେଦାସର ମାଲିକ, ଯେ କୌଣସି ରାଜପଦରେ ଥିବା ଲୋକଙ୍କର ଅନେକ ପାତ୍ରମନ୍ତ୍ରୀ ସେନାପତି, କଟୁଆଳ ଅଙ୍ଗ ଲାଗି ସେବକ ନିଶ୍ଚେ ରହିବେ, ଏଇତ ସୌଦାସ। ଏମିତି ଜଣେ ତତ୍କାଳ ରାଜ ବଶିଷ୍ଠଙ୍କର ଆନୁଗତ୍ୟ ବା ପୁତ୍ର ମାନଙ୍କୁ ନିଶ୍ଚିନ୍ନ କରିଦେଇଥିଲେ। କାରଣ କେବଳ ରାଜ କରିବାର ଯେଉଁ ଉପାୟ ରାଜା ଆପଣେଇଛନ୍ତି ଭୟ ସଞ୍ଚାଳକ କରି ଦଣ୍ଡ ଦିଆଇ ବାଇ ପିପୁଲ ଦ୍ୱାରା ଠେଙ୍ଗୁଣି ଲଗାଇ ଅସ୍ତ୍ର ଦେଖାଇ ଶାସନ କରି ନିଜେ ବଞ୍ଚିବେ ଓ ତାଙ୍କର କୃତି ସନ୍ତାନ ମାନଙ୍କୁ ପର୍ଯ୍ୟାୟକ୍ରମେ ରାଜଗାଦିରେ ବସାଇ ଶାସନ କରିଯିବେ। ଏସବୁ ବ୍ରହ୍ମଜ୍ଞାନ ପ୍ରଚାର ଦ୍ୱାରା ଲୋକ ସଚେତନ କରାଇବ ଯହିଁ ରାଜପଦ ଚାଲିଯାଇପାରେ। ଏପରି ଆତଙ୍କିତ ଭାବ ହିଁ ଜଡ଼ନାଶ ପାଇଁ ଚେଷ୍ଟାରେ ବଶିଷ୍ଠ



ପଛି ମାନଙ୍କୁ ରାଜ ଆକ୍ରମଣରେ ଅବସାନ ଭୋଗିବାକୁ ପଡ଼ିଥିଲା। ଏପରି ଯେତେ ପ୍ରକାର ଋଷି ଅଛନ୍ତି ସମସ୍ତେ ବ୍ରହ୍ମକର୍ମରେ ସହାୟକ ବିଦ୍ୟାର ପ୍ରଚାରକ। ରାଜାଋଷିର ମିଶ୍ରଣ ରାଜର୍ଷି ପ୍ରାମାଣିକ ରାଜର୍ଷିରେ ଆସନ୍ତି ଖୋଦ ବିଶ୍ୱାମିତ୍ର, ବିଶ୍ୱାମିତ୍ର ବାଖ୍ୟା ହେଉଛି ବିଶ୍ୱର ମିତ୍ର ନୁହଁନ୍ତି ବିଶ୍ୱର ଅମିତ୍ର। ବିଶ୍ୱର ଧର୍ମ କ'ଣ ଲୋକେ ମଲେ ବଞ୍ଚିଲେ ଆତ୍ମା ପୁଣ୍ୟ ବଳରେ ସ୍ୱର୍ଗକୁ ଯାଇପାରନ୍ତି। ପାପାଦି କର୍ମରୁ ନର୍କକୁ ଯାଇ ପାରନ୍ତି। ଏକ କଳ୍ପନାରେ ଅଛି ଅଜର ଆମର ସ୍ଥଳ, ସ୍ୱର୍ଗ ଏଇ ସ୍ଥାନକୁ ଯିବାକୁ ଅନେକ ରାଜାଙ୍କର ଇଚ୍ଛା, ଏଥିରେ ତ୍ରିଶଙ୍କୁ ଜଣେ ଥିଲେ ସେ ସ୍ୱଦେହରେ ସ୍ୱର୍ଗ ଯିବା ବାସନା ଚିନ୍ତନ ହୋଇ ଅନେକ ସାଧକ ଜ୍ଞାନୀଙ୍କର ଦ୍ୱାରସ୍ଥ ହୋଇଛନ୍ତି ଏପରିକି ବ୍ରହ୍ମଜ୍ଞାନୀ ବଶିଷ୍ଠଙ୍କ ପାଖରୁ ନିରାଶ ଶେଷରେ ବ୍ରହ୍ମର୍ଷି ସାଧନାରେ ଉପଯୁକ୍ତ ପ୍ରଣାଳୀ ଅବଲମ୍ବନ କରିନଥିବା ପୁଣି ବାରମ୍ବାର ଚେଷ୍ଟା କରୁଥିବା ବିଶ୍ୱାମିତ୍ରଙ୍କ ପାଖରେ ଶରଣାଗତ ହୋଇ ଏପରି ତପ ଶକ୍ତିରେ ସ୍ୱର୍ଗକୁ ଯିବାକୁ ଉପାୟ ଚାହିଁଲେ। ଯେଉଁ କଥା ବଶିଷ୍ଠ ପାରିନାହିଁ ସେ କରି ଦେଖାଇଲେ ଯେ ସେ ଜଣେ କରିତକର୍ମା। ଏହା ସଂସାର ଜାଣିବ, ଏ ପାଇଁ ତାଙ୍କର ଅର୍ଜିତ ସିଦ୍ଧିରେ ସେ ତ୍ରିଶଙ୍କୁଙ୍କୁ ସ୍ୱର୍ଗ ପଥରେ ଉପରକୁ ପଠାଇଲେ କିନ୍ତୁ କଣ ହେଲା ସ୍ୱର୍ଗରେ ନର ଦେହଧାରୀ ଜଣେ ପହଞ୍ଚିଲେ ଦେବତା ପକ୍ଷା ଗଣ୍ଡଗୋଳ ହେବ। ଦେବ ଗୋଷ୍ଠୀରେ ହୈଚୈ ଶେଷରେ ସ୍ୱର୍ଗର ସମ୍ବିଧାନ ତାଙ୍କୁ ସ୍ୱର୍ଗରେ ରଖାଇ ଦେଲା ନାହିଁ ସେ ପୁନଃ ତଳକୁ ଖସିଲେ, ସେ ବିଶ୍ୱାମିତ୍ରଙ୍କୁ ଆତଙ୍କରେ ଡାକିଲେ ବିଶ୍ୱାମିତ୍ର ଉଚ୍ଚାରଣ କଲେ ତମେ ଯେଉଁ ସ୍ଥାନରେ ସେଠାରେ ହିଁ ତିଷ୍ଠ। କୁହାଯାଏ ତ୍ରିଶଙ୍କୁ ଅଧାସ୍ୱର୍ଗରେ ରହିଛନ୍ତି। ଉଚିତ ଜ୍ଞାନ ସିଦ୍ଧି ନ କରିଲେ ନିଜର ମଙ୍ଗଳ ହୁଏନାହିଁ ଯାହାକୁ ସେ ବିଦ୍ୟା ବତାଇଲେ ତାହାଙ୍କର ବି ଉଚିତ ଉପକାର ହୁଏନାହିଁ। ବଡ଼ ଡିଗ୍ରୀଧାରୀ ବଡ଼ ପଦବୀ ଧାରିକୁ ଶେଷ କରିଦେଲେ ତା ପଛର ଗୋଷ୍ଠୀ ଅକ୍ଳେଶରେ ସ୍ଥାନ ଅଧିକାରୀ ପାଇଁ ସର୍ବଦା ସ୍ୱପ୍ନ ଦେଖିଥାନ୍ତି। ଏ ପାଇଁ ରାଜପଦ ଇଚ୍ଛୁକ ରାଜପଦରେ ଥିବା ବ୍ୟକ୍ତିର ମୃତ୍ୟୁ କାମନା ସର୍ବଦା କରୁଥାନ୍ତି। ଏମିତି ବ୍ରହ୍ମର୍ଷି ବଶିଷ୍ଠଙ୍କର ଅନ୍ତକାମନା ରାଜର୍ଷି ବିଶ୍ୱାମିତ୍ର କାମନା କରୁଥିଲେ।

ରାଜର୍ଷି ଅର୍ଥ ରାଜା ଓ ଋଷିଙ୍କ ମିଳନରେ ଥିବା ରାଜା। ରାଜପଦରେ ରହିଲେ ସମସ୍ତଙ୍କ ବୃତ୍ତି, ପେଷା ଜମିଜମା ଏହାରି ଉପରେ କର ଧାର୍ଯ୍ୟ କରି କର ଅର୍ଥରେ ରାଜ ପରିବେଶ ଚଳାଇବା ସହିତ ପ୍ରଜାଙ୍କର ଉନ୍ନତି କଳ୍ପେ କିଛି କାର୍ଯ୍ୟ କରିବ। କିନ୍ତୁ ପ୍ରଜାଙ୍କର କର ପ୍ରଦାନ ବାଦ ପ୍ରଜାଙ୍କର ଏକ ଦାନ ଦେବା କ୍ଷମତା ନିଶ୍ଚେ ରହିବ ଏହାକୁ ମୂଳମନ୍ତ୍ର କରି ରାଜା ପ୍ରଜାଙ୍କୁ ସଭା ସମିତିରେ ଏକାଠି କରି କେଉଁଠି ପୁଷ୍କରିଣୀ ଖୋଳାଯିବ, କେଉଁଠି କୂପ ଖୋଳା ଯିବ, କେଉଁଠି ଶିକ୍ଷାୟିତନ କରାଯିବ, କେଉଁଠି ରାସ୍ତା କରାଯିବ, କେଉଁଠି ଚିକିତ୍ସାଳୟ କରାଯିବ ଏସବୁର ଉପକାର ଦିଗକୁ ବଖାଣି, ଲୋକଙ୍କର ଶାରୀରିକ ଶ୍ରମ ଦାନ ଆକାରରେ ପ୍ରାପ୍ତ ଅର୍ଥରେ କାର୍ଯ୍ୟ ନିର୍ବାହ କରି ଜନମଙ୍ଗଳ କରିପାରନ୍ତି। ଧନୀଙ୍କ ଠାରୁ ଏପରି ଦାନ ସୂତ୍ରରେ ଅର୍ଥ ନେଇ ଗରିବ ନିମ୍ନ ମାନଙ୍କୁ ଥାଇଥାନ ଏଇ ରାଜର୍ଷିମାନେ କରିଥାନ୍ତି।

ଏ ପ୍ରଥା ଏବେ ବି ଭିନ୍ନ ରୂପରେ ଚାଲୁଛି, ସରକାର ସବସିଡ଼ି ଦେଉଛନ୍ତି ଅର୍ଥ ଏ ସରକାରଙ୍କର ରାଜର୍ଷିଭାବ। ଜମିଦାର ପ୍ରଶାସନରେ ଲୋକେ ତାଙ୍କ ଘର ପାଖରେ ପୋଖରୀ କୂପ ଖୋଳାରେ ଦେହ ମିହନ୍ତ କରୁଥିଲେ ସରକାର କିଛି ଅର୍ଥ ସହାୟକ ହେଉଥିଲେ ବା କୌଣସି ଧନୀ ବ୍ୟକ୍ତିକୁ ଜଳ ଦାନ ପାଇଁ ଧର୍ମବାଣୀ ଶୁଣାଇଁ କାର୍ଯ୍ୟ ସାଧନ କରାଉଥିଲେ। ସବୁ ଧର୍ମରେ ଏମିତି ମୂଳମନ୍ତ୍ର ଧାରୀ ଅନେକ ପ୍ରକାରର ଅଛନ୍ତି। ହେଲେ ଧର୍ମଗୁରୁ ଯଦି ଶାସକ ହୋଇଯାନ୍ତି ତେବେ ଅଶାନ୍ତି ବ୍ୟାପିବାରେ ଲାଗିଥାଏ। ଯେମିତି ରାଜା ବଣିକ ହେଲେ ପ୍ରଜାଙ୍କର ଅମଙ୍ଗଳ ହିଁ ଅମଙ୍ଗଳ। ତେବେ ଦେଖ ପ୍ରଜାଙ୍କର ସୁବିଧା ପାଇଁ ଯାନ ବ୍ୟବସ୍ଥା ସରକାର କରୁଛନ୍ତି ହେଲେ ଭଡ଼ା ନିର୍ଦ୍ଧାରଣ ସେହି ସରକାର କରୁଥିବାରୁ ଲୋକେ ଅନେକ ପ୍ରକାର କଷ୍ଟରେ ବି ପଡୁଛନ୍ତି। ବ୍ରିଟିଶମାନେ ବଣିକ ବୃତ୍ତିକୁ ଶାସନକୁ ଆସିଥିଲେ, ଶାସକ ଲୋଭରେ କେବେ ବଣିକ ବୃତ୍ତି ନକରି ବଣିକମାନଙ୍କୁ ଶାସନର ଅଙ୍କୁଶରେ ରଖିଲେ ସଦା ମଙ୍ଗଳ ହୋଇପାରନ୍ତା। ପୋଷାକରୁ ଏବେ ଜ୍ଞାନୀ ଚିହ୍ନି ହେଉନାହିଁକି ଜ୍ଞାନୀଙ୍କ ପରୀକ୍ଷା ସଠିକ ସ୍ତରରେ କରାଯାଉନାହିଁ। ଅନେକ ପାଠପଢ଼ି ଜ୍ଞାନୀ ହୋଇ ବେକାର।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# କଳିର କରାଳ ଗତି ଓ ଆଜିର ସମାଜରେ କଳିଯୁଗର ପ୍ରଭାବ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



କଳିଯୁଗର ପାଞ୍ଚଟି ସତ୍ୟ ମହାନ ଗ୍ରନ୍ଥ ମହାଭାରତରେ ଅଛି ଆଉ ମହାଭାରତ ଖାଲି ହିନ୍ଦୁ ଜାତିର ଗ୍ରନ୍ଥ ନୁହେଁ ସମସ୍ତ ମାନବ ଜାତିର ଗ୍ରନ୍ଥ ଅଟେ। ଏହି ମହା ଭାରତ ଗ୍ରନ୍ଥ ଦ୍ୱାରା ପ୍ରତେକ ମାନବ ଜାତିକୁ ଉଚିତ ଶିକ୍ଷା ଏବଂ ଉଚିତ ମାର୍ଗ ମିଳିଥାଏ। ପ୍ରତେକ ମନୁଷ୍ୟକୁ ଏହି ଗ୍ରନ୍ଥ ପଢ଼ିବା ଦରକାର ମହାଭାରତରେ ଜିବନ ସହିତ ଜଡିତ ସମସ୍ତ ଘଟଣା ଏମିତି କୌଣସି ନାହିଁ ଜାହା ମହାଭାରତ ଗ୍ରନ୍ଥରେ ନାହିଁ। ଜୀବନର ପ୍ରତେକ ସମସ୍ୟାର ସମାଧାନ କେବଳ ମହାଭାରତ ଗ୍ରନ୍ଥରେ ଲେଖା ଅଛି। ଏହି ଗ୍ରନ୍ଥରେ ଦେଶ ଧର୍ମ ନ୍ୟାୟ ରାଜନୀତି ସମାଜ ଯୋଗ ଯୁଦ୍ଧ ବିଜ୍ଞାନ ପରିବାର ଜ୍ଞାନ ବିଜ୍ଞାନ ଆଧାତ୍ମିକ ସହ ଅନେକ ବିଷୟ ବସ୍ତୁ ବର୍ଣ୍ଣନା କରାଯାଇଛି। ଆଜିର ସମାଜରେ ଯେଉଁ କୁସଂସ୍କାର, ଭ୍ରଷ୍ଟାଚାର ଓ ପାପ ବଢି ଚାଲିଛି ତାହା କଳିର ହିଁ ପ୍ରଭାବ ଆଉ ଆମ ଧର୍ମଗ୍ରନ୍ଥ ଗୁଡିକ ଏ ସବୁ କୁ ନିଷ୍କ୍ରିୟ କରିବାର ମାର୍ଗ ଦେଇଅଛି ଯାହାକୁ ଆମେ ଆଉ ଆମ ପରା ପିଢି ପଢ଼ିବା ଜାଣିବା ଓ ହୃଦୟଙ୍ଗମ କରିବା ଦରକାର। କୁରୁକ୍ଷେତ୍ର ଯୁଦ୍ଧପରେ ଥରେ ପାଣ୍ଡବ ପାଞ୍ଚଭାଇ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପଚାରିଲେ... ପ୍ରଭୁ ଏ ଦ୍ୱାପର ଯୁଗ ପରେ ଯେଉଁ କଳିଯୁଗ ଆସିବ, ସେତେବେଳେ ସମାଜର, ବ୍ୟକ୍ତି ବିଶେଷଙ୍କର ସ୍ୱଭାବ କେମିତି ରହିବ ଅର୍ଥାତ୍ କଳିର ସମାଜ ଉପରେ କିପରି ପ୍ରଭାବ ରହିବ ? କୃଷ୍ଣ ପାଞ୍ଚ ଭାଇଙ୍କୁ କହିଲେ ତୁମେମାନେ କିଛି ସମୟ ପାଇଁ ବାହାରେ ବୁଲିକି ଆସ, ଯିଏ ଯାହା ଦେଖିବ, ମୋତେ ଆସି ସେହି ବାହାରର ସଠିକ ଦୃଶ୍ୟ କହିବ ତା'ପରେ ମୁଁ ତୁମର ପ୍ରଶ୍ନର ଉତ୍ତର ଦେବି। ପାଞ୍ଚ ଭାଇ କୃଷ୍ଣ ଠାକୁରଙ୍କ କଥା ମାନି ବାହାରକୁ ଯାଇ ଯାହା ସବୁ ଦେଖିଥିଲେ ସେ ଦୃଶ୍ୟ ଠାକୁରଙ୍କୁ କହିଲେ। ପ୍ରଥମେ ଯୁଧିଷ୍ଠୀର କହିଲେ ମୁଁ ଗୋଟିଏ ହାତୀ ଦେଖିଲି ତାର ଦୁଇଟି ଶୁଣ୍ଢ। ଭୀମ କହିଲେ ମୁଁ ଏମିତି ଏକ ଶାଗୁଣା ଦେଖିଲି ଯାହାର ଦୁଇ ଡେଣାରେ ବେଦ ଲେଖା ଯାଇଛି ହେଲେ ସେ ଶବକୁ ଆନନ୍ଦରେ ଖାଉଛି। ଅର୍ଜୁନ କହିଲେ ମୁଁ ଏକ ଗାଈ ଦେଖିଲି ଯିଏ ତାର ଛୁଆକୁ ଚାଟିଚାଟି ରକ୍ତାତ କରିଦେଉଛି। ନକୁଳ କହିଲେ ମୁଁ ଏପରି ଏକ ଦୃଶ୍ୟ ଦେଖିଲି, ସାତଟି କୂଅ ଅଛି ହେଲେ ସେଥିରୁ ଗୋଟିଏ କୂଅ ଶୁଖିଲା ପଡ଼ିଛି, ଏ ଛଅଟି କୂଅରୁ ପାଣି ସେ କୂଅ ଭିତରକୁ ଯାଉ ନାହିଁ। ଶେଷରେ ସହଦେବ କହିଲେ ମୁଁ ଦେଖିଲି ପାହାଡ ଉପରୁ ବିରାଟ ପଥର ଖଣ୍ଡଟିଏ ଖସିଲା, ବଡ ବଡ ଗଛ ବୃକ୍ଷ ସବୁ ଭାଙ୍ଗି ତଳକୁ ଖସୁ ଥାଏ ହଠାତ୍ ଗୋଟିଏ ଛୋଟିଆ ଦୁବ ଘାସ ତାକୁ ଅଟାକାଇ ଦେଲା।

ପ୍ରଭୁ କୃଷ୍ଣ ଏ ପାଞ୍ଚଟି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ, ଯୁଧିଷ୍ଠୀରଙ୍କ ଦୃଶ୍ୟ ଥିଲା ଗୋଟିଏ ହାତୀର ଦୁଇଟି ଶୁଣ୍ଢ। ଠାକୁର କହିଲେ ତାର ଅର୍ଥ ହେଉଛି, କଳି ଯୁଗରେ ପ୍ରତ୍ୟେକ ମଣିଷ ଯେଉଁ କଥା କହିବେ କିନ୍ତୁ କାର୍ଯ୍ୟରେ ତାର ଓଲଟା କଥା କରିବେ। ତେଣୁ ପ୍ରତ୍ୟେକ ଲୋକର ଦୁଇଟା ମୁହଁ ହେବ। ଭୀମ ଦେଖିଥିବା ଦୃଶ୍ୟ ଶାଗୁଣା ପରରେ ବେଦ ଲେଖା ହୋଇଥିଲା ସେ ଶବ ଉପରେ ବସି ପଚା ମାଂସ ଖାଉଥିଲା ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ଯେଉଁମାନେ ମୁଖରେ ବେଦ ପଢୁଥିବେ, ସେମାନେ ମାଂସ ମଧ ଖାଉଥିବେ। ଅର୍ଜୁନ ଦେଖିଥିଲେ ଗୋଟିଏ ଗାଈ ତା ବାଛୁରୀକୁ ଚାଟି ରକ୍ତାତ କରିଦେଉଛି। ତାର ଅର୍ଥ ଠାକୁର କହିଲେ କଳିଯୁଗରେ ପ୍ରତ୍ୟେକ ପିତାମାତା ତାଙ୍କର ସନ୍ତାନମାନଙ୍କୁ ଯେତିକି ଲାଳନ ପାଳନ କରିବା କଥା ତାର ଦଶଗୁଣ ଲାଳନ ପାଳନ କରି ପିଲାଙ୍କୁ ଅମଣିଷ କରିଦେବେ। ନକୁଳ ଦେଖିଥିଲେ ସାତଟି କୂଅରୁ ଛଅଟିରେ ଜଳ ପୂର୍ଣ୍ଣଥିଲା ବେଳେ, ଗୋଟିଏ ଶୁଖିଲା ପଡ଼ିଥିଲା। ତାର ଅର୍ଥ ସାତ ଭାଇ ମଧରୁ ଛଅଟି ଭାଇ କୋଠାବାଡି କରି ଭଲରେ ଥିଲେ ବି, ଗୋଟିଏ ଗରୀବ ଭାଇକୁ ଅନେଇବେ ନାହିଁ। ବରଂ ପରକୁ ଦେବେ ହେଲେ ଭାଇକୁ ଦେବେନାହିଁ। ଶେଷରେ ସହଦେବ ଦେଖିଥିଲେ ଗୋଟିଏ ପାହାଡରୁ ବିରାଟ ପଥର ଖଣ୍ଡ ଖସି ଗଛ ବୃକ୍ଷ ଭାଙ୍ଗି ଦେଉଥିଲା ବେଳେ ଗୋଟିଏ ଦୁବ ଘାସ ତାକୁ ଅଟାକାଇ ଦେଲା। ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ମହାପାପୀ ହୋଇ ଥିଲେ ବି, ବଡ ପାପ କରିଥିଲେ ବି ଥରୁଟିଏ ରାମ ନାମରେ ମଧ ସେ ପାପକୁ ଖଣ୍ଡନ କରି ପାରିବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ମୁଖରୁ ଏତକ କଥା ଶୁଣି ଧର୍ମରାଜ ଯୁଧିଷ୍ଠିର ବୁଝି ପାରିଥିଲେ ଯେ କଳି ଯୁଗର ସମୟ କେତେ ଭୟଙ୍କର ହେବ ଅର୍ଥାତ ଯାହା ଆଜିର ସମୟରେ ଦେଖିବାକୁ ମିଳୁଛି...।

**ଅରଙ୍ଗାବାଦ, ବରୀ, ଯାଜପୁର, ମୋବାଇଲ: ୯୯୩୮୯୦୬୦୭୦**

# ସବୁଜ ହତ୍ୟା ବିନାଶର କାରଣ

## ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ମଣିଷ ସମାଜର କଲ୍ୟାଣ ତଥା ପରିବେଶ ସୁରକ୍ଷା ପାଇଁ 'ଗଛ ଲଗାଅ, 'ଜଙ୍ଗଲ ବଢ଼ାଅ, ପିଲାଟିଏ ଗଛଟିଏ' ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଲୋଗାନ ଦେଉଥିବାବେଳେ ଜାତୀୟ ଗ୍ରୀନ ଟିବ୍ୟୁନାଲ(ଏନଜିଟି)କୁ କେନ୍ଦ୍ର ସରକାର ପ୍ରଦାନ କରିଥିବା ରିପୋର୍ଟରେ ଦେଶରେ ଜଙ୍ଗଲ ଜମିର ଦୟନୀୟ ଚିତ୍ରକୁ ପ୍ରଦର୍ଶିତ କରିଛି। ଏନଜିଟିକୁ ପ୍ରଦାନ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧୩, ୦୦୦ ବର୍ଗ କିଲୋମିଟରରୁ ଅଧିକ ଜଙ୍ଗଲ ଜମି ଏବେ ଜବରଦଖଲରେ ରହିଛି। ଯାହାକି ଦିଲ୍ଲୀ, ସିକିମ୍ ଓ ଗୋଆ ଆଦି ରାଜ୍ୟର ମୋଟ ପରୀସୀମା ବା ଆୟତନ ଠାରୁ ଅଧିକ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜଙ୍ଗଲ ଜମି ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଇଥିବାବେଳେ ଅବକ୍ଷୟ ମଧ ବଢ଼ିଚାଲିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, କେବଳ ମଧପ୍ରଦେଶରେ ୫୬୪୦.୯ ବର୍ଗ କିମି ଜଙ୍ଗଲ ଜମି ଜବରଦଖଲରେ ରହିଥିବାବେଳେ ଏହା ପଛକୁ ରହିଛି ଆସାମ। ସେହିପରି କର୍ଣ୍ଣାଟକ, ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ, ଉତରପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜମି ମଧ କମ୍ ନୁହେଁ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏବେ ବି ଜଙ୍ଗଲ ଜମି ଅବରୋଧ ନେଇ ରିପୋର୍ଟ ପ୍ରଦାନ କରିନଥିବା କୁହାଯାଏ। ଦୃତ ଶିଳ୍ପାୟନ, ସଡକ ପଥର ବିକାଶ, ନୂତନ ବସତି ପ୍ରତିଷ୍ଠା, ରେଳପଥ, ଜଙ୍ଗଲପୋଡି ଏବଂ ଆଖିବୁଜା ବୃକ୍ଷ କାଟ ଯୋଗୁଁ କେବଳ ଜଙ୍ଗଲ କ୍ଷୟ ହେଉନାହିଁ, ଜଙ୍ଗଲ ଜମିର ଅବକ୍ଷୟ ବଢ଼ିଚାଲିଛି।ତେଲେଙ୍ଗାନା ବର୍ତମାନ ସୁଦ୍ଧା ଜଙ୍ଗଲ ଜମି ଜବରଦଖଲର ରିପୋର୍ଟ ଦେଇନଥିବା ବେଳେ ନିକଟରେ ଜଙ୍ଗଲ ଜମିରେ ଏକ ବୃହତ ପ୍ରକଳ୍ପ, ନିର୍ମାଣ ପାଇଁ କ୍ଲିଆରାନ୍ସ ଦେଇଛି। କେବଳ ତେଲେଙ୍ଗାନା ନୁହେଁ, ଦେଶର ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଦ୍ରୁତ ଶିଳ୍ପାୟନ ତଥା ମେଗା ପ୍ରୋଜେକ୍ଟ, ରେଳପଥ, ସଡକ ପଥ ନିର୍ମାଣ ପ୍ରସ୍ତାବ ରହିଛି। ଯାହା ବିକାଶର ବାର୍ତା ବହ ପରିବେଶ ବା ଜଙ୍ଗଲ ଜମି କ୍ଷୟର ଦ୍ୱାହି ଦେଇ ଜଙ୍ଗଲ ଜମିରେ ନିର୍ମାଣକୁ ରୋକାଯିବା ସମ୍ଭବ ନୁହେଁ। ସେହିପରି ନୂଆ ବସତି ସ୍ଥାପନ ଏବେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ଭାବେ ଉଭା ହୋଇଛି। ନିଜର ଭୋଟବ୍ୟାଙ୍କ ପାଇଁ କୌଣସି ସରକାର ବା ରାଜନୈତିକ ଦଳ ଜଙ୍ଗଲ କ୍ଷୟ ରୋକିବାକୁ ଆଗ୍ରହୀ ନଥିବା କୁହାଯାଇପାରେ। ଏହା ନିସନ୍ଦେହ ଯେ, ଦେଶରେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ହେଉଛି, ଜଙ୍ଗଲ ପୋଡି ବା ଜଙ୍ଗଲ ଅଗ୍ନିକାଣ୍ଡ। ଜଙ୍ଗଲ ଜମି ଜବରଦଖଲ, ଜଙ୍ଗଲ ଜମିରେ ଚାଷ, କାଠ ସଂଗ୍ରହ ପାଇଁ ଜଙ୍ଗଲ ପୋଡି ଘଟୁଛି। ଚଳିତ ବର୍ଷ ଖରାଦିନ ଆରମ୍ଭରେ ଆମ ରାଜ୍ୟରେ ୭୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗି ଥିବାବେଳେ ଦୁଇବର୍ଷ ପୂର୍ବେ ଏସିଆ ମହାଦେଶର ସର୍ବବୃହତ ଅଭୟାରଣ୍ୟରେ ଅଗ୍ନିକାଣ୍ଡ କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶ ପାଇଁ ଉଦ୍‌ବେଗର କାରଣ ଥିଲା। ୨୦୦୧ରୁ ୨୦୨୨ ମଧରେ ନିଆଁଲାଗି ଓଡ଼ିଶାର ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହ ଜଙ୍ଗଲ ଜମିର ଅବକ୍ଷୟ ଘଟିଥିବା କୁହାଯାଇଛି। ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ୨୦୦୦ରୁ ୨୦୨୩ ମଧରେ ପ୍ରାୟ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି ଯାହାକି ସମଗ୍ର ବିଶ୍ୱରେ ନଷ୍ଟ ଜଙ୍ଗଲର ୬ପ୍ରତିଶତ। ଉପଗ୍ରହ ଓ ଅନ୍ୟ ଉତ୍ସ ସହାୟତାରେ ଜଙ୍ଗଲ ପରିବର୍ତନ ଉପରେ ନଜର ରଖିଥିବା ଗ୍ଲୋବାଲ ଫରେଷ୍ଟ ୱାଚ ସୂଚନା ଅନୁଯାୟୀ ୨୦୦୨ରୁ ୨୦୨୩ ମଧରେ ଭାରତରେ ୪, ୧୪, ୦୦୦ହଜାର ଆର୍ଦ୍ର ଜଙ୍ଗଲ (୪.୧ ପ୍ରତିଶତ) ନଷ୍ଟ ହୋଇଥିବାବେଳେ ଏହି ଅବଧି ମଧରେ ବିଶ୍ୱବ୍ୟାପୀ ନଷ୍ଟ ହୋଇଥିବା ଜଙ୍ଗଲର ଏହା ୧୮ପ୍ରତିଶତ। ଏହା ନିସନ୍ଦେହ ଯେ, ଏବେ ଯେଉଁ ହାରରେ ଦେଶରେ ଜଙ୍ଗଲ ଜମି ଜବରଦଖଲ ଓ ନଷ୍ଟ ହେଉଛି, ତାହା ବର୍ତ୍ତମାନଠାରୁ ରୋକାନଗଲେ, ଭବିଷ୍ୟତରେ କେବଳ ମାନବ ସମାଜ ନୁହେଁ ସମଗ୍ର ସୃଷ୍ଟି ପାଇଁ ବିନାଶର କାରଣ ହେବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨, ମୋବାଇଲ: ୭୯୭୮୬୬୬୪୦୩**

# ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ଦେଶ ରାଜନୀତିରେ ବୁଥ୍ କ୍ୟାପ୍ଚରିଂ ୧୯୫୭ ନିର୍ବାଚନରେ ବିହାରର ମୁଙ୍ଗେର ଜିଲ୍ଲା (ବର୍ତ୍ତମାନ ବେଗୁସରାଇ ଜିଲ୍ଲା)ର ମାଟିହାନୀ ବିଧାନସଭା ନିର୍ବାଚନରେ ହିଁ ଆରମ୍ଭ ହୋଇଥିଲା। ସେହି ସମୟରେ ଦୁର୍ବୃତ୍ତମାନେ ଜୋରଜବରଦସ୍ତ ବୁଥ୍ ଦଖଲ କରି ଲୋକଙ୍କ ଭୋଟ୍ ନିଜ ସପକ୍ଷରେ ପାଇଥିଲେ। ତେବେ ସେହି ଅନ୍ଧାର ଅଧ୍ୟାୟ ବିଷୟରେ ଆଜି ପର୍ଯ୍ୟନ୍ତ ଚର୍ଚ୍ଚା ଚାଲିଛି। କିନ୍ତୁ ପରବର୍ତ୍ତୀ ଦିନରେ ବୁଥ୍ କ୍ୟାପ୍ଚରିଂ ଘଟଣା ବଢ଼ିବାରେ ଲାଗିଥିଲା। ଏବେ ରାଜନୀତି ଯୋର ଯା ର ମୂଳକ ତାର ଭଳି। ଏହା ରାଜନୀତିରେ ଅପରାଧୀଙ୍କ ପ୍ରବେଶର ମୂଳ କାରଣ, ନଚେତ ସ୍ୱାଧୀନତା ପରବର୍ତ୍ତୀ ରାଜନୀତି ଏତେ ଖରାପ ନଥିଲା। ରାଜନୀତିରେ ଭଲ ଲୋକ ମାନେ ସକ୍ରିୟ ଥିଲେ ଯେଉଁମାନେ ସମାଜର ଭଲ ମନ୍ଦ ବିଷୟରେ ଚିନ୍ତା କରୁଥିଲେ। କୃଷକ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ କହିଥିଲେ ଯେ ଯଦି ଝିଅଟିଏ ଭୁଲ ଘରେ ବିବାହ କରେ, ତେବେ ପରିବାର ନଷ୍ଟ ହୋଇଯାଏ, କିନ୍ତୁ ଯଦି ଭୋଟ ଭୁଲ ବ୍ୟକ୍ତିଙ୍କ ପାଖକୁ ଯାଏ ତେବେ ସମାଜ ଖରାପ ହୋଇଯାଏ।

ଆଜିର ରାଜନୀତି ଓ ସମାଜ କେଉଁ ସ୍ଥିତିରେ ସମସ୍ତେ ଜାଣନ୍ତି। ଗତ ୪ ଦଶନ୍ଧି ଧରି ରାଜନୀତିର ଅପରାଧୀକରଣକୁ ନେଇ ସବୁ ଦଳର ନେତାମାନେ ହୋହଲ୍ଲା କରି ଆସୁଛନ୍ତି। ସଂସଦ ଓ ବିଭିନ୍ନ ରାଜ୍ୟ ବିଧାନସଭାରେ ମଧ ଏହି ପ୍ରସଙ୍ଗ ଉଠିଛି। କିନ୍ତୁ ସତ କଥା ହେଉଛି, ନେତାମାନେ ହିଁ ଚାହାଁନ୍ତି ନାହିଁ ଯେ ରାଜନୀତି ସ୍ୱଚ୍ଛ ହେଉ। ରାଜନୀତିକୁ ସମାଜସେବାର ମାନ୍ୟତା ଦିଆଯାଇଛି, କିନ୍ତୁ ସ୍ୱାଧୀନତା ପରଠାରୁ ଆମ ସମାଜସେବୀଙ୍କ ସମ୍ପତ୍ତି ରେ ଯଥେଷ୍ଟ ବୃଦ୍ଧି ଘଟିଛି।ଯଦି ପ୍ରମାଣ ଦରକାର। ତେବେ ସରକାର ଯେ କୌଣସି ଗୃହର ସଦସ୍ୟ ଥିବା ନେତାଙ୍କ ସମ୍ପତ୍ତିର ତଦନ୍ତ ପାଇଁ ଏକ ନ୍ୟାୟିକ କମିଶନ ଗଠନ କରିପାରିବେ। ସତ ମିଛ ଜଣା ପଡିବ। ବିଧାୟକ କିମ୍ବା ସାଂସଦ ହେବା ପରେ ନେତାଙ୍କ ସମ୍ପତ୍ତି ରକେଟ୍ ବେଗରେ ବଢ଼ିଥାଏ। ସମାଜ ସେବା ନାଁରେ ସେମାନଙ୍କୁ ଟିକସ ମଧ ଛାଡ଼। ଏହାବ୍ୟତୀତ ସାଂସଦ ଓ ବିଧାୟକମାନେ ଚାହିଁଲେ ମନଇଚ୍ଛା ଦରମା ବଢ଼ାଇ ଦିଅନ୍ତି। ଆଜି ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କୌଣସି ଗୃହରେ ପ୍ରତିବାଦ ହୋଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯଦି ଜଣେ ବ୍ୟକ୍ତି ଲୋକସଭା, ରାଜ୍ୟସଭା, ବିଧାନ ସଭା ଓ ବିଧାନ ପରିଷଦର ୪ଟି ଗୃହର ସଦସ୍ୟ ଅଛନ୍ତି, ତେବେ ସେ କୌଣସି ଗୃହର ସଦସ୍ୟ ନ ରହି ବି ୪ଟି ଗୃହର ପେନସନ ପାଇବାକୁ ହକ୍ଦାର। ଅନ୍ୟପଟେ ଘରୋଇ କ୍ଷେତ୍ରରେ କାମ କରି ଜୀବନ ବିତାଉଥିବା ଲୋକଟିଏ ବୃଦ୍ଧାବସ୍ଥାରେ ଟଙ୍କା ପାଇଁ ଭଉଡାର ଆଶ୍ରୟ ନିଏ। ଆଜି ବି ଲାଲୁ ପ୍ରସାଦ ଓ ଆନନ୍ଦ ମୋହନଙ୍କ ଭଳି ଅନେକ ନେତା ଦୋଷୀ ସାବ୍ୟସ୍ତ ପରେ ମଧ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କା ପେନସନ୍ ପାଉଛନ୍ତି। କହିରଖୁଛୁ ଯେ ଏହି ପ୍ରସଙ୍ଗରେ ରାଜନୈତିକ ଦଳମାନଙ୍କ ମଧରେ ବଡ଼ ଏକତା ରହିଛି। ଦୋଷୀ ସାବ୍ୟସ୍ତ ସାଂସଦ, ବିଧାୟକ ଏବଂ ଅନ୍ୟ ନେତାଙ୍କୁ ନିର୍ବାଚନ ଲଢ଼ିବା ଉପରେ ଆଜୀବନ ପ୍ରତିବନ୍ଧକ ଲଗାଇବା ପାଇଁ ନିକଟରେ ହୋଇଥିବା ଜନସ୍ୱାର୍ଥ ମାମଲାରେ କେନ୍ଦ୍ର ସରକାର ଦାଖଲ କରିଥିବା ସତ୍ୟପାଠ ଉଲ୍ଲେଖଯୋଗ୍ୟ। ଭାରତୀୟ ଜନତା ପାର୍ଟିର ସକ୍ରିୟ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଏହି ପିଟିସନ ଦାଖଲ କରିଥିଲେ।ଉତ୍ତର ଆସିଲା, ନ୍ୟାୟିକ ସମୀକ୍ଷା ଲାଗୁ କରିବା ଓ ଆଜୀବନ ନିଷେଧାଦେଶ ଲାଗୁ କରିବା ସୁପ୍ରିମ୍ କୋର୍ଟଙ୍କ କ୍ଷମତା ବାହାରେ। ଯୋଗ୍ୟତା ନିର୍ଦ୍ଧାରଣ କରିବା କେବଳ ସଂସଦର ଅଧୀନରେ ଆସିଥାଏ। ସରକାର କହିଛନ୍ତି ଯେ ଏହା ଆଇନ ଅଧିନରେ ସମୟ କିମ୍ବା ପରିମାଣ ଅନୁଯାୟୀ ଜରିମାନା ନିର୍ଦ୍ଧାରଣ କରାଯାଏ। ଜନପ୍ରତିନିଧି ଆଇନ ୧୯୫୧ର ଧାରା ୮(୧) ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ତାରିଖଠାରୁ ୬ ବର୍ଷ କିମ୍ବା ଜେଲଦଣ୍ଡ ପରେ ୬ ବର୍ଷ ଅଯୋଗ୍ୟ ଘୋଷଣା କରାଯାଇଛି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୧ ଅନୁଯାୟୀ, ନିର୍ବାଚନ କମିଶନଙ୍କ ପାଖରେ ଯେକୌଣସି କ୍ଷେତ୍ରରେ ଏହି ଅବଧିକୁ ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଭାବେ ହଟାଇବାର କ୍ଷମତା ରହିଛି। ଧାରା ୮ ରେ କୁହାଯାଇଛି ଯେ ଯଦି କୌଣସି ବିଧାୟକ କିମ୍ବା ସାଂସଦ ୨ ବର୍ଷ କିମ୍ବା ତା'ଠାରୁ ଅଧିକ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେ ଦଣ୍ଡ ଭୋଗିବା ପରେ ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ। ସେହିଭଳି ଧାରା ୯ ଅନୁଯାୟୀ ଚାକିରିରୁ ବହିଷ୍କୃତ ସରକାରୀ ଅଧିକାରୀ କିମ୍ବା ଦେଶ ପ୍ରତି ଦୁର୍ନୀତି, ଅବିଶ୍ୱାସ ପାଇଁ ୫ ବର୍ଷ ଅଯୋଗ୍ୟ ବିବେଚିତ ହେବେ। ଅଶ୍ୱିନୀ ଉପାଧ୍ୟାୟ ୨୦୧୬ରେ ଏହି ପିଟିସନ ଦାଖଲ କରିଥିଲେ, କିନ୍ତୁ ସରକାରଙ୍କ ନିର୍ଣ୍ଣାୟକ ମନୋଭାବ ଅଭାବ ଯୋଗୁଁ ମାମଲା ଏପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ।

ଦୋଷୀ ସାବ୍ୟସ୍ତ ନେତାଙ୍କୁ ନିର୍ବାଚନ ଲଢ଼ିବା ଉପରେ ଆଜୀବନ ପ୍ରତିବନ୍ଧକ ପାଇଁ ସରକାର କାହିଁକି ଏତେ ବ୍ୟଥିତ ?ସରକାର ଚାହୁଁନାହାଁନ୍ତି କି ଅପରାଧୀଙ୍କୁ ରାଜନୀତିରୁ ନିପାତ କରାଯାଉ। ସରକାରରେ ଥିବା ଲୋକମାନେ ଦୋଷୀ ସାବ୍ୟସ୍ତ ନେତାଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ଅଛନ୍ତି କି? ନେତାମାନେ ଭୁଲିଯିବା ଉଚିତ ନୁହେଁ ଯେ ଦେଶର ଜନତା ଏସବୁ ଦେଖୁଛନ୍ତି। ଇତିହାସ ସାକ୍ଷୀ, ଲୋକମାନେ ଯେତିକି ବେଗରେ କାହାକୁ ମୁଣ୍ଡରେ ରଖନ୍ତି, ଯେତେବେଳେ ତାଙ୍କୁ କୌଣସି ଯଥାର୍ଥ କାରଣ ମିଳେ, ସେମାନେ ମଧ ଦୁଇଗୁଣ ବେଗରେ ତାଙ୍କୁ କ୍ଷମତାରୁ ହଟାଇ ଦିଅନ୍ତି।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**



### ଆଙ୍ଗୋଲାନ ରାଷ୍ଟ୍ରପତିଙ୍କ ସହ ମିଳିତ ବିବୃତି

# ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦୋହାରାଇଲେ ମୋଦି

**ନୂଆଦିଲ୍ଲୀ, ୩।୫:** ପହଲଗାମ୍ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ପରେ ପାକିସ୍ତାନ ସହ ଉତ୍ତେଜନା ବଢ଼ୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେଶର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ, ମାନବସମାଜ ପ୍ରତି ଆତଙ୍କବାଦ ବଡ ବିପଦ। ନୂଆଦିଲ୍ଲୀରେ ୪ ଦିନିଆ ଭାରତ ଗସ୍ତରେ ଆସିଥିବା ଆଙ୍ଗୋଲା ରାଷ୍ଟ୍ରପତି ଜୋଆଓ ଲୁରେନକୋଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପୀଡିତଙ୍କ ପ୍ରତି ଅନୁକମ୍ପା ଓ ଆତଙ୍କବାଦ ବିରୋଧରେ ଭାରତର ଲଢେଇକୁ ସମର୍ଥନ ଦେଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱ ଆତଙ୍କବାଦ ବିରୋଧରେ ଲଢ଼େଇରେ ଉଭୟ ଦେଶ ଏକାଠି ଠିଆ ହୋଇଛନ୍ତି। ଆତଙ୍କବାଦ ମାନବିକତା ପାଇଁ ସବୁଠାରୁ ବଡ଼ ବିପଦ ବୋଲି ଆମେ ଏକମତ। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ଲୋକଙ୍କ ପ୍ରତି ସମବେଦନା ଜଣାଇଥିବାରୁ ମୁଁ ରାଷ୍ଟ୍ରପତି ଲୁରେନୋ ଏବଂ ଆଙ୍ଗୋଲାଙ୍କୁ କୃତଜ୍ଞତା ଜଣାଉଛି । ଆମେ ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ । ସୀମାପାର ଆତଙ୍କବାଦ ବିରୋଧରେ ଲଢ଼େଇରେ ସହଯୋଗ କରିଥିବାରୁ ଆମେ ଆଙ୍ଗୋଲାଙ୍କୁ ଧନ୍ୟବାଦ ଜଣାଉଛୁ। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପହଲଗାମର ବୈସରନ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ଆକ୍ରମଣକାରୀମାନଙ୍କୁ କଳ୍ପନା ବାହାରେ ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ୨୦୧୬ ଉରି ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣ ସହ ସାମଞ୍ଜସ୍ୟ ରଖିଥିବା ପହଲଗାମ ଆକ୍ରମଣର ଷଡ଼ଯନ୍ତ୍ର କରିଥିବା ପାକିସ୍ତାନ ଏବେ ବ୍ୟାକଫୁଟରେ ପଡ଼ିଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ୍ ଏବଂ ପୂର୍ବତନ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋଙ୍କ ସ୍ୱୀକାରକୁ ଉଦାହରଣ ଦେଇ ଭାରତ ଜାତିସଂଘ ନିରାପତ୍ତା ପରିଷଦ ସମେତ ଏକାଧିକ ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନକୁ ଘେରିଛି। ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଛି, ଭାରତରେ ପାକିସ୍ତାନୀ ନାଗରିକମାନଙ୍କୁ ନିଷିଦ୍ଧ କରିଛି, ପାକିସ୍ତାନୀ ବିମାନ ପାଇଁ ନିଜର ଆକାଶପଥ ବନ୍ଦ କରିଦେଇଛି ଏବଂ ସେମାନଙ୍କ ସହ



ବାଣିଜ୍ୟ ବନ୍ଦ କରିଦେଇଛି, ସାମରିକ ପ୍ରତିଶୋଧ ନେବାର ସମ୍ଭାବନା ରହିଛି ।

ଉଭୟ ଦେଶ ନିଜର କୂଟନୈତିକ ସମ୍ପର୍କର ୪୦ତମ ବାର୍ଷିକୀ ପାଳନ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ଆଙ୍ଗୋଲାରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ସେ ଆଙ୍ଗୋଲାସେନାର ଆଧୁନିକୀକରଣ ପାଇଁ ୨୦୦ ବିଲିୟନ ଡଲାରର ପ୍ରତିରକ୍ଷା କ୍ରେଡିଟ୍ ଲାଇନ୍ ଘୋଷଣା କରିଛନ୍ତି। ପ୍ରତିରକ୍ଷା ପ୍ଲାଟଫର୍ମର ମରାମତି ଓ ପୁନରୁଦ୍ଧାର ଏବଂ ଯୋଗାଣ ଉପରେ ମଧ୍ୟ ଆଲୋଚନା ହୋଇଛି। ଆଙ୍ଗୋଲାର ସଶସ୍ତ୍ର ବାହିନୀକୁ ପ୍ରଶିକ୍ଷଣ ଦେବାରେ ସହଯୋଗ କଲେ ଆମେ ଆନନ୍ଦିତ ହେବୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ ଦଶନ୍ଧି ମଧ୍ୟରେ ଭାରତ-ଆଫ୍ରିକା ସମ୍ପର୍କ ଅନେକ କୂଟନୈତିକ ପଦକ୍ଷେପ ଯୋଗୁଁ ସୁଦୃଢ଼ ହୋଇଛି। ସେଥିମଧ୍ୟରୁ ଆଫ୍ରିକୀୟ ରାଷ୍ଟ୍ରମାନଙ୍କ ସହ ୧୦୦ ବିଲିୟନ ଡଲାରର ବାଣିଜ୍ୟ, ଗତ ମାସରେ ହୋଇଥିବା ନୌସେନା ସାମୁଦ୍ରିକ ଅଭ୍ୟାସ 'ଅକ୍ୟାମ', ଆଫ୍ରିକାରେ ଖୋଲାଯାଇଥିବା ୧୭ଟି ଭାରତୀୟ ଦୂତାବାସ ଏବଂ ଆଫ୍ରିକୀୟ ଦେଶଗୁଡ଼ିକୁ ଆବଣ୍ଟିତ ୧୨ ବିଲିୟନ ଡଲାରରୁ ଅଧିକ ମୂଲ୍ୟର କ୍ରେଡିଟ୍ ଲାଇନ୍ ଆଦି ରହିଛି।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଅଭିଯୋଗ



**ଭୋପାଳ,୩।୫:** ମଧ୍ୟପ୍ରଦେଶର ମାଣ୍ଡଲାରେ ସପ୍ତମ ଶ୍ରେଣୀରେ ପଢ଼ୁଥିବା ଜଣେ ଛାତ୍ରୀଙ୍କୁ ୩ ଦିନ ଗୋଟିଏ ଘରେ ବନ୍ଦ ରଖି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଘର ଜବଲପୁର ହୋଇଥିବାବେଳେ ୬ ମାସ ପୂର୍ବରୁ ମାଣ୍ଡଲା ଅଞ୍ଚଳର ରାଜନ ନାମକ ଜଣେ ଅଭିଯୁକ୍ତଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ଉଭୟ ପରସ୍ପର ମଧ୍ୟରେ ଚାଟିଂ କରୁଥିଲେ। କାହ୍ନା ଟାଇଗର ରିଜର୍ଭକୁ ବୁଲାଇନେବା ନାଁରେ ରାଜନ ଛାତ୍ରୀଙ୍କୁ ମାଣ୍ଡଲା ଡାକିଥିଲା। ଗତ ୨୬ ତାରିଖରେ ଛାତ୍ରୀ ଜଣକ ପହଞ୍ଚିବା ପରେ ରାଜନ ତାଙ୍କୁ ତା'ର ଜଣେ ସାଙ୍ଗ ଘରକୁ ନେଇ ସେଠାରେ ସେମାନେ ୩ ଦିନ ପର୍ଯ୍ୟନ୍ତ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ବୁଧବାର ଅପରାହ୍ନରେ ପୀଡ଼ିତାଙ୍କୁ ୨ ଜଣ ଆଣି ମାଣ୍ଡଲା ବସ୍‌ଷ୍ଟାଣ୍ଡରେ ଛାଡ଼ିବା ସହ ଗଣବଳାତ୍କାର ସମ୍ପର୍କରେ କାହାକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

## ନାବାଳକ ସହ ୩ ପାକିସ୍ତାନୀ ନାଗରିକ ଅଟକ

● ୨୫ ବର୍ଷ ଧରି ଭାରତରେ ବେଆଇନ ଭାବରେ ରହୁଥିଲେ



**ନୂଆଦିଲ୍ଲୀ, ୩।୫:** ଗୁଜୁରାଟର ରାଜକୋଟରେ ଜଣେ ୫୦ ବର୍ଷୀୟ ପାକିସ୍ତାନୀ ମହିଳା, ତାଙ୍କ ପୁଅ ଏବଂ ଦୁଇ ବର୍ଷର ନାତିଙ୍କୁ ବେଆଇନ୍ ଭାବରେ ରହିବା ପାଇଁ କଷ୍ଟଡିରେ ନିଆଯାଇଛି। ରାଜକୋଟ ପୋଲିସ ଶନିବାର ଏହି ସୂଚନା ଦେଇଛି। ଏହି ମାମଲାରେ ଅଧିକାରୀମାନେ କହିଛନ୍ତି ଯେ ମହିଳା ଏବଂ ତାଙ୍କ ପୁଅ ୨୫ ବର୍ଷରୁ ଅଧିକ ସମୟ ଧରି ଭାରତରେ ରହୁଛନ୍ତି, ତେବେ ତାଙ୍କ ନାବାଳକ ଶିଶୁ ପୁତ୍ରର ମା' ଜଣେ ଭାରତୀୟ। ଉଲ୍ଲେଖନୀୟ ଯେ, ରାଜକୋଟ ଗ୍ରାମୀଣ ସ୍ଥାନୀୟ ଅପରାଧ ଶାଖା ନିକଟରେ ସୂଚନା ପାଇଥିଲା ଯେ କିଛି ପାକିସ୍ତାନୀ ନାଗରିକ ଲୋଧିକା ତାଲୁକାରେ ଅବୈଧ ଭାବରେ ରହୁଛନ୍ତି' ଏହା ପରେ ଆରମ୍ଭ ହୋଇଥିଲା ତଦନ୍ତ । ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, କର୍ତ୍ତୃପକ୍ଷ ଭାରତରେ ଅବୈଧ ଭାବରେ ରହୁଥିବା ପାକିସ୍ତାନୀ ନାଗରିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି।କ୍ରାଇମବ୍ରାଞ୍ଚ କହିଛି ଯେ ପାକିସ୍ତାନର କରାଚୀରେ ରହୁଥିବା ରିଜୱାନାବେନ୍ ତାତାରିଆ ଜୁଲାଇ ୧୯୯୯ ଠାରୁ ରାଜକୋଟ ଜିଲ୍ଲାର ଲୋଧିକାରେ ରହୁଥିଲେ। ରାଜକୋଟ ଜିଲ୍ଲାର ବାସିନ୍ଦା ତାଙ୍କ ସ୍ୱାମୀ ମୁନାଫ୍ ତାତାରିଆ ୧୯୯୨ ରେ କାମ କରିବା ଭିସାରେ କରାଚୀ ଆସିଥିବା ସମୟରେ ତାଙ୍କ ସହିତ ସାକ୍ଷାତ ହୋଇଥିଲା। ଏହାପରେ ଦୁହେଁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ଏକ ପୁଅ ରହିଛି, ତାଙ୍କ ନାମ ଜୀଶାନ। ମହିଳାଙ୍କ ସ୍ୱାମୀ ୧୯୯୪ ରେ ଭାରତ ଫେରି ଆସିଥିଲେ, ତାଙ୍କ ସହ ରିଜୱାନାବେନ୍ ଏବଂ ଜୀଶାନ୍ ୧୯୯୯ ଜୁଲାଇ ୩୦ ତାରିଖରେ ମିଳିତ ପାକିସ୍ତାନୀ ପାସପୋର୍ଟରେ ଦେଶକୁ ଆସିଥିଲେ ଏବଂ ଆଉ କେବେ ପାକିସ୍ତାନ ଫେରି ନଥିଲେ।

## ଭୁଶୁଡ଼ିଲା ମେଡ଼ିକାଲ କଲେଜ କୋଠା, ୪ ରୋଗୀ ପୋତି ହୋଇଗଲେ

**ଝାଡ଼ଖଣ୍ଡ,୩।୫:** ଝାଡ଼ଖଣ୍ଡର ଜାମସେଦପୁର ଜିଲ୍ଲାରୁ ଏକ ବଡ଼ ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି । ଏଠାରେ ଏକ ହସ୍ପିଟାଲ କୋଠାର ଏକ ଅଂଶ ଭୁଶୁଡ଼ି ପଡ଼ିଛି । ଫଳରେ ଜଣେ ମହିଳାଙ୍କ ସମେତ ୪ ଜଣ ରୋଗୀ ତଳେ ଚାପି ହୋଇଯାଇଛନ୍ତି । ସୂଚନା ଅନୁସାରେ ଏହି ଦୁର୍ଘଟଣା ଜାମସେଦପୁରର ମହାତ୍ମା ଗାନ୍ଧୀ ମେମୋରିଆଲ (ଏମଜିଏମ) ମେଡିକାଲ କଲେଜ ହସ୍ପିଟାଲରେ ଘଟିଛି। କୁହାଯାଉଛି ଯେ ଶନିବାର ସାକଚି ଥାନା ଅଞ୍ଚଳରେ ଥିବା ଏମଜିଏମ ହସ୍ପିଟାଲର ଏକ ବାଲକୋନି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ଚାରି ଜଣ ରୋଗୀ କାନ୍ଥ ତଳେ ପୋତି ହୋଇଗଲେ। ଏହି ଘଟଣା ଯୋଗୁଁ ସମଗ୍ର ହସ୍ପିଟାଲରେ ଏକ ଭୟାବହ ପରିବେଶ ସୃଷ୍ଟି ହୋଇଥିଲା। ହସ୍ପିଟାଲ ପରିଚାଳନା ଏବଂ ସ୍ଥାନୀୟ ପ୍ରଶାସନ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି ।

### ମଣିପୁର ହିଂସାର ଦ୍ୱିତୀୟ ବାର୍ଷିକୀ ପୂର୍ତ୍ତି

## ବନ୍ଦ ପାଳନ, ଜନଜୀବନ ପ୍ରଭାବିତ

**ଇମ୍ଫାଲ/ଚୁରାଚାନ୍ଦପୁର, ୩।୫:** ମଣିପୁରରେ ଜାତିଗତ ସଂଘର୍ଷର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଶନିବାର ବିଭିନ୍ନ ଗୋଷ୍ଠୀ ପକ୍ଷରୁ ଡାକରା ଦିଆଯାଇଥିବା ବନ୍ଦ ଯୋଗୁଁ ଉଭୟ ମାଇତେଇ ନିୟନ୍ତ୍ରିତ ଇମ୍ଫାଲ ଉପତ୍ୟକା ଏବଂ କୁକି ଅଧ୍ୟୁଷିତ ପାହାଡ଼ିଆ ଜିଲ୍ଲାରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ମଣିପୁର ଇଣ୍ଟିଗ୍ରିଟି ଉପରେ ମେଇତେଇ ଗୋଷ୍ଠୀ ସମନ୍ୱୟ ସମିତି (କୋକୋମି) ଉପତ୍ୟକା ଜିଲ୍ଲାଗୁଡ଼ିକରେ ବନ୍ଦ ଡାକରା ଦେଇଥିବା ବେଳେ ଜୋମି ଷ୍ଟୁଡେଣ୍ଟସ୍ ଫେଡେରେସନ୍ (ଜେଡ୍‌ଏସ୍‌ଏଫ୍) ଏବଂ କୁକି ଷ୍ଟୁଡେଣ୍ଟ୍ ଅର୍ଗାନାଇଜେସନ୍ (କେଏସ୍‌ଓ) ପାହାଡ଼ିଆ ଜିଲ୍ଲାଗୁଡ଼ିକରେ ସଟଡାଉନ ଘୋଷଣା କରିଛନ୍ତି। ୨୦୨୩ ମସିହା ଆଜିର ଦିନରେ ମେତେଇ ଓ କୁକିମାନଙ୍କ ମଧ୍ୟରେ ଜାତିଗତ ସଂଘର୍ଷ ହୋଇଥିଲା, ଯେଉଁଥିରେ ୨୬୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ, ୧୫୦୦ ଆହତ ହୋଇଥିଲେ ଏବଂ ୭୦,୦୦୦ରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ। ଏହାର ପୂର୍ତ୍ତି ଅବସରରେ ଆଜି ସାରା ରାଜ୍ୟରେ ଦୋକାନବଜାର ବନ୍ଦ ରହିଥିଲା, ସ୍କୁଲକଲେଜ, ଅନ୍ୟାନ୍ୟ ଅନୁଷ୍ଠାନ, ସରକାରୀ ଯାନବାହନ ଚଳାଚଳ ଏବଂ ଘରୋଇ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସକାଳେ




ରାସ୍ତାରେ କିଛି ଘରୋଇ ଗାଡ଼ି ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। କୌଣସି ଅବାଞ୍ଛିତ କାର୍ଯ୍ୟକଳାପକୁ ରୋକିବା ପାଇଁ ପ୍ରମୁଖ ସ୍ଥାନରେ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ଇମ୍ଫାଲର ଖୁମନ ଲାମ୍ପାକ ଷ୍ଟାଡିୟମରେ କୋକୋମି ପକ୍ଷରୁ 'ମଣିପୁର ପିପୁଲ୍ସ କନଭେନ୍ସନ୍' ଅନୁଷ୍ଠିତ ହୋଇଛି। ଏହି ସାଧାରଣ ସଭାରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ହିଂସାକାଣ୍ଡରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଇମ୍ଫାଲରେ ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଚୁରାଚାନ୍ଦପୁର ଓ କାଙ୍ଗପୋକପି ଜିଲ୍ଲାର ପାହାଡ଼ିଆ ଜିଲ୍ଲାର କୁକି ସମ୍ପ୍ରଦାୟ ଅଲଗା ଅଞ୍ଚଳ ଦାବି କରି 'ଅଲଗା ଦିବସ' ପାଳନ କରୁଛନ୍ତି। ଜାତିଗତ ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ସ୍ମୃତିରେ ଚୁରାଚାନ୍ଦପୁର ସହରରେ ନିର୍ମିତ 'ପ୍ରାଚୀର ଅଫ୍ ରିମେମ୍ବରେନ୍ସ'ରେ ପୂର୍ବାହ୍ନ ୧୧ଟାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୨ଟାରୁ ସେହକେନ୍ ସମାଧି ସ୍ଥଳରେ ଅନ୍ୟ ଏକ କାର୍ଯ୍ୟକ୍ରମ ହୋଇଥିଲା, ଯେଉଁଠାରେ ହିଂସାକାଣ୍ଡରେ ପ୍ରାଣ ହରାଇଥିବା କିଛି କୁକି ଲୋକଙ୍କୁ ପୋତି ଦିଆଯାଇଛି।

### ଶ୍ରୀଲଙ୍କା ଜଳଦସ୍ୟୁଙ୍କ ଆକ୍ରମଣ

## ତାମିଲନାଡୁର ୧୭ ମତ୍ସ୍ୟଜୀବୀ ଆହତ

**ନୂଆଦିଲ୍ଲୀ, ୩।୫:** ତାମିଲନାଡୁର ନାଗାପଟ୍ଟିନମ୍ ଜିଲ୍ଲାର ୩୦ରୁ ଅଧିକ ମତ୍ସ୍ୟଜୀବୀଙ୍କ ଉପରେ ଶୁକ୍ରବାର ଶ୍ରୀଲଙ୍କା ଜଳଦସ୍ୟୁମାନେ କୋରୋମଣ୍ଡେଲ ଉପକୂଳରେ ମାଛ ଧରୁଥିବା ବେଳେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ୧୭ ଜଣ ଆକ୍ରମଣରେ ଆହତ ହୋଇଛନ୍ତି। ଫାଇବର ଡଙ୍ଗାରେ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ କହିଛନ୍ତି ଯେ ସେମାନେ କୋଡିଆକ୍କାରାଇର ଦକ୍ଷିଣ-ପୂର୍ବରେ ଥିବା ବେଳେ ଏକ ସ୍ପିଡ୍ ବୋଟରେ ଥିବା ୬ ଜଣ ଲୋକ ସେମାନଙ୍କ ପାଖକୁ ଆସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଆରମ୍ଭ କରିଥିଲେ। ଆକ୍ରମଣକାରୀମାନେ ଜିପିଏସ୍ ଉପକରଣ ଏବଂ ମାଛଧରା ଜାଲ ଲୁଟ୍ କରିବା ପରେ ଆଖପାଖରେ ଥିବା ଅନ୍ୟ ଡଙ୍ଗାକୁ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି। ଚୋରି ସାମଗ୍ରୀର ମୂଲ୍ୟ ପାଖାପାଖି ୧୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

୧୭ ଜଣ ଆହତ ମତ୍ସ୍ୟଜୀବୀଙ୍କୁ କୂଳକୁ ଫେରିବା ପରେ ଜିଲ୍ଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମତ୍ସ୍ୟଜୀବୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରି କହିଛନ୍ତି ଯେ ଏହି ଆକ୍ରମଣ ଭାରତୀୟ ଜଳସୀମା ମଧ୍ୟରେ ହୋଇଛି। ଶ୍ରୀଲଙ୍କା ଜଳଦସ୍ୟୁମାନେ ଆମ ଉପରେ ଆକ୍ରମଣ କରିଥିଲେ ଏବଂ ଅନେକ ମତ୍ସ୍ୟଜୀବୀ ଏବେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଥିରେ ହସ୍ତକ୍ଷେପ କରିବାକୁ ଆମେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛୁ। ଆମେ ବର୍ତ୍ତମାନ ଧର୍ମଘଟରେ ଅଛୁ ଏବଂ ଯଦି ଏଭଳି ଆକ୍ରମଣ ଜାରି ରହେ, ତେବେ ଆମେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିବୁ ବୋଲି ସେରୁଧୁରର ଜଣେ ମତ୍ସ୍ୟଜୀବୀ ଗଜେନ୍ଦ୍ରନ୍ କହିଛନ୍ତି। ଗତ ବର୍ଷ ଡିସେମ୍ବରମାସରେ ଏଭଳି ଏକ ଘଟଣାରେ ଶ୍ରୀଲଙ୍କାର ଜଳଦସ୍ୟୁଙ୍କ ଆକ୍ରମଣ ଓ ଲୁଟ୍ ଘଟଣାରେ ତାମିଲନାଡୁର ୩ ଜଣ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଥିଲେ।

## ବେନାମି ଗାଡିରୁ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ କଲା ପୋଲିସ; ୨ ଗିରଫ



**ନୂଆଦିଲ୍ଲୀ,୩।୫:** କେରଳର କୋଡୁଭ୍ୟାଲି ଅଞ୍ଚଳରେ ଯାଞ୍ଚ ସମୟରେ ଏକ ବେନାମି ଗାଡିରୁ ପୋଲିସ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଛି। ଗାଡିରେ ଥିବା ଏକ ଗୁପ୍ତ କମ୍ପାଟମେଣ୍ଟରେ ଏହି ଟଙ୍କା ରହିଥିବା ନେଇ ପୋଲିସ ସୁଚନା ପ୍ରଦାନ କରିଛି। ତେବେ ଉକ୍ତ ଗାଡିରେ କର୍ଣ୍ଣାଟକର ଦୁଇଜଣ ଯୁବକ ଯାତ୍ରା କରୁଥିଲେ। ପୋଲିସ ଉକ୍ତ ଦୁଇଜଣଙ୍କୁ ଅଟକ ରଖିବା ସହ ଏନେଇ ପଚରା ଉଚରା ଜାରି ରଖିଛି। ସୁଚନା ମୁତାବକ, ଶନିବାର ସକାଳ ୧୦ଟା ସମୟରେ କୋଡୁଭ୍ୟାଲି ପୋଲିସ ରାସ୍ତାରେ ରୁଟିନ ଯାଞ୍ଚ କରୁଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ଗାଡି ଉପରେ ପୋଲିସର ସନ୍ଦେହ ହେବାରୁ ପୋଲିସ ଗାଡିକୁ ଅଟକାଇ ଥିଲା। ଉକ୍ତ ଗାଡିରେ ଚୋରାରେ ନିଶା କାରବାର ହେଉଥିବା ନେଇ ପୋଲିସ ସନ୍ଦେହ ପ୍ରକଟ କରିଥିଲା। କିନ୍ତୁ ଯାଞ୍ଚ ସମୟରେ ଗାଡିରୁ ବିପୁଳ ପରିମାଣରେ ଟଙ୍କା ଜବତ ହୋଇଥିଲା। ଏତେ ପରିମାଣର ଟଙ୍କା ଦେଖି ପ୍ରଥମେ ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ପରେ ଗାଡିରେ ଯାତ୍ରା କରୁଥିବା ରାଘବେନ୍ଦ୍ର ଓ ନିଜିନ ଏହମ୍ମଦଙ୍କୁ ପୋଲିସ ଏନେଇ ପ୍ରଶ୍ନ କରିବା ପରେ ସେମାନେ ପୋଲିସକୁ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

### ଭାରତରେ ଅନୁପ୍ରବେଶ ଉଦ୍ୟମ

## ପାକିସ୍ତାନୀ ରେଞ୍ଜରଙ୍କୁ ଗିରଫ କଲା ବିଏସଏଫ୍

**ଜୟପୁର,୩।୫:** ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା। ସୀମା ସୁରକ୍ଷା ବଳ (ବିଏସଏଫ) ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାରେ ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ଗିରଫ କରିଛି । ପାକ୍ ରେଞ୍ଜର ସୀମା ପାର କରି ଭାରତୀୟ ଅଞ୍ଚଳରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ସୀମାରେ କର୍ତ୍ତବ୍ୟରତ ସୈନିକମାନେ ତାଙ୍କୁ ଗିରଫ କରିଛନ୍ତି । ପାକିସ୍ତାନୀ ରେଞ୍ଜର କାହିଁକି ଭାରତୀୟ ସୀମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ସମୟରେ, ପାକିସ୍ତାନ କବଜାରେ ଥିବା ବିଏସଏଫ ଯବାନ ପୂର୍ଣ୍ଣମ କୁମାର ଶଙ୍କ ସମ୍ପର୍କରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭାରତୀୟ ସୈନିକଙ୍କୁ ଖୁବ୍ ଶୀଘ୍ର ଫେରାଇ ଅଣାଯିବ। ବିଏସଏଫ ଅଧିକାରୀମାନେ ପୂର୍ଣ୍ଣମଙ୍କ ପତ୍ନୀ ରଜନୀଙ୍କୁ ଏହି ପ୍ରତିଶ୍ରୁତି ଦେଇଛନ୍ତି । କିଛି ଦିନ ପୂର୍ବରୁ, ରଜନୀ ତାଙ୍କ ପରିବାର ସହିତ ପଶ୍ଚିମବଙ୍ଗର ରିଶରାରୁ ପଞ୍ଜାବର ପଠାନକୋଟରେ ପହଞ୍ଚିଥିଲେ । ସେ ଫିରୋଜପୁରରେ ବିଏସଏଫ କମାଣ୍ଡିଂ ଅଫିସରଙ୍କୁ ଭେଟିଥିଲେ, ଏହି ସମୟରେ ଅଧିକାରୀ ଶ'ଙ୍କୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲେ ।

## ହାତରୁ ଗଲା ମାଙ୍ଗୋଚର ସହର

● ସରକାରୀ କୋଠା କବ୍‌ଜା କଲେ ବାଲୁଚ୍ ବିଦ୍ରୋହୀ



**ଇସଲାମାବାଦ,୩।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ପାକିସ୍ତାନର ବେଲୁଚିସ୍ତାନରେ ଏକ ବଡ଼ ଘଟଣା ଘଟିଛି। ଦେଶର କଲାଟ ଜିଲାର ମାଙ୍ଗୋଚର ସହରରେ ଥିବା ଅନେକ କୋଠାକୁ ବାଲୁଚ ବିଦ୍ରୋହୀମାନେ କବଜା କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ଏବଂ ରିପୋର୍ଟ ଅନୁଯାୟୀ, ବିଦ୍ରୋହୀମାନେ ସହରର ସରକାରୀ କୋଠା ଏବଂ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ନେଇସାରିଛନ୍ତି। କେବଳ ଏତିକି ନୁହେଁ ପାକିସ୍ତାନୀ ସେନା ଏବଂ ବାଲୁଚ ବିଦ୍ରୋହୀଙ୍କ ମଧ୍ୟରେ ପ୍ରବଳ ଗୁଳିବିନିମୟ ହୋଇଥିଲା। ଏଥିରେ ବିଦ୍ରୋହୀମାନେ ଏକ ସେନା ଶିବିର ଉପରେ ଆକ୍ରମଣ କରି ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିଲେ। ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ପାକିସ୍ତାନ ଭାରତଠାରୁ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଶଙ୍କା କରି ତାର ପଶ୍ଚିମ ସୀମାରେ ସାମରିକ ମୁତୟନ ବୃଦ୍ଧି କରିଛି। ୨୨ ଏପ୍ରିଲରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ନୂଆଦିଲ୍ଲୀ ଏବଂ ଇସଲାମାବାଦ ମଧ୍ୟରେ କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି। ଗତ କିଛି ମାସ ଧରି ବାଲୁଚ ଲିବରେସନ ଆର୍ମି (ବିଏଲ୍‌ଏ) ଏବଂ ଅନ୍ୟାନ୍ୟ ବିଦ୍ରୋହୀ ଗୋଷ୍ଠୀ ପାକିସ୍ତାନର ସୁରକ୍ଷା ବାହିନୀ ଉପରେ ଲଗାତାର ଆକ୍ରମଣ କରୁଛନ୍ତି।

## ଗୋଆ ଦେବୀ ମନ୍ଦିରରେ ଦଳାଚକଟା, ୭ ମୃତ

### ରାଷ୍ଟ୍ରପତିଙ୍କ ଦୁଃଖ ପ୍ରକାଶ

**ପାନାଜୀ, ୩।୫:** ଉତ୍ତର ଗୋଆର ଏକ ଦେବୀ ମନ୍ଦିର ମହୋତ୍ସବ ସମୟରେ ଦଳାଚକଟା ଘଟି ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୫ ଜଣ ଆହତ ହୋଇଛନ୍ତି। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବାନୁଯାୟୀ, ଆଜି ଭୋର ସମୟରେ ଶିର୍ଗାଓ ଗ୍ରାମର ଶ୍ରୀ ଲାଇରାଇ ଦେବୀ ମନ୍ଦିରରେ ଏହି ଘଟଣା ଘଟିଛି। ଏହି ପର୍ବ ପାଇଁ ଗୋଆ, ମହାରାଷ୍ଟ୍ର ଓ କର୍ଣ୍ଣାଟକରୁ ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରରେ ଏକାଠି ହୋଇଥିବା ବେଳେ



ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଏହି ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶ୍ରଦ୍ଧାଳୁ ଆହତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ର ଅଧିକାରୀମାନେ ସୂଚନା ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ବିଶ୍ୱଜିତ ରାଣେ କହିଛନ୍ତି ଯେ ଅତି କମରେ ୩୦ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ୨ ଜଣଙ୍କୁ ବାମ୍ବୋଲିମସ୍ଥିତ ଗୋଆ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ ଆସିଲୋ ହସ୍ପିଟାଲ (ମାପୁସା), ବିଚୋଲିମ ଓ ସାନଖାଲିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଏବଂ ଗୋଆ ମେଡିକାଲ କଲେଜ (ଜିଏମସି) ସମେତ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୫ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ମଧ୍ୟ ଉତ୍ତର ଗୋଆ ଜିଲ୍ଲା ଡାକ୍ତରଖାନାରେ ଆହତମାନଙ୍କୁ ଭେଟିଛନ୍ତି। ସେ ଗଭୀର ଦୁଃଖ ପ୍ରକାଶ କରିବା ସହ ପ୍ରଭାବିତ ପରିବାରକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ସାୱନ୍ତ ଘୋଷଣା କରିବା ସହ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି କହିଛନ୍ତି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

# ରୋଚକ ସ୍ଥିତିରେ ଅରେଞ୍ଜ-ପର୍ପଲ କ୍ୟାପ୍ ରେସ୍

## ପଛରେ ପଡ଼ିଲେ ସୂର୍ଯ୍ୟ କୁମାର




ନୂଆଦିଲ୍ଲୀ,୩।୫: ଆଇପିଏଲ ୨୦୨୫ରେ ପ୍ରତ୍ୟେକ ମ୍ୟାଚ ସହିତ ଅରେଞ୍ଜ କ୍ୟାପ ଏବଂ ପର୍ପଲ କ୍ୟାପ ପାଇଁ ଦୌଡ଼ ରୋମାଞ୍ଚକର ହେବାରେ ଲାଗିଛି। ଏହି ଲିଗର ୫୧ତମ ମ୍ୟାଚ ଶେଷ ହେବା ପରେ, ଅରେଞ୍ଜ ଏବଂ ପର୍ପଲ କ୍ୟାପ ତାଲିକାରେ ପୁଣି ଥରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ଗୁଜରାଟ ବ୍ୟାଟ୍ସମ୍ୟାନ ସାଇ ସୁଦର୍ଶନ ହାଇଦ୍ରାବାଦ ବିପକ୍ଷରେ ୪୮ ରନର ଇନିଂସ ଖେଳି ସୂର୍ଯ୍ୟ କୁମାରଙ୍କୁ ପଛରେ ପକାଇ ଅରେଞ୍ଜ କ୍ୟାପ ଅଧିକାର କରିଥିଲେ। ହାଇଦ୍ରାବାଦ ବିପକ୍ଷ ଏହି ମ୍ୟାଚ୍‌ରେ ଗୁଜରାଟର ବୋଲର ପ୍ରସିଦ୍ଧ କ୍ରିଷ୍ଣା ୨ଟି ଉଇକେଟ ନେଇ ପର୍ପଲ କ୍ୟାପ ରେସ୍‌ରେ ସର୍ବାଗ୍ରେ ଅଛନ୍ତି। ଜୋଶ ହାଜେଲଉଡଙ୍କୁ ସେ ପଛରେ ପକାଇଦେଇଛନ୍ତି। ବିରାଟ କୋହଲି ଏବେ ଅରେଞ୍ଜ କ୍ୟାପ ଦାବିଦାରଙ୍କ ତାଲିକାରେ ତଳକୁ ଖସି ଯାଇଛନ୍ତି। ହାଇଦ୍ରାବାଦ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିବା ଶୁବମନ ଗିଲ (୭୬ ରନ) ଏବଂ ଜସ ବଟଲର୍ (୬୪ ରନ) ତାଙ୍କଠାରୁ ଆଗରେ ଅଛନ୍ତି। ସାଇ ସୁଦର୍ଶନ ଏହି ସିଜିନରେ ୫୦୦ ରନ ପୂରଣ କରିବାରେ ପ୍ରଥମ ବ୍ୟାଟସମ୍ୟାନ ହୋଇଥିଲେ ଏବଂ ୧୦ ମ୍ୟାଚରେ ୫୦୪ ରନ କରି ସେ ଅରେଞ୍ଜ କ୍ୟାପ ଜିତିଥିଲେ। ସେ ସୂର୍ଯ୍ୟକୁମାରଙ୍କୁ ପଛରେ ପକାଇ ଦେଇଛନ୍ତି ଯିଏ ୧୧ଟି ମ୍ୟାଚ୍‌ରେ ୪୭୫ ରନ କରିଛନ୍ତି। ବିରାଟ କୋହଲି ବର୍ତ୍ତମାନ ୧୦ଟି ମ୍ୟାଚ୍‌ରେ ୪୪୩ ରନ କରି ତାଲିକାର ୫ମ ସ୍ଥାନରେ ପହଞ୍ଚିଛନ୍ତି। ଜୋସ ବଟଲର୍ ୧୦ଟି ମ୍ୟାଚ୍‌ରେ ୪୭୦ ରନ ସଂଗ୍ରହ କରି ତୃତୀୟ ସ୍ଥାନରେ ଥିବା ବେଳେ ଶୁବମନ ଗିଲ ୧୦ଟି ମ୍ୟାଚ୍‌ରେ ୪୬୫ ରନ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି। ହାଇଦ୍ରାବାଦ ବିପକ୍ଷରେ ୨ ଉଇକେଟ ନେଇ ପ୍ରସିଦ୍ଧ କ୍ରିଷ୍ଣା ଜୋଶ ହାଜେଲଉଡଙ୍କୁ ପଛରେ ପକାଇ ଦେଇଥିଲେ। ପ୍ରସିଦ୍ଧ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୦ଟି ମ୍ୟାଚ୍‌ରେ ୧୯ଟି ଉଇକେଟ ନେଇଥିବା ବେଳେ ଜୋଶ ୧୦ଟି ମ୍ୟାଚ୍‌ରେ ୧୮ଟି ଉଇକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଟ୍ରେଣ୍ଟ ବୋଲ୍ଟ ୧୧ଟି ମ୍ୟାଚ୍‌ରେ ୧୬ଟି ଉଇକେଟ ସହିତ ତୃତୀୟ ସ୍ଥାନରେ ଥିବା ବେଳେ ନୁର ଅହମ୍ମଦ ଚତୁର୍ଥ ଏବଂ ଖଲିଲ ଅହମ୍ମଦ ପଞ୍ଚମ ସ୍ଥାନରେ ଅଛନ୍ତି।

## ପାକିସ୍ତାନୀ କ୍ରିକେଟରଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ନିଷିଦ୍ଧ କଲା ଭାରତ

**ନୂଆଦିଲ୍ଲୀ, ୩।୫:** ଭାରତ ସରକାର ପହଲଗାମ ଆକ୍ରମଣ ପରଠାରୁ ପାକିସ୍ତାନ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲିଛି।

ଭାରତରେ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ସରକାର ନିଷିଦ୍ଧ କରିଛନ୍ତି। ଏହି କ୍ରମରେ ଭାରତରେ ପାକିସ୍ତାନ କ୍ରିକେଟ ଦଳର ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ମଧ ବ୍ୟାନ୍ କରାଯାଇଛି। ଏହି ଖେଳାଳିଙ୍କ ତାଲିକାରେ ବାବର ଆଜମ ଏବଂ ମହମ୍ମଦ ରିଜୱାନଙ୍କ ନାମ ମଧ ସାମିଲ ଅଛି। ଭାରତ ସରକାରଙ୍କ ଅନୁରୋଧ କ୍ରମେ, ଇନଷ୍ଟାଗ୍ରାମର ମୂଳ କମ୍ପାନି ମେଟା ଭାରତରେ ପାକିସ୍ତାନୀ ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ନିଷିଦ୍ଧ କରିଛି। ଆକାଉଣ୍ଟ ନିଷିଦ୍ଧ ହୋଇଥିବା ପାକିସ୍ତାନୀ ଖେଳାଳିଙ୍କ ଏହି ତାଲିକାରେ ବାବର ଆଜମ, ମହମ୍ମଦ ରିଜୱାନ, ଶାହିନ ଆଫ୍ରିଦି, ମହମ୍ମଦ ଆମିର, ନସିମ ଶାହ, ହାରିସ ରୌଫ ଏବଂ ଇମାମ ଉଲ ହକଙ୍କ ନାମ ରହିଛି।

ଏହି ନିଷିଦ୍ଧ ପରେ ଭାରତର ଲୋକମାନେ ଇନଷ୍ଟାଗ୍ରାମରେ ଏହି ପାକିସ୍ତାନୀ ଖେଳାଳିଙ୍କ ପୋଷ୍ଟକୁ ଆଉ ଦେଖିପାରିବେ ନାହିଁ। କେବଳ ଏତିକି ନୁହେଁ ଭାରତରେ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ମଧ ନିଷିଦ୍ଧ ହୋଇଛି । ପାକିସ୍ତାନ ସୁପରଷ୍ଟାର ଅଭିନେତ୍ରୀ ହାନିଆ ଅମିର, ମାହିରା ଖାନ, ସଜଲ ଅଲ୍ଲୀ, ସିଙ୍ଗର ଓ ଅଭିନେତା ଅଲ୍ଲୀ ଜାଫର, ସନମ ସଇଦ, ବିଲାଲ ଆବାସ, ଇକରା ଅଜିଜ, ଆଏଜା ଖାନ, ଇମରାନ ଖାନ, ଇମରାନ ଆବାସ ଆଦିଙ୍କ ଆକାଉଣ୍ଟକୁ ଭାରତରେ ବନ୍ଦ କରି ଦିଆଯାଇଛି।

## ନୀରଜ ଚୋପ୍ରା କ୍ଲାସିକ୍‌ରେ ଜାଭେଲିନ୍ ଥ୍ରୋରେ ଭାଗ ନେବେ କିଶୋର ଜେନା




ନୂଆଦିଲ୍ଲୀ,୩।୫: ଏସିଆନ ଗେମ୍ସ ରୌପ୍ୟ ବିଜେତା ଓଡ଼ିଶାର କିଶୋର ଜେନା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ଭାଗ ନେବେ। ଫଳରେ ଇଭେଣ୍ଟରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ନୀରଜ ଚୋପ୍ରା କ୍ଲାସିକ ମେ ୨୪ରେ ବେଙ୍ଗାଲୁରୁସ୍ଥିତ ଶ୍ରୀକାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୯ ବର୍ଷୀୟ କିଶୋରଙ୍କ ବ୍ୟତୀତ ଭାରତର ଉଦୀୟମାନ ଜାଭେଲିନ୍ ଥ୍ରୋୟର ସଚିନ ଯାଦବ, ରୋହିତ ଯାଦବ ଓ ସାହିଲ ସିଲ୍‌ଓ୍ୱାଲ ପ୍ରମୁଖ ଏଥିରେ ଭାଗ ନେବେ। ସେମାନେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜଙ୍କ ସମେତ ବିଶ୍ୱର କେତେଜଣ ଶ୍ରେଷ୍ଠ ଆଥ୍‌ଲେଟଙ୍କ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାର ସୁଯୋଗ ପାଇବେ। ଏହି ନୂଆ ଜାଭେଲିନ୍ ଇଭେଣ୍ଟ ଓ୍ୱାଲର୍ଡ ଆଥ୍‌ଲେଟିକ୍ସ ଦ୍ୱାରା 'ଏ' କାଟେଗୋରୀ ମାନ୍ୟତା ଲାଭ କରିଛି। ଏଥିରେ ଇଭେଣ୍ଟର ଆୟୋଜକ ଚୋପ୍ରାଙ୍କ ସମେତ ୫ଜଣ ଭାରତୀୟ ଭାଗ ନେବେ।

## ଦିଗପହଣ୍ଡିରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଦିଗପହଣ୍ଡି,୩।୫ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ ଖେଳପଡିଆଠାରେ ଗୁରୁବାର ଦିଗପହଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଗ୍ରାଉଣ୍ଡ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ସମାରୋହରେ ଭାଜପା ରାଜ୍ୟପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭବାନୀ ଶଙ୍କର ପଣ୍ଡା, ଦିଗପହଣ୍ଡି ନଗର ସଭାପତି ପ୍ରଶାନ୍ତ କୁମାର ପୂଜାରୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାରତୀ ସାହୁ, ଉପସଭାନେତ୍ରୀ ସୁଷମା ଗୌଡ, ଦୟାନିଧି ନାହାକ, ଶ୍ରୀକାନ୍ତ ମହାରଣା, ସିମାଞ୍ଚଳ ଦାସ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ମଞ୍ଚାସିନ ଥିଲେ। ପ୍ରଥମ ଦିବସ ମ୍ୟାଚରେ ଦିଗପହଣ୍ଡି କ୍ରିକେଟ କ୍ଲବକୁ ବ୍ରହ୍ମପୁର ଲାଇନ୍ସ କ୍ରିକେଟ କ୍ଲବ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଥିବା ଜଣାପଡିଛି। ଏହି ମ୍ୟାଚରେ ୨୭ ବଲ ଖେଳି ୫୪ ରନ ସଂଗ୍ରହ କରିଥିବା ଆବିଷ୍କାର ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ସେହିପରି ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ବ୍ରହ୍ମପୁରର ମହାମାୟୀ କ୍ରିକେଟ ଟିମ ପ୍ରତିପକ୍ଷ ରେଗିଡି ଗ୍ରାମ କ୍ରିକେଟ ଟିମକୁ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ଉଜ୍ଜ୍ୱଳ ସେଠୀ, ସମ୍ପାଦକ ଗୁଡୁ ବାରିକ, କୋଷାଧକ୍ଷ ସାଇରାମ ପଣ୍ଡା, କ୍ରୀଡାବିତ ହରପ୍ରସାଦ ସେଠୀ, ମୁକେଶ ସାହୁ, ଶୁଭମ ଡାକୁଆ, ଶୁଭମ ସ୍ୱାଇଁ, ରାଜା ସେଠୀ, ବଳିଆ ସେଠୀ, ମାନସ ବେହେରା, ଦୀପକ ଜେନା, ରୋସନ ଥାପ୍ପା ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ଅମ୍ପାୟରଙ୍କ ଉପରେ ରାଗିଗଲେ ଶୁବମନ ଶାନ୍ତ କରାଇଲେ ଅଭିଷେକ ଶର୍ମା




**ନୂଆଦିଲ୍ଲୀ, ୩।୫:** ଗୁଜରାଟ ଟାଇଟନ୍ସ ୩୮ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ୩୮ ରନରେ ହରାଇ ଆଇପିଏଲ ପଏଣ୍ଟ ଟେବୁଲରେ ୨ୟ ସ୍ଥାନ ଅଧିକାର କରିଛି। ହେଲେ ଏହି ମ୍ୟାଚରେ ଅମ୍ପାୟର କିଛି ନିଷ୍ପତ୍ତି ସମୟରେ ବିବାଦ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ରାଗିଯାଇଥିଲେ ଶୁବମନ ଗିଲ। ଯାହାର ଭିଡିଓ ଭାଇରଲ ହେବାରେ ଲାଗିଛି। ଗୁଜରାଟ ଦେଇଥିବା ୨୨୫ ରନର ଟାର୍ଗେଟକୁ ପିଛା କରି ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ବ୍ୟାଟିଂ କରାଯାଉଥିଲା। ଗୁଜରାଟର ୧୪ ଓଭରରେ ପ୍ରସିଦ୍ଧ କ୍ରିଷ୍ଣା ଏକ ଫୁଲଟସ୍ ବଲରେ ଅଭିଷେକ ଶର୍ମା ବ୍ୟାଟିଂ ନ କରିପାରିବାରୁ ବଲ୍ ସିଧା ଯାଇ ଅଭିଷେକଙ୍କ ପ୍ୟାଡରେ ବାଜିଥିଲା। ଏହାକୁ ନେଇ ଗୁଜରାଟ ଟିମ୍ ଆଉଟ ଅପିଲ କରିଥିଲା। ଯାହାକୁ ପଡିଆରେ ଥିବା ଅମ୍ପାୟର ମନା କରିଦେଇଥିଲେ। ଏହାପରେ ଡିଆରଏସ ନେବା ପାଇଁ ଶୁବମନ ନିଷ୍ପତ୍ତି ନେଇଥିଲେ। ବଲ୍ ଟ୍ରାକିଂରେ ବଲ ସିଧା ୱିକେଟକୁ ହିଟ୍ କରେ, ତେବେ ଇମ୍ପାକ୍ଟ ଅମ୍ପାୟର୍ସ କଲ୍ ହୁଏ। ଏହାକୁ ନେଇ ଅଭିଷେକ ଶର୍ମା ନଟଆଉଟ୍ ଦେଇଥିଲେ ଅମ୍ପାୟର। ଏହାପରେ ଶୁବମନ ଗିଲ୍ ଅମ୍ପାୟର ଉପରେ ରାଗିଯାଇଥିଲେ। ଦୁହିଁଙ୍କ ମଧରେ ଯୁକ୍ତିତର୍କ ଦେଖିବା ପରେ ଅଭିଷେକ ଶର୍ମା ଆସି ଶୁବମନଙ୍କୁ ଶାନ୍ତ କରିଥିଲେ। ଗୁଜରାଟ ଟାଇଟନ୍ସଠାରୁ ୩୮ ରନ୍‌ରେ ପରାସ୍ତ ହୋଇଛି ପାଟ୍ କମିନ୍ସଙ୍କ ସନରାଇଜର୍ସ ହାଇଦ୍ରାବାଦ। ଅନ୍ୟପଟେ ଦମଦାର ବିଜୟ ସହିତ ପଏଣ୍ଟ ଟେବୁଲ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି ଗୁରଜାଟ ଟାଇଟନ୍ସ। ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରି ସନ୍ ରାଇଜର୍ସକୁ ୨୨୫ ରନ୍ର ଟାର୍ଗେଟ୍ ଦେଇଥିଲା। ଦଳ ପକ୍ଷରୁ ଶୁବମନ ଗିଲ୍ ଓ ଜୋଶ୍ ବଲଟରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଗୁଜରାଟ ଦେଇଥିବା ରନକୁ ପିଛା କରି ହାଇଦ୍ରାବାଦ କୋଡିଏ ଓଭରରେ ୬ ଓ୍ୱିକେଟ୍ ହରାଇ ମାତ୍ର ୧୮୬ ରନ୍ କରିବାରେ ସକ୍ଷମ ହୋଇଥିଲା। ଫଳରେ ଏହି ମ୍ୟାଚକୁ ଗିଲଙ୍କ ଗୁଜରାଟ୍ ଟିମ୍ ୩୮ ରନ୍‌ରେ ଜିତି ନେଇଛି।

## ଆଇପିଏଲ୍‌ର ସର୍ବକନିଷ୍ଠ ଖେଳାଳି ବୈଭବଙ୍କ ସମ୍ପତ୍ତି କେତେ ?



**ନୂଆଦିଲ୍ଲୀ ୩।୫:** ୧୪ ବର୍ଷୀୟ ପ୍ଲେୟାର। ବର୍ତ୍ତମାନ ଖୁବ୍ ଚର୍ଚ୍ଚାରେ। ଟିମ୍ ପାଇଁ ସାଜିଛନ୍ତି ସଙ୍କଟ ମୋଚନ। ପଡିଆରେ ଲଗାଉଛନ୍ତି ଚୌକା-ଛକା। ପ୍ରଥମ ମ୍ୟାଚରେ ଲଗାଇଥିଲେ ଦମ୍‌ଦାର ଶତକ। ସେ ପୁଣି ୩୫ ବଲ୍‌ରେ। ଟୁର୍ଣ୍ଣାମେଣ୍ଟରେ ଶତକ ଲଗାଇବାରେ ସେ ହୋଇଛନ୍ତି ଦ୍ରୁତତମ ଭାରତୀୟ। ବୈଭବ ସୂର୍ଯ୍ୟବଂଶୀ। ନିଜ ବୟସକୁ ନେଇ ଆଲୋଚନାରେ। ଏବେ ତାଙ୍କ ସମ୍ପତ୍ତିକୁ ନେଇ ହେଉଛି ଚର୍ଚ୍ଚା। ତେବେ କେତେ ସମ୍ପତ୍ତିର ମାଲିକ ଅଟନ୍ତି ଯୁବ ସେନସେସନ୍। ଆଇପିଏଲ୍ ୨୦୨୫ର ମେଗା ଅକ୍ସନ୍‌କୁ ଓହ୍ଲାଇଥିଲେ ବୈଭବ ସୂର୍ଯ୍ୟବଂଶୀ। ତାଙ୍କର ବେସ୍ ପ୍ରାଇସ୍ ଥିଲା ୩୦ ଲକ୍ଷ ଟଙ୍କା। ନିଲାମୀରେ ରାଜସ୍ଥାନ ସହିତ ଦିଲ୍ଲୀ କ୍ୟାପିଟାଲ୍ସ ମଧ ତାଙ୍କ ପାଇଁ ନିଲାମ ଲଗାଇଥିଲା। କିନ୍ତୁ ରାଜସ୍ଥାନ ରୟାଲ୍ସ ଟିମ୍ ତାଙ୍କୁ ନିଜ ସହ ଯୋଡିଥିଲା। ମାତ୍ର ୧୩ ବର୍ଷ ବୟସରେ ଟିମ୍ ତାଙ୍କୁ ୧ କୋଟି ୧ଲକ୍ଷରେ କରିଥିଲା ସାମିଲ୍। ବୈଭବ ଗତ ମାସରେ ରାଜସ୍ଥାନ ଟିମ୍ ସହିତ ତାଙ୍କର ୧୪ତମ ଜନ୍ମଦିନ ପାଳନ କରିଥିଲେ। ଯାହାପରେ ତାଙ୍କୁ ଲକ୍ଷ୍ନୌ ବିପକ୍ଷରେ ଆଇପିଏଲ ଡେବ୍ୟୁ କରିବାର ମିଳିଥିଲା ସୁଯୋଗ।

ରିପୋର୍ଟ ଅନୁସାରେ, ଆଇପିଏଲର ସବୁଠାରୁ ଯୁବ ଖେଳାଳିଙ୍କୁ ଏବେ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ପାଇଁ ଅଫର ମିଳିବା ଆରମ୍ଭ ହୋଇଛି। କିନ୍ତୁ ଏ ବିଷୟରେ ଅଧିକ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ। କିନ୍ତୁ କୁହାଯାଉଛି କି ସେ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ମଧ କୋଟି କୋଟି ଟଙ୍କା ରୋଜଗାର କରିବେ। ବୈଭବଙ୍କ ମୋଟ ସମ୍ପତ୍ତିର ଏକ ବଡ ଅଂଶ ଆଇପିଏଲ୍ ରୋଜଗାରରୁ ଆସିଥାଏ। ସେ ବିହାର U-19 ଟିମ୍ ପାଇଁ ରଣଜୀ ଟ୍ରଫି ଏବଂ ଭିନୁ ମଙ୍କଡ ଟ୍ରଫିରେ ଖେଳିଛନ୍ତି। ରିପୋର୍ଟ ଅନୁସାରେ, ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୨ କୋଟି ଟଙ୍କା ବୋଲି କୁହାଯାଉଛି। କହିରଖୁ କି ୩୫ ବଲ୍‌ରେ ଶତକ ମାରିବା ପାଇଁ ବିହାର ର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି।

ବୈଭବ ୨୭ ମାର୍ଚ୍ଚ ୨୦୧୧ରେ ବିହାର ସମସ୍ତିପୁର ଜିଲ୍ଲାର ମୋତିପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ୯ ବର୍ଷ ବୟସରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ପ୍ରାରମ୍ଭରେ ତାଙ୍କ ବାପା ସଞ୍ଜୀବ ସୂର୍ଯ୍ୟବଂଶୀ ତାଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କ ବାପା ଜଣେ ଚାଷୀ। ସେ ବୈଭବଙ୍କୁ ଭଲ କ୍ରିକେଟ ଶିଖାଇବା ପାଇଁ ସବୁ କିଛି କରିଥିଲେ। ରିପୋର୍ଟ ଅନୁସାରେ, ବୈଭବ ଯେତେବେଳେ ତାଲିମ ପାଇଁ ପାଟନା ଯାଉଥିଲେ ସେତେବେଳେ ଟଙ୍କାର ଆବଶ୍ୟକତା ପଡିଲା ତାଙ୍କ ବାପା ଜମି ବିକ୍ରି କରି ଦେଇଥିଲେ। କିନ୍ତୁ ଲକ୍ଷ୍ୟରୁ ବିଚ୍ୟୁତ ହେବାକୁ ଦେଇନଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୋଲରୁ...

ଆହତମାନେ ହେଲେ ଅରୁଣ ବାରିକ ଓ ବିକଳ ଜେନା। କଟକ ରିଙ୍ଗରୋଡ଼ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଘଟିଥିବା ଦୁଃଖଦ ଦୁର୍ଘଟଣାରେ ଦୁଇଜଣ ଯନ୍ତ୍ରୀଙ୍କ ସମେତ ତିନି ଜଣଙ୍କର ପ୍ରାଣ ହାନି ଘଟିଛି ଏବଂ ଦୁଇଜଣ ଆହତ ହୋଇ ଏସସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଥିବାବେଳେ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଅତି ଗୁରୁତର ସହ ଗ୍ରହଣ କରିବା ସହ ଏପରି ଘଟଣା କାହିଁକି ଏବଂ କେଉଁ ପରିସ୍ଥିତରେ ଘଟିଲା ସେ ସମ୍ପର୍କରେ ଏକ ବୈଷୟିକ କମିଟି ଦ୍ୱାରା ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ତ୍ତ ବିଭାଗ ଏଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ମୁଖ୍ୟଯନ୍ତ୍ରୀ ରାସ୍ତା -୨ ଏବଂ ଏ ଡି ଏମ ( ଜେନେରାଲ ) କଟକଙ୍କୁ ନେଇ ଏକ ତିନି ଜଣିଆ ବୈଷୟିକ କମିଟି ଗଠନ କରି ଆସନ୍ତା କାଲିଠାରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆସନ୍ତା ୧୫ ଦିନ ମଧ୍ୟରେ ଏହାର କାରଣ ଓ ଦାୟୀ ଥିବା ବ୍ୟକ୍ତିଙ୍କ ବାବଦରେ ସବିଶେଷ ବିବରଣୀ ପ୍ରଦାନ କରିବାକୁ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ ଖାନନଗର କାଠଯୋଡ଼ିରେ ପୋଲ ନିର୍ମାଣ କାମ ଜାରି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଏକ ଘରୋଇ କମ୍ପାନୀକୁ ଠିକା ଦିଆଯାଇଛି। ଅନ୍ୟ ଦିନ ଭଳି ଆଜି ମଧ୍ୟ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ ଅପରାହ୍ଣ ସମୟରେ ଅଘଟଣ ଘଟିଥିଲା। ପୋଲ ଉପରେ କିଛି ଶ୍ରମିକ କାମ କରୁଥିବା ବେଳେ ଅନ୍ୟମାନେ ପୋଲ ତଳେ ଥିଲେ। ଅଚାନକ ପୋଲ ଉପରୁ ସ୍ଲାବ ଖସି ପଡ଼ିବା କାରଣରୁ ୫ ଜଣ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣ ଶ୍ରମିକଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଅନ୍ୟ ୨ ଜଣଙ୍କର ଚିକିତ୍ସା ଜାରି ରହିଛି। ଖାନନଗରରେ ନିର୍ମାଣାଧୀନ ପୋଲରେ ବ୍ୟବହାର ହୋଇଥିବା କ୍ରେନ୍ ଫେଲ୍ ହେବାରୁ ଏପରି ଅଘଟଣ ଘଟିଛି। ଶ୍ରମିକମାନଙ୍କ ମଧ୍ୟରୁ କିଛି ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ଆହତମାନଙ୍କୁ ଆମର ଟିମ୍ ତୁରନ୍ତ ଏସ୍‌ସିବିକୁ ସ୍ଥାନାନ୍ତରିତ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି କଟକ ଡିସିପି ଋଷିକେଶ ଖିଲାର।

ଖାନ୍‌ନଗରରେ ନିର୍ମାଣାଧୀନ ବ୍ରିଜ୍‌ରେ ଦୁର୍ଘଟଣା କାରଣରୁ ଶ୍ରମିକଙ୍କ ମୃତ୍ୟୁ ଓ ଆହତ ଘଟଣା ନେଇ କଟକ ମେୟର ସୁବାସ ସିଂ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସରକାରଙ୍କ ଦାୟିତ୍ୱହୀନ କାରଣରୁ ଏହି ଅଘଟଣ ଘଟିଛି । ଠିକା କମ୍ପାନୀ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇଥିଲେ ଏଭଳି ଅଘଟଣ ଘଟି ନଥାନ୍ତା ବୋଲି ସେ କହିଛନ୍ତି।

### ଆଦିବାସୀ...

ପଳାଇଥିବା ପସ୍କୋ କମ୍ପାନୀ କେନ୍ଦୁଝରକୁ ଫେରିବା, ଉତ୍କର୍ଷ ଓଡ଼ିଶାରେ ୪ ଶହରୁ ଅଧିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆସିବା, ଦେଶବିଦେଶର ଶିଳ୍ପପତିମାନେ ଓଡ଼ିଶା ପ୍ରତି ଆଗ୍ରହ ପ୍ରକାଶ କରିବା, ଡବଲ ଇଞ୍ଜିନ ସରକାର ଉପରେ ଭରସା କରି ଓଡ଼ିଶାକୁ ଆସିବାରେ ଲାଗିଛନ୍ତି। ପସ୍କୋ କମ୍ପାନୀ ଇତିମଧ୍ୟରେ କେନ୍ଦୁଝରମୁହାଁ ହୋଇଥିବା ବେଳେ ଆର୍ସେଲର ମିତ୍ତଲ କମ୍ପାନୀ କେନ୍ଦ୍ରାପଡ଼ାରେ ତା'ର ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପକୁ ନେଇ ଆଗକୁ ବଢ଼ିବାରେ ଲାଗିଛି। ଓଡ଼ିଶାମୁହାଁ ହୋଇଥିବା ଶିଳ୍ପପତିଙ୍କ ତାଲିକା ବେଶ୍ ଲମ୍ବା।

କେବଳ ଶିଳ୍ପପତିମାନେ ଓଡ଼ିଶାକୁ ଆସୁନାହାନ୍ତି, ନୂଆ ସରକାର ଗଠନ ପରେ ଓଡ଼ିଶାରେ ପ୍ରଥମ ଥର ପାଇଁ ପୁଲିସ୍ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀ ଭଳି ଜାତୀୟ ସ୍ତରର ସମ୍ମିଳନୀ ଆୟୋଜନ କରି ଓଡ଼ିଶା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଦକ୍ଷିଣ ଭାରତର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତାମାନେ ମଧ୍ୟ ଓଡ଼ିଶାରେ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆଗେଇ ଆସିଛନ୍ତି। ଓଡ଼ିଶାର ପର୍ଯ୍ୟଟନକୁ ଗତି ଦେବା ପାଇଁ ରାଜ୍ୟରେ ମୋହନଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ଯୋଗାଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ଭୁବନେଶ୍ୱରରୁ ଦେଶର ବିଭିନ୍ନ ନୂତନ ରୁଟ୍‌ରେ ବିମାନ ଚଳାଚଳ କରିବାରେ ଲାଗିଛି। ଲକ୍ଷ୍ନୌ, ଡେରାଡୁନ୍, ଗାଜିଆବାଦ, ଆଣ୍ଡାମାନ ନିକୋବର, କେରଳ ଆଦି ସ୍ଥାନକୁ ସିଧାସଳଖ ବିମାନ ଚଳାଚଳ ଯୋଗୁଁ ଓଡ଼ିଶାକୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବାରେ ଲାଗିଛି।

ରାଜ୍ୟ ସରକାର ସୁଭଦ୍ରା ଭଳି ଯୋଜନା କାର୍ଯ୍ୟକାରୀ କରି ମହିଳା ସଶକ୍ତିକରଣକୁ ଗତି ଦେଉଥିବା ବେଳେ ରାଜ୍ୟରେ ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛନ୍ତି। ଏଥିସହ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ ପ୍ରତିଷ୍ଠା ପାଇଁ ସରକାର ଅଣ୍ଟା ଭିଡିଥିବାବେଳେ ଏହାକୁ ସବୁଆଡୁ ସମର୍ଥନ ମିଳିବାରେ ଲାଗିଛି । ଇତି ମଧ୍ୟରେ ମୋହନ ସରକାର ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ସହିତ ସେମାନଙ୍କ ଲାଗି ଅନେକ ନୂଆ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ମଧ୍ୟାହ୍ନଭୋଜନ ତାଲିକାରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ସାମିଲ କରି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ଯୋଜନାରେ କେବଳ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସାମିଲ ଥିବା ବେଳେ ଉପର ଶ୍ରେଣୀର ପିଲାମାନେ ଖାଇବା ସମୟରେ ସେମାନଙ୍କୁ ଚାହିଁରହୁଥିଲେ।

ରାଜ୍ୟ ସରକାରଙ୍କର ଆଉ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ ହେଉଛି ରାଜ୍ୟରେ ଜାତୀୟ ଶିକ୍ଷା ନୀତିକୁ ସଫଳତାର ସହ କାର୍ଯ୍ୟକାରୀ କରିବା। ଏହାଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଆଗକୁ ଯିବା ସହ ବୈଷୟିକ ଶିକ୍ଷା କ୍ଷେତ୍ରରେ ବିପ୍ଲବ ଆସିବାକୁ ଯାଉଛି। ମାତୃଭାଷାରେ ବୈଷୟିକ ଶିକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଓଡ଼ିଶାକୁ ଅଧିକରୁ ଅଧିକ ସଂଖ୍ୟାରେ ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ମଞ୍ଜୁର ହେବାରେ ଲାଗିଛି।

ଏହିସବୁ ସଫଳତା ପଛରେ କେନ୍ଦ୍ରର ବିଜେପି ସରକାର ଓ ରାଜ୍ୟର ମୋହନ ସରକାରଙ୍କର ବର୍ଷକର ପରିଶ୍ରମ ହିଁ ରହିଛି। ମୋହନଙ୍କ ସରଳତା ଓ ନିଷ୍କପଟତା ଯୋଗୁଁ କେନ୍ଦ୍ର ସରକାରଙ୍କର ଓଡ଼ିଶା ଉପରେ ଆର୍ଶୀବାଦ ରହିଛି। ତେବେ ଜଣେ ମୁଖ୍ୟମନ୍ତ୍ରୀଙ୍କ ସରଳତାର ଫାଇଦା ଉଠାଇ ତାଙ୍କ ସଫଳତା ବଦଳରେ ତାଙ୍କୁ ବ୍ୟକ୍ତିଗତ ଭାବେ ସମାଲୋଚନା ଭିତରକୁ ଟାଣୁଥିବା ବରିଷ୍ଠ ସାମ୍ବାଦିକ ରୁବେନଙ୍କ ଆଖିରେ ଏବେ ଅନ୍ଧପୁଟୁଳି ବନ୍ଧାହୋଇଥିବା ଆଲୋଚନା ଜୋର୍ ଧରିଛି ।

### ଏମକେସିଜିରୁ...

ସୁଶ୍ରୀ ସଂଙ୍ଗୀତା କର। ୨୦୨୧ ଜୁଲାଇ ୬ ତାରିଖରୁ ମେଡିକାଲ ଆସୁନାହାଁନ୍ତି ଡାକ୍ତର ଚୈତାଳୀ ବୋଷ। ୨୦୨୦ ଅକ୍ଟୋବର ୭ ତାରିଖରୁ ଡାକ୍ତର ଲମ୍ବତା ରବି କୁମାର, ୨୦୧୬ ସେପ୍ଟେମ୍ବର ୨୪ରୁ ଡାକ୍ତର ବିମାର୍ଜିତ ପ୍ରଧାନ, ୨୦୧୮ ନଭେମ୍ବର ୨୨ରୁ ଡାକ୍ତର ସୁନୀତା ସାହୁ ଓ ୨୦୨୨ ଜାନୁଆରି ୨୫ ତାରିଖରୁ ଡ୍ୟୁଟିରେ ଜଏନ କରିନାହାଁନ୍ତି ଡାକ୍ତର ଲକ୍ଷ୍ମୀକାନ୍ତ ସାଏ।

ମେଡିକାଲ କଲେଜ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଡାକ୍ତରମାନେ ବିନା କୌଣସି ଛୁଟି ଆବେଦନ କିମ୍ବା ଉପରିସ୍ଥ ଅଧିକାରୀଙ୍କୁ ନଜଣାଇ ବେଆଇନ ଭାବେ ଛୁଟିରେ ରହିଯାଇଛନ୍ତି। ଏପରିକି ଏହିସବୁ ଡାକ୍ତରଙ୍କୁ ବାରମ୍ବାର ନୋଟିସ ହୋଇଥିବା ସତ୍ତ୍ୱେ ସେମାନଙ୍କଠାରୁ କୌଣସି ଉତ୍ତର ମିଳୁନାହିଁ। ହେଲେ ଆର୍ଶ୍ଚର୍ଯ୍ୟଜନକ ଭାବେ କିଏ ୧୦ ବର୍ଷ, କିଏ ୭ ବର୍ଷ କିଏ ୫ ବର୍ଷ ହେଲା କାର୍ଯ୍ୟକୁ ଫେରୁନଥିବା ବେଳେ ମେଡିକାଲ କଲେଜ ଡାକ୍ତରଙ୍କ ତାଲିକାରେ ସେମାନଙ୍କ ନାଁ କିନ୍ତୁ ଏବେଯାଏଁ ଗଡୁଛି। ସବୁଠାରୁ ଉଦବେଗର କଥା ହେଉଛି ସ୍ୱାସ୍ଥ୍ୟ ବିଭାଗ ଏସବୁ ଜାଣିଥିଲେ ମଧ୍ୟ ବର୍ଷ ବର୍ଷ ଧରି ନିଖୋଜ ଏହି ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନି। ଏହିସବୁ ଡାକ୍ତର ଚାକିରିରୁ ଇସ୍ତଫା ଦେଇଛି କି ନାହିଁ ସେନେଇ ମଧ୍ୟ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ପାଖରେ କୌଣସି ସୂଚନା ନାହିଁ।

### ଯୁବକଙ୍କୁ...

କରିଥିବା ଅରଜିତ୍‌ଙ୍କ ବାପା ଅଭିଯୋଗ କରିଛନ୍ତି। ଏଥିସହ ଅରଜିତ୍‌ଙ୍କ ମା' ଓ ସମ୍ପର୍କୀୟ ଭାଇଙ୍କଠାରୁ ଜ୍ଞାନରଞ୍ଜନ ସାଦା କାଗଜରେ ଦସ୍ତଖତ ମଧ୍ୟ ନେଇଥିବା ସେ ଅଭିଯୋଗ କରିଛନ୍ତି।

ତେବେ ଏପରି ଏକ ଅଭାବନୀୟ କାର୍ଯ୍ୟରେ ଅଦ୍ୟାବଧି ଜ୍ଞାନରଞ୍ଜନଙ୍କ ବିରୋଧରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସମସ୍ତଙ୍କୁ ଆର୍ଶ୍ଚର୍ଯ୍ୟଚକିତ କରିଛି। ଏନେଇ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ପକ୍ଷରୁ ସଭାପତି ସତୀଶ ବିଶ୍ୱାଳ ଓ ଅନ୍ୟମାନେ ଘୋର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ଜ୍ଞାନରଞ୍ଜନଙ୍କ ଗିରଫଦାରୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ହସ୍ତକ୍ଷେପ କରିବା ସକାଶେ ମଧ୍ୟ ନିବେଦନ କରିଛନ୍ତି। ସେ ତାଙ୍କ ପତ୍ରରେ ମେଘା କ୍ରସର୍ ସମ୍ପୂର୍ଣ୍ଣ ଭାବେ ବେଆଇନ୍ ହୋଇଥିବାରୁ ଏହା ବିରୋଧରେ ମଧ୍ୟ ପଦକ୍ଷେପ ନେବା ସକାଶେ ଶ୍ରୀ ବିଶ୍ୱାଳ ଦାବି କରିଛନ୍ତି। ତେବେ ଧର୍ମଶାଳା ପାହାଡ଼ରେ ଚାଲିଥିବା ବେଆଇନ୍ କାରବାର ଓ ହତ୍ୟାକାରୀ କ୍ରସର୍ ମାଲିକଙ୍କ ବିରୋଧରେ ସ୍ଥାନୀୟ ପ୍ରଶାସନ କେବେ ପଦକ୍ଷେପ ନେବ, ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।

### ପ୍ରକୃତି...

କରିଛନ୍ତି ପ୍ରୀଶାଙ୍କ ପରିବାର ଲୋକ ।

ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ମାନବାଧିକାର କମିଶନ । କିଟ୍ ଛାତ୍ରୀ ଆତ୍ମହତ୍ୟା ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜିଙ୍କୁ ନୋଟିସ୍ ଜାରି କରିଛନ୍ତି । ତୁରନ୍ତ ମାମଲା ରୁଜୁ କରି ୯ ତାରିଖ ସୁଦ୍ଧା ତଦନ୍ତ ସାରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ମାସରେ କିଟରେ ୩ ଛାତ୍ରୀଙ୍କ ମୃତ୍ୟୁ ଉଦବେଗଜନକ, ପୀଡ଼ିତାଙ୍କ ମାନବିକ ଅଧିକାର ଉଲ୍ଲଙ୍ଘନ ହୋଇଥିବା କହିଛନ୍ତି ଏନଏଚଆରସି ।

ସେପଟେ ନେପାଳୀ ଛାତ୍ରୀ ମୃତ୍ୟୁ ମାମଲାରେ ମୁହଁ ଖୋଲିଛନ୍ତି ମୃତକଙ୍କ ଜେଜେ। ୩ ମାସ ତଳେ ହୋଇଥିବା ପ୍ରକୃତି ଲାମସାଲ ମୃତ୍ୟୁ ଘଟଣା ସହିତ ତାଙ୍କ ନାତୁଣୀ ମୃତ୍ୟୁର କିଛି ସମ୍ବନ୍ଧ ଥିବା ସେ ଅନୁମାନ କରୁଥିବା କହିଛନ୍ତି। ପ୍ରିଶାଙ୍କ ଜେଜେ କହିଛନ୍ତି, ମୋ ନାତୁଣୀ ମାନସିକ ଭାବେ ବେଶ ଦୃଢ଼ ଥିଲା। ସେ ପାଠ ପଢ଼ାରେ ମଧ୍ୟ ବେଶ ଭଲ ଥିଲା। ୨୦ ଦିନ ପୂର୍ବରୁ ନେପାଳ ଆସିଥିବା ବେଳେ ତାଙ୍କ ସହ କଥା ମଧ୍ୟ ହୋଇଥିବା କହିଛନ୍ତି। ଏହା ସହିତ ସେ ପ୍ରିଶାଙ୍କ ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଥିବା ସନ୍ଦେହ କରୁଥିବା ମଧ୍ୟ କହିଛନ୍ତି। ସେ ପରୋକ୍ଷରେ ଅନ୍ୟତମ ନେପାଳୀ ଛାତ୍ରୀ ପ୍ରକୃତି ଲାମସାଲ ଆତ୍ମହତ୍ୟା ମାମଲା ଆଡକୁ ମଧ୍ୟ ଇଙ୍ଗିତ କରିଥିଲେ। ତାଙ୍କ ନାତୁଣୀର ମୃତ୍ୟୁ ପଛରେ ପ୍ରକୃତି ମୃତ୍ୟୁର କିଛି ଭୂମିକା ରହିଥାଇପାରେ ବୋଲି ସେ ସନ୍ଦେହ କରିଛନ୍ତି।

### ବିକୁଥିଲେ...

ପର୍ଦ୍ଦାଫାସ୍ କରିଛି ପୁଲିସ୍। ସ୍ଥାନୀୟ ପାତ୍ରପଡା ଅଞ୍ଚଳରେ କମିଶନରେଟ୍ ପୁଲିସ୍ ଚଢ଼ାଉ କରି ଏହି ଗିରଫଦାରୀ କରିଛି। ଗିରଫ ହୋଇଥିବା ୪ ଜଣ ଦଲାଲ୍‌ଙ୍କ ମଧ୍ୟରୁ ୨ ଜଣ ଓଡ଼ିଶାର ହୋଇଥିବା ବେଳେ ଅବଶିଷ୍ଟ ଦୁଇ ଜଣ ବିହାର ଓ ଝାଡ଼ଖଣ୍ଡ ବାସିନ୍ଦା ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ। ତାଙ୍କ ସୂଚନାନୁସାରେ, ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଲକ୍ଷାଧିକ ଟଙ୍କା ନେଇ ମେଡିକାଲ୍ ସିଟ୍ ପାଇଁ ଡିଲ୍ କରୁଥିଲେ। ଏ ବାବଦରେ ସେମାନଙ୍କୁ ୯୦ ଲକ୍ଷ ଟଙ୍କାର ଚେକ୍ ମିଳିଛି। ଏପରିକି ସେମାନଙ୍କଠାରୁ କେତେକ ବ୍ଲାଙ୍କ୍ ଚେକ୍ ମଧ୍ୟ ଜବତ ହୋଇଛି। ଟଙ୍କା ନେଇ ଏହି ଦଲାଲ୍‌ମାନେ ମେଡିକାଲ କଲେଜ୍ ନାମଲେଖା ପାଇଁ ପରୀକ୍ଷାରେ ଅସଲି ବଦଳରେ ନକଲି ପରୀକ୍ଷାର୍ଥୀଙ୍କୁ ବସାଇବାର ଯୋଜନା କରିଥିଲେ। କିନ୍ତୁ ସେମାନଙ୍କ ଏହି ଯୋଜନା ସେତେବେଳେ ଫସର ଫାଟିଯାଇଥିଲା, ଯେତେବେଳେ ସେଠାରେ କମିଶନରେଟ୍ ପୁଲିସ୍ ଚଢ଼ାଉ କରିଥିଲା। ଏଥିସହ ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ଆଉ କିଛି ଏନ୍‌ଆର୍‌ଆଇଙ୍କୁ ମଧ୍ୟ ଟାର୍ଗେଟ୍ କରିଥିବା ତଦନ୍ତ ସମୟରେ ପୁଲିସ୍ ଜାଣିବାକୁ ପାଇଛି। ତେବେ ଏହି ଦଲାଲ୍‌ମାନଙ୍କୁ ଯେଉଁମାନେ ଟଙ୍କା ଦେଇ ସେମାନଙ୍କ ପିଲାଙ୍କ ସକାଶେ ମେଡିକାଲ୍ ସିଟ୍ କିଣିବାକୁ ଉଦ୍ୟମ କରୁଥିଲେ, ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କମିଶନର୍ ଶ୍ରୀ ସିଂ କହିଛନ୍ତି। ଏଥିସହ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ଏବେ ମେଡିକାଲ ପଢ଼ିବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ତୁଳନାରେ ମେଡିକାଲ କଲେଜ ନ ଥିବାରୁ ଏହି ଏଜେଣ୍ଟମାନେ ଏବେ ଡାକ୍ତରୀ ଶିକ୍ଷା ପ୍ରତି ଆଗ୍ରହୀ ଅଭିଭାବକଙ୍କ ଉପରେ ନଜର ରଖୁଛନ୍ତି। ଓଡ଼ିଶାରେ ପଢ଼ିବା ପାଇଁ ଆବଶ୍ୟକ ନମ୍ବର ରଖିପାରୁ ନଥିବା କିମ୍ବା ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କର ଦାବି ଅନୁଯାୟୀ ଅର୍ଥ ଦେବାକୁ ସକ୍ଷମ ନଥିବା ଲୋକଙ୍କୁ ଏମାନେ ରାଜ୍ୟ ବାହାରେ କମ୍ ଅର୍ଥରେ ଭଲ ମେଡିକାଲ କଲେଜରେ ପଢାଇବାର ପ୍ରତିଶ୍ରୁତି ଦେଇ ବେଶ୍ ସହଜରେ ମନାଇ ମଧ୍ୟ ପାରୁଛନ୍ତି। ଏଥିପାଇଁ ଯେଉଁମାନେ ପାଠପଢା ସଂକ୍ରାନ୍ତରେ ସେମାନଙ୍କ ପରାମର୍ଶ ନେବାକୁ ଯାଉଛନ୍ତି, ସେମାନଙ୍କ ସମ୍ପର୍କରେ ଦଲାଲ୍‌ମାନେ ବିସ୍ତୃତ ତଥ୍ୟ ସଂଗ୍ରହ କରୁଛନ୍ତି। କିନ୍ତୁ ଆଜିର ଚଢ଼ାଉ ପରେ ରାଜ୍ୟରେ ଦଲାଲ୍‌ମାନେ କେତେ ପରିମାଣରେ ସକ୍ରିୟ ଓ ସେମାନେ କିପରି ଭାବେ ପିଲାଙ୍କ ସହ ସେମାନଙ୍କ ବାପାମା'ଙ୍କୁ ପ୍ରଲୋଭିତ କରିବାରେ ସକ୍ଷମ ହେଉଛନ୍ତି, ସେନେଇ ସବୁକିଛି ସ୍ପଷ୍ଟ ହୋଇଯାଇଛି। ଏପରି ସ୍ଥିତିରେ ଦଲାଲ୍‌ମାନଙ୍କୁ ମେଡିକାଲ୍ ଶିକ୍ଷାଠାରୁ ଦୂରେଇ ରଖିବା ଦିଗରେ ଆଗାମୀ ଦିନରେ କ'ଣ ପଦକ୍ଷେପ ନିଆଯାଉଛି, ତା' ଉପରେ ନଜର ରହିବ।

### କୃତ୍ରିମ...

ଅତ୍ୟାଧୁନିକ ପ୍ଲାଜମା ସିଷ୍ଟମ ଥିବା ପରବର୍ତ୍ତୀ ପିଢ଼ିର ଫ୍ୟୁଜନ ରିଆକ୍ଟର ଏସଏସଟି-୨ ବିକଶିତ କରିବାକୁ ଯୋଜନା କରୁଛି। ୨୦୨୭ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା କରାଯାଉଛି, ଯାହା ସ୍ଥାୟୀ ଶକ୍ତି କ୍ଷେତ୍ରରେ ନେତୃତ୍ୱ ନେବାପାଇଁ ଭାରତର ଅଭିଳାଷକୁ ସଙ୍କେତ ଦେଉଛି। ଏସଏସଟି-୨ ଜରିଆରେ ଭାରତ ଜୈବିକ ସୁରକ୍ଷା ଏବଂ ଉନ୍ନତ ଡାଇଭର୍ଟର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟକୁ ଅନ୍ତର୍ଭୁକ୍ତ କରିବ, ଯାହା କି ଗ୍ଲୋବାଲ ଫ୍ୟୁଜନ ଗବେଷଣାରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିବ। ଇତିମଧ୍ୟରେ ଭାରତ ଏହାର ଏସଏସଟି-୧ ଏବଂ ଆଇଟିଇଆର ପ୍ରକଳ୍ପ ସହିତ କ୍ରମାଗତ ଅଗ୍ରଗତି କରୁଛି, କାରଣ ଚୀନ୍ ଏହାର ଫ୍ୟୁଜନ ଗବେଷଣାକୁ ଆଗକୁ ବଢ଼ାଉଛି। ଭାରତର ଏସ୍‌ଏସ୍ଟି-୧ ଟୋକମାକ୍ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରି ପ୍ଲାଜମା ଉତ୍ପାଦନ କରିଛି, ଯାହା ସୂର୍ଯ୍ୟର କୋର ଠାରୁ ୨୦ ଗୁଣ ଅଧିକ ଗରମ। ଏହି ସଫଳତା କେବଳ ଫ୍ୟୁଜନ ଟେକ୍ନୋଲୋଜି କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ଉନ୍ନତିକୁ ଦର୍ଶାଉଛି ତାହା ନୁହେଁ ବରଂ ଏହାକୁ ଚୀନର ସମ୍ମାନଜନକ ଇଷ୍ଟ ରିଆକ୍ଟର ସହ ସମାନ ସ୍ଥିତିରେ ରଖିଛି ।

ଆଇଟିଇଆରର ମହାନିର୍ଦ୍ଦେଶକ ପିଏଟ୍ରୋ ବାରାବସ୍କି କହିଛନ୍ତି, ନ୍ୟୁକ୍ଲିୟର ଫ୍ୟୁଜନ ହେଉଛି ଦୁଇଟି ହାଲୁକା ପରମାଣୁ ନ୍ୟୁକ୍ଲିୟସ୍। ଯାହା ସାଧାରଣତଃ ହାଇଡ୍ରୋଜେନ୍ ପରି ଡିୟୁଟେରିୟମ୍ ଏବଂ ଟ୍ରିଟିୟମର ଆଇସୋଟୋପକୁ ଗୋଟିଏ ଭାରୀ ନ୍ୟୁକ୍ଲିୟସରେ ମିଶ୍ରଣ କରିବା ପ୍ରକ୍ରିୟା, ଯାହା ବିପୁଳ ପରିମାଣର ଶକ୍ତି ମୁକ୍ତ କରେ । ଏହା ସେହି ପ୍ରକ୍ରିୟା ଯାହା ସୂର୍ଯ୍ୟ ଏବଂ ଅନ୍ୟ ନକ୍ଷତ୍ରମାନଙ୍କୁ ଶକ୍ତି ପ୍ରଦାନ କରିଥାଏ । ଆଇଟିଇଆର ଇନ୍ଧନ ଭାବରେ ଡିୟୁଟେରିୟମ ଏବଂ ଟ୍ରିଟିୟମ ବ୍ୟବହାର କରିବ । ଏଗୁଡ଼ିକୁ ୧୫୦ ନିୟୁତ ସେଲସିୟସରୁ ଅଧିକ ଗରମ କରାଯାଏ । ଯାହା ସୂର୍ଯ୍ୟଙ୍କ କୋର ଠାରୁ ଦଶ ଗୁଣ ଅଧିକ ଗରମ ପ୍ଲାଜମା ତିଆରି କରେ । ଶକ୍ତିଶାଳୀ ସୁପରକଣ୍ଡକ୍ଟିଂ ଚୁମ୍ବକ ବ୍ୟବହାର କରି ଟୋକମାକ୍ ନାମକ ଡୋନଟ୍ ଆକୃତିର ଚେମ୍ବର ଭିତରେ ଗରମ ପ୍ଲାଜମା ରଖାଯାଇଥାଏ। ଏହା ପ୍ଲାଜମାକୁ କାନ୍ଥ ଛୁଇଁ ଥଣ୍ଡା ହେବାରୁ ରକ୍ଷା କରିଥାଏ। ଟୋକମାକ୍ ଭିତରେ ନ୍ୟୁକ୍ଲିୟସ୍ ମଧ୍ୟରେ ଦ୍ରୁତ ଗତିରେ ମୁହାଁମୁହିଁ ହେବା ଫଳରେ ଫ୍ୟୁଜନ୍ ପ୍ରତିକ୍ରିୟା ସୃଷ୍ଟି ହୁଏ, ଯାହା ଉଚ୍ଚ ଶକ୍ତି ବିଶିଷ୍ଟ ନ୍ୟୁଟ୍ରୋନ୍ ନିର୍ଗତ କରିଥାଏ।ଚଳିତ ବର୍ଷ ଫେବୃଆରି ମାସରେ ଫ୍ରାନ୍ସ ଗସ୍ତ ଶେଷ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇଟିଇଆର ସୁବିଧା ପରିଦର୍ଶନ କରିଥିଲେ। ଏହି ଗସ୍ତରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ଦୁଇ ନେତା ସାକ୍ଷାତ କରିବା ସହ ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିଥିଲେ।

## ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟିଲେ ପଦ୍ମ ପୁରସ୍କାର ବିଜେତା ପ୍ରଫେସର ଅଶୋକ ମହାପାତ୍ର



ଭୁବନେଶ୍ୱର, ୩।୫ (ସଂଚାର ବ୍ୟୁରୋ) : ୨୦୨୫ର ପଦ୍ମଶ୍ରୀ ବିଜେତା ପ୍ରଫେସର ଅଶୋକ କୁମାର ମହାପାତ୍ର ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି।

ଗତ ୨୮ ତାରିଖ ଦିନ ନୂଆଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ ପ୍ରଫେସର ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ଭେଷଜ ବିଜ୍ଞାନ କ୍ଷେତ୍ରରେ ନିଜର ଅବଦାନ ନିମନ୍ତେ ପ୍ରଫେସର ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଦେଶର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ମହାପାତ୍ର ସୋଆର ପୂର୍ବତନ କୁଳପତି ଭାବେ ଦାୟିତ୍ୱ ତୁଲାଇ ସାରିଥିବା ବେଳେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦବୀରେ ଅଧିଷ୍ଠିତ ଅଛନ୍ତି। ନୂଆଦିଲ୍ଲୀ ସ୍ଥିତ ଏମ୍ସର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିବା ପ୍ରଫେସର ମହାପାତ୍ର ଭୁବନେଶ୍ୱର ଏମ୍ସର ମଧ୍ୟ ପ୍ରଥମ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଶ୍ୱର ଶ୍ରେଷ୍ଠ ୫ ଜଣ ନ୍ୟୁରୋସର୍ଜନଙ୍କ ମଧ୍ୟରେ ତାଙ୍କୁ ମାନ୍ୟତା ଦିଆଯାଇଛି। ନୂଆଦିଲ୍ଲୀରୁ ଫେରିବା ପରେ ପ୍ରଫେସର ମହାପାତ୍ର ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ପ୍ରଫେସର ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଘନିପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

## ସରିଲା ଭୋଟ, ଫଳାଫଳକୁ ଅପେକ୍ଷା

ଡେଲାଙ୍ଗ, ୩।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘନିପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ବିରୋଧରେ ଅନାସ୍ଥା ଭୋଟ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରତିମା ପାତ୍ରଙ୍କ କାର୍ଯ୍ୟକଳାପରେ ବହୁ ୱାର୍ଡ ସଭ୍ୟ /ସଭ୍ୟା ଅସନ୍ତୁଷ୍ଟ ଥିଲେ। ପଞ୍ଚାୟତର ମୋଟ ୧୩ ଜଣ ୱାର୍ଡ ସଭ୍ୟସଭ୍ୟା ମଧ୍ୟରୁ ୧୦ ଜଣ ସରପଞ୍ଚ ପ୍ରତିମାଙ୍କ ବିରୋଧରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ତେବେ ଗୋଟେ ୱାର୍ଡରେ ଭୋଟ ହୋଇନଥିବାରୁ ସେଠାରେ ୱାର୍ଡ ପଦବୀ ଖାଲି ପଡିଛି। ପୂର୍ବ ବିଜ୍ଞପ୍ତିକୁ ଆଧାର କରି ଶୁକ୍ରବାର ଘନିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ସରପଞ୍ଚଙ୍କ ବିରୋଧରେ ୯ଟି ଭୋଟ ପଡ଼ିଥିବା ବେଳେ ସପକ୍ଷରେ ସରପଞ୍ଚଙ୍କ ଭୋଟ ମିଶି ୪ଟି ଭୋଟ ପଡ଼ିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ତେବେ ଭୋଟ ସରିଛି, ଆନୁଷ୍ଠାନିକ ଫଳାଫଳ ଘୋଷଣକୁ ଅପେକ୍ଷା କରାଯାଉଛି। ଏହି ଅନାସ୍ଥା ଭୋଟ ପରିଚାଳନା କରିଥିଲେ ପ୍ରିଜାଇଡିଂ ଅଫିସର ଭାବେ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା, ମାଜିଷ୍ଟ୍ରେଟ ଡେଲାଙ୍ଗ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ପିଇଓ ସଚିନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପିପିଲି ଏସ୍‌ଡ଼ିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଆଇଆଇସି ଶ୍ୟାମଘନ ବାରିକ, ଘୋରଡ଼ିଆ ପୋଲିସ ସହାୟତା କେନ୍ଦ୍ର ଅଧିକାରୀ ଗୋପବନ୍ଧୁ ରାଉତଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳାର ସହ ଅନାସ୍ଥା ଭୋଟ ଶେଷ ହୋଇଛି।

# ରେଡିଓ ନମସ୍କାର ପାଇଲା ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ

କୋଣାର୍କ, ୩।୫ (ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରଥମ କମ୍ୟୁନିଟି ରେଡ଼ିଓ ଷ୍ଟେସନ ରେଡ଼ିଓ ନମସ୍କାରକୁ ମୁମ୍ବାଇ ଠାରେ ଆୟୋଜିତ ଜାତୀୟ କମ୍ୟୁନିଟି ରେଡ଼ିଓ ସମ୍ମେଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗନ ପ୍ରଦାନ କରିଛନ୍ତି। ୨୦୧୦ ମସିହାରେ ଜାତୀୟ ସ୍ତରର ବିକାଶ ସଂଗଠନ 'ୟଙ୍ଗ ଇଣ୍ଡିଆ' ଦ୍ୱାରା ଏହି ରେଡିଓ କେନ୍ଦ୍ର କୋଣାର୍କରେ ଆରମ୍ଭ କରାଯାଇଥିଲା। ଆଜି ଏହି କେନ୍ଦ୍ର ପୁରୀ ଜିଲ୍ଲାର ୭୦୦ ଠାରୁ ଅଧିକ ଗାଁ ଓ ପ୍ରାୟ ୩ ଲକ୍ଷ ଜନବସତି ପାଖରେ ପହଞ୍ଚିଛି । ହଜାର ହଜାର ଲୋକଙ୍କର ସ୍ୱର ହୋଇପାରିଛି ରେଡ଼ିଓ ନମସ୍କାର। ଅସଂଖ୍ୟ ନିରାଶ୍ରୟ ଓ ସରଳ ଲୋକ ରେଡ଼ିଓ ନମସ୍କାରରୁ ସୁଫଳ ପାଇପାରିଛନ୍ତି । ରେଡିଓ ନମସ୍କାରର କାର୍ଯ୍ୟକ୍ରମ ମୁଖ୍ୟ ତଥା ଯୁବ କମ୍ୟୁନିଟି ମିଡିଆ ଗବେଷକ ଅନ୍ଦାଜ ଆରନ୍ ଏହି ସମ୍ମାନ ଗ୍ରହଣ କରିଛନ୍ତି।




ଏଥି ପୂର୍ବରୁ ରେଡ଼ିଓ ନମସ୍କାର ବିଗତ ବର୍ଷ ମାନଙ୍କରେ ନିଜର ପ୍ରଭାବଶାଳୀ ଓ ଲୋକାଭିମୁଖୀ କାର୍ଯ୍ୟଧାରା ନିମନ୍ତେ ୫ ଥର ଜାତୀୟ ସମ୍ମାନ ପାଇସାରିଛି । ୟଙ୍ଗ ଇଣ୍ଡିଆ ଗତ ୨ ଦଶନ୍ଧି ଧରି ସାଧାରଣ ଲୋକଙ୍କ ସ୍ୱରକୁ ଉଜ୍ଜୀବିତ କରିବାକୁ ବିଭିନ୍ନ ପଦକ୍ଷେପ ନେଇ ଆସୁଛି । ଖୁବ୍ ଶୀଘ୍ର କୋଣାର୍କ ଠାରେ ୟଙ୍ଗ ଇଣ୍ଡିଆ ଦ୍ୱାରା "ଏସିଆ ସେଣ୍ଟର୍ ଫର କମ୍ୟୁନିଟି ମିଡିଆ" ନାମକ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି, ଯାହା ଭବିଷ୍ୟତରେ ଏସିଆରେ କମ୍ୟୁନିଟି ମିଡିଆ କ୍ଷେତ୍ରର ଏକ ସ୍ୱତନ୍ତ୍ର କେନ୍ଦ୍ର ଭାବେ ପରିଗଣିତ ହେବ। ରେଡ଼ିଓ ନମସ୍କାରକୁ ଏହି ଜାତୀୟ ସମ୍ମାନ ମିଳିଥିବାରୁ ବିଭିନ୍ନ ସ୍ତରରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି ।

ଏମିତି ଚାଲିଛି ମହିଳା ଓ ଶିଶୁ ବିକାଶ ବିଭାଗ

# ଟେଣ୍ଡର ନବୀକରଣରେ ଛତୁଆ ବଣ୍ଟନ

କାକଟପୁର/ଅସ୍ତରଙ୍ଗ, ୩।୫ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଅପପୁଷ୍ଟି ରୋକିବା ପାଇଁ ଗର୍ଭବତୀ, ପ୍ରସୂତି ମହିଳା, ଶିଶୁ ଓ କିଶୋରୀ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ

### ୨୦୧୨ ମସିହାରୁ ହେଉନି ଟେଣ୍ଡର



ମାଧ୍ୟମରେ ଛତୁଆ, ହାଲୁଆ (ସୁଜି ), ଖଜୁରୀ, ରାଶି ଲଡୁ, ମୁଡି, ସୋଲା ଓ ଅଣ୍ଡା ଆଦି ହିତାଧିକାରୀଙ୍କୁ ଅଙ୍ଗନବାଡି କେନ୍ଦ୍ର ଜରିଆରେ ପ୍ରଦାନ କରାଯାଉଛି।

୨୦୧୧-୨୦୧୨ ମସିହାରେ ଟେଣ୍ଡର ପ୍ରକ୍ରିୟାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ପୁଷ୍ଟିକର ସାମଗ୍ରୀ ଯୋଗାଇ ଦେବାକୁ ଚୟନ କରାଯାଇଥିଲା। ଯାହା ଏ ପର୍ଯ୍ୟନ୍ତ ଗତାନୁଗତିକ ପନ୍ଥାରେ ଚାଲିଛି। ସେହି ସମୟରେ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ବିଭାଗର ବିଭିନ୍ନ ଅଧିକାରୀ ଓ ରାଜନେତାଙ୍କୁ ହାତ କରି ପୁନଃ ଟେଣ୍ଡର ନ କରାଇ ନବୀକରଣ କାର୍ଯ୍ୟ ସାରି ଦେଉଛନ୍ତି। ଫଳରେ ନିମ୍ନମାନର ଓ କମ୍ ଓଜନର ଛତୁଆ ସହ ଅନ୍ୟାନ୍ୟ ସାମଗ୍ରୀ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ସମ୍ପର୍କରେ ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି।

ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଥିବା ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୧୮୨ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ଏହି ସମସ୍ତ କେନ୍ଦ୍ର ପାଇଁ କାକଟପୁର ବ୍ଲକର ୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱରେ ଥିବା ଏହି ଗୋଷ୍ଠୀ ଦ୍ୱୟ ନିମ୍ନମାନର, କମ୍ ଓଜନର ଛତୁଆ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ଅନେକ ସମୟରେ ଅଭିଯୋଗ ଆସିଛି। ଏଭଳି ସମ୍ବେଦନଶୀଳ ଘଟଣା ଘଟି ଚାଲିଥିଲେ ମଧ୍ୟ ଏହି ଦୁଇ ଗୋଷ୍ଠୀଙ୍କୁ ପୁନର୍ବାର ଛତୁଆ ଓ ଅନ୍ୟାନ୍ୟ ପୁଷ୍ଟିକର ସାମଗ୍ରୀ ବଣ୍ଟନ ପାଇଁ ଦାୟିତ୍ୱ ଦେବାକୁ ବିଭାଗ ଅଣ୍ଟା ଭିଡିଛି। ଏଥିପାଇଁ ପୁରୀ ଜିଲ୍ଲାପାଳ, ବ୍ଲକର ବିଡ଼ିଓ, ତହସିଲଦାର, ମେଡିକାଲ ଅଫିସର, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଓ ସିଡିପିଓ ଏକ ସ୍ୱତନ୍ତ୍ର ବୈଠକ କରି ପୁନଃ ଟେଣ୍ଡର କରିବାକୁ ଦାବୀ ହୋଇଛି।

ଏଠାରେ ପ୍ରଶ୍ନ ଉଠୁଛି, ଛତୁଆ ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଯୋଗାଣ କରୁଥିବା ଗୋଷ୍ଠୀଙ୍କ ବିରୁଦ୍ଧରେ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ସେମାନଙ୍କୁ ପୁନର୍ବାର ବଣ୍ଟନ ଦାୟିତ୍ୱ ଦେବା ପାଇଁ ଜିଲ୍ଲା ପ୍ରଶାସନ ଅନୁକମ୍ପା ଦେଖାଉଛି କାହିଁକି? ଶହ ଶହ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଥିଲେ ମଧ୍ୟ ଟେଣ୍ଡର ନ ହେବା କାରଣରୁ ଅନ୍ୟମାନେ ଏଭଳି ଦାୟିତ୍ୱ ନେବାରୁ ବଂଚିତ ହେଉଛନ୍ତି। ୨୦୧୧-୨୦୧୨ମସିହାରୁ ଟେଣ୍ଡର ପାଇଁ ଛତୁଆ ବଣ୍ଟନ ଦାୟିତ୍ୱ ନେଇଥିବା ଗୋଷ୍ଠୀଙ୍କ ପାଇଁ ପ୍ରତିବର୍ଷ କାହିଁକି ନବୀକରଣ କାମ ଚାଲିଛି, ତାହା ତଦନ୍ତ ସାପେକ୍ଷ।



## ପ୍ରିୟ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିମାପଡା, ୩।୫ (ସଂଚାର ବ୍ୟୁରୋ): ଗୋପ ବ୍ଲକ ଅନ୍ତର୍ଗତ କଦମ୍ବପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା ଆଜି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୨୮ ବର୍ଷ ଶିକ୍ଷକତା କରି ସେ ଅନେକ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ବହୁ ଛାତ୍ରଛାତ୍ରୀ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ ଆଜି ବିଦ୍ୟାଳୟ ପରିସରରେ ଶିକ୍ଷୟତ୍ରୀ ଜ୍ୟୋତ୍ସାଞ୍ଜଳୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯଇଥିଲା। ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି, ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଶ୍ରୀ ବେହେରାଙ୍କ ସହିତ ଅତିବାହିତ କରିଥିବା ସ୍ମୃତିର ରୋମନ୍ଥନ କରି ଏକ ଜ୍ଞାନୀ, ଗୁଣୀ, ଛାତ୍ରବତ୍ସଳ, ପରୋପକାରୀ ଶିକ୍ଷକଙ୍କୁ ବିଦାୟ ଦେଇ ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ସମସ୍ତେ ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ନିଜ ଗ୍ରାମ ନିମାପଡ଼ାକୁ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇ ଘରେ ଛାଡ଼ି ଆସିଥିଲେ।

## ବ୍ଲକସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ





### ଜିଲ୍ଲାରେ ଏ୧ ଗ୍ରେଡ ପାଇଲେ ୧୨ ଛାତ୍ରଛାତ୍ରୀ, ବୋରିଗୁମ୍ମା ହାଇସ୍କୁଲର ୩ ଛାତ୍ରୀ ବ୍ଲକ ଟପ୍ପର

ବୋରିଗୁମ୍ମା, ୩।୫ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକସଦର ମହକୁମାଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ବ୍ଲକରେ ମୋଟ ୩ ଜଣ ପିଲା ଏ୧ ଗ୍ରେଡ୍ ପାଇଥିବା ଜଣାପଡିଛି। ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସରକାରୀ ହାଇସ୍କୁଲର ଛାତ୍ରୀ ସମୀକ୍ଷା ପ୍ରିୟଦର୍ଶିନୀ ଚୌଧୁରୀ ସର୍ବୋଚ୍ଚ ୫୫୭ ନମ୍ବର, ସୁହାନା ପାଢ଼ୀ ୫୫୭ ନମ୍ବର ରଖି ଉଭୟେ ବ୍ଲକ ଟପ୍ପର ହୋଇଛନ୍ତି। ଏହି ପରିପେକ୍ଷୀରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ତୃପ୍ତିମୟୀ ସାହୁ ୫୫୩ ନମ୍ବର ରଖି ବ୍ଲକରେ ସର୍ବଶ୍ରେଷ୍ଠ ୩ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ବିଦ୍ୟାଳୟର ତଥା ଏ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ସମଗ୍ର ବୋରିଗୁମ୍ମା ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଥିବା ତିନି ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ଖୁସିବ୍ୟକ୍ତ କରିଛନ୍ତି। ପ୍ରକାଶ ଥାଉକି ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ମୋଟ ୧୨ ଜଣ ପିଲା ଏ୧ ଗ୍ରେଡ୍ ପାଇଥିବା ବେଳେ କେବଳ ବୋରିଗୁମ୍ମା ହାଇସ୍କୁଲରୁ ତିନି ଜଣ ଛାତ୍ରୀ ଏ୧ରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ବୋରିଗୁମ୍ମା ସହରବାସୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ



ନବରଙ୍ଗପୁର, ୩।୫ (ସଂଚାର ବ୍ୟୁରୋ) : ଆଜି ନବରଙ୍ଗପୁର ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା(ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଏବଂ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଲୋକସଭା ସାଂସଦ ପ୍ରତିନିଧି ପ୍ରହ୍ଲାଦ ତ୍ରିପାଠୀ, ଝରିଗାଁ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ଦାସ, ନବରଙ୍ଗପୁର ପୌରପରିଷଦ ଅଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଜିଲ୍ଲା ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ନିର୍ବାହି ଅଧିକାରୀ, ପୌର ସଂସ୍ଥା, ନବରଙ୍ଗପୁର ଏବଂ ଉମରକୋଟ ଯୋଗ ଦେଇଥିଲେ।

ବିପର୍ଯୟ ସମୟରେ ମିଳିତ ଭାବରେ ପରସ୍ପର ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଲେ ବିପର୍ଯୟକୁ ଆମେ ସହଜରେ ଏଡାଇପାରିବା ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଥିଲେ। ବିଶେଷ କରି ବର୍ଷା ଦିନ ବନ୍ୟା ସମୟରେ ଏହାର ସଫଳ ମୁକାବିଲା କିପରି ଭାବରେ କରାଯାଇ ପାରିବ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜିଲ୍ଲାରେ ଥିବା ଦୁର୍ବଳ ନଦୀ ବନ୍ଧ ଗୁଡିକ ଶ୍ରୀଘ୍ର ଚିହ୍ନଟ କରି ତାର ମରାମତି କରିବା ସହ ବନ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ବନ୍ୟା ଓ ବାତ୍ୟା ପରବର୍ତ୍ତୀ ସମୟରେ ସମସ୍ତ ପ୍ରକାର କାର୍ଯ୍ୟ ଯୁଦ୍ଧକାଳିନ ଭିତ୍ତିରେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡା ୨୦୨୫ ପୁସ୍ତକ ଉପସ୍ଥିତ ଥିବା ମାନ୍ୟବର ମନ୍ତ୍ରୀ ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା।

## ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ୍ କାର୍ଯ୍ୟକାରୀତା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୩।୫ (ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ, କୃଷି ଏବଂ ଅତ୍ୟାବଶ୍ୟକ ସେବା ବିଭାଗରେ ଓସ୍ୱାସ ମାଧ୍ୟମରେ ନଥିକାର୍ଯ୍ୟ ସମ୍ପାଦିତ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକା) ଭୁବନେଶ୍ୱର ସହ ଓସ୍ୱାସ୍‌ର ଉପଦେଷ୍ଟା ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।



ଖୋର୍ଦ୍ଧା ଜିଲ୍ଲାକୁ ଓସ୍ୱାସ୍ ସଂଯୋଗିକରଣ ନିମନ୍ତେ ପାଇଲଟ୍ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ସାହୁ ବୈଠକରେ ସୂଚନା ଦେବାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକର ଓସ୍ୱାସ୍ ଭିତ୍ତିଭୂମି ଯଥା କମ୍ପ୍ୟୁଟର, ପ୍ରିଣ୍ଟର, ଅପରେଟର, ଇଣ୍ଟରନେଟ ସେବା ଉପଲବ୍ଧ ଆଦି କାର୍ଯ୍ୟଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି ଆସନ୍ତା ୧୫ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ କହିଥିଲେ । ନଥିପତ୍ର କାର୍ଯ୍ୟ ସଠିକ୍ ଢଙ୍ଗରେ, ସ୍ୱଚ୍ଛତାରେ, ସୁରକ୍ଷାରେ ଏବଂ ନିର୍ଭୁଲ ଭାବେ ସ୍ୱଳ୍ପ ସମୟରେ କାର୍ଯକାରୀ କରିବା ଏହି ପାଇଲଟ୍ ପ୍ରୋଜେକ୍ଟର ମୂଳ ଲକ୍ଷ୍ୟ । ଆସନ୍ତା ୫ ତାରିଖ ଠାରୁ ଏଥି ନିମନ୍ତେ ପ୍ରଶିକ୍ଷଣ ଆରମ୍ଭ କରାଯିବାକୁ ଖସଡ଼ା ପ୍ରସ୍ତୁତ ହୋଇଛି ବୋଲି ସୂଚନା ଦେଇଥିଲେ ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ସମସ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିଷ୍ଠା ଓ ଆନ୍ତରିକତା ସହ ପ୍ରଶିକ୍ଷଣ ନେଇ ଧାର୍ଯ୍ୟ ତାରିଖରେ ନିଜନିଜ କାର୍ଯ୍ୟାଳୟରେ ଓସ୍ୱାସ ମାଧ୍ୟମରେ ନଥି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ହରିଦାସପୁରରେ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ

ଗରଦପୁର, ୩।୫ (ସଂଚାର ବ୍ୟୁରୋ) : ଗ୍ରହରାଜ ଶନିଶ୍ଚରଙ୍କ କଲ୍ୟାଣ ନିମନ୍ତେ ସାରା ଦେଶ ତମାମ ଶନିଦେବ ଦେବଙ୍କ ଯଜ୍ଞ ଓ ଜଳାଭିଷେକ ପର୍ବ ପାଳିତ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ବେତାରୀ ପଞ୍ଚାୟତର ହରିଦାସପୁର ଗ୍ରାମରେ ଦୀର୍ଘ ୨୧ ବର୍ଷ ହେବ ଯଜ୍ଞ ସହ ଜଳାଭିଷେକ ପାଳିତ ହୋଇ ଆସୁଛି। ପବିତ୍ର ଚିତ୍ରୋତ୍ପଳା ନଦୀକୂଳରେ ପ୍ରଭୁ ଶନି ଦେବଙ୍କ ମନ୍ଦିର ହେବା ପରେ ସେଠାରେ ପ୍ରତି ବର୍ଷ ଯଜ୍ଞ ହେବା ସହ ଶନି ଶିଳାରେ ପାଣିଢଳା କାର୍ଯ୍ୟକ୍ରମ ଓ ଶନିଶ୍ଚର ମହାଯଜ୍ଞ ବହୁ ଆଡମ୍ବରରେ ହୋଇଥାଏ । ଆଖ ପାଖ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁ ମାନେ ଆସି ଚିତ୍ରୋତ୍ପଳା ଗର୍ଭରୁ ପବିତ୍ର ମନରେ ଜଳ ଭରା କଳସୀ ଆଣି ପ୍ରଭୁ ଶନିଙ୍କ ଶିଳାରେ ଜଳାଭିଷେକ କରିଥାନ୍ତି। ପ୍ରାତଃ କାଳରୁ କମିଟିର ସମସ୍ତ କର୍ମକର୍ତ୍ତା ମାନଙ୍କ ଦ୍ୱାରା ଆଲୋକି କରଣ, ମିଷ୍ଟାନ୍ନ ପ୍ରସାଦ, ଦହି ପାଣି ସର୍ବତ ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନ ତରଫରୁ ପାଟକୁରା ପୁଲିସର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଶ୍ରଦ୍ଧାଳୁ ଭିଡ଼କୁ ନିୟନ୍ତ୍ରଣ କରିଥିଲେ।

## ପୁଅଙ୍କ ଅପେକ୍ଷା ଝିଅ ଅଧିକ ସଫଳ

- ୧୨ଟି ବିଦ୍ୟାଳୟରେ ଶତ ପ୍ରତିଶତ ଫଳାଫଳ
- ଅସ୍ତରଙ୍ଗ ବ୍ଲକରେ ୫ଜଣ ଏ ୱାନ ଓ ୩୩ଜଣଙ୍କୁ ଏ ଟୁ ଗ୍ରେଡ଼
- ଦିବ୍ୟାଶ୍ରୀ ଦାସ ହେଲେ ଅସ୍ତରଙ୍ଗ ବ୍ଲକ ଟପ୍ପର

କାକଟପୁର/ଅସ୍ତରଙ୍ଗ, ୩।୫ (ସଂଚାର ବ୍ୟୁରୋ): ମାଧମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୫ର ଫଳାଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥିରେ ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ ହାର ଅଧିକ ରହିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟ ରୁ ୯୨୧ଜଣ ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯୦୨ଜଣ ଛାତ୍ର, ଛାତ୍ରୀ ପାସ କରିଛନ୍ତି। ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୨ଟି ଉଚ୍ଚ ବିଦ୍ୟାଳୟ ରେ ଶତ ପ୍ରତିଶତ ଫଳାଫଳ ହୋଇଛି। ସେଥି ମଧ୍ୟରୁ ଏ ୧ଗ୍ରେଡ୍ ୫ଜଣ, ଏ ୨ଗ୍ରେଡ୍ ୩୩ଜଣ ହୋଇଛନ୍ତି। ଅସ୍ତରଙ୍ଗ ବ୍ଲକରେ ମହାବୀର ବିଦ୍ୟାପୀଠ ଖଣ୍ଡାସାହି ର ଛାତ୍ରୀ ତଥା ଖଣ୍ଡାସାହି ଗ୍ରାମର ମନୋଜ ଦାସ ଙ୍କ ଝିଅ ଦିବ୍ୟାଶ୍ରୀ ଦାସ ୫୬୧ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ବେଳାଭୂମି ଉଚ୍ଚ ବିଦ୍ୟାଳୟ ଛାତ୍ର ତଥା ଛୁରିଆନା ଗ୍ରାମର ବ୍ରଜବନ୍ଧୁ ପରିଡା ଙ୍କ ପୁଅ ହିମାଂଶୁ ପରିଡା ୫୬୦ନମ୍ବର, ତୃତୀୟ ସ୍ଥାନ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ଛାତ୍ର ତଥା ପାଟଳଦା ପଂଚାୟତ ସୁନ୍ଦର ଗ୍ରାମର କପିଳେଶ୍ୱର ବେହେରା ଙ୍କ ପୁଅ ଐଶ୍ୱରାଜ ବେହେରା ୫୫୭ନମ୍ବର,ଚତୁର୍ଥ ସ୍ଥାନରେ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ -ଅନନ୍ତା ଛାତ୍ରୀ ତଥା କରଞ୍ଜପୁର ଗ୍ରାମର ଅଭୟ ମହାନ୍ତି ଙ୍କ ଝିଅ ସୋନାକ୍ଷି ମହାନ୍ତି ୫୪୯ନମ୍ବର ଓ ପଞ୍ଚମ ସ୍ଥାନରେ ଲବଣ ସତ୍ୟାଗ୍ରହ ବିଦ୍ୟାପୀଠ କୁହୁଡି ଛାତ୍ର ପ୍ରସାଦ ନାୟକ ୫୪୫ନମ୍ବର ରଖିଛନ୍ତି।ତାଙ୍କର ଏହି ସଫଳତା ପଛରେ ଗୁରୁଜୀ, ଗୁରୁମା, ତଥା ମାତା ପିତାଙ୍କ ଶ୍ରେୟ ମଣିଛନ୍ତି। ଏ ନେଇ କୃତି ଛାତ୍ର, ଛାତ୍ରୀ ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସା ସହ କୃତଜ୍ଞତା ଜଣାଉଛନ୍ତି ବିଭିନ୍ନ ବ୍ୟକ୍ତି ବିଶେଷ।

## ଗୋପ ବ୍ଲକ ଟପ୍ପର ଅରମାନ, ଦ୍ୱିତୀୟ ଲକି ଓ ତୃତୀୟ ସୋମପ୍ରସାଦ





ଗୋପ, ୩।୫ (ସଂଚାର ବ୍ୟୁରୋ) : ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଗୋପ ବ୍ଲକର ଟପର ହୋଇଛନ୍ତି ଅରମାନ ମହାନ୍ତି। ଅରମାନ ଗୋପ ବ୍ଲକ ଅନ୍ତର୍ଗତ ଇଶାଣପୁର ଅରେଇ ରାଧାନାଥ ବିଦ୍ୟାପୀଠ ପଢୁଥିବା ବଳେ ୫୭୨ ନମ୍ବର ରଖି ଗୋପ ବ୍ଲକ ଟପର ହୋଇଛନ୍ତି। ଅରମାନ ଇଂଜିନିୟର ହେବାକୁ ଆଶା ରଖିଥିବା ବେଳେ ତାଙ୍କ ସଫଳତା ପଛରେ ମା ଲିପିକା ମହାନ୍ତି ଏବଂ ସ୍କୁଲ ଶିକ୍ଷକଙ୍କ ଶ୍ରେୟ ରହିଛି ବୋଲି ଅରମାନ କହିଛନ୍ତି।ବ୍ଲକରେ ୫୬୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଗୋପ ବ୍ଲକ ଗଣେଶ୍ୱରପୁର ହାଇସ୍କୁଲର ସୋମପ୍ରସାଦ ବେହରା। ସୁବର୍ଣ୍ଣପୁର ଗ୍ରାମର ସସ୍ମିତା ବେହେରାଙ୍କ ପୁତ୍ର ସୋମପ୍ରସାଦ ଅକ୍ଲାନ୍ତ ପରିଶ୍ରମ ମୋ ମାର ଆଶୀର୍ବାଦ ପରିବାରଙ୍କ ସହିଯୋଗ ଏବଂ ଶିକ୍ଷକ ମାନଙ୍କ ଶିକ୍ଷାଦାନ ମତେ ସଫଳତାର ସ୍ୱାଦ ଦେଇପାରିଛି। ମୁଁ ଭବିଷ୍ୟତରେ ଡାକ୍ତର ହୋଇ ଗରିବ ଲୋକମାନଙ୍କ ସେବା କରିବା ପାଇଁ ଲକ୍ଷ ରଖିଛି ବୋଲି ସୋମପ୍ରସାଦ କହିଛନ୍ତି। ସେହିପରି ଗୋପ ବ୍ଲକରେ ୫୫୨ ନମ୍ବର ରଖି ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି ବଣିସାହି ପଞ୍ଚାୟତ ଋଷିପଡା ନୋଡାଲ ହାଇସ୍କୁଲର ଛାତ୍ରୀ ଲକି ସ୍ୱାଇଁ, କଠିନ ପରିଶ୍ରମ ଓ ମୋ ପରିବାର ଏବଂ ଶିକ୍ଷକ ମାନଙ୍କ ଆଶ୍ରିବାଦ ଯୋଗୁ ମୁଁ ସଫଳତା ପାଇଛି ଡାକ୍ତର ହୋଇ ସେବା କରିବା ମୋର ଲକ୍ଷ ରଖିଛି ବୋଲି ଲକି ସ୍ୱାଇଁ କହିଛନ୍ତି।

# ସବୁଜଗୃହ ଗ୍ୟାସ ନିର୍ଗମନକୁ ହ୍ରାସ କରାନଗଲେ ତାପମାତ୍ରା ୨.୭ ଡିଗ୍ରୀ ବଢ଼ିବ: ଗବେଷକ

ଭୁବନେଶ୍ୱର, ୩।୫ (ସଂଚାର ବ୍ୟୁରୋ) : ପୃଥିବୀରେ ସବୁଜଗୃହ ଗ୍ୟାସ (ଗ୍ରୀନ୍‌ହାଉସ୍ ଗ୍ୟାସ) ନିର୍ଗମନକୁ ଯଦି ଶୀଘ୍ର ହ୍ରାସ କରାନଯାଏ ତେବେ ପୃଥିବୀର ତାପମାତ୍ରା ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଅଧିକ ୨.୭ ଡିଗ୍ରୀ ସେଲସିଅସ ବୃଦ୍ଧି ପାଇବ। ପ୍ରାପ୍ତ ସୂଚନା ଅନୁଯାୟୀ ପୃଥିବୀରେ ୧୯୯୦ ରୁ ୨୦୨୦ ମଧ୍ୟରେ ସବୁଜଗୃହ ଗ୍ୟାସ ୪୭ ପ୍ରତିଶତ ଓ ଅଙ୍ଗାରକାମ୍ଳ ଗ୍ୟାସ ୮୦ ପ୍ରତିଶତ ବୃଦ୍ଧି ପାଇଛି ବୋଲି ବିଶିଷ୍ଟ ପାଣିପାଗବିତ୍ ଓ ଗବେଷକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି।

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିଚାଳିତ ଜଳବାୟୁ ଓ ପରିବେଶ କେନ୍ଦ୍ର (ସେଣ୍ଟର ଫର କ୍ଲାଇମେଟ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଡକ୍ଟର ସାହୁ କହିଛନ୍ତି ଯେ ପରିବେଶରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ଶିଳ୍ପାୟନ ପୂର୍ବ ସମୟ ଠାରୁ ୧୪୯ ପ୍ରତିଶତ ବୃଦ୍ଧି ପାଇଛି ଯାହା ଉଦ୍‌ବେଗଜନକ। ଏହା ପୃଥିବୀ ଓ




ଭବିଷ୍ୟତ ପୀଢ଼ି ନିମନ୍ତେ ଉତ୍ତମ ନୁହେଁ ବୋଲି ସେ କହିଛନ୍ତି। ସିଇସି ଓ ଆମେରିକାସ୍ଥିତ ରିଭର୍ସ ଅଫ୍ ଦି ୱାର୍ଲ୍ଡର ମିଳିତ ସହଯୋଗରେ ସୋଆ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ 'ୱାଟର, ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ କ୍ଲାଇମେଟ ଚେଞ୍ଜ' ଶୀର୍ଷକ ଆନ୍ତର୍ଜାତିକ କର୍ମଶାଳାରେ ବକ୍ତବ୍ୟ ରଖି ଏହା କହିଥିଲେ।

ପୂର୍ବରୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଥିବା ଡକ୍ଟର ସାହୁ କହିଥିଲେ ଯେ ୨୦୧୫ରେ ପରିବେଶରେ ଅଙ୍ଗାରକାମ୍ଳ ଗ୍ୟାସ ୪୦୦ ପିପିଏମ୍ ଥିବା ବେଳେ ୨୦୨୦ରେ ଏହା ୪୧୩.୨ ପିପିଏମକୁ ବୃଦ୍ଧି ପାଇଥିଲା। ସେହିପରି ବାୟୁମଣ୍ଡଳରେ ମିଥେନ୍ ଓ ନାଇଟ୍ରସ ଅକ୍ସାଇଡର ମାତ୍ରା ୧୭୫୦ ମସିହା ତୁଳନାରେ ଯଥାକ୍ରମେ ୨୬୨ ପ୍ରତିଶତ ଓ ୧୨୩ ପ୍ରତିଶତ ବୃଦ୍ଧି ପାଇଛି। ଡବ୍ଲ୍ୟୁଏମ୍‌ଓ ତଥ୍ୟ ଅନୁଯାୟୀ ପୃଥିବୀ ପ୍ରାୟ ୩ ରୁ ୫ ନିୟୁତ ବର୍ଷ ପୂର୍ବେ ଅଙ୍ଗାରକାମ୍ଳର ତୁଳନୀୟ ଏକତ୍ରୀକରଣ ଅନୁଭବ କରିଥିଲା ଯେତେବେଳେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇଥିଲା। ମାତ୍ର ସେତେବେଳେ ପୃଥିବୀର ଜନସଂଖ୍ୟା ୮୦୦ କୋଟି ନଥିଲା। ଏଥିରୁ ସବୁଜଗୃହ ଗ୍ୟାସର ନିର୍ଗମନ ପୃଥିବୀ ପ୍ରତି କେତେ ବିପଦଜନକ ତାହା ଅନୁମାନ କରାଯାଇପାରେ।

ଏହି କର୍ମଶାଳାରେ ରିଭର୍ସ ଅଫ୍ ଦି ୱାର୍ଲ୍ଡର ସୁବିଜୟ ଦତ, ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ବାଲା ପ୍ରସାଦ, ସୋଆ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ଭିଏସଏସ୍ ୟୁନିଭର୍ସିଟି ଅଫ୍ ଇଞ୍ଜିନିୟରିଂ, ବୁର୍ଲାର ପ୍ରଫେସର ଅନିଲ କର ବକ୍ତବ୍ୟ ରଖିଥିଲେ।

ସଂଚାର THE SANCHAR

# ସିବିଏସଇ: ପ୍ରଥମେ ଉତ୍ତର ଖାତା, ତା'ପରେ ହେବ ରିଭାଲ୍ୟୁଏସନ!




ଭୁବନେଶ୍ୱର, ୩।୫ (ସଂଚାର ବ୍ୟୁରୋ) : ସିବିଏସଇରେ ବଡ଼ ପରିବର୍ତ୍ତନ। ପ୍ରଥମେ ମିଳିବ ଉତ୍ତର ଖାତା, ତା'ପରେ ହେବ ରିଭାଲ୍ୟୁଏସନ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ପରେ ପୁନଃମୂଲ୍ୟାୟନ ପ୍ରକ୍ରିୟାରେ ଏକ ବଡ଼ ପରିବର୍ତ୍ତନ କରିଛି। ସିବିଏସଇ ଦ୍ୱାରା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଫଳାଫଳ ଖୁବ ଶୀଘ୍ର ଘୋଷଣା କରାଯିବ। ଲକ୍ଷ ଲକ୍ଷ ଛାତ୍ରଛାତ୍ର ଫଳାଫଳ ପାଇଁ ଅପେକ୍ଷା କରିଛନ୍ତି।

ଫଳାଫଳ ପ୍ରକାଶନ ତାରିଖ ପୂର୍ବରୁ ବୋର୍ଡ ଏହି ବଡ଼ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି। ଛାତ୍ରୀଛାତ୍ରମାନଙ୍କୁ ଅଧିକ ସ୍ୱଚ୍ଛତା ଏବଂ ଆତ୍ମନିର୍ଭରଶୀଳତା ଦେବା ଲକ୍ଷ୍ୟରେ ଏହି ପରିବର୍ତ୍ତନ କରାଯାଇଛି। ଛାତ୍ରୀଛାତ୍ରମାନେ ପ୍ରଥମେ ସିବିଏସ୍ଇରୁ ସେମାନଙ୍କର ମୂଲ୍ୟାଙ୍କିତ ଉତ୍ତର ଖାତାର ଫଟୋକପି ପାଇବେ। ପରେ ସେମାନେ ଦେଖିପାରିବେ ଯେ କେଉଁ ଉତ୍ତର ପାଇଁ କେତେ ମାର୍କ ମିଳିଛି ଏବଂ କେଉଁ ପ୍ରଶ୍ନ ପାଇଁ କେତେ କଟାଯାଇଛି।

ଏହି ସ୍ୱଚ୍ଛତା ସେମାନଙ୍କୁ ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ପୂର୍ବରୁ ଛାତ୍ରୀଛାତ୍ରମାନେ ପ୍ରଥମେ ମାର୍କ ଯାଞ୍ଚ ପାଇଁ ଆବେଦନ କରିବାକୁ ପଡୁଥିଲା। ଏହା ପରେ ସେମାନେ ଫଟୋକପି ପାଇପାରିବେ ଏବଂ ତା'ପରେ ଅନ୍ତିମ ପର୍ଯ୍ୟାୟରେ ପୁନଃମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ଏବେ ଏଥିରେ ପରିବର୍ତ୍ତନ କରାଯାଇଛି।



ଲୋକଙ୍କୁ ଛାଇ ଦେବାକୁ ବିଏମ୍‌ସି ପକ୍ଷରୁ ତିଆରି ହୋଇଥିବା ସେଡ୍ କାଳବୈଶାଖୀରେ ଭୁଶୁଡ଼ିପଡ଼ିଲା। ଭୁବନେଶ୍ୱର ପାୱାର ହାଉସ୍ ଛକରେ ଲାଗିଥିବା ସେଡ୍‌ର ଦୃଶ୍ୟ।

## 'ପ୍ରଗତିବାଦୀ' ଜନ୍ମଦିନରେ ସାରସ୍ୱତ ସମାରୋହ

# ଭଲ ମଣିଷ ଗଢ଼ିବା ସମସ୍ତଙ୍କ ଦାୟିତ୍ୱ




ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ): ସାହିତ୍ୟ ସବୁବେଳେ ସମାଜରେ ପରିବର୍ତ୍ତନ ଆଣିଥାଏ। ସାହିତ୍ୟ ସମାଜକୁ ବାଟ ଦେଖାଏ। ତେବେ ଯେତେବେଳେ ସମାଜ କୌଣସି ଲେଖାରେ ପ୍ରଭାବିତ ହୁଏ, ସେତେବେଳେ ଜଣେ ଲେଖକ ବା କବିଙ୍କ ଲେଖା ସଫଳ ହେଲା ବୋଲି କହିପାରିବା। ସେହିପରି ସମାଜରେ ଭଲ ମଣିଷ ଗଢ଼ିବା ସମସ୍ତଙ୍କ ଦାୟିତ୍ୱ ବୋଲି ଗତ ୧ ତାରିଖରେ ଦୈନିକ ଖବରକାଗଜ 'ପ୍ରଗତିବାଦୀ'ର ଜନ୍ମଦିନରେ ଆୟୋଜିତ ସାରସ୍ୱତ ସମାରୋହରେ ଯୋଗଦେଇଥିବା ବିଶିଷ୍ଟ ଅତିଥି ମତ ଦେଇଛନ୍ତି। ପୂର୍ବାହ୍ନରେ ପ୍ରତିନିଧିମାନଙ୍କର ଏକ ଭେଟଘାଟ ହୋଇଥିବା ବେଳେ ଅପରାହ୍ନରେ କବିତା ପାଠୋତ୍ସବ, ସାହିତ୍ୟ ଚର୍ଚ୍ଚା, ପୁସ୍ତକ ଉନ୍ମୋଚନ ଓ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା।

ଚଳିତ ଥର 'ପ୍ରଗତିବାଦୀ'ର ସାରସ୍ୱତ ସମାରୋହକୁ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ତଥା ବିଶିଷ୍ଟ ସମାଜସେବୀକା ଗୁରୁମା ଡକ୍ଟର ଅରୁନ୍ଧତୀ ଦେବୀ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ତଥା ରାଜନେତା ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଓ ଅନ୍ୟତମ ବରେଣ୍ୟ ଅତିଥି ଭାବେ ଗାଳ୍ପିକ ତଥା ଅନୁବାଦକ ରାଧୁ ମିଶ୍ର ଯୋଗଦେଇଥିଲେ। ଶିକ୍ଷାବିତ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଏଥିରେ ସଭାପତିତ୍ୱ କରିଥିବା ବେଳେ ଡ. ଦେବୀ କହିଥିଲେ ଯେ ସମାଜରେ ଭଲ ମଣିଷ ଗଢିବା ପ୍ରତ୍ୟେକଙ୍କ ଦାୟିତ୍ୱ। କାରଣ ସମ୍ମିଳିତ ଉଦ୍ୟମରେ ହିଁ ସମାଜର ପରିବର୍ତ୍ତନ ଘଟିଥାଏ। 'ପ୍ରଗତିବାଦୀ' ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କର ସତ୍ୟ, ନ୍ୟାୟ, ମୂଲ୍ୟବୋଧ ଓ ନିର୍ଭୀକତା ବିଶେଷ ଗୁଣ ଥିଲା। 'ପ୍ରଗତିବାଦୀ' ଭଲ କାର୍ଯ୍ୟକୁ ଆଗକୁ ନେଉ ବୋଲି ସେ ପରାମର୍ଶ ଦେଇଥିଲେ।

ସେହିପରି ମୁଖ୍ୟବକ୍ତା ଡ. ସାହୁ କହିଥିଲେ ଯେ ସମାଜକୁ ଲେଖକମାନେ ହିଁ ପରିବର୍ତ୍ତନ କରିପାରିଥାନ୍ତି। ଯେଉଁ ଲେଖା ସମାଜକୁ ପ୍ରଭାବିତ କରେ, ତାହା ଶ୍ରେଷ୍ଠ ସାରସ୍ୱତ କୃତୀ ଭାବେ ସାବ୍ୟସ୍ତ ହୋଇଥାଏ। ସମାଜରେ ଲେଖା ମାଧ୍ୟମରେ ପରିବର୍ତ୍ତନ ଆଣିପାରିଲେ ତାହାକୁ ଲେଖକୀୟ ସଫଳତା କୁହାଯିବ ବୋଲି ଡକ୍ଟର ସାହୁ କହିଥିଲେ। ଏଥିସହ 'ପ୍ରଗତିବାଦୀ' ଏକ ଆଦର୍ଶ ଭିତରେ ଜନ୍ମ ହୋଇଥିବାରୁ ସମାଜରେ ସତ୍ୟ ଓ ନିର୍ଭୀକତାର ସ୍ୱରକୁ ଆଗକୁ ବଢ଼ାଇବା ଦିଗରେ ବ୍ରତୀ ହେଉ ବୋଲି ସେ କାମନା କରିଥିଲେ।

ଏହି ଅବସରରେ ପ୍ରଦ୍ୟୁମ୍ନ ବଳଙ୍କ କବିତା ସଂକଳନ 'ପରିଭାଷା'ର ହିନ୍ଦୀ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଅନୁବାଦକ ଶ୍ରୀ ମିଶ୍ର ସର୍ବଶ୍ରେଷ୍ଠ କବିତା ଭାବେ 'ରିକ୍ସାବାଲା'କୁ ଉଲ୍ଲେଖ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ 'ପ୍ରଗତିବାଦୀ' ଓ ପ୍ରଦ୍ୟୁମ୍ନ ବଳଙ୍କ ସଂକ୍ରାନ୍ତରେ ବିଶଦ ବକ୍ତବ୍ୟ ରଖିଥିଲେ। ଦୀର୍ଘ ୫୮ ବର୍ଷ ଧରି ବିତରକ ଦାୟିତ୍ୱ ତୁଲାଇଆସୁଥିବା ବାଦାମବାଡ଼ି ବସଷ୍ଟାଣ୍ଡର ଦୀନବନ୍ଧୁ ଦେହୁରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ 'ପ୍ରଗତିବାଦୀ'ର ପ୍ରତ୍ୟେକ ଲେଖକଲେଖିକା, କବି ଓ ଗାଳ୍ପିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ 'ପ୍ରଗତିବାଦୀ'ର ବାର୍ଷିକ ବିଶେଷାଙ୍କ ମଧ୍ୟ ଉନ୍ମୋଚିତ ହୋଇଥିଲା।

# ଶାଶୂର ତଣ୍ଟି ଚିପି ମାରିଦେଲା ବୋହୂ!

● ଅଭିଯୋଗ କଲେ ଶଶୂର, ପୁଲିସ୍ ତଦନ୍ତ ଜାରି



ରେଢ଼ାଖୋଲ, ୩।୫ (ସଂଚାର ବ୍ୟୁରୋ) : ଏମିତି ବୋହୂ ଯିଏ ଶାଶୂର ଜୀବନ ନେବାକୁ ପଛାଇଲା ନାହିଁ । ମା' ସମାନ ଶାଶୂକୁ ମାରିବା ପୂର୍ବରୁ ବୋହୂର ହାତ ଟିକିଏ ବି ଥରିଲାନି। କେତେ ଆଶା ରଖି ପୁଅକୁ ବାହା କରି ଖୁସିରେ ଘରକୁ ବୋହୂ ଆଣିଥିଲେ। କିନ୍ତୁ ଆଜି ସେହି ବୋହୂ ହାତରେ ବୁଢ଼ୀ ଶାଶୂର ଜୀବନ ଗଲା। ଶାଶୂର ତଣ୍ଟିଚିପି ହତ୍ୟା କଲା ବୋହୂ। ଆଉ ଶେଷରେ ନିଜ ଭୁଲକୁ ଲୁଚାଇବାକୁ ଯାଇ ଜାଳି ନଷ୍ଟ କରିଦେଇଥିଲେ ସବୁ ପ୍ରମାଣ। ଦୁଇ ବର୍ଷ ହେଲା ପୁଅକୁ ବାହା ହୋଇଥିଲା। ଭାବିଥିଲେ ବୋହୂ ଆସିଲେ ହସ ଖୁସିରେ ଘର ପୂରିଉଠିବ। ନାତି କି ନାତୁଣୀଙ୍କ କୁଆଁ କୁଆଁ ଶବ୍ଦରେ ଘର ସରଗପୁର ହୋଇଯିବ। ହେଲେ ତାଙ୍କର ସବୁ ସ୍ୱପ୍ନ ମାଟିରେ ମିଶିଗଲା। ବାହା ହୋଇ ଆସିଥିବା ନୂଆ ବୋହୂ ଓ ଶାଶୁଙ୍କ ମଧ୍ୟରେ ଜମା ପଡ଼ିଲାନି। ଦୁହିଁଙ୍କ ମଧ୍ୟରେ ପ୍ରାୟତଃ ସବୁବେଳେ ବଚସା ଲାଗିରହୁଥିଲା। ଫଳସ୍ୱରୂପ ଅଧିକାଂଶ ସମୟରେ ନିଜ ବାପ ଘରେ ଯାଇ ରହୁଥିଲା ବୋହୂ ମୋନାଲିସା। ନିକଟରେ ସେ ବାପ ଘରୁ ଶାଶୂଘରକୁ ଆସିଥିଲା । ସ୍ୱାମୀ ଏବଂ ଶ୍ୱଶୁର କେହି ଘରେ ରହୁନଥିଲେ। ଏଭଳି ପରିସ୍ଥିତିରେ ବିଳମ୍ବିତ ରାତିରେ ଶାଶୂ ବୋହୂଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିଲା। ଏହାର ସୁଯୋଗ ନେଇ ବୋହୂ ଶାଶୁର ତଣ୍ଟିଚିପ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ରେଢ଼ାଖୋଲ ଥାନା କୁଟାସିଙ୍ଗା ଗାଁର ମନ୍ଦିର ସାହିରେ। ମୃତ୍ୟୁବରଣ କରିଥିବା ଶାଶୂ ଜଣଙ୍କ ହେଉଛନ୍ତି ଲବଣି ଦେହୁରୀ। ବୋହୂ ମୋନାଲିସା ନାଏକ ଓରଫ ଅନୁ ଏବଂ ତାଙ୍କ ଶାଶୂଙ୍କ ମଧ୍ୟରେ ପୂର୍ବରୁ ବାରମ୍ବାର କଳିଝଗଡା ହେଉଥିଲା । ତେଣୁ ମୋନାଲିସା ତାଙ୍କ ବାପଘରେ ରହୁଥିଲେ। ସ୍ୱାମୀ କୃଷ୍ଣଚନ୍ଦ୍ର ଦେହୁରୀ ଗୁଜରାଟରେ କାମ କରୁଥିବାରୁ ଘରେ ରହନ୍ତି ନାହିଁ । ସେହିପରି ଶ୍ୱଶୁର ଗଣେଶ ଦେହୁରୀ ମଧ୍ୟ ରାଉରକେଲାରେ ରହନ୍ତି। ଅଭିଯୋଗ ଅନୁଯାୟୀ, ଶାଶୂକୁ ହତ୍ୟା କରିବା ପରେ ମୋନାଲିସା ବିଳମ୍ବିତ ରାତିରେ ପଡ଼ିଶା ଘରୁ କଲ୍ କରି ସ୍ୱାମୀ ଓ ଶ୍ୱଶୁରଙ୍କୁ ଘରେ ଅସୁବିଧା ହୋଇଛି, ଶୀଘ୍ର ଆସିବାକୁ କହିଥିଲେ।

ଖବର ପାଇ ଗଣେଶ ତ୍ୱରିତ ଘରେ ପହଞ୍ଚି ସ୍ତ୍ରୀ ଲବଣି ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ବାରି ପଛପଟେ ପ୍ରମାଣ ନଷ୍ଟ କରିବା ସକାଶେ ଗୋଟିଏ ପୋଡ଼ା ଶାର୍ଟ ଓ ବେଡିସିଟ୍ ମଧ୍ୟ ମାଟିରେ ପୋତା ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିଛନ୍ତି ଯେ ବୋହୂ ମୋନାଲିସା ତା'ର ଭାଇ ସିଦ୍ଧାନ୍ତ ସହ ମିଶି ଲବଣିଙ୍କୁ ହତ୍ୟା କରିଛି। ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ରେଢାଖୋଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆଇନଜୀବୀଙ୍କୁ ସର୍ଭିସ ଟ୍ୟାକ୍ସ ଓ ଜିଏସଟି ନୋଟିସ ମନା



କଟକ,୩।୫ (ସଂଚାର ବ୍ୟୁରୋ) : ଆଇନଜୀବୀଙ୍କୁ ସର୍ଭିସ ଟ୍ୟାକ୍ସ ପୈଠ ପାଇଁ ଅଯଥା ନୋଟିସ୍ ଜାରି କରାଯାଇ ପାରିବ ନାହିଁ ବୋଲି ଓଡିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଏଥିସହ ଆଇନ ପେସାରୁ ଆଇନଜୀବୀ କରିଥିବା ଆୟ ଉପରେ ସେବା କର ଦାବି କରି ଜାରି ନୋଟିସ୍‌କୁ ହାଇକୋର୍ଟ ରଦ୍ଦ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଏସ.ଏନ.ରାୟଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ଆବେଦନକାରୀ ଆଇନଜୀବୀଙ୍କୁ ୨୦୧୫-୧୬ ଆର୍ଥିକ ବର୍ଷ ପାଇଁ ୨ଲକ୍ଷ ୧୪ ହଜାର ୬ଶହ ଟଙ୍କା ସେବା କର ପୈଠ କରିବାକୁ ୨୦୨୧, ଏପ୍ରିଲ ୧୫ରେ ନୋଟିସ୍ ଜାରି କରାଯାଇଥିଲା। ଏହାପରେ ୨୦୨୫, ଜାନୁଆରି ୨୮ରେ ଉପରୋକ୍ତ ସେବା କର ସହିତ ଓ ଏହା ଉପରେ ଜରିମାନା ବାବଦ ୨ ଲକ୍ଷ ୩୪ ହଜାର ୬ଶହ ଟଙ୍କା ଆଦାୟ ପାଇଁ ଭୁବନେଶ୍ୱର-୨ ଡିଭିଜନ ଜିଏସଟି ଓ ସେଣ୍ଟ୍ରାଲ ଏକ୍ସାଇଜ ଅଧୀକ୍ଷକ ଙ୍କ ତରଫରୁ ନୋଟିସ୍ ଜାରି କରାଯାଇଥିଲା। ଉଭୟ ନୋଟିସକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଶୁଣାଣି ସମୟରେ ପ୍ରତିପକ୍ଷଙ୍କ ତରଫରୁ ଦର୍ଶାଯାଇଥିଲା ଯେ କାରଣ ଦର୍ଶାଅ ନୋଟିସ୍ ଜାରି ପରେ କର୍ତ୍ତୃପକ୍ଷଙ୍କୁ ଆବେଦନକାରୀ ସହଯୋଗ କରି ନଥିଲେ। ଏହାପରେ ଆବେଦନକାରୀଙ୍କ ଅନୁପସ୍ଥିତିରେ ଏହି ପ୍ରସଂଗରେ ବିଚାର ପ୍ରକ୍ରିୟା ଶେଷ ହୋଇଥିଲା । ୨୦୨୪, ଅଗଷ୍ଟ ୯ର ନିର୍ଦ୍ଦେଶ ଆଧାରରେ ଆବେଦନକାରୀଙ୍କ ନିକଟରୁ ସେବା କର ଓ ଜରିମାନା ବାବଦ ଅର୍ଥ ଆଦାୟ ପାଇଁ ୨୦୨୫, ଜାନୁଆରି ୨୮ରେ ନୋଟିସ୍ ଜାରି କରାଯାଇଥିଲା। ହାଇକୋର୍ଟଙ୍କ ୨୦୨୧, ମାର୍ଚ୍ଚ ୩୧ର ରାୟର ନଜିର ଉପସ୍ଥାପନ କରାଯାଇଥିଲା । ଆଇନ ପେସାରେ ଥିବା ଆଇନଜୀବୀଙ୍କୁ ସର୍ଭିସ୍ ଟ୍ୟାକ୍ସ/ଜିଏସ୍‌ଟି ପୈଠ ପାଇଁ ନୋଟିସ୍ ଜାରି କରି ହଇରାଣ କରାଯିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଥିଲେ । ଆଇନଜୀବୀମାନଙ୍କୁ ସର୍ଭିସ୍ ଟ୍ୟାକ୍ସ/ଜିଏସଟିରୁ ଆଇନ ଅନୁସାରେ ମୁକ୍ତ କରାଯାଇଥିବା ବେଳେ ସେମାନଙ୍କୁ ବାରମ୍ବାର ଏ ନେଇ ନୋଟିସ୍ କରାଯିବା ପ୍ରସଂଗକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ସର୍ଭିସ୍ ଟ୍ୟାକ୍ସ/ଜିଏସଟି ପୈଠ ପାଇଁ ଆଇନଜୀବୀଙ୍କୁ ନୋଟିସ ଜାରି ନ କରିବାକୁ ଜିଏସଟି କମିସନର ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବେ ବୋଲି ହାଇକୋର୍ଟ ୨୦୨୧, ମାର୍ଚ୍ଚ ୩୧ରେ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସ୍ଥିତିରେ ସେବା କର ପୈଠ ପାଇଁ ଆଇନଜୀବୀଙ୍କୁ ନୋଟିସ୍ ଜାରି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ କୋର୍ଟଙ୍କୁ ଦର୍ଶାଯାଇଥିଲା।

# ନକଲି ଡିଟରଜେଣ୍ଟ ପାଉଡର ଜବତ, ଦୁଇ ମାଲିକଙ୍କ ସମେତ ୫ ଅଟକ



କଟକ, ୩।୫ (ସଂଚାର ବ୍ୟୁରୋ) : ନକଲି ଅପମିଶ୍ରିତ ଡିଟରଜେଣ୍ଟ ପାଉଡର । କଟକ ଜଗତପୁର ଥାନା ଅଣ୍ଡେଇ ସାହି ଅଞ୍ଚଳରେ ରେଡ୍ । ଭଡ଼ା ଘରେ ଚାଲିଥିବା ଏକ କାରଖାନା ଉପରେ ପୋଲିସ ଚଢ଼ାଉ କରିଥିଲା । କାରଖାନା ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ପ୍ରସ୍ତୁତ ହୋଇ ବିକ୍ରି ପାଇଁ ଥିବା ପାଉଡ଼ର ପ୍ୟାକେଟ୍, ବିପୁଳ ପରିମାଣରେ କଞ୍ଚାମାଲ, ରାସାୟନିକ ପଦାର୍ଥ, କିଛି ଯନ୍ତ୍ରାଂଶ ଓ ମେସିନ୍ ଜବତ କରିଛି ଜଗତପୁର ଥାନା ପୋଲିସ । ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଏହି କାରଖାନକୁ ସିଲ୍ କରାଯାଇଛି । କମ୍ପାନୀର ଦୁଇ ଜଣ ମାଲିକଙ୍କ ସମେତ କର୍ମଚାରୀଙ୍କୁ ମିଶାଇ ମୋଟ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ । ଅଟକ ମାଲିକଙ୍କ ନାଁରେ ପୂର୍ବରୁ ମଧ୍ୟ ଟାଙ୍ଗୀ ଥାନାରେ ନକଲି ସାମଗ୍ରୀ ପ୍ରସ୍ତୁତି ଅଭିଯୋଗ ସମ୍ପର୍କୀତ ମାମଲା ରହିଥିବା ଜଣାପଡିଛି । କାରଖାନାର ଟ୍ରେଡ ଲାଇସେନ୍ସ ତଥା ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରୁଛି ପୋଲିସ । ଅପମିଶ୍ରଣ ଦିଗକୁ ନେଇ ମଧ୍ୟ ତଦନ୍ତ କରାଯାଉଥିବା ମଧ୍ୟ ସୂଚନା ମିଳିଛି ।

# ମାଳମାଳ କମିଶନ, ମିଳୁନି ତଦନ୍ତ ରିପୋର୍ଟ

ଭୁବନେଶ୍ୱର,୩।୫: ଶ୍ରୀଜଗନ୍ନାଥ ଧାମ ପୁରୀରେ ଥିବା ଶ୍ରୀମନ୍ଦିର ପ୍ରସଂଗରେ ବାରମ୍ବାର କମିଟି ଓ କମିଶନମାନ ବସାଯିବା ସହିତ ବିଭିନ୍ନ ଅଭିଯୋଗ ଓ ବିଭ୍ରାଟ ପ୍ରଶ୍ନର ତଦନ୍ତ ଲାଗି ଅନେକ ଆଦେଶନାମା ଗତ ୫୦ବର୍ଷ ମଧ୍ୟରେ ଜାରି ହେଲାଣି । ତେବେ ଏ ସମସ୍ତ ତଦନ୍ତର ରିପୋର୍ଟ ଏବଂ ଫଳାଫଳ କ'ଣ ହେଉଛି ସେ ସଂକ୍ରାନ୍ତରେ କିନ୍ତୁ ଶ୍ରୀଜଗନ୍ନାଥ ପ୍ରେମୀମାନେ ଜାଣିବାର ଅବକାଶ ନାହିଁ ।

ସରକାରୀ ତଥ୍ୟ ମୁତାବକ ଭଗବତ ଦୟାଲ ଶର୍ମା ଓଡ଼ିଶାର ରାଜ୍ୟପାଳ ଥିବାବେଳେ ଶ୍ରୀମନ୍ଦିରରେ ସଂସ୍କାର ଲାଗି ୭୦ ଦଶକରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ କମିଟି ଗଢ଼ାଯାଇଥିଲା । ଏହି କମିଟିରେ ଗଜପତି ମହାରାଜା, ଡ. ହରେକୃଷ୍ଣ ମହତାବ, ଡ. ରାଧାନାଥ ରଥ, ଜଷ୍ଟିସ୍ ହରିହର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସଦସ୍ୟ ଥିଲେ । ଏହି କମିଟି ରାଜ୍ୟ ସରକାରଙ୍କୁ ଦେଇଥିବା ତଥ୍ୟ ସମ୍ବଳିତ ରିପୋର୍ଟ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ସେ ସଂକ୍ରାନ୍ତରେ କାହା ପାଖରେ କିଛି ତଥ୍ୟ ନାହିଁ । ସେହିପରି ୧୯୭୮ର ନବକଳେବର ବିଭ୍ରାଟର ତଦନ୍ତ ପାଇଁ ବସାଯାଇଥିବା ଜଷ୍ଟିସ ବି.କେ. ପାତ୍ର କମିଶନଙ୍କ ରିପୋର୍ଟର ଅବସ୍ଥା ।

ନାଗାର୍ଜୁନ ବେଶ ଅବସରରେ ଶ୍ରୀମନ୍ଦିରରେ ସୃଷ୍ଟି ହୋଇଥିବା ଦଳାଚକଟା ଜନିତ ଦୁର୍ଘଟଣାର ତଦନ୍ତ ଓ ତାହାର ପ୍ରତିକାର ନିମନ୍ତେ ସୁପାରିସ ପାଇଁ ୧୯୯୩ ମସିହାରେ ଜଷ୍ଟିସ୍ ଜୀବନ ମୋହନ ମହାପାତ୍ର କମିଶନ ବସାଯାଇଥିଲା । ଏହି କମିଶନ ୧୯୯୫ ମସିହାରେ ତାଙ୍କ ରିପୋର୍ଟ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଘେନି ଗଣମାଧ୍ୟମରେ ସଚିତ୍ର ବିବରଣୀ ପ୍ରକାଶ ପାଇଥିଲା । କିନ୍ତୁ ଜଷ୍ଟିସ ମହାପାତ୍ର କମିଶନଙ୍କ ସୁପାରିସ ଉପରେ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା, ଏହି ରିପୋର୍ଟ ସରକାରଙ୍କ ପାଖରେ କୁଆଡ଼େ ହଜିଗଲା। ୨୦୦୬ ନଭେମ୍ବର ୪ ତାରିଖରେ ଶ୍ରୀଜଗନ୍ନାଥ ମନ୍ଦିରରେ ଅନ୍ୟ ଏକ ଦଳାଚକଟା ଦୁର୍ଘଟଣା ଘଟିବାରୁ ଜଷ୍ଟିସ୍ ପିକେ ମହାନ୍ତି କମିଶନ ବସାଯାଇଥିଲା । ଜଷ୍ଟିସ ମହାପାତ୍ର କମିଶନ ରିପୋର୍ଟ କିଭଳି ହଜିଲା ସେ ସଂକ୍ରାନ୍ତରେ ବି ତଦନ୍ତ କରିବାକୁ ଜଷ୍ଟିସ ମହାନ୍ତି କମିଶନଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

୨୦୧୫ର ନବକଳେବର ସମୟରେ ଘଟିଥିବା ବିଭିନ୍ନ ବିଭ୍ରାଟ ପ୍ରସଂଗରେ ତଦନ୍ତ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସରକାର ଦାୟିତ୍ୱ ଦେଇଥିଲେ। ସେ ବି ତଦନ୍ତ କରି ୨୦୧୮ରେ ତାଙ୍କ ରିପୋର୍ଟ ଦେଇଥିଲେ। କିନ୍ତୁ ଏହି ରିପୋର୍ଟ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ତାହା ଏବେ ବି ଅନ୍ଧାର ଘେରରେ ଅଛି। ୨୦୧୬ରେ ରାଜ୍ୟ ସରକାର ଶ୍ରୀମନ୍ଦିର ସଂସ୍କାର ଗଢ଼ିଲେ ଜଷ୍ଟିସ୍ ବିମଳ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ। ଏହି କମିଶନ ଦୁଇଟି ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦେଇଥିବାବେଳେ ଚୂଡ଼ାନ୍ତ ରିପୋର୍ଟ ଦେବା ପୂର୍ବରୁ କମିଶନକୁ ଅଚଳ କରିଦିଆଗଲା । ସେହିଭଳି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରତ୍ନଭଣ୍ଡାରର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ ୧୭ଜଣିଆ ପ୍ରତିନିଧି ଦଳ ଯାଇଥିବା ବେଳେ ଚାବି ନମିଳିବାରୁ ଭଣ୍ଡାର ଘର ଯାଞ୍ଚ ହୋଇପାରିନଥିଲା। ରତ୍ନଭଣ୍ଡାରର ଚାବି କେମିତି ହଜିଲା ଓ ତାହାକୁ ଖୋଜି କାଢ଼ିବା ପାଇଁ ରାଜ୍ୟ ସରକାର ୨୦୧୮ରେ ଜଷ୍ଟିସ୍ ରଘୁବୀର ଦାସ କମିଶନ ବସାଇଥିଲେ। ଏହି କମିଶନ ତାଙ୍କ ରିପୋର୍ଟ ଦେଇସାରିଥିଲେ ମଧ୍ୟ ତାହାକୁ ସାର୍ବଜନୀନ କରାଯାଉ ନାହିଁ କିମ୍ବା ବିଧାନସଭାରେ ବି ଉପସ୍ଥାପିତ ହେଉନାହିଁ। ଏହି ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ହାଇକୋର୍ଟରେ ମାମଲା ଚାଲିଥିବା ବେଳେ ସରକାର ସମୟ ଗଡ଼ାଇ ଚାଲିଛନ୍ତି। ଏବେ ପଶ୍ଚିମବଙ୍ଗ ସରକାର ଦିଘାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ବିଭିନ୍ନ ପ୍ରସଂଗରେ ସୃଷ୍ଟି ହୋଇଥିବା ବିବାଦ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିରର ୬୦ ହଜାର ଏକରରୁ ଅଧିକ ଭୂସମ୍ପତ୍ତି ଥିବାବେଳେ ସେଥିରୁ ଅଧିକାଂଶ ଜବରଦଖଲକାରୀଙ୍କ କବ୍‌ଜାରେ। ଏହାର ଉଦ୍ଧାର ପାଇଁ କିନ୍ତୁ କମିଶନ କି କମିଟି ବସୁନାହିଁ। ଶ୍ରୀଜଗନ୍ନାଥଙ୍କ ସହିତ ଓଡ଼ିଆ ଜାତିର ଭାବାବେଗ ଜଡ଼ିତ ଥିବାରୁ ବିଭିନ୍ନ ବିଭ୍ରାଟ ପ୍ରସଂଗରେ କମିଶନ ଓ କମିଟି ବସାଇ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ ହେଉଛି। ଅଥଚ ବିଭ୍ରାଟର ନିରାକରଣ ସହ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ କମିଶନ ଓ କମିଟି ସବୁ ଯେତେ ରିପୋର୍ଟ ଦେଉଛନ୍ତି ତାହା ଉପରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଏହାର ବିଷୟବସ୍ତୁକୁ ମଧ୍ୟ ସାର୍ବଜନୀନ କରାଯାଉ ନାହିଁ। (ତଥ୍ୟ)

# ପ୍ରେମିକାକୁ ଛୁରାମାଡ଼ କରି ଫେରାର୍



ବ୍ରହ୍ମପୁର,୩।୫(ସଂଚାର ବ୍ୟୁରୋ): ଏକତରଫା ପ୍ରେମ ଯେ କେତେ ସାଙ୍ଘାତିକ ହୋଇପାରେ, ତା'ର ଏକ ଭୟଙ୍କର ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମପୁରରେ। ଗତ ପହିଲାରେ ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ଗ୍ରାମରେ ଘର ଲୋକଙ୍କ ଆକଟ ପରେ ଜଣେ ପ୍ରେମିକା ଦୂରେଇଯିବାରୁ ସମ୍ପୃକ୍ତ ପ୍ରେମିକ ଯୁବତୀଙ୍କ ଘରେ ପଶି ଭୟଙ୍କର କାଣ୍ଡ ଘଟାଇଥିବା ବେଳେ ଦିନକ ପରେ ଏପରି ଅଘଟଣର ପୁନରାବୃତ୍ତି ଘଟିଛି। ଏକତରଫା ପ୍ରେମରୁ ଜନୈକ ଯୁବକ ତା'ର ପ୍ରେମିକାକୁ ଛୁରାମାଡ଼ କରି ଫେରାର୍ ହୋଇଯାଇଛି। ପ୍ରେମିକର ଆକ୍ରମଣରେ ପ୍ରେମିକା ଗୁରୁତର ଭାବେ ଆହତ ହୋଇ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ସ୍ଥାନୀୟ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏହି ଘଟଣାଟି ନିମଖଣ୍ଡି ଥାନା ଅନ୍ତର୍ଗତ ବ୍ୟାଙ୍କ କଲୋନୀ ଷଷ୍ଠ ଲେନ୍‌ରେ ଘଟିଥିବା ବେଳେ ସେଠାରେ ଯୁବତୀ ଜଣଙ୍କ ପରିବାର ସହ ଏକ ଭଡ଼ାଘରେ ରହିଆସୁଥିଲେ। ଗତକାଲି ସେ ଘରେ ଏକୁଟିଆ ଥିବା ଜାଣିବା ପରେ ଟାଉନ ଥାନା ବିଜିପୁରର ଉକ୍ତ ପ୍ରେମିକ ଜଣଙ୍କ ତାଙ୍କୁ ଅଚାନକ ଆକ୍ରମଣ କରିଥିଲା। କ୍ରୋଧରେ ସେ ପୂରାପୂରି ଅନ୍ଧ ହୋଇଯାଇଥିଲା ଆଉ ପ୍ରେମିକା ଶରୀରେ ବାରମ୍ବାର ଛୁରାଘାତ କରଚାଲିଥିଲା। ସେ ପ୍ରେମିକାର ବେକ, ପିଠି, ହାତ, ପେଟ ଏହିପରି ୫/୬ଟି ଜାଗାରେ ଛୁରି ଭୁଷିବା ସହ ସେଠାରୁ ଫେରାର୍ ହୋଇଯାଇଥିଲା। ଯୁବତୀଙ୍କୁ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ପୂର୍ବରୁ ଯୁବତୀ ଉକ୍ତ ପ୍ରେମିକର ପ୍ରେମ ନିବେଦନକୁ ଅସ୍ୱୀକାର କରିବା ଫଳରେ ଏହାକୁ ଗ୍ରହଣ କରିନପାରି ଯୁବକ ଜଣଙ୍କ ଏପରି ଅଭାବନୀୟ କାଣ୍ଡ ଘଟାଇଛି। ପୂର୍ବରୁ ମଧ୍ୟ ସେ ଯୁବତୀଙ୍କୁ ଟଣାଓଟରାକୁ ନେଇ ସଦର ଥାନାରେ ଏକ ମାମଲା ହୋଇଥିଲା। କିନ୍ତୁ ପ୍ରେମିକ ପୁଲିସକୁ ବେଖାତିର୍ କରି ପୁନର୍ବାର ଆକ୍ରମଣ କରି ଯୁବତୀଙ୍କୁ ଲହୁଲୁହାଣ କରିପକାଇଛି। ଗତକାଲି ବ୍ରହ୍ମପୁର ପୁଲିସ ଜିଲ୍ଲାର ଗୋପାଳପୁର କରାପଲ୍ଲୀରେ ବି ସମାନ ଧରଣର ଏକ ଅଘଟଣ ଦେଖିବାକୁ ମିଳିଥିଲା। ପରିବାର ଲୋକଙ୍କ ଆକଟ ପରେ ସମ୍ପୃକ୍ତ ନାବାଳିକା ଜଣଙ୍କ ପ୍ରେମିକର ପ୍ରେମ ନିବେଦନକୁ ସ୍ୱୀକାର କରିନଥିଲେ। ଏଥିରେ ଉକ୍ତ ଯୁବକ ଜଣଙ୍କ କରାପଲ୍ଲୀସ୍ଥିତ ନାବାଳିକାଙ୍କୁ ଘରେ ପଶି ଶାବଳରେ ଆକ୍ରମଣ କରିବା ସହ ତାଙ୍କ ହାତ, ପିଠି ଓ ଶରୀରର ଅନ୍ୟାନ୍ୟ ସ୍ଥାନକୁ ବ୍ଲେଡରେ କାଟି ହତ୍ୟା କରିଥିଲା।

● ଜମି ଦେବାକୁ କହି ଠକିଥିଲେ ୨.୮୩ କୋଟି

# ଶିକ୍ଷୟିତ୍ରୀଙ୍କ ସମେତ ୩ ଗିରଫ

ରାଉରକେଲା,୩।୫(ସଂଚାର ବ୍ୟୁରୋ): କେରଳରେ ଜମି ଦେବାକୁ କହି ୨ କୋଟି ୮୩ ଲକ୍ଷ ଟଙ୍କା ନେଇଥିବା ୩ ଜଣ ଠକଙ୍କୁ ଆଜି ଗିରଫ କରିଛି ରାଉରକେଲା ଝିରପାଣି ପୁଲିସ୍। ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ରାଉରକେଲାର ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଏସ୍‌ଏସ୍ ସିନ୍ଧୁ, ତାଙ୍କ ସ୍ୱାମୀ ମହମ୍ମଦ କମର ଖାନ୍ ଓ ଝିରପାଣି ଥାନା ଅନ୍ତର୍ଗତ କୋଏଲ ନଗରର ନିବାସୀ ପ୍ରଦୀପ ପଟ୍ଟନାୟକ। ମିଳିଥିବା ସୂଚନାନୁସାରେ, ଶିକ୍ଷୟିତ୍ରୀ ଏସଏସ୍ ସିନ୍ଧୁଙ୍କ ନିଜ ଘର କେରଳରେ ହୋଇଥିବା ବେଳେ ସେ କେରଳର ଚେଗନୁରଠାରେ ଯଥେଷ୍ଟ କମ୍ ମୂଲ୍ୟରେ ଜମି କରାଇଦେବାକୁ କହି କୋଏଲ ନଗରର ବିଲ୍ଡର୍ସ ବିଶ୍ୱଭୁଷଣ ନନ୍ଦଙ୍କଠାରୁ ପ୍ରାୟ ୨ କୋଟି ୮୩ ଲକ୍ଷ ଟଙ୍କା ନେଇଥିଲେ। ସେ ଗତ ବର୍ଷ ଜୁନରେ ୧ କୋଟି ୫୯ ଲକ୍ଷ ଟଙ୍କା ନେଇଥିଲେ। ସେହିପରି ଜୁନ୍ ୨୬ରେ ତାଙ୍କ ଆକାଉଣ୍ଟ୍‌ରେ ୩୦ ଲକ୍ଷ ଟଙ୍କା ଜମା କରିଥିଲେ। ଏହାଛଡ଼ା ଅବଶିଷ୍ଟ ଟଙ୍କା ଶ୍ରୀ ନନ୍ଦ ପ୍ରଦୀପଙ୍କ ଆକାଉଣ୍ଟ୍‌ରେ ଜମା କରିଥିଲେ। ତେବେ ଟଙ୍କା ଦେବା ପରେ ଶ୍ରୀ ନନ୍ଦ ବାରମ୍ବାର ଜମି ରେଜିଷ୍ଟ୍ରି କଥା କହିଚାଲିଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଟାଳିଚାଲିଥିଲେ। ଶେଷରେ ସେ ଠକାମିର ଶିକାର ହୋଇଛନ୍ତି ବୋଲି ଜାଣିବା ପରେ ଶ୍ରୀ ନନ୍ଦ ଏନେଇ ଗତବର୍ଷ ଡିସେମ୍ବର ୬ ତାରିଖରେ ଝିରପାଣି ଥାନାରେ ଶ୍ରୀ ନନ୍ଦ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ କରିବା ସହ ଏବେ ୩ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

● ପାଟଣାଗଡ଼ ପାର୍ସଲ ବୋମା ଘଟଣ

# ସରିଲା ସାକ୍ଷ୍ୟ ଗ୍ରହଣ, ୬ରୁ ତର୍କବିତର୍କ



ପାଟଣାଗଡ଼,୩।୫(ସଂଚାର ବ୍ୟୁରୋ): ସରିଲା ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ଘଟଣାରେ ସାକ୍ଷ୍ୟ ଗ୍ରହଣ। ଆସନ୍ତା ୬ ରୁ ଆରମ୍ଭ ହେବ ଆର୍ଗୁମେଣ୍ଟ। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗିର ଜେଲରେ ବିଚାରାଧୀନ କଏଦି ଭାବେ ରଖାଯାଇଛି। ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ କେସ ବିଚରାଧୀନ ଥିବା ବେଳେ ସରକାରୀ ପକ୍ଷରୁ ୬୨ ଜଣ ସାକ୍ଷୀ ଓ ପୁଞ୍ଜିଲାଲଙ୍କ ପକ୍ଷରୁ ୩ ଜଣ ସଫେଇ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ସରିଛି । ଆଜି ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ଶେଷ ପରିତ୍ରାଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ନିଆଯାଇଥିବା ବେଳେ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଆଭାସୀ ମାଧ୍ୟମରେ ବଲାଙ୍ଗିର କୋର୍ଟରେ ହାଜର ହୋଇଥିଲେ। ଆସନ୍ତା ୬ ତାରିଖରେ ଆର୍ଗୁମେଣ୍ଟ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଗତ ୨୦୧୮ ମସିହା ଫେବୃଆରୀ ୨୩ ତାରିଖରେ ଲୋମହର୍ଷଣ କାରି ପାର୍ସଲ ବୋମା ଘଟଣା ଘଟିଥିଲା। ପାଟଣାଗଡ଼ ଅଧ୍ୟାପକ ଦମ୍ପତି ରବୀନ୍ଦ୍ର ସାହୁ ଓ ସଂଯୁକ୍ତା ସାହୁ ଙ୍କ ପୁଅବାହାଘରକୁ ଗିଫ୍ଟରେ ପାର୍ସଲବୋମା ଆସିଥିବା ବେଳେ ଖୋଲିଲାବେଳେ ସୌମ୍ୟଶେଖର ସାହୁ ଓ ତାଙ୍କ ସମ୍ପର୍କୀୟ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ହୋଇ ଅଳ୍ପକେ ବର୍ତ୍ତୀଯାଇଥିଲେ ରିମାରାଣୀ।

# ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନାମରେ ଏତଲା



ପୁରୀ, ୩।୫ (ସଂଚାର ବ୍ୟୁରୋ) : ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନାମରେ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଏତଲା। ପୁରୀ ସତ୍ୟ ନଗରର ସୂଚନା ଓ ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଦେଲେ ଏତଲା। ଶ୍ରୀମନ୍ଦିର ପ୍ରଶାସନର ବିନା ଅନୁମତିରେ ନବକଳେବର ବଳକା ଦାରୁ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବିକିଥିବା ଅଭିଯୋଗ । ବିଏନ୍ ଏସ ର ବିଭିନ୍ନ ଦଫାରେ ମାମଲା ରୁଜୁ ପାଇଁ ଅନ ଲାଇନ୍ ଏତଲାରେ ଉଲ୍ଲେଖ ।

# ଭୁବନେଶ୍ୱରରେ ସିଡିପିଓଙ୍କ ୩୩୦୦ ବର୍ଗଫୁଟର ତିନି ମହଲା ଘର ଠାବ



କଟକ, ୩।୫ (ସଂଚାର ବ୍ୟୁରୋ) : ଭିଜିଲାନ୍ସ ଜାଲରେ ଶିଶୁ ବିକାଶ ଅଧିକାରୀ ଶକୁନ୍ତଳା ଦାସ । ଜଣେ ନବନିଯୁକ୍ତ ଅଙ୍ଗନବାଡ଼ି ହେଲପରଙ୍କ ଦରମା କରାଇଦେବା ପାଇଁ ଗତକାଲି ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ ସିଡିପିଓ ଶକୁନ୍ତଳା ଦାସ। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଭିନ୍ନ ସ୍ଥାନରେ ଯାଞ୍ଚ ଚାଲିଛି । କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ସିଡିପିଓ ଶକୁନ୍ତଳା ଦାସଙ୍କ ରହିଛି ଅଚଳାଚଳ ସଂପତ୍ତି । ଭୁବନେଶ୍ୱର ଡୁମୁଡୁମାରେ ସିଡିପିଓ ଶକୁନ୍ତଳା ଦାସଙ୍କ ୩୩୦୦ ବର୍ଗଫୁଟର ତିନି ମହଲା ଘର ରହିଛି । ସେହିପରି କୋରାପୁଟ ସେମିଳିଗୁଡାରେ ୨୨୦୦ ବର୍ଗଫୁଟର ଦୁଇ ମହଲା ଘର । ପୁରୀ ଭାରତୀପୁରରେ ନିର୍ମାଣଧୀନ କୋଠା । କୋରାପୁଟ ସେମିଳିଗୁଡ଼ାରେ ତାଙ୍କର ଏକ ବାସପଯୋଗୀ ପ୍ଲଟ ଥିବା ଜଣାଯାଇଛି। ଭିଜିଲାନ୍ସ ରେଡ ବେଳେ ନଗଦ ୪୭ ହଜାର ଟଙ୍କା ଜବତ ହୋଇଛି । ସିଡିପିଓ ଶକୁନ୍ତଳା ଦାସଙ୍କର ବ୍ୟାଙ୍କରେ ୨୨ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ ରହିଛି । ଗୋଟିଏ ଚାରି ଚକିଆ ଯାନ ଠାବ। ୯ ଟି ବ୍ୟାଙ୍କ ଆକାଉଣ୍ଟ ଥିବା ବେଳେ ସେଥିରେ ଟଙ୍କା ରହିଛି ତାହା ଯାଞ୍ଚ କରୁଛି ଭିଜିଲାନ୍ସ।

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ନୂଆ ଷ୍ଟାଇଲରେ ଆସିବ ଜିପ କମ୍ପାସ୍



**ନୂଆଦିଲ୍ଲୀ, ୩।୫:** ଜିପ୍ ଏହାର ପପୁଲାର ଏସୟୁଭି କମ୍ପାସ୍ର ଫେସଲିଫ୍ଟ ଭର୍ସନ ସହିତ ପ୍ରସ୍ତୁତ ଏବଂ ଏବେ ଏହାର ଡିଜାଇନ୍ ପ୍ରକାଶ ପାଇଛି। ଗ୍ଲୋବାଲ୍ ଡେବ୍ୟୁ ଏହାର ଶୁଭାରମ୍ଭ ପୂର୍ବରୁ, ନୂଆ ଜିପ୍ କମ୍ପାସର ଲିକ୍ ହୋଇଥିବା ଫଟୋ ଇଣ୍ଟରନେଟରେ ପ୍ରକାଶ ପାଇଛି। ଯାହା ଏହାର ଏକ୍ସଟେରିୟର ଏବଂ ଇଣ୍ଟେରିୟର ଡିଜାଇନର ଝଲକ ପ୍ରଦାନ କରୁଛି। ନୂତନ କମ୍ପାସକୁ ଟେଷ୍ଟିଂ ସମୟରେ ଅନେକ ଥର ଦେଖାଯାଇଛି କିନ୍ତୁ ଏବେ ପ୍ରଡକ୍ସନ-ସ୍ପେକ୍ସ ମଡେଲର ଚିତ୍ରଗୁଡ଼ିକ ଏହାର ଲୁକ୍ ଏବଂ ଷ୍ଟାଇଲ୍ ପ୍ରକାଶ କରିଛି।

ନୂତନ ଜିପ୍ କମ୍ପାସର ଏକ୍ସଟେରିୟର ପୁରୁଣା ଡିଜାଇନର ଏକ ଅପଡେଟ୍ ଭର୍ସନ ପରି ଦେଖାଯାଉଛି। ଏସୟୁଭିର ଫ୍ରଣ୍ଟରେ ସ୍ଲିକ୍ ଏଲଇଡି ହେଡଲ୍ୟାମ୍ପ ରହିଛି ଯାହା ବ୍ରାଣ୍ଡର ସିଗନେଚର ସାତ-ସ୍ଲଟ୍ ଗ୍ରୀଲ୍ ସହିତ ଆଡ୍ ହୋଇଛି। ଏଥର ଗ୍ରୀଲ୍ ଉପରେ ପତଳା ଆଲୋକ ଷ୍ଟ୍ରିପ୍ ମଧ ଯୋଡାଯାଇଛି, ଯାହା ଏହାକୁ ଅଧିକ ଆକର୍ଷଣୀୟ ମଧ କରିଥାଏ।ଫ୍ରଣ୍ଟ ବମ୍ପର ପୂର୍ବ ଅପେକ୍ଷା ଅଧିକ ପାୱାରଫୁଲ୍ ଦେଖାଯାଉଛି, ଯେଉଁଥିରେ ଫଗ୍ ଲ୍ୟାମ୍ପ ମଧ ଅନ୍ତର୍ଭୁକ୍ତ। ସାଇଡ୍ ପ୍ରୋଫାଇଲ୍ରେ, ଏସୟୁଭି ଚାରିପାଖରେ ମେଟ ବ୍ଲାକ୍ ଆବରଣ, ଚୌକର କୁଇଲ୍ ଆର୍ଚ ଏବଂ ସୋଲଡର ଲାଇନ୍ ଏହାକୁ ଅଧିକ ଆକର୍ଷଣୀୟ ଲୁକ୍ ଦେଇଥାଏ। ରୁଫ୍ ରେଲ୍ ଏବଂ ନୂତନ ଏଲଇଡି ଟେଲ୍ ଲାଇଟ୍, ଯାହା ଏବେ ଜିପ୍ ଲୋଗୋ ସହିତ ସଂଯୁକ୍ତ, ଏହାକୁ ଅଧିକ ଷ୍ଟାଇଲିସ୍ କରିଥାଏ। ପୁରୁଣା ମଡେଲ ଅପେକ୍ଷା ଫ୍ରଣ୍ଟ ଏବଂ ବ୍ୟାକ୍ ଓଭରହ୍ୟାଙ୍ଗଗୁଡ଼ିକ ଛୋଟ ଦେଖାଯାଉଛି। ଏହି ଏସୟୁଭି ଏକ ଜବରଦସ୍ତ ଲୁକରେ ଆସିବାକୁ ଯାଉଛି।

୨୦୨୫ ଜିପ୍ କମ୍ପାସର ଇଣ୍ଟେରିୟର ସମ୍ପୂର୍ଣ୍ଣ ନୂତନ ଡ୍ୟାସବୋର୍ଡ ଲେଆଉଟ୍ ସହିତ ଆସିଛି। ଏଥିରେ ଏକ ବଡ଼ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ, ଷ୍ଟୋରେଜ୍ ପାଇଁ ଏକ ସେଣ୍ଟର କନସୋଲ, ରୋଟାରୀ ଡ୍ରାଇଭ୍ ମୋଡ୍ ଡାଏଲ୍ ଏବଂ ଏକ ପାନୋରାମିକ୍ ସନରୁଫ୍ ସାମିଲ୍ ହୋଇପାରେ। ଡ୍ୟାସବୋର୍ଡରେ ପ୍ରିମିୟମ୍ ମଟିରିୟଲ ବ୍ୟବହାର କରାଯାଇଛି, ଯାହା କ୍ୟାବିନକୁ ପୂର୍ବ ଅପେକ୍ଷା ଅଧିକ ଲଗଜରୀ ଏବଂ କମ୍ଫର୍ଟ ଅନୁଭବ କରାଇବ। ଜିପ ଏପର୍ଯ୍ୟନ୍ତ କମ୍ପାସ୍ ଫେସଲିଫ୍ଟର ପାୱାରଟ୍ରେନ୍ ଅପ୍ସନଗୁଡ଼ିକ ବିଷୟରେ ଅଧିକ ଇନଫରମେସନ୍ ପ୍ରକାଶ କରିନାହିଁ। ହେଲେ ଅଟୋ ଇଣ୍ଡଷ୍ଟ୍ରିରୁ ଆସୁଥିବା ଖବର ଅନୁସାରେ, ଏଥିରେ ଅନେକ ଇଞ୍ଜିନ୍ ଅପ୍ସନ ଦେଖିବାକୁ ମିଳିପାରିବ। କିଛି ରିପୋର୍ଟ ଅନୁଯାୟୀ, ନୂତନ ମଡେଲରେ ଏକ ହାଇବ୍ରିଡ୍ କିମ୍ବା ପ୍ଲଗ୍-ଇନ୍ ହାଇବ୍ରିଡ୍ ଭାରିଆଣ୍ଟ ମଧ ଥାଇପାରେ, ବିଶେଷକରି ଅନ୍ତର୍ଜାତୀୟ ବଜାର ପାଇଁ। ଏଥି ସହ ଭାରତରେ ଏହାର ପାୱାରଟ୍ରେନ୍ ସମ୍ପର୍କରେ ସ୍ଥିତି ବର୍ତ୍ତମାନ ସ୍ପଷ୍ଟ ନୁହେଁ।

ଜିପ୍ କମ୍ପାସ୍ ଫେସଲିଫ୍ଟର ଗ୍ଲୋବାଲ୍ ଡେବ୍ୟୁର ଚର୍ଚ୍ଚା ଜୋରରେ ଚାଲିଛି, କିନ୍ତୁ ଭାରତରେ ଏହାର ଲଞ୍ଚ ଖୁବ୍ ଶୀଘ୍ର ହେବ ନାହିଁ। ଜିପ୍ ବର୍ତ୍ତମାନ ଭାରତୀୟ ବଜାରରେ ପ୍ରଚଳିତ କମ୍ପାସ୍ ମଡେଲ୍ ମାଧ୍ୟମରେ ଉପସ୍ଥିତ। ଭାରତରେ ନୂତନ ଫେସଲିଫ୍ଟ ମଡେଲ ଆଣିବା ପୂର୍ବରୁ, କମ୍ପାନୀ ଏହାର ଗ୍ଲୋବାଲ୍ ରେସପନ୍ସ ଦେଖିବାକୁ ଚାହୁଁଛି। ହେଲେ ଭାରତରେ ଏହାର ଲଞ୍ଚ ୨୦୨୫ ଶେଷ କିମ୍ବା ୨୦୨୬ ପ୍ରାରମ୍ଭରେ ହେବ ବୋଲି ଆଶା କରାଯାଉଛି।

# ଅମୂଲ ଓ ମଦର ଡେରୀ ପରେ ଏବେ ପରାଗ କ୍ଷୀରର ଦାମ ବଢ଼ିଲା

**ନୂଆଦିଲ୍ଲୀ, ୩।୫:** ସାରା ଦେଶରେ କ୍ଷୀରର ଦର ବଢ଼ିବାରେ ଲାଗିଛି । ଅମୂଲ ଏବଂ ମଦର ଡେରୀ ପରେ ଆଉ ଏକ କମ୍ପାନୀ କ୍ଷୀରର ମୂଲ୍ୟ ବୃଦ୍ଧି କରିଛି । ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶର ପ୍ରମୁଖ କ୍ଷୀର ଯୋଗାଣକାରୀ କମ୍ପାନୀ ପରାଗ କ୍ଷୀରର ବୃଦ୍ଧି କରିଛି। କମ୍ପାନୀ ଗତକାଲି ଠାରୁ ନୂତନ ଦର ଲାଗୁ କରିଛି। ଲକ୍ଷ୍ନୌ କ୍ଷୀର ସଂଘର ମହାପ୍ରବନ୍ଧକ ବିକାଶ ବାଲିୟାନ୍ କହିଛନ୍ତି ଯେ କ୍ଷୀରର ଉତ୍ପାଦନ, ସଂରକ୍ଷଣ ଏବଂ ବଣ୍ଟନ ଖର୍ଚ୍ଚ ବୃଦ୍ଧି ପାଇବାରୁ ଏହି ପଦକ୍ଷେପ ନେବାକୁ ପଡିଲା। କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ଗୋଟିଏ ଲିଟର ଫୁଲ୍ କ୍ରିମ୍ କ୍ଷୀରର ମୂଲ୍ୟ ୬୮ ଟଙ୍କାରୁ ୬୯ ଟଙ୍କାକୁ ବୃଦ୍ଧି ପାଇଛି । ଅଧ ଲିଟର କ୍ଷୀର ପ୍ୟାକ୍ ମୂଲ୍ୟ ୩୪ ଟଙ୍କାରୁ ୩୫ ଟଙ୍କାକୁ ବୃଦ୍ଧି ପାଇଛି। ଗୋଟିଏ ଲିଟର ଟୋଣ୍ଡ କ୍ଷୀରର ମୂଲ୍ୟ ୫୬ ଟଙ୍କାରୁ ୫୭ ଟଙ୍କା ଏବଂ ଅଧ ଲିଟରର ମୂଲ୍ୟ ୨୮ ଟଙ୍କାରୁ ୨୯ ଟଙ୍କାକୁ ବୃଦ୍ଧି କରାଯାଇଛି।




ସେହି ସମୟରେ, ମାନକ କ୍ଷୀରର ମୂଲ୍ୟ ମଧ ବୃଦ୍ଧି କରାଯାଇଛି। ଅଧ ଲିଟର ମାନକ କ୍ଷୀର ଏବେ ୩୧ ଟଙ୍କା ବଦଳରେ ୩୨ ଟଙ୍କାରେ ଉପଲବ୍ଧ ହେବ। ଯେଉଁଠାରେ ୫ ଲିଟର ପ୍ୟାକେଟ ୨୮୦ ଟଙ୍କା ବଦଳରେ ୨୯୦ ଟଙ୍କାରେ ଉପଲବ୍ଧ ହେବ। ଏହା ପୂର୍ବରୁ ଅମୂଲ ଏବଂ ମଦର ଡେରୀ ମଧ ସେମାନଙ୍କର କ୍ଷୀର ଉତ୍ପାଦର ମୂଲ୍ୟରେ ୨ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଯାହାର ପ୍ରଭାବ ଏବେ ଉତ୍ତର ଭାରତର ରାଜ୍ୟଗୁଡ଼ିକରେ ମଧ ଦେଖିବାକୁ ମିଳୁଛି। ବିଶେଷଜ୍ଞଙ୍କ ମତରେ, କ୍ଷୀରର ମୂଲ୍ୟ ବୃଦ୍ଧି ପରେ, ଆଗାମୀ ସମୟରେ ଦହି, ପନିର ଏବଂ ଘିଅ ଭଳି ଅନ୍ୟାନ୍ୟ କ୍ଷୀର ଉତ୍ପାଦର ମୂଲ୍ୟ ମଧ ବୃଦ୍ଧି ପାଇପାରେ। ଏପରି ପରିସ୍ଥିତିରେ ସାଧାରଣ ଲୋକଙ୍କ ପକେଟକୁ ଦୁଇଗୁଣ କ୍ଷତି ସହିବାକୁ ପଡ଼ିପାରେ।



# ଚଳିତ ମାସରେ ଲଞ୍ଚ ହେବ ୪ ପାୱାରଫୁଲ୍ କାର୍

ନୂଆଦିଲ୍ଲୀ, ୩।୫: ମେ ୨୦୨୫ରେ କିଆ, ଟାଟା ଏମଜି ଏବଂ ଭୋକ୍ସୱାଗନ ଭଳି ବଡ଼ ବ୍ରାଣ୍ଡଗୁଡ଼ିକ ଭାରତୀୟ ବଜାରରେ ସେମାନଙ୍କର ନୂତନ କାର ଲଞ୍ଚ କରିବାକୁ ଯାଉଛନ୍ତି। ଏଥିରେ ଏକ ନୂଆ ଏମପିଭି, ଏକ ପ୍ରିମିୟମ୍ ହ୍ୟାଚବ୍ୟାକ୍, ଲମ୍ବା ରେଞ୍ଜ ଇଭି ଏବଂ ସ୍ପୋର୍ଟି ଜିଟିଆଇ କାର୍ ସାମିଲ୍। ଆସନ୍ତୁ ଏହି ସମସ୍ତ ଗାଡ଼ିର ଲଞ୍ଚ ଡେଟ୍, ଇଞ୍ଜିନ ଏବଂ ଫିଚର୍ସଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଡିଟେଲ୍ସ ଜାଣିବା।

**କିଆ କ୍ଲାଭିସ୍:** କିଆ ଇଣ୍ଡିଆ ଘୋଷଣା କରିଛି ଯେ ଏହା ଏହାର ପପୁଲାର୍ ଏମପିଭି କାରେନ୍ସର ଏକ ନୂଆ ଭର୍ସନ କ୍ଲାଭିସ୍ ଲଞ୍ଚ କରିବ। ଏହି କାରର ଡିଜାଇନ୍ ମେ ୮, ୨୦୨୫ରେ ଉନ୍ମୋଚନ କରାଯିବ। ହେଲେ ଏହାର ପ୍ରାଇସ୍ ୨ ଜୁନ୍, ୨୦୨୫ରେ ପ୍ରକାଶିତ ହେବ। ଏହି ନୂତନ ଏମପିଭିରେ ଲେଭଲ୍ ୨ ଏଡିଏଏସ, ୩୬୦-ଡିଗ୍ରୀ କ୍ୟାମେରା, ୬ ଟି ଏୟାରବ୍ୟାଗ୍, ୧୨.୩-ଇଞ୍ଚ ଇନଫୋଟେନମେଣ୍ଟ ସିଷ୍ଟମ୍, ୧୦.୨୫-ଇଞ୍ଚ ଡିଜିଟାଲ୍ ଡ୍ରାଇଭର୍ କନସୋଲ୍ ଏବଂ ପାନୋରାମିକ୍ ସନରୁଫ୍ ଭଳି ପ୍ରିମିୟମ୍ ଫିଚର୍ସ ରହିବ। କ୍ଲାଭିସ୍ ତିନୋଟି ଇଞ୍ଜିନ୍ ଅପ୍ସନରେ ରହିବ ଯାହା ହେଉଛି- ପେଟ୍ରୋଲ, ଟର୍ବୋ ପେଟ୍ରୋଲ୍ ଏବଂ ଡିଜେଲ୍ ସହିତ ଲଞ୍ଚ କରାଯିବ, ଯାହା ଏହାକୁ ଫ୍ୟାମିଲି ୟୁଜର୍ସ ଏବଂ ଫିଚର-ଲଭିଂ ଗ୍ରାହକ ଉଭୟଙ୍କ ପାଇଁ ଏକ ଆଟ୍ରାକ୍ଟିଭ୍ ଅପ୍ସନ କରିବ।

**ଟାଟା ଅଲ୍ଟ୍ରୋଜ ଫେସଲିଫ୍ଟ:** ଏହି କାର ଭାରତୀୟ ବଜାରରେ ପ୍ରିମିୟମ୍ ହ୍ୟାଚବ୍ୟାକ୍ ଭାବରେ ଏଷ୍ଟାବ୍ଲିସଡ୍ ହୋଇସାରିଛି। ଏବେ ଏହାର ଫେସଲିଫ୍ଟ ଭର୍ସନ ୨୧ ମେ ୨୦୨୫ ରେ ଲଞ୍ଚ ହେବାକୁ ଯାଉଛି। ଫେସଲିଫ୍ଟ ମଡେଲରେ ଏକ ନୂତନ ଇଣ୍ଟରିୟର ଡିଜାଇନ୍, ଡାଏମଣ୍ଡ କଟ୍ ଆଲୟ ହୁଇଲ ଏବଂ ଅପଡେଟେଡ୍ ଇଣ୍ଟେରିୟର ସହିତ ଅନେକ ନୂଆ ଫିଚର୍ସ ରହିବ। ଏଲ୍ଟ୍ରୋଜ ହେଉଛି ଭାରତରେ ଏକମାତ୍ର ହ୍ୟାଚବ୍ୟାକ୍ ଯାହା ଡିଜେଲ ଇଞ୍ଜିନ୍ ଅପ୍ସନ ସହିତ ଆସିଥାଏ, ଯାହା ଏହାକୁ ଉନ୍ନତ ଫ୍ୟୁଏଲ୍ ଏଫିସିଏନ୍ସି ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ବେଷ୍ଟ ଅପ୍ସନ ହେବ।

**ଭୋକ୍ସୱାଗନ ଗଲ୍ଫ ଜିଟିଆଇ:** ଭୋକ୍ସୱାଗନ ଖୁବ୍ ଶୀଘ୍ର ଭାରତରେ ଏହାର ଦ୍ୱିତୀୟ ଜିଟିଆଇ ଅଫରିଂ, ଗଲ୍ଫ ଜିଟିଆଇ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଯଦିଓ ଲଞ୍ଚ ଡେଟ୍ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ, ହେଲେ ଆଶା କରାଯାଉଛି ଯେ ଏହି କାରଟି ମେ ୨୦୨୫ରେ ବଜାରରେ ଏଣ୍ଟ୍ରି କରିପାରେ। ଗଲ୍ଫ ଜିଟିଆଇରେ ୨.୦-ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନ ରହିବ ଯାହା ୨୬୧ ବିଏଚପି ଏବଂ ୩୭୦ଏନଏମ ଟର୍କ ଜେନେରେଟ୍ କରିବ। ଏହି କାର ସେହି ଗ୍ରାହକମାନଙ୍କ ପାଇଁ ବେଷ୍ଟ ହେବ ଯେଉମାନେ ସ୍ପୋର୍ଟି ହ୍ୟାଣ୍ଡେଲିଂ, ଦମଦାର୍ ପରଫରମାନ୍ସ ଏବଂ ପ୍ରିମିୟମ୍ ଡିଜାଇନ୍ ଖୋଜୁଛନ୍ତି।

**ଏମଜି ୱିଣ୍ଡସର ଇଭି ଲଙ୍ଗ୍ ରେଞ୍ଜ:** ଏମ ୱିଣ୍ଡସର ଇଭି ଭାରତୀୟ ଇଲେକ୍ଟ୍ରିକ୍ ଗାଡ଼ି ମାର୍କେଟରେ ନିଜର ଦୃଢ଼ ସ୍ଥିତି ସୃଷ୍ଟି କରିସାରିଛି। ଏବେ କମ୍ପାନୀ ଏହି ଗାଡ଼ିର ଲଙ୍ଗ ରେଞ୍ଜ ଭର୍ସନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଏହି ନୂଆ ଭାରିଆଣ୍ଟରେ ୫୦.୬ କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍ ରହିବ, ଯାହା ଥରେ ଚାର୍ଜ କଲେପ୍ରାୟ୪୬୦କିଲୋମିଟରରେଞ୍ଜଦେବ।ଏହିଲଙ୍ଗରେଞ୍ଜଭର୍ସନମାଧ୍ୟମରେ, ଏମଜି ଗ୍ରାହକମାନଙ୍କୁ ଟାର୍ଗେଟ କରିବାକୁ ଚାହୁଁଛି ଯେଉଁମାନେ ଚାର୍ଜିଂ ବିଷୟରେ ଚିନ୍ତା ନକରି ଦୀର୍ଘ ଦୂରତା ଯାତ୍ରା ପାଇଁ ଏକ ଇଲେକ୍ଟ୍ରିକ୍ କାର କିଣିବାକୁ ଚାହାଁନ୍ତି।

# ହୁଣ୍ଡାଇ କ୍ରେଟା ଏପ୍ରିଲ୍ର ସର୍ବାଧିକ ବିକ୍ରି ମଡେଲ୍




**ଗୁରୁଗ୍ରାମ, ୩।୫:** ଲଗାତାର ଦ୍ୱିତୀୟ ମାସ ଲାଗି ଏପ୍ରିଲ୍ରେ ହୁଣ୍ଡାଇ କ୍ରେଟା ଭାରତର ସର୍ବାଧିକ ବିକ୍ରି ହୋଇଥିବା ମଡେଲ୍ ଭାବେ ଉଭା ହୋଇଛି ବୋଲି ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଘୋଷଣା କରାଯାଇଛି। ଏପ୍ରିଲ୍ରେ ୧୭,୦୧୬ କ୍ରେଟା ବିକ୍ରି ହୋଇଥିଲା ଯାହା ୨୦୨୪ ଏପ୍ରିଲ୍ର ବିକ୍ରି ତୁଳନାରେ ୧୦.୨ ପ୍ରତିଶତ ଅଧିକ। ଚଳିତ ବର୍ଷ ଏପ୍ରିଲ୍ ସୁଦ୍ଧା ୬୯,୯୧୪ କ୍ରେଟା ବିକ୍ରି ହୋଇଛି। କମ୍ପାନିର ଘରୋଇ ବିକ୍ରିରେ କ୍ରେଟାର ଭାଗ ୭୦.୯ ପ୍ରତିଶତ ଭଳି ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। କ୍ରେଟା ଇଲେକ୍ଟ୍ରିକ୍ର ଉନ୍ମୋଚନ କ୍ରେଟା ବ୍ରାଣ୍ଡ୍କୁ ଆହୁରି ସୁଦୃଢ଼ କରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ହୁଣ୍ଡାଇ ମୋଟର ଇଣ୍ଡିଆର ସିଓଓ ତରୁଣ ଗର୍ଗ କହିଛନ୍ତି ଯେ ଭାରତୀୟ ବଜାରରେ ହୁଣ୍ଡାଇ କ୍ରେଟାର ଜାରି ରହିଥିବା ଆଧିପତ୍ୟ ବ୍ରାଣ୍ଡ୍ ଉପରେ ଗ୍ରାହକଙ୍କ ଭଲ ପାଇବା ଓ ବିଶ୍ୱାସର ପ୍ରତିଫଳନ। ସବୁ ବର୍ଗର କାର୍ ମଧରେ ଲଗାତାର ଭାବେ ଦ୍ୱିତୀୟ ମାସ ପାଇଁ ସର୍ବାଧିକ ବିକ୍ରି ହୋଇଥିବା ମଡେଲ୍ରେ ପରିଣତ ହେବା କମ୍ପାନି ପାଇଁ ଗର୍ବର ବିଷୟ। ଇଲେକ୍ଟ୍ରିକ୍ ମଡେଲ୍ କ୍ରେଟା ବ୍ରାଣ୍ଡ୍କୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

**ଆତଙ୍କୀ ଦେଶକୁ ବଡ଼ ପ୍ରହାର**

# ପାକିସ୍ତାନ ସହ ଆମଦାନୀ ବ୍ୟାନ୍ କଲା ଭାରତ

**ନୂଆଦିଲ୍ଲୀ, ୩।୫:** ପାକିସ୍ତାନ ଏବେ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ଆଉ ବଡ଼ ପଦକ୍ଷେପ ନେଇଛନ୍ତି ଭାରତ ସରକାର। ପାକିସ୍ତାନ ସହ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇଲା ଭାରତ। ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ, ରପ୍ତାନୀକୁ ମଧ ବ୍ୟାନ୍ କରାଯାଇଛି। ପାକିସ୍ତାନରୁ ଉତ୍ପାଦିତ କିମ୍ବା ପାକିସ୍ତାନରୁ ରପ୍ତାନୀ ହେଉଥିବା ପ୍ରତ୍ୟେକ ଜିନିଷ ଉପରେ ତୁରନ୍ତ ଏହି ନିୟମ ଲାଗୁ କରାଯାଇଛି। ତେବେ ଅତ୍ୟାବଶ୍ୟକ ଭିତ୍ତିରେ ଯଦି ସେଭଳି କୌଣସି ଜିନିଷର ଆମଦାନୀ ଆବଶ୍ୟକତା ଥାଏ, ତେବେ ସେ କ୍ଷେତ୍ରରେ ସରକାରଙ୍କ ଆଗୁଆ ଅନୁମତି ନେବାକୁ ପଡ଼ିବ ବୋଲି ବାଣିଜ୍ୟ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ପୂର୍ବରୁ ପ୍ରତ୍ୟକ୍ଷ ବାଣିଜ୍ୟ କାରାବାର ବନ୍ଦ ଥିଲା, କିନ୍ତୁ ଏବେ ପରୋକ୍ଷରେ ବାଣିଜ୍ୟ ମଧ ବନ୍ଦ ହୋଇଯାଇଛି। ଏହା ପାକିସ୍ତାନ ପାଇଁ ଏକ ବଡ଼ ଆଘାତ ସାବ୍ୟସ୍ତ ହେବ। ଭାରତର ବାଣିଜ୍ୟ ମନ୍ତ୍ରଣାଳୟ ଭାରତରୁ ଆମଦାନି କିମ୍ବା ରପ୍ତାନି କରାଯିବ ନାହିଁ ଏପରି ଉତ୍ପାଦଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇଛି।

ବାଣିଜ୍ୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ଭାରତ ପାକିସ୍ତାନରୁ ସମସ୍ତ ସାମଗ୍ରୀର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆମଦାନୀକୁ ତତ୍କାଳ ନିଷେଧ କରାଯାଇଛି। ବୈଦେଶିକ ବାଣିଜ୍ୟ ନୀତି (ଏଫଟିପି)-୨୦୨୩ ଅନୁସାରେ କୁହାଯାଇଛି ଯେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ, ପାକିସ୍ତାନରୁ ଆସୁଥିବା କିମ୍ବା ରପ୍ତାନି ହେଉଥିବା ସମସ୍ତ ସାମଗ୍ରୀର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆମଦାନୀ ଉପରେ ନିଷେଧ କରାଯାଉଛି। ଏହି ସୂଚନା ମେ ୨ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତିରେ ଦିଆଯାଇଛି। ଜାତୀୟ ସୁରକ୍ଷା ଏବଂ ସାର୍ବଜନୀନ ନୀତିର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରତିବନ୍ଧକ ଲଗାଯାଇଛି ବୋଲି ବିଜ୍ଞପ୍ତିରେ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫଟି) କହିଛି।

# ଓଡ଼ିଶାରେ ୫ଜି ଫିକ୍ସଡ୍ ୱେୟାରଲେସ୍ ବଜାରରେ ଜିଓର ଦବ୍ଦବା

## ୮୬ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ: ଟ୍ରାଇ




**ଭୁବନେଶ୍ୱର, ୩।୫:** ସାରା ରାଜ୍ୟରେ ଏହାର ଦ୍ରୁତତମ ଏବଂ ସର୍ବବୃହତ ଟ୍ରୁ ୫ଜି ନେଟୱାର୍କ ବଳରେ ରିଲାଏନ୍ସ ଜିଓ ଓଡ଼ିଶାରେ ୫ଜି ଏଫଡବ୍ଲୁଏ (ଫିକ୍ସଡ୍ ୱେୟାରଲେସ୍ ଆକ୍ସେସ୍) କ୍ଷେତ୍ରରେ ଏହାର ଆଧିପତ୍ୟକୁ ଆହୁରି ଅଧିକ ସୁଦୃଢ଼ କରିଛି। ଜିଓ ଏୟାରଫାଇବର ରାଜ୍ୟରେ ୮୬ ପ୍ରତିଶତରୁ ଅଧିକ ୫ଜି ଏଫଡବ୍ଲୁଏ ଗ୍ରାହକ ବଜାର ଅଂଶ ହାସଲ କରିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓର ୫ଜି ଏଫଡ଼ବ୍ଲୁଏ ସେବା ଜିଓଏୟାରଫାଇବର ଫେବୃୟାରୀ ଶେଷ ସୁଦ୍ଧା ରାଜ୍ୟରେ ୧.୪୨ ଲକ୍ଷରୁ ଅଧିକ ଉପଭୋକ୍ତା ସହିତ ଏକ ବିରାଟ ବ୍ୟବଧାନରେ ଆଗରେ ରହିଛି। ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ, ମାତ୍ର ୨୨ ହଜାର ଉପଭୋକ୍ତା ସହିତ ବେଶ ପଛରେ ରହିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଫେବୃଆରୀ ମାସରେ ଜିଓ ସର୍ବାଧିକ ୧୧ ହଜାରରୁ ଉର୍ଦ୍ଧ୍ୱ ନୂଆ ଜିଓଏୟାରଫାଇବର ଗ୍ରାହକ ଯୋଡ଼ିବା ସହିତ ଓଡ଼ିଶାରେ ମୋଟ ୫ଜି ଏଫଡ଼ବ୍ଲୁଏ ଗ୍ରାହକ ସଂଖ୍ୟା ୧.୬୫ ଲକ୍ଷ ଅତିକ୍ରମ କରିଛି।

ଟ୍ରାଇ ପ୍ରକାଶିତ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ମଧ ରାଜ୍ୟରେ ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ନିଜର ଜୟଯାତ୍ରା ଜାରି ରଖି ଫେବୃୟାରୀ ମାସରେ ସର୍ବାଧିକ ୧.୧୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡ଼ିଛି। ଏହା ସହିତ ରାଜ୍ୟରେ ଜିଓର ୪ଜି / ୫ଜି ନେଟୱାର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୧.୫୮ କୋଟି ଅତିକ୍ରମ କରିବା ସହ ଜିଓ ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଜିଓର ୫୦ ଦିନର ମାଗଣା ଜିଓଫାଇବର / ଜିଓଏୟାରଫାଇବର ଟ୍ରାଏଲ୍ ସଂଯୋଗ ଅଫରର ବଢୁଥିବା ଲୋକପ୍ରିୟତା: କ୍ରିକେଟ୍ ସିଜିନ୍ ପାଇଁ ଜିଓ ଆରମ୍ଭ କରିଥିବା ଅସୀମିତ ଅଫର ସହିତ ୫୦ ଦିନର ମାଗଣା ଜିଓଫାଇବର / ଜିଓଏୟାରଫାଇବର ଟ୍ରାଏଲ୍ ସଂଯୋଗ ପ୍ରଦାନ କରୁଛି, ଯାହା ସାରା ଓଡ଼ିଶାରେ ବିଶେଷ ଲୋକପ୍ରିୟତା ହାସଲ କରିଛି। ଏହି ଅଫର ସହିତ ଗ୍ରାହକମାନେ ୮୦୦ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ, ନିରବଚ୍ଛିନ୍ନ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଆହୁରି ଅନେକ ସୁବିଧା ଉପଭୋଗ କରୁଛନ୍ତି। କେବଳ ଏକ ଜିଓ ସିମ ଏବଂ ୧୫ ମଇ ୨୦୨୫ ପୂର୍ବରୁ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ରିଚାର୍ଜ ସହିତ, ଗ୍ରାହକମାନେ ଉଚ୍ଚ ମାନର ମନୋରଞ୍ଜନ କଣ୍ଟେଣ୍ଟ ସାଙ୍ଗକୁ ପ୍ରତ୍ୟେକ ମ୍ୟାଚର ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ନିର୍ବିଘ୍ନ, ଉଚ୍ଚ-ଗୁଣବତ୍ତା ଷ୍ଟ୍ରିମିଂର ମଜା ନେଇପାରିବେ। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତିକରଣକୁ ସମ୍ପ୍ରସାରିତ କରିଛି କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ତଥା ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡିକରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତାକୁ ଦୂର କରିଛି, ଯେଉଁଠାରେ ପୂର୍ବରୁ ଏହା ଏକରକମ ଅସମ୍ଭବ ସ୍ୱପ୍ନ ଭଳି ରହିଥିଲା। ଏହା ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଓ ଗୁଣାତ୍ମକ ଗୃହ ମନୋରଞ୍ଜନ (ହୋମ ଏଣ୍ଟରଟେନମେଣ୍ଟ) ସହିତ ସଂଯୁକ୍ତ କରିଛି, ଯେଉଁମାନଙ୍କର ପରିସରରେ ପୂର୍ବରୁ ଅପ୍ଟିକାଲ୍-ଫାଇବର ବିସ୍ତାର କରିବାରେ ଜଟିଳତା ରହିଥିଲା। ଜିଓ ଟ୍ରୁ ୫ଜି ନେଟୱାର୍କ ବାସ୍ତବରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ ଜରିଆରେ ଛାତ୍ରଛାତ୍ରୀ, ବୃତ୍ତିଗତ ପେଶାଦାର, ଉଦ୍ୟୋଗୀ ଏବଂ ସାଧାରଣ ପରିବାର ସମେତ ଲକ୍ଷ ଲକ୍ଷ ଲୋକଙ୍କୁ ସଶକ୍ତ କରିଛି। ହାଇସ୍ପିଡ୍ ୫ଜି ସେବା ପ୍ରଦାନ କରୁଥିବା ଜିଓଏୟାରଫାଇବରର ଦ୍ରୁତ ଆଦୃତି ଓଡ଼ିଶାର ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ କରିଛି, ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି ଏବଂ ମନୋରଞ୍ଜନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତିରେ ସହାୟକ ହୋଇଛି।

**ଆଜିର ସୁନା ଦର**



ହୁହୁ ହୋଇ ବଢ଼ି ଚାଲିଛି ସୁନା ଦର। ସୁନା କିଣିବା ପୂର୍ବରୁ ବହୁ ଥର ଚିନ୍ତା କରିବାକୁ ପଡୁଛି। ହେଲେ ସୁନା କିଣିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁସି ଖବର। କମିଛି ସୁନା ଦର। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୫୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୫୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୫୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫,୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୫୧୦ ଓ ୮୭,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୭୦୦ ଟଙ୍କା ହୋଇଛି।

**ଆଜିର ପେଟ୍ରୋଲ, ଡିଜେଲ ଦର**



ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ .୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ

**ସୁନ୍ଦରଗଡ଼,୩।୫(ସଂଚାର ବ୍ୟୁରୋ):** ସ୍ଥାନୀୟ ସଦଭାବନା ଭବନଠାରେ ଶନିବାର ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଏବଂ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସୁନ୍ଦରଗଡ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ,ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ଗୁରୁ ପ୍ରସାଦ ମହାନ୍ତ, କୃଷି ବିଜ୍ଞାନ କେନ୍ଦ୍ର କିରେଇ ର ବରିଷ୍ଠ ବୈଜ୍ଞାନିକ ସୁଶ୍ରୀ ଲକ୍ଷ୍ମୀ ପ୍ରିୟା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଣା କୁମାରୀ ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପୋଷଣ ପକ୍ଷ ପାଳନ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଦେଶରୁ ଅପପୁଷ୍ଟିର ହାର ହ୍ରାସ ଦିଗରେ ପୋଷଣ ଅଭିଯାନ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଶ୍ରୀମତୀ ନନ୍ଦ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ମହାଜନ ପୋଷଣ ପକ୍ଷର ମହତ୍ୱ ଉପରେ ନିଜ ଅଭିଭାଷଣ ରଖିଥିଲେ। ଜିଲ୍ଲାରୁ



କୁପୋଷଣର ଦମନ ପାଇଁ କ୍ଷେତ୍ର ସ୍ତରରେ ସୂକ୍ଷ୍ମ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପୁଷ୍ଟିକର ଖାଦ୍ୟ, ସୁକ୍ଷମ ଖାଦ୍ୟ, ସନ୍ତୁଳିତ ଆହାର,ଶ୍ରୀ ଅନ୍ନ ଉପରେ ବ୍ୟାପକ ଜନସଚେତତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ସମସ୍ତ ହିତାଧିକାରୀ ମାନେ ଯେଭଳି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବେ ସେନେଇ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀ ମାନଙ୍କୁ କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଜିଲ୍ଲାର ସମସ୍ତ ଅଞ୍ଚଳରେ ବିଶେଷ କରି ଅପହଞ୍ଚ ଅଞ୍ଚଳ ମାନଙ୍କରେ କିଭଳି ଭାବେ ପୋଷଣ କାର୍ଯ୍ୟକ୍ରମ ପହଞ୍ଚିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଯେଭଳି କେହି କୁପୋଷଣରେ ରହିବେ ନାହିଁ ସେ ଦିଗରେ ସମସ୍ତେ ବିଶେଷ ଧ୍ୟାନ ଦିଆଯିବାକୁ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ରେ ଶିଶୁ ର ୧୦୦୦ ଦିନ ର ମହତ୍ତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଗର୍ଭଧାରଣ ଠାରୁ ଶିଶୁ କୁ ୨ ବର୍ଷ ପୂରଣ ହେବା ପର୍ଯ୍ୟନ୍ତ ଖାଦ୍ୟ,ପୁଷ୍ଟି ଓ ଯତ୍ନ ର ଯେଉଁ ବିଶେଷ ଆବଶ୍ୟକତା ରହିଛି ତାହା ଉପରେ ଆଲୋଚନା କରାଯାଇଥିଲା। ଶିଶୁ ର ଉଭୟ ଶାରିରୀକ ଏବଂ ମାନସିକ ବିକାଶ ନିମନ୍ତେ ପୋଷଣ କେତେ ଗୁରୁତ୍ୱପୂର୍ଣ୍ଣ ତାହା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ବାହାର ଖାଦ୍ୟ ବର୍ଜନ କରି ସମସ୍ତେ ସନ୍ତୁଳିତ ଆହାର ଗ୍ରହଣ କରିବାକୁ ଅତିଥି ମାନେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲା ର ସମସ୍ତ ଆଇ ସି ଡି ଏସ ପ୍ରକଳ୍ପରୁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପୋଷଣ ଟ୍ରାକର ରେ ଉତ୍ତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଶକ୍ତି ସଦନ, ସଖୀ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁରକ୍ଷା ଅଧିକାରୀ ଚୁଲେଶ୍ୱରୀ ପଟେଲ ପରିଚାଳନା କରିଥିଲେ ଏବଂ ଶେଷରେ ସୁରକ୍ଷା ଅଧିକାରୀ, ପାନପୋଷ କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ଅନ୍ୟାନ୍ୟ ଅଧିକାରୀ, ସମସ୍ତ ସି ଡି ପି ଓ, ଅଙ୍ଗନୱାଡ଼ି କର୍ମୀ,ଅଙ୍ଗନୱାଡ଼ି ସହାୟିକା ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ବିନା ସୂଚନା ଫଳକରେ ଚାଲିଛି ଲକ୍ଷାଧିକ ଟଙ୍କାର କାମ




**ବାଲିପାଟଣା,୩।୫(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ଜଳାଶୟ ଓ ପୋଖରୀ ଗୁଡିକର ମରାମତି ଓ ରୂପାନ୍ତରୀକରଣ ଉନ୍ନତି ନିମନ୍ତେ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ସରକାରଙ୍କ ନିୟମାନୁଯାୟୀ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲାଗିବ। ମାତ୍ର ସରକାରଙ୍କ ନିୟମକୁ ଖୋଲାଖୋଲି ଉଲଂଘନ କରି ବିନା ସୂଚନା ଫଳକରେ ପଞ୍ଚାୟତ ପକ୍ଷରୁ ଚାଲିଛି ଲକ୍ଷାଧିକ ଟଙ୍କାର କାମ। ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲୋ ପଞ୍ଚାୟତ ଅଧିନରେ ଥିବା ବଡ଼ ପୋଖରୀ ଖନନ କାର୍ଯ୍ୟକୁ ନେଇ ବ୍ୟାପକ ଅନିୟମିତତାକୁ ବିରୋଧ କରୁଛନ୍ତି ଗ୍ରାମବାସୀ। ଏପିଓ, ପିଇଓ, ଜିଆରଏସଙ୍କୁ ହାତ କରି ପଞ୍ଚାୟତ ସ୍ତରୀୟ ନିର୍ବାଚିତ ଜନପ୍ରତିନିଧି ସରପଞ୍ଚ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲଂଘନ କରି ବିନା ସୂଚନା ଫଳକରେ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କାର କାମ କରାଯାଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଏହାର ତଦନ୍ତ କଲେ ନାହିଁ କିମ୍ବା ଏହି କାର୍ଯ୍ୟ କିପରି ହେବ ତାହାର ସୂଚନା ଫଳକ ମଧ୍ୟ ଲଗାଇଲେ ନାହିଁ। ଏପରିକି ମୁଁ ବିନା ସୂଚନା ଫଳକରେ କାମ କରିବି ଯିଏ ପ୍ରତିବାଦ କରିବ ଜେଲରେ ପୁରାଇ ଦେବୁ ବୋଲି ସ୍ଥାନୀୟ ସରପଞ୍ଚ ଧମକ ଦେଇଥିବା କହିଛନ୍ତି ସମିତି ସଭ୍ୟା ଏବଂ ୱାର୍ଡ ସଭ୍ୟା। ଯାହାକୁ ନେଇ ସରପଞ୍ଚଙ୍କୁ ଘେରିବା ସହ କାମ ବନ୍ଦ କରିବାର ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଅପରପକ୍ଷରେ ମିସ୍ତ୍ରୀ ନମିଳିବାରୁ ସୂଚନା ଫଳକ ତିଆରି ହୋଇପାରିନଥିବା ଭୁଲକୁ ସ୍ୱୀକାର କରିଛନ୍ତି ସରପଞ୍ଚ ବାହନ ଭୋଇ। ଏହାସହ ସମସ୍ତଙ୍କୁ କାମ ବିଷୟରେ ଅବଗତ କରାଇଥିବା ଓ ଯଥାଶୀଘ୍ର ଫଳକ ଲଗାଯିବ ବୋଲି ମଧ୍ୟ କହିଛନ୍ତି ସରପଞ୍ଚ।

## ମ୍ୟୁନିସିପାଲଟି ଅଫିସ ଛକରେ ଖୋଲିଲା କିଓର'ବେ ସ୍ୱାସ୍ଥ୍ୟ ପରୀକ୍ଷଣ କେନ୍ଦ୍ର



**ଯାଜପୁର ରୋଡ୍,୩।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌର ସହରର ମ୍ୟୁନସିପାଲଟି ଅଫିସ ଛକ ନିକଟରେ ଆଜି କିଓର'ବେ ର ଏକ ନୂତନ ପରୀକ୍ଷଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି।ଏହାକୁ କେନ୍ଦ୍ର ସରକାରଙ୍କ ପୂର୍ବତନ ସଚିବ ତଥା ବିଭାଗର ଡି.ଆର.ଏମ, ଏଚ.ଏସ.ବାକ୍ରୀ, ଏ.ଡି.ଆର.ଏମ, ପି.କେ ବେହେରା, ଖୋର୍ଦ୍ଧା ମେଡିକାଲର ଅଧକ୍ଷା ସବିତା ଶତପଥି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଏହି ସେବା କେନ୍ଦ୍ରକୁ ଉଦଘାଟନ କରିଥିଲେ। ଏଠାରେ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସମସ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହିତ ଡାକ୍ତରଙ୍କ ପରାମର୍ଶ କରିପାରିବେ ବୋଲି ଅନୁଷ୍ଠାନର କୋ-ଫାଉଣ୍ଡର ଶୁଭମ ମହାପାତ୍ର କହିଥିଲେ। ସାରା ରାଜ୍ୟରେ ଏହାର ମୋଟ ପାଖାପାଖି ୧୬୦ଟି ଷ୍ଟୋର ରହିଥିବା ନେଇ ମଧ କହିଛନ୍ତି। ଏହି କେନ୍ଦ୍ରକୁ ବାର୍ଷିକ ୩୧୯ଟଙ୍କା ଦେଇ ବାର୍ଷିକ ସଦସ୍ୟତା ପୋଗ୍ରାମରେ ଯେ କୌଣସି ବ୍ୟକ୍ତି ସାମିଲ ହୋଇପାରିବେ ବୋଲି ପରିଚାଳନା ଡାଇରେକ୍ଟର ଥିବା ଡ଼ଃ ମୃତ୍ୟୁଞ୍ଜୟ ଜଗଦେବ ସୂଚନା ଦେଇଛନ୍ତି।

## ମାଟ୍ରିକ ପରୀକ୍ଷାରେ ୪ ଟପ୍ପର

**କଳିଙ୍ଗନଗର,୩।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପ୍ରକାଶ ପାଇଥିବା ଫଳାଫଳ ରେ ଦାନଗଡୀ ବ୍ଲକ ରେ ଚାରି ଜଣ ଟପ୍ପର ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଦୁଇଜଣ ଛାତ୍ର ଥିବା ବେଳେ ଦୁଇ ଜଣ ଛାତ୍ରୀ ଅଛନ୍ତି, ସର୍ବୋଚ୍ଚ ୫୫୪ ନମ୍ବର ରଖି ଏ୧ -ଗ୍ରେଡ଼ ରେ ଦୁଆରକାନ୍ତ ମହାନ୍ତ ବ୍ଲକ ରେ ଟପ୍ପର ହୋଇଥିବା ବେଳେ ସେ ମାନପୁର ସରକାରୀ ବିଦ୍ୟାଳୟର ଛାତ୍ର ଅଟନ୍ତି, ସେହିପରି ୫୫୩ ନମ୍ବର ରଖି ଦୁଇ ନମ୍ବର ସ୍ଥାନରେ କୁମ୍ଭୀରଗାଡ଼ିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ହିମାଦ୍ରୀ ଦଳାଇ ଅଛନ୍ତି, ତୃତୀୟ ସ୍ଥାନରେ ଝାଡ଼େଶ୍ୱର ସରକାରୀ ବିଦ୍ୟାଳୟ, ଚିତ୍ରୀର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ଦତ୍ତ ୫୫୦ ନମ୍ବର ରଖିଛନ୍ତି, ଚାରି ନମ୍ବର ସ୍ଥାନରେ ମାନପୁର ସରକାରୀ ବିଦ୍ୟାଳୟ ର ଛାତ୍ର ଆରିୟନ ପାତ୍ର ୫୪୦ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି, ଏହି ଚାରିଜଣ ଙ୍କୁ ତାଙ୍କର ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟୁଛି।

## ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପ୍ରସ୍ତୁତି ବୈଠକ



**ଦଶରଥପୁର,୩।୫(ସଂଚାର ବ୍ୟୁରୋ):** ଜଗତର ନାଥ ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ତାଙ୍କ ଜନ୍ମସ୍ଥାନ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକସ୍ତ ଦତ୍ତପୁର ଠାରେ ସ୍ଥାପନ ହୋଇସାରିଛି। ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପାଇଁ ଆଜି ଦତ୍ତପୁର ଠାରେ ଏକ ପ୍ରସ୍ତୁତି ବୈଠକ ଦଶରଥପୁର ବ୍ଲକର ବରିଷ୍ଠ ସମାଜସେବୀ ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ ମାସ ୧୫ ତାରିଖରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ। ଆଜିର ପ୍ରସ୍ତୁତି ବୈଠକରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ନନ୍ଦିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତି, ୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ୬ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଚଷାଖଣ୍ଡ ପଞ୍ଚାୟତର ସରପଞ୍ଚ ପ୍ରତିଭା ମଲ୍ଲିକ, ଦତ୍ତପୁର ସରପଞ୍ଚ ଶୁଚିସ୍ମିତା ମହାନ୍ତି, ୬ନମ୍ବର ଜୋନ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରଫୁଲ ନାୟକ, ବିକ୍ରମ ରାଉତ ପ୍ରମୁଖଙ୍କ ସମେତ ଶତାଧିକ ଉପସ୍ଥିତ ଥିଲେ। ଆଜିର ବୈଠକରେ ମୁଖ୍ୟତ ବନ୍ଧୁ ମହାନ୍ତି ପ୍ରଭୁ ଜଗନ୍ନାଥଙ୍କର ପରମ ଭକ୍ତ ହୋଇଥିବାରୁ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଦିନ ଜଗନ୍ନାଥଙ୍କ ରୀତିନୀତି ଅନୁଯାଇ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇ ଥିଲା।

## ବିଟ୍ ହାଉସ୍ ପକ୍ଷରୁ ତ୍ରିନାଥ ଦେବଙ୍କ ତୃତୀୟ ଜନ୍ମ ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି,୩।୫(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧିନସ୍ଥ ନରେନ୍ଦ୍ରପୁର ବିଟ୍ ହାଉସ ପକ୍ଷରୁ ବିଟ୍ ହାଉସ୍ ପରିସରରେ ଚଳିତ ବର୍ଷ ତ୍ରୀନାଥ ଦେବଙ୍କ ତୃତୀୟ ଜନ୍ମ ବାର୍ଷିକ ଉତ୍ସବ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପୁରୋହିତଙ୍କ ଦ୍ୱାରା ବୈଦିକ ପରମ୍ପରା ଅନୁସାରେ ହୋମଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ କର୍ତ୍ତାଭାବେ କନେଷ୍ଟବଳ ଅରଖିତ ଦାସ କାର୍ଯ୍ୟଭାର ତୁଲାଇଥିଲେ। ବିଟ୍ ହାଉସର ଭାରାପ୍ରାପ୍ତ ଅଧିକାରୀ ସେକ ସାହନାୱାଜଙ୍କ ପ୍ରତ୍ୟେକ୍ଷ ତତ୍ୱାବୋଧନରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ନେମାଳ ଥାନା ଅଧିକାରୀ ସୁଶିଲ ନାୟକ, ଏ.ଏସ୍.ଆଇ ବ୍ରହ୍ମାନନ୍ଦ ସ୍ୱାଇଁ, ମନୋଜ କୁମାର ବେହେରା, ସ୍ୱାଗତିକା ମହାକୁଲ, ନଗେନ୍ ସାମଲ ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିବା ସହ ବିଟ୍ ହାଉସ ଅଧୀନରେ ଥିବା ପଂଚାୟତରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଭଜନ ସଂକୀର୍ତ୍ତନ, ଭଜନ, ଜଣାଣ ସହ ଅଷ୍ଟ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ବିଭୁକୃପା ଲାଭ ସହ ପ୍ରସାଦ ସେବନ କରିଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

**ଫୁଲବାଣୀ,୩।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଆଜି ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ର ଗଠନରେ ଶ୍ରମିକମାନଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଯୋଗାଇଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା



ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ଶ୍ରମିକ ଦିବସର ଗୁରୁତ୍ୱ ଓ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଆଇଏନଟିୟୁସିର ଜିଲ୍ଲା ସଭାପତି ଘନକୁମାର ଶବର ଆଜିର ଦିନରେ ବିଶ୍ୱର ସମସ୍ତ ଶ୍ରମିକ ଏକଜୁଟ ହୋଇ ନିଜର ଅଧିକାର ପାଇଁ ଲଢ଼ିବାକୁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୨୧୨ ହିତାଧିକାରୀଙ୍କୁ ୧କୋଟି ୧୨ଲକ୍ଷ ୧୦ହଜାର ୪୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇ ଥିଲା।

## ଦୁର୍ଘଟଣାରେ ଚାଲିଗଲା ଦୋକାନୀଙ୍କ ଜୀବନ

**ନୀଳଗିରି,୩।୫(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ବାବନ୍ଧ ଗ୍ରାମର ମନୋରଞ୍ଜନ ସିଂହ (କାଳିଆ) ଦୀର୍ଘ ଦିନ ହେବ ପୋଡ଼ାଶୁଳ ଛକରେ ଏକ କାଳିଆ ଡ୍ରେସ୍ ହାଉସ ନାମକ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ଗତକାଲି ରାତି ୧୦ ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ପୋଡାଶୁଳ ରୁ ଚତର ଗାଁ ରାସ୍ତା ସ୍କୁଲ ପାଖରେ ଅନ୍ୟ ଏକ ବାଇକ ଧକ୍କା ଦେଇ ତଳେ ପଡ଼ି ଯାଇଥିଲେ ଫଳରେ ମନୋରଞ୍ଜନ ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ଡାକ୍ତରଖାନା କୁ ନେଇ ଚିକିତ୍ସା କରାଇଥିଲେ ହେଲେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ନେଉଥିବା ବେଳେ ଭଦ୍ରକ ପାଖରେ ତାଙ୍କର ପ୍ରାଣ ବାୟୁ ଚାଲିଯାଇଥିଲା। ତେବେ ମନୋରଞ୍ଜନ ଙ୍କ ପାର୍ଥିବ ଶରୀର ଶନିବାର ମଧ୍ୟାହ୍ନରେ ପୋଡ଼ାଶୁଳ ବଜାରରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଜାର କମିଟି ଓ ପୁର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଶିଆଡିମାଳ ସରପଞ୍ଚ ସୁରତ ଚନ୍ଦ୍ର ସିଂ, ସମିତି ସଭ୍ୟ ରାଜିବ୍ ଦାସ ବାବୁ, ନୀଳଗିରି ଲେମ୍ପ୍ ର ସଭାପତି ନମା ସିଂ, ଚକ୍ରଧର ବେହେରା, ବିନୋଦ୍ ମହାନ୍ତି, ପ୍ରତାପ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ସ୍ୱାଇଁ ଙ୍କ ସହ ବହୁ ମାନ୍ୟଗନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ମନୋରଞ୍ଜନ ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ନିଜ ଗ୍ରାମ ବାବନ୍ଧ କୁ ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି। ତେବେ ମନୋରଞ୍ଜନ ଜଣେ ଅତ୍ୟନ୍ତ ମେଳାପ ପ୍ରକୃତିର ଲୋକ ଥିବାରୁ ଅଞ୍ଚଳରେ ତାଙ୍କର ମୃତ୍ୟୁ କୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

## ଜିଲ୍ଲାପାଳଙ୍କ ଖ୍ରୀଷ୍ଟିଆନ ହସ୍ପିଟାଲ ଗସ୍ତ

# ଆୟୁଷ୍ମାନ ଯୋଜନାର ବ୍ୟାପକ ଉପଲବ୍ଧତା ପାଇଁ ପ୍ରୟାସ

**ବିଷମକଟକ,୩।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ବିଷମକଟକ ସଦର ମହକୁମାରେ ଅବସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲ ଦକ୍ଷିଣ ଓଡ଼ିଶା ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଳୟ ଭାବରେ ପରିଚିତ। ଏହି ହସ୍ପିଟାଲ କେବଳ ରାୟଗଡ଼ା ନୁହେଁ, ବରଂ କଳାହାଣ୍ଡି, ଟିଟିଲାଗଡ଼, ବଲାଙ୍ଗୀର, ଫୁଲବାଣୀ, ଗଜପତି ଓ ଅନ୍ୟାନ୍ୟ



ପଡ଼ୋଶୀ ଜିଲ୍ଲାର ଲୋକମାନେ ମଧ୍ୟ ଚିକିତ୍ସା ଲାଗି ନିର୍ଭର କରନ୍ତି। ଏହି ପରିପ୍ରେକ୍ଷୀତରେ ଆଜି ରାୟଗଡ଼ା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟୱାରୀ ଖ୍ରୀଷ୍ଟିଆନ ହସ୍ପିଟାଲକୁ ଗସ୍ତ ରେ କରିଥିଲେ। ଏହି ଗସ୍ତର ମୂଳ ଉଦ୍ଦେଶ୍ୟ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ସଫଳ ରୂପାୟନ ଓ ଏହାର ବ୍ୟାପକ ଉପଲବ୍ଧତା ସୁନିଶ୍ଚିତ କରିବା। ପୂର୍ବରୁ ଏହି ହସ୍ପିଟାଲରେ ବିଏସକେୱାଇ ଯୋଜନା ମାଧ୍ୟମରେ ଚିକିତ୍ସା ସେବା ଦିଆଯାଉଥିଲା, କିନ୍ତୁ ଏବେ ଆୟୁଷ୍ମାନ ଯୋଜନା ଲାଗୁ ହେବା ପରେ ପୂର୍ବ ଯୋଜନା କାର୍ଯ୍ୟକ୍ଷମ ରହିନାହିଁ। ଏହି କ୍ଷେତ୍ରରେ ନୂତନ ଯୋଜନାର ଲାଭ ସମସ୍ତଙ୍କୁ ସମାନ ଭାବେ ପହଞ୍ଚିବା ଦିଗରେ ଜିଲ୍ଲାପାଳ ନିଜ ଚେଷ୍ଟା ଆରମ୍ଭ କରିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ହୋଇଥିବା ଆଲୋଚନାରେ ଆୟୁଷ୍ମାନ ଯୋଜନା ରେ ଥିବା ସୁବିଧା, ଲୋକଙ୍କ ମଧ୍ୟରେ ଅସଚେତନତା, ଭ୍ରମ ଓ ଗୁଜବ ଦୂର କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅନେକ ଲୋକ ଏହି ଯୋଜନା ସମ୍ପର୍କରେ ଉଚିତ ସୂଚନାର ଅଭାବ ରହିଥିବା କାରଣରୁ ଏହାର ଲାଭ ନେଇ ପାରୁନଥିବା କୁହାଯାଉଛି। ଏହି ପରିସ୍ଥିତିକୁ ଦୂର କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ହସ୍ପିଟାଲର ଭିତରେ ରିସୋର୍ସ ସେଣ୍ଟର ବଢ଼ାଇବା ଓ ଲୋକଙ୍କୁ ସହଜ ଭାବରେ ସୂଚନା ଯୋଗାଇବା ଦିଗରେ ଅଲୋଚନା ହୋଇଛି। ଜିଲ୍ଲାପାଳ ହସ୍ପିଟାଲ ବୁଲି ଦେଖି ସ୍ଥଳୀୟ ପରିସ୍ଥିତି ଅବଲୋକନ କରିଛନ୍ତି। ରୋଗୀମାନଙ୍କ ସହ ଆଲୋଚନା କରି ଆୟୁଷ୍ମାନ ଯୋଜନା ସମ୍ପର୍କରେ ସେମାନେ କେତେ ସଚେତନ ଓ ଏହାର ଲାଭ ଆସଲେ କେତେ ସୁବିଧା ମିଳୁଛି ତାହା ବୁଝିଛନ୍ତି।

## ମେଧାବୀ ଛାତ୍ର ଛାତ୍ରୀଙ୍କୁ ଶିଶିର ମହାପାତ୍ର ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧନା

**ନୀଳଗିରି,୩।୫(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଅନ୍ତର୍ଗତ ନୀଳଗିରି କେ ସି ହାଇ ସ୍କୁଲ ର ଦଶମ ଶ୍ରେଣୀରେ ଏ୧ ପାଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଶନିବାର ପୂର୍ବାହ୍ନରେ ଶିଶିର ମହାପାତ୍ର ଫାଉଣ୍ଡେସନ ତରଫରୁ ନୀଳଗିରି ଶିଶିର ଭବନରେ ସମ୍ବର୍ଦ୍ଧନା



ଜଣାଇଛନ୍ତି। ମୋଟ ୬ଜଣ ପିଲା ଏ୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏଥିର ଜନ୍.ଏ.ସି ରୁ ୪ଜଣ ପିଲା ଅଛନ୍ତି, ଝିଅ ପିଲା ୪ଜଣ ଓ ପୁଅ ପିଲା ୨ଜଣଙ୍କୁ ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ସହ ଉପହାର ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନାସଭାରେ ନୀଳଗିରି ମାଟିରେ ପିତାଙ୍କ ନାମରେ ପ୍ରତିଷ୍ଠା କରିଥିବା ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର (ଟୁବୁଲୁ) ଙ୍କ ସମେତ ଚିନ୍ମୟ ଶରଣ ରାଉତ, ପ୍ରତାପ ସେଠୀ, ନିଗମ ରାଉତ, ଜଗନ ରାଉତ, ସମୀର କୁମାର ମହାନ୍ତି ପ୍ରମୁଖ ଉପସ୍ତିତ ଥିଲେ।

## ଦେଶୀ ମଦ ଜବତ, ୩ ଗିରଫ

**ବେତନଟୀ,୩।୫(ସଂଚାର ବ୍ୟୁରୋ):** ବେଆଇନ ଦେଶୀ ମଦ କାରବାର ରୋକିବାରେ ବାରିପଦା ସଦର ଅବକାରୀ ବିଭାଗକୁ ସଫଳତା ମିଳିଛି। ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହା ସହିତ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅନ୍ତର୍ଗତ ଟୁଙ୍ଗାଧୁଆ ଗ୍ରାମର ପୂର୍ଣ୍ଣ ଦେହୁରୀ (୩୫), ସାବିତ୍ରୀ ଦେହୁରୀ (୪୫) ଓ ଚାକୁଣ୍ଡାପଦା ଗ୍ରାମର କୁନା



ମୁର୍ମୁ(୫୮)। ସୂଚନା ଅନୁଯାୟୀ, ବେଆଇନ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ଥସୂତ୍ରରୁ ଖବର ମିଳିଥିଲା। ଏନେଇ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ସଦର ଅବକାରୀ ଥାନା ଟିମ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଦେଶୀ ମଦ ଜବତ କରିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ବାରିପଦା ସଦର ଅବକାରୀ ଓଆଇସି ବ୍ରଜମୋହନ ମଲ୍ଲିକ, ରଜନୀକାନ୍ତ ବେହେରା, ଦିବ୍ୟାନଶୁ ପଣ୍ଡା, ଦେବରାଜ ସାହୁ ଓ ସବିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଶୈବପୀଠର ଉନ୍ନତିକରଣ ପାଇଁ ସାଂସଦଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**ନୀଳଗିରି,୩।୫(ସଂଚାର ବ୍ୟୁରୋ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରକୁ ପ୍ରତିଦିନ ହଜାର ହଜାର ବିଦେଶୀ ପର୍ଯ୍ୟଟକ ଆସୁଥିବା ବେଳେ ଉକ୍ତ ପୀଠର ଉନ୍ନତି ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଶନିବାର ଦିନ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ବାଲେଶ୍ୱର ଜିଲ୍ଲାପାଳ ସମେତ ପଞ୍ଚଲିଙ୍ଗେଶ୍ୱର ବିକାଶ କମିଟି, ନୀଳଗିରି ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ଜିଲ୍ଲାପାଳ, ପର୍ଯ୍ୟଟନ ଅଧିକାରୀ ସମେତ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ଉନ୍ନତି ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରାଯାଇଥିଲା। କିପରି ଉକ୍ତ ପୀଠର ଉନ୍ନତି ସହ ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ ତାହା ଆଲୋଚନା କରାଯାଇଥିଲା। ଓଡ଼ିଶାରେ ଉକ୍ତ ଶୈବପୀଠ ପର୍ଯ୍ୟଟନ ମାନଚିତ୍ରରେ ଶୀର୍ଷରେ ସ୍ଥାନ ପାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ପୀଠର ସାମଗ୍ରିକ ବିକାଶପାଇଁ ଅର୍ଥ ବାଧକ ସାଜିବ ନାହିଁ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ପ୍ରକାଶ କରିଥିଲେ।

## ଗଛରେ ପିଟି ଦେଲା ବାଇକ୍ ୧ ମୃତ, ଜଣ ଗୁରୁତର

**ବେତନଟୀ,୩।୫ (ସଂଚାର ବ୍ୟୁରୋ):** ଥାନା ଅଧୀନ ୧୮ନଂ ଜାତୀୟରାଜପଥ କରଞ୍ଜିଆ ଛକ ନିକଟରେ ଦୃତଗାମୀ ମୋଟରସାଇକେଲ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଗଛଦେହରେ ପିଟିହୋଇ ଯିବାରୁ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଉଛନ୍ତି ବାଲେଶ୍ୱର ଜିଲ୍ଲା କସାଫଳ ମେରାଇନ ଥାନା ଅଧୀନ ବାହାବଳପୁର ଗ୍ରାମର ଅସିତ ମୁର୍ମୁ(୨୨)। ଅସିତ ମୁର୍ମୁ ଓ ଅମିତ ମାଣ୍ଡି(୨୨) ଉଭୟ ସାଙ୍ଗ ହୋଇଥିବା ବେଳେ ସେମାନେ ଓଡି-୦୧ଏଭି-୯୮୫୮ ନମ୍ବର ବିଶିଷ୍ଟ ବାଇକଯୋଗେ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ କରଞ୍ଜିଆ ଛକରେ କୌଣସି କାରଣରୁ ଭାରସାମ୍ୟ ହରାଇ ତଳକୁ ଖସିପଡ଼ି ଗଛରେ ପିଟିହୋଇ ଯାଇଥିଲେ। ଦୂର୍ଘଟଣାରେ ଉଭୟଙ୍କୁ ଉଦ୍ଧାରକରି ଜାତୀୟରାଜପଥ ବିଭାଗର ଆମ୍ବୁଲାନ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଅସିତ ମୁର୍ମୁଙ୍କୁ ମୃତ ଘୋଷଣା କରିଥିଲେ। ଅମିତ ଗୁରୁତର ଅବସ୍ଥାରେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି।

# ବେଆଇନ କେନ୍ଦୁପତ୍ର ଚାଲାଣ ବେଳେ ଗାଡ଼ି ଅଟକ

**✪ ଧର୍ମଗଡ଼ ବିଧାୟକଙ୍କ ହସ୍ତକ୍ଷେପ ପରେ ଜଙ୍ଗଲ ବିଭାଗକୁ ହସ୍ତାନ୍ତର**

**ଭବାନୀପାଟଣା,୩।୫ (ସଂଚାର ବ୍ୟୁରୋ):** କୋକସରା ବ୍ଲକ ଗୋଟୋମୁଣ୍ଡା ପିପଲଝାପର ଠାରୁ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବା ଏକ ୧୧୦୯ ଗାଡି ଶୁକ୍ରବାର ସନ୍ଧ୍ୟାରେ କେନ୍ଦୁପତ୍ର କର୍ମଚାରୀ ମାନେ ଧରି ଅଟକ ରଖିଥିଲେ। ପ୍ରାପ୍ତ ସୂଚନା ଅନୁସାରେ ବିଜୁ ଏକ୍ସପ୍ରେସ ୱେ ବଡକେନ୍ଦୁଗୁଡା ବଜାର ପଡ଼ିଆ ନିକଟରେ କେନ୍ଦୁପତ୍ର ବୋଝେଇ ସିଜି ୦୪ ଜେଡି ୩୩୧୯ ନମ୍ବର ଏକ ଗାଡିକୁ କେନ୍ଦୁପତ୍ର ସିଜନାଲ କର୍ମଚାରୀ



ମାନେ ଅଟକାଇ କାଗଜ ପତ୍ର ଦେଖାଇବା ପାଇଁ କହିଥିଲେ ହେଁ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରିନଥିଲେ। ପରେ ବନବିଭାଗ ଓ କେନ୍ଦୁପତ୍ର ବିଭାଗ କର୍ମଚାରୀ ପହଞ୍ଚି ଘଟଣା ସ୍ଥଳରୁ ପତ୍ର ବୋଝେଇ ଗାଡିଟିକୁ ବିଜମରା ସେଣ୍ଟ୍ରାଲ ଗୋଦାମକୁ ନେଇ ଯାଇଥିଲେ। ଏନେଇ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଙ୍କୁ ସ୍ଥାନୀୟ ଗ୍ରାମବାସୀମାନେ ସୂଚନା ଦେବାସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କହିବା ପରେ ବିଧାୟକ ଜଙ୍ଗଲ ବିଭାଗ ଅଧିକାରୀମାନେ ଙ୍କୁ ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ କହିବା ପରେ ଧର୍ମଗଡ଼ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉର୍ ଘଟଣାସ୍ଥଳରେ ପହଞ୍ଚି ଗାଡି କୁ ଜବତ କରିଥିବା ବେଳେ ଗାଡି ର ଡ୍ରାଇଭର ଫେରାର ହୋଇଯାଇଛି। ତେବେ ଗାଡି ର ହେଲ୍ପର କୁ ଅଟକ ରଖାଯାଇଛି। ଦୀର୍ଘବର୍ଷ ହେବ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଠାରୁ ରାବନଗୁଡା ପର୍ଯ୍ୟନ୍ତ କେନ୍ଦୁପତ୍ର ଚୋରାଚାଲାଣ ହେଉଛି। ଯାହା ଫଳରେ କେନ୍ଦୁପତ୍ର ବିଭାଗ କର୍ମଚାରୀ ମାନେ କାମଧନ୍ଦା ହରାଉଥିବା ବେଳେ ଦଲାଲ ମାନେ ମାଲାମାଲ ହେଉଛନ୍ତି।

ସଂଚାର SANCHAR ରବିବାର ୪ ମେ ୨୦୨୫



# ବିଜ୍ଞାନ



# ସୂର୍ଯ୍ୟର ନିକଟତମ ଦୂରତାରେ 'ପାର୍କର୍ ସୋଲାର୍ ପ୍ରୋବ୍'

**'ନାସା' ଦ୍ୱାରା ପ୍ରେରିତ 'ପାର୍କର୍ ସୋଲାର୍ ପ୍ରୋବ୍' ଘଣ୍ଟାକୁ ୪.୩ ଲକ୍ଷ ମାଇଲ୍ ବେଗରେ ଗତି କରି ମାନବ ନିର୍ମିତ ସବୁଠାରୁ ବେଗବାନ୍ ବସ୍ତୁର ରେକର୍ଡ ହାସଲ କରିଛି। ଆସନ୍ତା ମାର୍ଚ୍ଚ ୨୨ ଓ ଜୁନ୍ ୧୯ରେ ଏହି ଯାନ ସୂର୍ଯ୍ୟର ଆହୁରି ନିକଟତର ହେବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି।**

ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଦ୍ୱାରା ସୂର୍ଯ୍ୟ ଅଭିମୁଖେ ପ୍ରେରିତ ମହାକାଶ ଯାନ 'ପାର୍କର୍ ସୋଲାର୍ ପ୍ରୋବ୍' ଏକ ବିରଳ କୀର୍ତ୍ତି ସ୍ଥାପନ କରିଛି। ଏହା ସୂର୍ଯ୍ୟର ନିକଟତମ କକ୍ଷପଥରେ ପ୍ରଦକ୍ଷିଣ କରିବାର ସୌଭାଗ୍ୟ ଲାଭ କରିଛି। ଏହା ସୂର୍ଯ୍ୟ ପୃଷ୍ଠରୁ ମାତ୍ର ୩୮ ଲକ୍ଷ ମାଇଲ୍ ଦୂରତାରେ ପହଞ୍ଚି ଘଣ୍ଟାକୁ ୪.୩ ଲକ୍ଷ ମାଇଲ୍ ବେଗରେ ପ୍ରଦକ୍ଷିଣ କରି ରେକର୍ଡ ସୃଷ୍ଟି କରିଛି। ମନୁଷ୍ୟ ଦ୍ୱାରା ସୃଷ୍ଟ କୌଣସି ଯାନ ହାସଲ କରିଥିବା ଏହା ସର୍ବାଧିକ ବେଗ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ୨୦୧୮ ମସିହା ଅଗଷ୍ଟ ୧୨ ତାରିଖରେ ମହାକାଶକୁ ଛଡ଼ାଯାଇଥିବା ଏହି ମହାକାଶଯାନ ଇତି ମଧ୍ୟରେ ସକ୍ରିୟ ତଥା ସକ୍ଷମ ରହି ଅନ୍ତରୀକ୍ଷରେ ୬ ବର୍ଷରୁ ଅଧିକ କାଳ ବିତାଇସାରିଲାଣି। ଏହି ଅବସରରେ ଏହା ସୂର୍ଯ୍ୟର ଦ୍ୱିତୀୟ ନିକଟତମ ଗ୍ରହ ଶୁକ୍ର ବାଟ ଦେଇ ତାହାକୁ ନିକଟରୁ ୭ ଥର ଅତିକ୍ରମ କରିସାରିଛି। ଗତ ନଭେମ୍ବର ୬ ତାରିଖରେ ଏହା ଶେଷ ଥର ପାଇଁ ଶୁକ୍ରକୁ ଅତିକ୍ରମ କରିଥିଲା। ତେବେ ଶୁକ୍ରକୁ ଏପରି ବାରମ୍ବାର ଅତିକ୍ରମ କରିବାର କୌଶଳ ଦ୍ୱାରା ଉକ୍ତ ମହାକାଶ ଯାନଟି ସୂର୍ଯ୍ୟର ଭୀଷଣ ତାପର ସମ୍ମୁଖୀନ ହୋଇ ନିଜର ସ୍ଥିତିସ୍ଥାପକତା ବଜାୟ ରଖିବା ସହ ସୂର୍ଯ୍ୟର ଅତି ନିକଟତର ହୋଇ ସୁଦ୍ଧା ଏହାର ବୈଜ୍ଞାନିକ ସରଞ୍ଜାମଗୁଡ଼ିକ ସୁରକ୍ଷିତ ରହିଛି। ତେବେ ଏହି ଉପଲବ୍ଧି ହାସଲ ପାଇଁ ଦଶନ୍ଧି ଦଶନ୍ଧିର ପ୍ରଯୁକ୍ତିବିଦ୍ୟା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଇଛି ବୋଲି 'ନାସା' ପକ୍ଷରୁ କୁହାଯାଇଛି।

ମହାକାଶଯାନକୁ ଢଙ୍କାଯାଇଥିବା ଅଙ୍ଗାର ଫୋମ୍ ଚାଦରଟି ୧,୮୦୦ ଡିଗ୍ରି ଫାରେନ୍‌ହାଇଟ୍ ତାପମାତ୍ରା ସହିବାକୁ ସକ୍ଷମ। ସୌରମଣ୍ଡଳ ଓ ତାହା ବାହାରେ ସୂର୍ଯ୍ୟର ପ୍ରଭାବକୁ ବୁଝିବା ଲାଗି ପ୍ରେରିତ ଏହି ମହାକାଶଯାନ ଦ୍ୱାରା ସଂଗୃହୀତ ତଥ୍ୟ ସୂର୍ଯ୍ୟ ନିକଟରେ ସୌରଝଡ଼ର ତ୍ୱରଣ ଓ ଚାର୍ଜଡ୍ ପାର୍ଟିକ୍‌ଲ କାର୍ଯ୍ୟକଳାପର ଉନ୍ମୋଚନ କରିବ ବୋଲି 'ନାସା'ର ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି। ଆସନ୍ତା ମାର୍ଚ୍ଚ ୨୨ ଓ ଜୁନ୍ ୧୯ ତାରିଖରେ 'ପାର୍କର୍ ସୋଲାର୍ ପ୍ରୋବ୍' ତାହାର ପରବର୍ତ୍ତୀ ପ୍ରୟାସରେ ସୂର୍ଯ୍ୟର ଆହୁରି ନିକଟତର କକ୍ଷପଥରେ ନିଜକୁ ଅବସ୍ଥାପିତ କରିବାର କାର୍ଯ୍ୟକ୍ରମ ରହିଛି।

## ୧୪ ହଜାର ଟଙ୍କିଆ ନୂଆ ୫ଜି ଫୋନ୍

ନିଜର ସ୍ମାର୍ଟଫୋନ୍ ଭିତ୍ତିଭୂମିକୁ ସମ୍ପ୍ରସାରଣ କରିବା ଲକ୍ଷ୍ୟରେ ସ୍ମାର୍ଟଫୋନ୍ ନିର୍ମାତା 'ଭିଭୋ' ପକ୍ଷରୁ ଏକ ନୂତନ ୫ଜି ଫୋନ୍‌ର ବଜାରପ୍ରବେଶ କରାଯାଇଛି। 'ୱାଇ୨୯ ୫ଜି' ନାମକ ଉକ୍ତ ଫୋନ୍‌ଟି ରାମ୍ ଓ ଷ୍ଟୋରେଜ୍ କ୍ଷମତାର ଏକାଧିକ ବିକଳ୍ପ ସହ ଉପଲବ୍ଧ। ଏହାର ୪ଜିବି ରାମ୍ ଓ ୧୨୮ ଜିବି ଷ୍ଟୋରେଜ୍ ବିଶିଷ୍ଟ ସଂସ୍କରଣର ମୂଲ୍ୟ ୧୩,୯୯୯ ଟଙ୍କା ରହିଥିବା ବେଳେ ୬ ଜିବି ରାମ୍ ଓ ୧୨୮ ଜିବି ଷ୍ଟୋରେଜ୍‌ର ସଂସ୍କରଣଟି ୧୫,୪୯୦ ଟଙ୍କାରେ ଉପଲବ୍ଧ। ସେହିପରି ୮ ଜିବି ରାମ୍ ଓ ୧୨୮ ଜିବି ମେମୋରି ବିଶିଷ୍ଟ ତୃତୀୟ ସଂସ୍କରଣର ମୂଲ୍ୟ ୧୬,୯୯୯ ଟଙ୍କା ରହିଥିବା ବେଳେ ଏହାର ୮ ଜିବି ରାମ୍ ଓ ୨୫୬ ଜିବି ଷ୍ଟୋରେଜ୍ ବିଶିଷ୍ଟ ଶୀର୍ଷ ସଂସ୍କରଣର ଦାମ୍ ୧୯,୯୯୯ ଟଙ୍କା ରହିଛି। ଏହି ଫୋନ୍‌ଟି ଡାଏମଣ୍ଡ୍ ବ୍ଲାକ୍, ଗ୍ଲାସିଅର୍ ବ୍ଲ୍ୟୁ ଓ ଟାଇଟାନିଅମ୍ ଗୋଲ୍ଡ ପରି ତିନିଟି ରଙ୍ଗରେ ଉପଲବ୍ଧ।

'ଭିଭୋ ୱାଇ୨୯ ୫ଜି'ର ଏକ ୬.୬୮ ଇଞ୍ଚର ଏଚ୍‌ଡି ପ୍ଲସ୍ ରିଜୋଲ୍ୟୁସନ୍ ସଂପନ୍ନ ପରଦା ରହିଛି, ଯାହାର ରିଫ୍ରେସ୍ ରେଟ୍ ହେଉଛି ୧୨୦ ହର୍ଜ। ସେହିପରି ଏଥିରେ ଏକ ୫୦ ମେଗାପିକ୍ସେଲ୍ ମୁଖ୍ୟ କ୍ୟାମେରା ଓ ୦.୦୮ ମେଗାପିକ୍ସେଲ୍ ସହାୟକ ଲେନ୍‌ସ ରହିଛି। ଏଲ୍‌ଇଡି ଫ୍ଲାସ୍ ସହିତ ଏଥିରେ ୮ ମେଗାପିକ୍ସେଲ୍‌ର ଏକ ସେଲ୍‌ଫି କ୍ୟାମେରା ଖଞ୍ଜାଯାଇଛି। ଆଣ୍ଡ୍ରଏଡ୍ ୧୪ ଉପରେ ପର୍ଯ୍ୟବସିତ 'ଫନ୍‌ଟଚ୍ ୧୪' ଅପରେଟିଂ ସିଷ୍ଟମ୍ ଦ୍ୱାରା ଏହି ଫୋନ୍‌ଟି ପରିଚାଳିତ। ଏଥିରେ ମିଡିଆଟେକ୍ ଡିମେନ୍‌ସିଟି ୬୩୦୦ ଚିପ୍‌ସେଟ୍ ଖଞ୍ଜାଯାଇଛି। ଏହାର ୫,୫୦୦ ଏମ୍‌ଏଏଚ୍ କ୍ଷମତାବିଶିଷ୍ଟ ବ୍ୟାଟେରିଟି ୪୪ ୱାଟ୍‌ର ଦ୍ରୁତ ଚାର୍ଜିଂ ସହ ସୁସଂଗତ। ଧୂଳିକଣା ଓ ଜଳ ପ୍ରତିରୋଧୀ ଗୁଣ ପାଇଁ ଏହାକୁ ଆଇପି୬୪ ରେଟିଂ ମିଳିଛି। ସର୍ବୋପରି ଏୟାରଟେଲ୍ ଓ ଜିଓ ପରି ୫ଜି ନେଟ୍‌ୱର୍କ ସହ ଭଲଭାବେ କାମ କରୁଥିବା ଏହି ଫୋନ୍ ଆଗାମୀ ପିଢ଼ିର ଯୋଗାଯୋଗ ଆବଶ୍ୟକତା ପାଇଁ ଏକ ପ୍ରକୃଷ୍ଟ ସରଞ୍ଜାମ ବୋଲି କୁହାଯାଇଛି।




## ହିରୋ ଏକ୍‌ସଟ୍ରିମ୍ ୧୬୦ଆର୍ ୪ଭି

୧୬୦ ସିସି ବାଇକ୍ ସେଗ୍‌ମେଣ୍ଟର ଏକ ପ୍ରମୁଖ ମଡେଲ୍ ହେଉଛି 'ହିରୋ ଏକ୍‌ସଟ୍ରିମ୍ ୧୬୦ଆର୍ ୪ଭି'। ଏହାର ପ୍ରାରମ୍ଭିକ ମୂଲ୍ୟ ୧,୩୮,୫୦୦ ଟଙ୍କା (ଏକ୍ସ ସୋ'ରୁମ୍) ରହିଛି। ଏଥିରେ ୧୬୩ ସିସିର ୪ ଷ୍ଟ୍ରୋକ୍, ୪ଭାଲ୍‌ଵ ଏୟାର୍ କୁଲ୍‌ଡ ଇଂଜିନ୍ ରହିଥିବାବେଳେ ଏହାର ତେଲ ଟାଙ୍କିର ଧାରଣ କ୍ଷମତା ୧୨ ଲିଟର୍। ଏଥିରେ ୫ ସ୍ପିଡ୍ ଗିଅର୍ ବକ୍ସ, କେୱାଇବି ୟୁଏସ୍‌ଡି ଫର୍କସ୍, ଡୁଆଲ୍ ଚାନେଲ୍ ଏବିଏସ୍, ଡ୍ରାଗ୍ ରେସ୍ ଟାଇମର୍, ମନୋସକ୍ ସସ୍‌ପେନ୍‌ସନ୍, ପାନିକ୍ ବ୍ରେକ୍ ଆଲର୍ଟ, ନୂଆ କମ୍‌ଫର୍ଟେବଲ୍ ପିଲିଅନ୍ ସିଟ୍, ଇନ୍‌ଭର୍ଟେଡ୍ ଏଲ୍‌ସିଡି କନ୍‌ସୋଲ୍ ପରି ବୈଶିଷ୍ଟ୍ୟ ରହିଛି, ଯାହା ଚାଳକଙ୍କୁ ନିଆରା ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନି ପକ୍ଷରୁ ଦାବି କରାଯାଇଛି। ଏହାର ଓଜନ ରହିଛି ୧୪୫ କିଲୋଗ୍ରାମ୍। ଏକ୍ସଟ୍ରିମ୍ ୧୬୦ଆର୍ ୪ଭି କେଭ୍‌ଲର୍ ବ୍ରାଉନ୍, ନିଅନ୍ ସୁଟିଂ ଷ୍ଟାର୍, ଷ୍ଟେଲ୍‌ଥ ବ୍ଲାକ୍ ପରି ତିନିଟି ରଙ୍ଗରେ ଉପଲବ୍ଧ।



## ଏଣିକି ଡିଜିଟାଲ୍ ୱାଲେଟ୍ ଦ୍ୱାରା ୟୁପିଆଇ କାରବାର




ଆଗରୁ ଏକ ସମୟ ଥିଲା ଯେବେ ଆମେ ହାତରେ ବ୍ୟାଗ୍ ଧରି ଦୋକାନକୁ ସଉଦା ପାଇଁ ଯାଉଥିଲେ। ହେଲେ ଏବେ ଅନ୍‌ଲାଇନ୍ ସପିଂ ଓ ଅନ୍‌ଲାଇନ୍ ପେମେଣ୍ଟ ମାଧ୍ୟମରେ ସହଜରେ ଘରେ ବସି ସଉଦା ଓ ଅନ୍ୟାନ୍ୟ ଦରକାରୀ ସାମଗ୍ରୀ କିଣାକିଣି କରିପାରୁଛୁ। ବର୍ତ୍ତମାନ ୟୁପିଆଇ ଆପ୍ ମାଧ୍ୟମରେ ପ୍ରିପେଡ୍ ପେମେଣ୍ଟ ଇନ୍‌ଷ୍ଟ୍ରୁମେଣ୍ଟ୍ସ (ପିପିଆଇ) ବ୍ୟବହାର କରି ଦେୟ ପୈଠ ସମ୍ଭବ ହେବ। ମେଟ୍ରୋ କାର୍ଡ, ଗିଫ୍ଟ କାର୍ଡ, ଟୋକନ୍ ଆଦି ହେଉଛି ଗୋଟିଏ ଗୋଟିଏ ପିପିଆଇ। ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦ୍ୱାରା ଜାରି କରାଯାଇଥିବା ସର୍କୁଲାର୍ ଅନୁଯାୟୀ, କେବଳ ଫୁଲ୍-କେୱାଇସି ଥିବା ପିପିଆଇକୁ ୟୁପିଆଇ ଦେୟ ପାଇଁ ଅନୁମତି ଦିଆଯିବ। ଏହା ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ସୁବିଧାଜନକ କରିବ।

**● ନୂଆ ୟୁପିଆଇ ନିୟମ କ'ଣ?**

ପୂର୍ବରୁ ଡିଜିଟାଲ୍ ୱାଲେଟ୍, ଗିଫ୍ଟ କାର୍ଡ ଓ ମେଟ୍ରୋ କାର୍ଡ ପରି ପିପିଆଇଗୁଡ଼ିକୁ କେବଳ ନିଜ ନିଜ ଆପ୍ ମାଧ୍ୟମରେ ବ୍ୟବହାର କରାଯାଉଥିଲା। କିନ୍ତୁ ବର୍ତ୍ତମାନ, ବ୍ୟାଙ୍କ୍ ଆକାଉଣ୍ଟ ଲିଙ୍କ୍ ହେଲାପରି ପୂର୍ଣ୍ଣ-କେୱାଇସି ସହିତ ପିପିଆଇ ଧାରକମାନେ ସେମାନଙ୍କର କାର୍ଡ କିମ୍ବା ଆଇଡିକୁ ଗୁଗଲ୍ ପେ, ଫୋନ୍ ପେ, ପେଟିଏମ୍ ଓ ଭିମ୍ ଭଳି ଲୋକପ୍ରିୟ ୟୁପିଆଇ ଆପ୍ ସହିତ ଲିଙ୍କ୍ କରିପାରିବେ।

**● ପିପିଆଇ କ'ଣ?**

କୌଣସି ଦ୍ରବ୍ୟ କ୍ରୟ, ସେବା ହାସଲ କିମ୍ବା ଟଙ୍କା ପଠାଇବା ଲାଗି ପିପିଆଇ ବ୍ୟବହାର ହୋଇଥାଏ। ପିପିଆଇ ତିନି ପ୍ରକାରର ଯଥା, କ୍ଲୋଜ୍‌ଡ, ସେମି-କ୍ଲୋଜ୍‌ଡ ଓ ଓପନ୍ ସିଷ୍ଟମ୍। କ୍ଲୋଜ୍‌ଡ ସିଷ୍ଟମ୍ ହେଉଛି ପିପିଆଇକୁ ଯେଉଁ ସଂସ୍ଥା ଜାରି କରିଥିବ କେବଳ ସେଠାରେ ହିଁ ଏହାକୁ ବ୍ୟବହାର କରିହେବ। ଯେମିତି, ମେଟ୍ରୋ କାର୍ଡ ଓ ଟୋକନ୍। ଏହା ମାଧ୍ୟମରେ ଆପଣ ଟଙ୍କା ଉଠାଇ ପାରିବେନାହିଁ ଏବଂ ତୃତୀୟ ପକ୍ଷ ସେବାରେ ଦେୟ ବା ସେଟଲ୍‌ମେଣ୍ଟ ପାଇଁ ବ୍ୟବହୃତ ହୋଇପାରିବନି। ଏହା ଆର୍‌ବିଆଇ ଦ୍ୱାରା ବର୍ଗୀକୃତ ନୁହେଁ, ତେଣୁ ଏହାକୁ ୟୁପିଆଇରେ ବ୍ୟବହାର କରାଯାଇପାରିବ ନାହିଁ।

ସେମି-କ୍ଲୋଜ୍‌ଡ ପିପିଆଇ ସିଷ୍ଟମ୍ ଏକାଧିକ ବ୍ୟବସାୟୀ କିମ୍ବା ଅଂଶୀଦାରମାନଙ୍କର ଅନ୍‌ଲାଇନ୍ କାରବାରରେ ବ୍ୟବହାର କରାଯାଇପାରିବ। ଏହି ପିପିଆଇଗୁଡ଼ିକ କେବଳ ଆର୍‌ବିଆଇ ଦ୍ୱାରା ଅନୁମୋଦିତ ବ୍ୟାଙ୍କିଙ୍ଗ୍ ବା ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ଦ୍ୱାରା ଦିଆଯାଇପାରିବ। ଏପରି ପିପିଆଇ ପାଇଁ ଆର୍‌ବିଆଇର ପ୍ରାକ୍ ଅନୁମୋଦନ ଆବଶ୍ୟକ। ପେଟିଏମ୍, ଫୋନ୍‌ପେ, ମୋବିକ୍ୱିକ୍‌ର ଡିଜିଟାଲ୍ ୱାଲେଟ୍ ହେଉଛନ୍ତି ସେମି-କ୍ଲୋଜ୍‌ଡ ପିପିଆଇ ସିଷ୍ଟମ୍।

ଓପନ୍ ସିଷ୍ଟମ୍ ପିପିଆଇଗୁଡ଼ିକ କେବଳ ଆର୍‌ବିଆଇ ଦ୍ୱାରା ଅନୁମୋଦିତ ବ୍ୟାଙ୍କିଙ୍ଗ୍ ସଂସ୍ଥା ଦ୍ୱାରା ଦିଆଯାଇପାରିବ। ଏହା ଦ୍ରବ୍ୟ ଓ ସେବା କିଣିବା, ଟଙ୍କା ପଠାଇବା ତଥା ନଗଦ ଟଙ୍କା ଉଠାଇବା ପାଇଁ ବ୍ୟବହୃତ ହୁଏ। ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଗ୍ରହଣ କରାଯାଏ। ଉପଭୋକ୍ତାମାନେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ କିଣାକିଣି କରିପାରିବେ। କୌଣସି ୟୁପିଆଇ ପ୍ଲାଟ୍‌ଫର୍ମ ମାଧ୍ୟମରେ ୟୁପିଆଇ ସହ ପ୍ରିପେଡ୍ ୱାଲେଟ୍ ଲିଙ୍କ୍ କରି ଏହାକୁ ବ୍ୟବହାର କରିହୁଏ। ଡେବିଟ୍ ଓ କ୍ରେଡିଟ୍ କାର୍ଡ ଭଳି ଏହା ସୁରକ୍ଷିତ ଓ ସୁବିଧାଜନକ।

## ଏ ବର୍ଷ ଭାରତରେ ଗୋଟିଏ ଚନ୍ଦ୍ରଗ୍ରହଣ

ଚଳିତ ୨୦୨୫ରେ ପୃଥିବୀରେ ଦୁଇଟି ଚନ୍ଦ୍ରଗ୍ରହଣ ଓ ଦୁଇଟି ସୂର୍ଯ୍ୟୋପରାଗ ହେବ, କିନ୍ତୁ ଭାରତରେ କେବଳ ଗୋଟିଏ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବ। ଉଜ୍ଜୟିନୀସ୍ଥିତ ଜିୱାଜି ଦୂରବୀକ୍ଷଣ କେନ୍ଦ୍ରରୁ ମିଳିଥିବା ସୂଚନାନୁଯାୟୀ, ଭାରତବାସୀ ଆସନ୍ତା ସେପ୍ଟେମ୍ବର ୭-୮ ତାରିଖରେ ହେବାକୁ ଥିବା ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଦେଖିପାରିବେ। ଉଲ୍ଲେଖଯୋଗ୍ୟ, ଚଳିତବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୧୪ରେ ସଂଘଟିତ ହୋଇଥିଲା। ପୂର୍ଣ୍ଣଗ୍ରାସ ଗ୍ରହଣର ଏହି ବିରଳ ଦୃଶ୍ୟ ଆମ ଦେଶରେ ଦିନବେଳେ ଘଟିଥିବାରୁ ତାହାକୁ ଦେଖିହେଲା ନାହିଁ। ତାହା ଆମେରିକା, ପଶ୍ଚିମ ୟୁରୋପ ଓ ଆଟ୍‌ଲାଣ୍ଟିକ ମହାସାଗର ଉପରେ ଦୃଶ୍ୟମାନ ହେଲା। ସେହିପରି ମାର୍ଚ୍ଚ ୨୯ରେ ଏକ ଆଂଶିକ ସୂର୍ଯ୍ୟୋପରାଗ ହୋଇଥିଲା। ତାହାକୁ ମଧ୍ୟ ଭାରତବାସୀ ଦେଖିବାରୁ ବଞ୍ଚିତ ହୋଇଥିଲେ। ଅପରପକ୍ଷେ, ତାହା ଉତ୍ତର ଆମେରିକା, ଗ୍ରିନ୍‌ଲ୍ୟାଣ୍ଡ, ଆଇସ୍‌ଲ୍ୟାଣ୍ଡ, ୟୁରୋପ ସମେତ ରୁଷିଆର କିଛି ଭାଗରେ ଦେଖିବାକୁ ମିଳିଥିଲା। ସେପ୍ଟେମ୍ବର ୭-୮ ତାରିଖରେ ହେବାକୁ ଥିବା ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣକୁ ସଂପୂର୍ଣ୍ଣ ରୂପେ ଭାରତରେ ଦେଖିହେବ। ଏସିଆ, ୟୁରୋପ, ଆଣ୍ଟାର୍କଟିକା, ଅଷ୍ଟ୍ରେଲିଆ ଓ ଭାରତ ମହାସାଗରରେ ମଧ୍ୟ ତାହା ଦୃଶ୍ୟମାନ ହେବ। ତେବେ ସେପ୍ଟେମ୍ବର ୨୧-୨୨ ତାରିଖରେ ହେବାକୁ ଥିବା ଶେଷ ଆଂଶିକ ସୂର୍ଯ୍ୟୋପରାଗ ଭାରତବାସୀ ଦେଖିପାରିବେ ନାହିଁ। ତାହା କେବଳ ନିଉଜିଲାଣ୍ଡ, ଦକ୍ଷିଣ ପ୍ରଶାନ୍ତ ମହାସାଗର ଓ ପଶ୍ଚିମ ଆଣ୍ଟାର୍କଟିକାରେ ଦୃଶ୍ୟମାନ ହେବ ବୋଲି ଗଣନା କରାଯାଇଛି।



## ଫଟୋରୁ ପରିଚୟ ହରଣ ବିପଦ!

ନିଜକୁ ତଥା ନିଜର ସୃଜନଶୀଳତାକୁ ଅନ୍ୟମାନଙ୍କ ପାଖରେ ପ୍ରଦର୍ଶନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଫଟୋ ଛାଡ଼ିବା ଏକ ସାଧାରଣ କଥା ପାଲଟିଛି। ମାତ୍ର ଏକ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସେଭଳି ଉତ୍ସାହୀ ଚିତ୍ର ପ୍ରେରଣକାରୀ ଏଣିକି ସତର୍କ ରହିବା ଜରୁରି। କାରଣ ବିପଦହୀନ ମନେ ହେଉଥିବା ସେହି ଫଟୋଗୁଡ଼ିକ ମଧ୍ୟ ସାଂଘାତିକ ବିପଦ ଆଣିବାର ଆଶଙ୍କା ରହିଛି। ବିଶେଷ କରି ଆଙ୍ଗୁଳିର ଟିପଚିହ୍ନ ଦିଶୁଥିବା ଫଟୋକୁ ହରଣଚାଳ କରି ସାଇବର୍ ଅପରାଧୀମାନେ 'ଆଧାର କାର୍ଡ' ଆଧାରିତ ପେମେଣ୍ଟ ସିଷ୍ଟମ୍ ଜରିଆରେ ଅନ୍ୟର ଅର୍ଥକୁ ହଡ଼ପ କରିନେବାର ଆଶଙ୍କା ରହିଛି। ନିକଟରେ ନୋଏଡ଼ାରେ ଏଭଳି ୧୦ଟି ମାମଲା ଧରାପଡ଼ିଛି, ଯହିଁରେ ଅପରାଧୀମାନେ ସାମାଜିକ ଗଣମାଧ୍ୟମରୁ ଲୋକଙ୍କ ଟିପଚିହ୍ନକୁ ନକଲ କରି ତାହାର ଅପବ୍ୟବହାର କରିଛନ୍ତି। ଏସବୁରୁ ବର୍ତ୍ତିବା ପାଇଁ ଆମକୁ କିଛି ଜରୁରି ବିଷୟ ଉପରେ ଧ୍ୟାନ ଦେବାକୁ ପଡ଼ିବ।

● **ସୋସିଆଲ୍ ମିଡିଆରେ ସତର୍କତା ଅବଲମ୍ବନ କରନ୍ତୁ:** ସୋସିଆଲ୍ ମିଡିଆରେ ଫଟୋ ଛାଡ଼ିଲା ବେଳେ ସୁନିଶ୍ଚିତ କରନ୍ତୁ ଯେ ସେଥିରେ ନିଜର ଟିପଚିହ୍ନ, ବାୟୋମେଟ୍ରିକ୍ ତଥ୍ୟ ପରି ସମ୍ବେଦନଶୀଳ ସୂଚନା ନାହିଁ।

● **ପ୍ରାଇଭେସି ସେଟିଂକୁ ଗୋପନୀୟ ରଖନ୍ତୁ:** ସାମାଜିକ ଗଣମାଧ୍ୟମ, ବ୍ୟାଙ୍କିଂ ଆପ୍‌ସ ସହିତ ଆପଣଙ୍କର ସମସ୍ତ ଅନ୍‌ଲାଇନ୍ ଆକାଉଣ୍ଟରେ ପ୍ରାଇଭେସି ସେଟିଂକୁ ଶକ୍ତିଶାଳୀ କରନ୍ତୁ। ନିଜର ବ୍ୟକ୍ତିଗତ ସୂଚନାକୁ ଅଧିକ ନିରାପଦ କରିବା ଲାଗି ଦୁଇ-ସ୍ତରୀୟ ପ୍ରାମାଣିକ ତଥ୍ୟ (ଟୁ-ଫ୍ୟାକ୍ଟର ଅଥେଣ୍ଟିକେସନ୍) ଆପଣାଇବା ଆବଶ୍ୟକ।

● **ବିଶ୍ୱସ୍ତ ପ୍ଲାଟ୍‌ଫର୍ମ ବ୍ୟବହାର କରନ୍ତୁ:** କୌଣସି ଅଣପ୍ରାଧିକୃତ ଆପ୍ କିମ୍ବା ୱେବ୍‌ସାଇଟ୍‌ରେ ନିଜର ବାୟୋମେଟ୍ରିକ୍ ତଥ୍ୟ ଛାଡ଼ିବାକୁ ବାରଣ କରାଯାଇଛି। କେବଳ ଭରସାଯୋଗ୍ୟ ତଥା ଅଫିସିଆଲ୍ ପ୍ଲାଟ୍‌ଫର୍ମରେ ନିଜର ସମ୍ବେଦନଶୀଳ ସୂଚନା ବାଣ୍ଟିବା ଉଚିତ।



● **ନିୟମିତ ସଫ୍ଟୱେର୍ ଅପ୍‌ଡେଟ୍:** ଆପଣ ବ୍ୟବହାର କରୁଥିବା ଫୋନ୍ ଓ କମ୍ପ୍ୟୁଟର ଆଦି ଉପକରଣର ଅପରେଟିଂ ସିଷ୍ଟମ୍ ଓ ସଫ୍ଟୱେର୍‌ଗୁଡ଼ିକ ନିୟମିତ ଅପ୍‌ଡେଟ୍ ହେବା ଆବଶ୍ୟକ। ଏହାଦ୍ୱାରା ପରିବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥାର ଲାଭ ମିଳିପାରିବ।

● **ଆବଶ୍ୟକ ସ୍ଥଳେ ବାୟୋମେଟ୍ରିକ୍ ବ୍ୟବହାର:** ବିଶେଷତଃ ଆମେ ବ୍ୟାଙ୍କିଂ କାରବାର କିମ୍ବା ଅନ୍ୟ ଜରୁରି ସେବା ପାଇଁ ବାୟୋମେଟ୍ରିକ୍‌ର ବ୍ୟବହାର କରିଥାଉ। କେବଳ ଅତ୍ୟାବଶ୍ୟକ ଥିଲେ ହିଁ ବାୟୋମେଟ୍ରିକ୍ ତଥ୍ୟର ଉପଯୋଗ କରିବା ଦରକାର, ଅନ୍ୟଥା ସେଥିରୁ ନିବୃତ୍ତ ରହିବା ଭଲ। କାରଣ ଏହାଦ୍ୱାରା ଆପଣଙ୍କ ତଥ୍ୟ ଚୋରି ହେବାର ସମ୍ଭାବନା ବୃଦ୍ଧି ପାଇଥାଏ।

● **ସନ୍ଦେହଜନକ ପରିସ୍ଥିତିରେ ରିପୋର୍ଟ କରନ୍ତୁ:** ନିଜର ବାୟୋମେଟ୍ରିକ୍ ତଥ୍ୟ ହରଣଚାଳ ହୋଇଥିବାର କୌଣସି ସନ୍ଦେହ ହେଲେ, ତାହାକୁ ସଂପୃକ୍ତ କର୍ତ୍ତୃପକ୍ଷ କିମ୍ବା ପୁଲିସ୍‌ର ସାଇବର ଅପରାଧ ବିଭାଗରେ ଜଣାଇବା ଜରୁରି।

# ବିଜେଡି ବିଧାୟକ ପାଣ୍ଠି ଖର୍ଚ୍ଚ କରୁନାହାନ୍ତି ବିଡିଓ




**ତିର୍ତ୍ତୋଲ,୩।୫(ସଂଚାର ବ୍ୟୁରୋ):** ଗତ ବର୍ଷ ଓଆ ୨୩-୨୪ ର ବିଧାୟକ ପାଣ୍ଠି ବବୁ ବିଲ ପଡ଼ି ରହିଛି ତିର୍ତ୍ତୋଲ ବ୍ଲକ ରେ। ସେଥି ମଧ୍ୟରେ ମାଲ୍ଟିପଲ ହାଇ ମାଷ୍ଟ ଲାଇଟ ସହିତ ସୋଲାର ଲାଇଟ ଲାଗିସାରିଥିଲେ ମଧ୍ୟ ତିର୍ତ୍ତୋଲ ବିଧାୟକ ଙ୍କ ପାଣ୍ଠି ବୋଲି ବିଡିଓ କରୁନାହାନ୍ତି ଚର୍ଚ୍ଚା ଜୋର ଧରିଛି। ଯାହା ଫଳରେ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଧାର କରଜ କରି ଆଣିଥିବା ବେଳେ ପଡ଼ି ରହିଛି ତିର୍ତ୍ତୋଲ ବ୍ଲକରେ। ଏହାକୁ ନେଇ କ୍ଷୁବ୍ଧ ଉତେଜନା ବ୍ଲକରେ ଦେଖା ଦେଇଥିବା ବେଳେ ନୂତନ କରି ଆସିଥିବା ବିଡିଓ ଙ୍କୁ ବିଜେଡି ବିଧାୟକ ଙ୍କ ପାଣ୍ଠି କାଳେ କାମ ନ କରିବାକୁ ମନ୍ତ୍ରୀ କାଳେ କହିଛନ୍ତି ବୋଲି ବିଡିଓ ଙ୍କ ଠାରୁ ଭାରିରି ଖବର ମିଳିଛି। ସରକାର ଗଲାପରେ ବିଜେଡି କର୍ମୀମାନେ ବିଡିଓ ଙ୍କ ମନମୁଖୀ କାର୍ଯ୍ୟ ର ଶିକାର ହେଉଥିବା ତିର୍ତ୍ତୋଲ ବ୍ଲକ ରୁ ସୂଚନା ମିଳିଛି। ସେପଟେ ବ୍ଲକ ର କର୍ମଚାରୀ ମାନଙ୍କୁ ବ୍ଲକ ଭିତର କଥା ବାହାରେ ପ୍ରକାଶ ନ କରିବାକୁ ଧମକ ଦେଇଥିବା ଜଣାପଡ଼ିଛି। ତିର୍ତ୍ତୋଲ ବ୍ଲକ ରେ ଥିବା ମନ୍ତ୍ରୀ ଙ୍କ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ର ୭ ଗୋଟି ପଞ୍ଚାୟତ ରେ ଦିନ ଦୁଇପ୍ରହର ରେ ଖୋଲାମଖୋଲା ମେସିନରେ ମାଟି ଖୋଳା ହୋଇ ୭ ଦିନ ମଧ୍ୟରେ ଏନ.ଆର. ଜି. ଏସ. ବିଲ ହେଉଥିବା ବେଳେ ଏଠାରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି କୁ କେଉଁ ଆଧାରରେ ବିଳମ୍ବ କରାଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଲୋକେ କହିବା ମୁତାବକ କାଳେ ବିଡ଼ିଓ ମହାଶୟ ମନ୍ତ୍ରୀ ଙ୍କ ପ୍ରିୟର ପାତ୍ର ହେବାପାଇଁ ମନ୍ତ୍ରୀ ଙ୍କୁ କହିଛନ୍ତି ଏହି ବ୍ଲକ ରେ ବିଜେଡି ଶୁନ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦେଖିଯାଉ ଆଗମୀ ଦିନରେ ବିରୋଧୀ ଦଳ ଏହା ଉପରେ କିଭଳି ଆହ୍ୱାନ ନେଉଛନ୍ତି ଦେଖିବାକୁ ରହିଲା।

# ପ୍ରତି ପଞ୍ଚାୟତରେ ହେବ ରାଜସ୍ୱ ସର୍କଲ କାର୍ଯ୍ୟାଳୟ: ମନ୍ତ୍ରୀ

**ବିଞ୍ଝାରପୁର,୩।୫(ସଂଚାର ବ୍ୟୁରୋ):** ପ୍ରତି ପଞ୍ଚାୟତରେ ହେବ ରାଜସ୍ୱ ସର୍କଲ କାର୍ଯ୍ୟାଳୟ। ଲୋକଙ୍କ ଅତି ନିକଟରେ ସରକାରୀ ସୁବିଧା ପହଞ୍ଚିବା ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ଏହା ଖୁବଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ବଡ଼ଚଣା ଗସ୍ତରେ ସକାଳେ କହିଛନ୍ତି।ଶନିବାର ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ମହୋଡ଼ ପଡ଼ିଆ ଠାରେ ଦର୍ପଣ ତହସିଲର ୧୮.୭୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୫ଗୋଟି ରାଜସ୍ୱ ସର୍କଲ ନୂତନ ଗୃହର ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ସାଂସଦ ରବି ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ବଡ଼ଚଣାର ବିଧାୟକ ଅମର କୁମାର ନାୟକ ଯୋଗଦେଇ ବଡ଼ଚଣାର ବିକାଶ ପାଇଁ ଆବଶ୍ୟକ କରୁଥିବା କାର୍ଯ୍ୟାଳୟ ଓ ଡଣ୍ଡିଖୋଲକୁ ସବଡିଭିଜନ ମାନ୍ୟତା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ଉପଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡ଼ିଓ ରବିନ୍ଦ୍ର ପ୍ରଧାନ, ସମାଜ ସେବୀ ବେଦକାନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିବା ସହିତ ସିଧାସଳଖ ଭିଡିଓ କନଫରେନ୍ସି ମାଧ୍ୟମରେ କେତେକ ରାଜସ୍ୱ ନିରୀକ୍ଷକ ସହ ସିଧାସଳଖ ଆଲୋଚନା କରିବାସହ ଲୋକଙ୍କ ଅଭିଯୋଗର ଉତ୍ତର ରଖିଥିଲେ ମନ୍ତ୍ରୀ।



# ପୁଅ ମାଡ଼ରେ ନିଶାସକ୍ତ ବାପା ମୃତ

**ବାଲିପାଟଣା,୩।୪(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଆମଣାକୁଦ ପଞ୍ଚାୟତ ତିହୁରି ଗ୍ରାମରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ନାବାଳକ ପୁଅର ଲୁହାଛଡ଼ ମାଡ଼ରେ ମଦ୍ୟପ ବାପାର ମୃତ୍ୟୁ ଘଟିଛି। ମୃତକ ହେଲେ ଗଜରାଜ ଭୋଇ ଓରଫ ଗଜାନନ (୪୪)। ସୂଚନା ମୁତାବକ ଗଜରାଜ ଜଣେ ଟ୍ରାକ୍ଟର ଡ୍ରାଇଭର ଅଟନ୍ତି। ତାଙ୍କର ଗୋଟେ ଝିଅ ଓ ଗୋଟେ ପୁଅ। ଗଜରାଜ ପ୍ରତ୍ୟେକ ଦିନ ମଦ୍ୟପାନ କରି ଘରେ ତା'ର ପତ୍ନୀ ସହ ସବୁବେଳେ ଝଗଡ଼ା କରିବା ସହ ତାକୁ ବାଡ଼ିଆ ବଡି ମଧ୍ୟ କରିଥାଏ। ସେଥିପାଇଁ ରଚନା ବିହାହର କିଛି ବର୍ଷ ପରେ ନିଜ ବାପଘର ବାଲିଅନ୍ତା ଥାନା ଗଣ୍ଡିଲୋ ଗ୍ରାମକୁ ଚାଲିଯାଇଥିଲେ। ଗତ ପଣା ସଂକ୍ରାନ୍ତି ରେ ସେ ପିଲାକୁ ନେଇକରି ଶାଶୂ ଘରକୁ ଆସିଥିଲେ। କିନ୍ତୁ ତାଙ୍କର ସ୍ୱାମୀ ଙ୍କର ମଦ ପିଇବା ଛାଡ଼ିବା ତ ଦୂରର କଥା ପତ୍ନୀ କୁ ମାଡ଼ ମାରିବା ମଧ୍ୟ ବନ୍ଦ ହେଇନଥିଲା। ଯାହାକୁ ନେଇ ଚିନ୍ତାରେ ଥିଲା ପୁଅ ଶୁଭମ୍। ଗତକାଲି ରାତ୍ରିପ୍ରାୟ ୮ଟା ସମୟରେ ଗଜରାଜ ନିଜ ପତ୍ନୀ ସହ ଝଗଡ଼ା କରିବା ସହ ପତ୍ନୀ କୁ ମାଡ଼ ମାରିବା ସମୟରେ ପୁଅ ରଗିକରି ଏକ ମାରଣାଅସ୍ତ୍ର ରେ ବାପାର ମୁଣ୍ଡକୁ ପିଟି ଦେଇଥିଲା। ଫଳରେ ଗଜରାଜ ର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ମଧ୍ୟ ହୋଇଥିଲା। ତାଙ୍କୁ ଉଦ୍ଧାର କରି ନିଆଳି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମୃତଦେହ ଘରକୁ ଆଣିଥିଲେ। ପରେ ବାଲିପାଟଣା ପୁଲିସ ଖବର ପାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଘଟଣାର ଅଧିକ ତଦନ୍ତ କରୁଥିବା ସୂଚନା ଦେଇଛି।

# ଧାରଣା ସ୍ଥଳରୁ ବିଧାୟକଙ୍କ ସହ ଗ୍ରାମବାସୀଙ୍କୁ ଉଠାଇ ନେଲେ ପୋଲିସ



**ସୁନ୍ଦରଗଡ଼,୩।୫(ସଂଚାର ବ୍ୟୁରୋ):** କୋଇଲା ସାଇଡିଂ ପରିବହନକୁ ନେଇ ଚାପା ଉତେଜନା ରହିଥିବା ବେଳେ ଘଟଣା ସ୍ଥଳରେ ଚାରି ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଛି। ସୁନ୍ଦରଗଡ଼ ହେମଗିରି ଥାନା ବରପାଲି ରେଲୱେ କୋଇଲା ପରିବହନକୁ ସ୍ଥାନୀୟ ଲୋକେ ବିରୋଧ କରି ଏହି କୋଇଲା ସାଇଡିଂକୁ ବନ୍ଦ କରିବା ପାଇଁ ଲୋକ ମାନେ ଗତ ଫେବୃଆରୀ ୪ ତାରିଖରୁ ଦିନ ରାତି ସେଠାରେ ଧାରଣାରେ ବସିଛନ୍ତି ଏବଂ ରେଲୱେ ଅଧିକାରୀ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ ଜଣାଇଥିଲେ ମଧ ଯୋର ଜବରଦସ୍ତ ଏହି ସାଇଡିଂରେ କୋଇଲା ପଡୁଥିବାରୁ ସ୍ଥାନୀୟ ଲୋକେ ତିନିଦିନ ହେଲା ରେଲୱେ ସାଇଡିଂ ଅବରୋଧ କରିଛନ୍ତି। ସେପଟେ ଲୋକଙ୍କର କହିବା କଥା ଏହି ସାଇଡିଂ ବନ୍ଦ କରାଯାଉ କାରଣ ଅତି ନିକଟରେ ଜନବସତି ରହିଛି, ଅଥଚ କିଭଳି ଭାବେ ବସ୍ତି ନିକଟରେ ସାଇଡିଂ କରାଯାଇଛି। ସାଇଡିଂ ବନ୍ଦ ନହେଲେ ରେଳ ଲାଇନ ଉପରେ ଶୋଇ ମରିଯିବୁ ପଛେ ଛାଡିବୁ ନାହିଁ ବୋଲି ସୁନ୍ଦରଗଡ଼ ବିଧାୟକଙ୍କ ସହିତ ଅଞ୍ଚଳବକ୍ଷସୀ ଚେତାବନୀ ଦେଇଛନ୍ତି। ଘଟଣା ସ୍ଥଳରେ ସଦର ଉପ ଜିଲ୍ଲାପାଳ ଦାଶରଥି ଶରାବୁ ଓ ଏସଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ର ଙ୍କ ସହ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହିଛନ୍ତି। ଶେଷରେ ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଙ୍କ ସହିତ ଶହ ଶହ ପୁରୁଷ ମହିଳା ଙ୍କୁ ଧାରଣା ସ୍ଥଳରୁ ପୋଲିସ ଉଠାଇ ନେଇଥିଲେ।

# ମ୍ୟାଟ୍ରିକରେ ବିଷ୍ଣୁ ଜେନା ଟପ୍ପର



**ବାଲିପାଟଣା,୩।୫(ସଂଚାର ବ୍ୟୁରୋ):** ଗତ ଶୁକ୍ରବାର ସାରା ରାଜ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ର ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ବାଲିପାଟଣା ରେ ୧୧ ଜଣ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ରାଜସ ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ର ବିଷ୍ଣୁ ପ୍ରସାଦ ଜେନା ୫୭୨ ନମ୍ବର ରଖି ଟପର ହୋଇଛନ୍ତି।ଦ୍ୱିତୀୟ ସ୍ଥାନରେ ପିପୃଲ୍ଲି ସରକାରୀ ଉଚ୍ଚ ବିଦ୍ୟାଳୟ ର ଅମ୍ରିତ୍ ପ୍ରିତମ ତ୍ରିପାଠୀ ୫୬୦ ଓ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରିୟାଂଶୁ ଆଚାର୍ଯ୍ୟ ୫୫୭ ନମ୍ବର ରଖି ତୃତୀୟ ସ୍ଥାନ ରେ ରହିଛନ୍ତି।ଅନ୍ୟମାନଙ୍କ ମଧ୍ୟରେ କୁଶଭଦ୍ରା ର ଓଁକାର ପାତ୍ର ୫୫୩, ସୌମ୍ୟ ରଞ୍ଜନ ସାହୁ ୫୪୪, ମକୁନ୍ଦାସପୁର ଉଚ୍ଚ ବିଦ୍ୟାଳୟ ର ନୁରୁଲ୍ ରାଜା ୫୪୫, ଅସୀମା ସାହୁ ୫୪୨, ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟ ର ଅନନ୍ୟା ପ୍ରିୟଦର୍ଶିନୀ ସ୍ୱାଇଁ ୫୪୩, ନରିଶୋ ଉଚ୍ଚ ବିଦ୍ୟାଳୟ ର ସୌରଦିପା ମହାପାତ୍ର ୫୫୫, ବାଲୁଙ୍କେଶ୍ୱର ବିଦ୍ୟାପୀଠ ର ପୁଷ୍ପାଞ୍ଜଳି ସାହୁ ୫୫୨ ଓ ମଧୁସ୍ମିତା ପାଢି ୫୪୬ ରଖିଛନ୍ତି।ବାଲିପାଟଣା ବ୍ଲକ ରେ ୮ ଗୋଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୪୧୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ପ୍ରାୟ ଶତକଡା ୯୪ ଜଣ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

# ପହଲଗାମ୍‌ରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଭେଡେନ,୩।୫(ସଂଚାର ବ୍ୟୁରୋ):** କୁବେଡେଗା ଗ୍ରାମପଞ୍ଚାୟତ ତରଫରୁ କାଶ୍ମୀର ର ପେହେଲଗାମ୍‌ରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସରପଞ୍ଚ ଜନ୍ମେଜୟ ମିଶ୍ର ଙ୍କ ସଭାପତିତ୍ୱ ରେ କୁବେଡେଗା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରୁଦ୍ରଦେବ ସାହୁ ଅତିଥି ଭାବରେ ଯୋଗଦେଇ ନିଜର ଶୋକ ପ୍ରକାଶ କରିଥିଲେ ଏବଂ ପ୍ରାଣ ହରାଇଥିବା ନିରୀହ ପର୍ଯ୍ୟଟକ ମାନଙ୍କ ଅମର ଆତ୍ମା ର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସମସ୍ତ ୱାର୍ଡ ସଭ୍ୟ ତଥା ଗ୍ରାମବାସୀ ଯୋଗ ଦେଇଥିଲେ ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସିଭିଲ କୋର୍ଟ ପରିସର ଅନୁଷ୍ଠିତ ହେବ

**ସୁବର୍ଣ୍ଣପୁର,୩।୫(ସଂଚାର ବ୍ୟୁରୋ):** ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସୋନପୁର ସିଭିଲ କୋର୍ଟ ପରିସର ଅନୁଷ୍ଠିତ ହେବାକୁ ଯାଉଛି ଓ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତ ରେ ସମସ୍ତ ପ୍ରକାର ର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉଁନ୍ସ ମାମଲାର ଆପୋସ ସହମତି ରେ ସମାଧାନ କରାଯାଇ ପାରିବ । କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀ ରେ ଦାୟର ହୋଇ ନଥିବା), ଚେକ ବାଉଁନ୍ସ ମାମଲା, ବ୍ୟାଙ୍କଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବା, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ । ଦେୱାନୀ ମକଦ୍ଦମା ଇତ୍ୟାଦି ର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ହୋଇପାରିବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ମୋକଦ୍ଦମା ବିବାଦ ର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତ ର ରାୟ ବୈଧ, ଚୂଡାନ୍ତ ଏବଂ ଅମଲ ଯୋଗ୍ୟ ଅଟେ ଓ ଯଦି କୌଣସି ବିଚାରାଧୀନ ମୋକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମ ରେ ହୁଏ ଆଗରୁ ପୈଠ ହୋଇଥିବା କୌଟ ଫି ଫେରସ୍ତ ହୋଇପାରିବ ଓ ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମା ର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟ ରୁ ନିସ୍ତାର ପାଇଁ ଏହି ସୁଯୋଗ ର ସଦୁପଯୋଗ କରନ୍ତୁ । ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତଥା ତାଲୁକ ଆଇନ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ



**ବୈଶିଙ୍ଗା,୩।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା-୨୦୨୪ ର ଫଳ ପ୍ରକାଶିତ ପରେ ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ୧୯ ଜଣ ଛାତ୍ରଛାତ୍ରୀ ବେତନଟୀ ବ୍ଲକ ଅଧୀନ ବାଲକା ସରକାରୀ ଉଚ୍ଚ ବିଦ୍ୟାଳୟ ସହ ଅନୁବନ୍ଧିତ ହୋଇ ପରୀକ୍ଷା ଦେଇଥିଲେ। ବିଦ୍ୟା ମନ୍ଦିରର ଛାତ୍ରୀ ପ୍ରିୟଙ୍କା ମହାପାତ୍ର ସର୍ବୋଚ୍ଚ ୫୬୫ ନମ୍ବର ରଖି ବ୍ଲକ୍ ଟପ୍ପର ହେବା ସହ ମୟୂରଭଞ୍ଜ ଜିଲ୍ଲାରେ ୫ମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସ୍ରିୟମ ସାହୁ ୫୬୦, ଲିପ୍ସିତା ପରିଡ଼ା ୫୫୭, ଅଙ୍କିତ ମିଶ୍ର ୫୪୮ ରଖି ଏ-୧ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଧୀରଜ କୁମାର ଦାସ ୫୩୯, ଭବତୋଷ ବିନ୍ଧାଣୀ ୫୩୩, ପ୍ରଶ୍ନଜିତ ପଣ୍ଡା ୫୨୬, ହିମାଂଶୁ ବାଘୁଆ ୫୧୭, ଆୟୁଷ୍ମାନ ବିନ୍ଧାଣୀ ୪୯୮ ଏ-୨ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରା ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ, ଉପସଭାପତି ଜ୍ଞାନରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ସରୋଜ କୁମାର ପତି, ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା, ସହ ସମ୍ପାଦକ ଅଜିତ କୁମାର ସେନାପତି ମଞ୍ଚାସୀନ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ତଦନୁରୂପ ଏହି ପରୀକ୍ଷାର୍ଥୀଙ୍କ ଉଜ୍ୱଳ ଭବିଷ୍ୟତ ନିର୍ମାଣ ର ବିଶ୍ୱକର୍ମା ସଦୃଶ ବିଦ୍ୟାଳୟ ର ସମସ୍ତ ଗୁରୁଜୀ / ଗୁରୁମା ମାନଙ୍କୁ ମଧ୍ୟ ଉପସ୍ଥିତ ଅଭିଭାବକ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ପରିସରରେ ଉତ୍ସବ ମୁଖରିତ ହୋଇଥିବା ବେଳେ ସମସ୍ତ ଅତିଥି ଛାତ୍ରଛାତ୍ରୀ ମାନଙ୍କର ଏହି କୃତିତ୍ୱ ବାଲକା ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବାରିକ ଏବଂ ସମସ୍ତ ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କୁ ଶୁଭେଚ୍ଛା ସହ ସାଧୁବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ/ଗୁରୁମା, ସେବକ ଏବଂ ସେବିକା ସହଯୋଗ କରିଥିଲେ।

# ମୃତ ହୋମଗାର୍ଡଙ୍କ ପରିବାରକୁ ଆର୍ଥିକ ସହାୟତା



**ଫୁଲବାଣୀ,୩।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଗୃହରକ୍ଷୀ କମାଣ୍ଡର ହରିଶ୍ ବିସିଙ୍କ ନିର୍ଦ୍ଦେଶ ପ୍ରକାରେ କନ୍ଧମାଳ ଜିଲ୍ଲା ହୋମଗାର୍ଡ ଓ୍ୱେଲଫର ଫଣ୍ଡରୁ ଦାରିଙ୍ଗବାଡି ଥାନାର କାର୍ଯ୍ୟରତ ସମୟରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପିତବାସ ପ୍ରଧାନଙ୍କ ପରିବାର ସଦସ୍ୟଙ୍କୁ ଜିଲ୍ଲାର ସମସ୍ତ ହୋମଗାର୍ଡ କର୍ମଚାରୀଙ୍କ ଗୋଟିଏ ଦିନର ଦରମା ଟଙ୍କା ଆର୍ଥିକ ସହାୟତା ଗୃହରକ୍ଷୀ କମାଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଚେକ୍ ମାଧ୍ୟମରେ ମୃତକଙ୍କ ଧର୍ମ ପତ୍ନୀ ମିନା କୁମାର ମାଝିଙ୍କୁ ପ୍ରଦାନ କରାଯାଇଛି। କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା ପ୍ରକାରେ ଉପରିସ୍ଥ ଅଧିକାରୀଙ୍କ ସହଯୋଗରେ ହୋମଗାର୍ଡ କର୍ମଚାରୀ ମାନଙ୍କ ପରିବାର ସଦସ୍ୟଙ୍କ ମଙ୍ଗଳ ଉଦ୍ଦେଶ୍ୟରେ କନ୍ଧମାଳ ଏସ୍ପି ଶ୍ରୀ ହରିଶ୍ ବିସିଙ୍କ ଦ୍ୱାରା ଓ୍ୱେଲଫର ଫଣ୍ଡ ଗଠନ କରିବାରେ ସଫଳ ହୋଇଥିବାରୁ କନ୍ଧମାଳ ଜିଲ୍ଲାର ହାରାହାରି ପାଞ୍ଚଶହ ରୁ ଉର୍ଦ୍ଧ୍ୱ ହୋମଗାର୍ଡ ପରିବାରଙ୍କୁ ଆଗାମୀ ଦିନରେ ଅକାଳ ବିୟୋଗ ଏବଂ ଅବସର ଗ୍ରହଣ ସମୟରେ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସଂଘଠନ ତରଫରୁ ନିଷ୍ପତ୍ତି ନିଆଯାଇଥିବା ସଂଘ କର୍ମକର୍ତ୍ତା ଗଣ ମାଧ୍ୟମ ଆଗରେ ମତ ପ୍ରକାଶ କରିଛନ୍ତି। ଅକ୍ଷୟ କୁମାର ରାୟ, ଜୟନ୍ତୀ ଚୈଧୁରୀ, ସାଫରିନ, ଉପସ୍ଥିତ ରହି ମୃତକଙ୍କ ପରିବାର ସଦସ୍ୟଙ୍କୁ ଆସ୍ୱାସନ ଦେବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏବଂ ଗୃହରକ୍ଷୀ କମାଣ୍ଡେଣ୍ଟଙ୍କୁ ସଂଘ କର୍ମକର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରହରାଜ ଶନିଶ୍ଚରଙ୍କ ଓଷା ପାଳିତ

**କଳିଙ୍ଗନଗର,୩।୫(ସଂଚାର ବ୍ୟୁରୋ):**ଏହି ବ୍ଲକରେ ଗ୍ରହରାଜ ଶ୍ରୀ ଶନିଶ୍ଚରଙ୍କ ଓଷା ମହାସମାରୋହରେ ପାଳିତ ହୋଇଯାଇଛି। ଦାନଗଦି ବ୍ଲକର ସମସ୍ତ ଗାଁଗହଳି ଦାନଗଦି ହାଟ ପାଖରେ ଥିବା ପୀଠ, ମାନପୁର, ମାନତୀରା ଓ ରାଛିପୁର ପୀଠରେ ଗ୍ରହରାଜଶନିଦେବଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଓ ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ରତଧାରୀ ମାନେ ଶନି ଦେବଙ୍କ ପୀଠକୁ ଆସି ଶନିଦେବଙ୍କୁ ଜଳାଭିଷେକ କରିଥିବା ଦେଖିବାକୁମିଳିଥିଲା, ସବୁ ଅଞ୍ଚଳ ରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଅଙ୍କୁରା ରୋପଣ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଘଟ ସ୍ଥାପନ ଆଦି ହୋଇଥିଲା। ଶନିବାର ଭୋର ଚାରିଘାଟିକା ସମୟରୁ ମନ୍ଦିର ଦ୍ୱାର ଫିଟା ଜାଇ ବୈଦିକ ରୀତିନୀତି ଅନୁଯାଇ ଗ୍ରହରାଜଙ୍କୁ ବିଭିନ୍ନ ବେଶରେ ସାଜସଜ୍ଜା କରି ପୂଜା କରାଯାଇଥିଲା। ଶ୍ରଦ୍ଧାଳୁ ମାନେ ବିଭିନ୍ନ ଫଳ ପୁଷ୍ପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ଗ୍ରହ ଶାନ୍ତି ପାଇଁ ଜଳାଭିଷେକ କରି ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ଆସିଥିଲେ। ପଣ୍ଡିତ ମାନଙ୍କ ବେଦ ମନ୍ତ୍ର ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ସମାପନ ହୋଇଥିଲା। ସନ୍ଧ୍ୟାରେ ଭକ୍ତ ମାନଙ୍କ ପାଇଁ ବେସରକାରୀ ସଂସ୍ଥା ପକ୍ଷରୁ ଦହି ସରବତ, ପ୍ରସାଦ ସେବନ ଓ ସାଂସ୍କୃତିକକାର୍ଯ୍ୟକମାନ ହୋଇଥିଲା।

# ଫୁଟିଲା ବୋମା,ଗାଁ ଜଗିଛନ୍ତି ପୁଲିସ୍ ଫୋର୍ସ



**ବ୍ରହ୍ମପୁର,୩।୪ (ସଂଚାର ବ୍ୟୁରୋ):** ସହର ଉପକଣ୍ଠ ଫୁଲଟା ଗାଁରେ ଘନଘନ ବୋମାମାଡ଼ ହୋଇଛି। କିଏ ଏବଂ କାହିଁକି ଏଭଳି ବୋମା ମାଡ଼ କରିଛି ତାର ସଠିକ୍ କାରଣ ଜଣାପଡ଼ିନଥିବା ବେଳେ ଗାଁରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଅନୁଯାୟୀ, ଶନିବାର ବ୍ରହ୍ମପୁର ଫୁଲଟା ଗାଁରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ କାରଣରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ଯାହାର ପରିଣତି ଫୁଲଟା ଗାଁରେ ଘନଘନ ବୋମାମାଡ଼ ହୋଇଛି। ଯେଉଁଥିରେ କେତେ ପରିମାଣର ଲୋକ ଆହତ ହୋଇଛନ୍ତି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ବୋମାମାଡ଼ ପରେ ସ୍ଥାନୀୟ ପୋଲିସ୍ ଓ ପ୍ରଶାସନ ଆହ୍ୱାନ ମୋଡ଼କୁ ଆସିଛି। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖି ଗାଁରେ ଦୁଇ ପ୍ଲାଟୁନ ପୋଲିଲ ଫୋର୍ସ ମୁତୟନ କରାଯାଇଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି। ଏଥିସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।

# ପଶ୍ଚିମାଞ୍ଚଳ ବିଦ୍ୟୁତ ଶ୍ରମିକ ସଂଘ ଦ୍ୱାରା ଶ୍ରମିକ ଦିବସ ପାଳିତ

**ସୁବର୍ଣ୍ଣପୁର,୩।୫(ସଂଚାର ବ୍ୟୁରୋ):** ପଶ୍ଚିମାଂଚଳ ବିଦ୍ୟୁତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ମଇ ୧ ଶ୍ରମିକ ଦିବସ ପାଳିତ ହୋଇଯାଇଅଛି। ସଂଘର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ବିଭୂତି ଭୂଷଣ ବିନ୍ଧାଣି ଙ୍କ ଦ୍ୱାରା ପତାକା ଉତୋଳନ ପରେ ପହଲଗ୍ରାମ୍‌ରେ ଘଟିଯାଇଥିବା ଅମାନବୀୟ ହତ୍ୟାକାଣ୍ଡରେ ପ୍ରାଣ ହରାଇଥିବା ମୃତକ ଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରି ସହିଦ୍ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଘଟଣାରେ ଜଡ଼ିତ ଆତଙ୍କବାଦୀ ଆକ୍ରମଣକୁ ଘୋର ନିନ୍ଦା କରାଯାଇ ଭାରତ ସରକାର ଏହା ଉପରେ ସବିଶେଷ ଦୃଷ୍ଟି ନେଇ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ମଇ ଦିବସ ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ବିଭୂତି ଭୂଷଣ ବିନ୍ଧାଣି ସଭାପତିତ୍ୱ କରିଥିବା ବେଳେ, ବିଶିଷ୍ଟ କୋଶଳବାଦୀ ନେତା ରବି ମିଶ୍ର, ରଣରାଜ ସିଂଦେଓ, ଶ୍ରମିକ ନେତା ବିରେନ୍ଦ୍ର ବନଛୋର, ଶିକ୍ଷକ ନେତା ନରେନ୍ଦ୍ର ନାଥ ମିଶ୍ର, ଚନ୍ଦ୍ରଭାନୁ ବେହେରା, ସିଦ୍ଧେଶ୍ୱର ଭଞ୍ଜ ମଂଚାସୀନ ରହି ନିଜର ମତ ବ୍ୟକ୍ତ କରିବା ସହ ସମସ୍ତେ ଏକଜୁଟ ହୋଇ ଶ୍ରମିକ କର୍ମଚାରୀ ମାରଣ ନୀତି ବିରୁଦ୍ଧରେ ବିକ୍ଷୋଦ୍‌ଗାର କରିଥିଲେ।

# ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲୁଛି ବିଦ୍ୟୁତ ତାର

**କଳିଙ୍ଗନଗର,୩।୫(ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ଗାଁ ର ମଠସାହି ରୁ ଧପଙ୍କି ଯାଇଥିବା ବିଦ୍ୟୁତ ଖୁଣ୍ଟିରେ ତାର ଗୁଡିକ ବିପଦପୂର୍ଣ୍ଣ ଭାବେ ହାତ ପାହାନ୍ତାରେ ଝୁଲୁଥିବାର ଦେଖିବାକୁ ମିଳିଛି, ଦାନଗଦି ଟାଟା ପାୱାର ବିଦ୍ୟୁତ ବିଭାଗ ଅଧୀନରେ ଥିବା ଏହି ଅଞ୍ଚଳରେ ଏପରି ଦେଖିବାକୁ ମିଳିଛି, ମଠସାହି ପଛପଟୁ ଧପଙ୍କି ଗାଁକୁ ଯାଇଥିବା ତିନୋଟି ତାର ତଳକୁ ଝୁଲି ରହୁଥିବା ବେଳେ ତାର ମଝିରେ ବାଉଁଶ ଦିଆ ଯାଇଛି, ମଝିରେ ମଝିରେ ତାର ଗୁଡିକର ବହୁତ ଜାଗାରେ ଯୋଡ଼ା ଯାଇଥିବା ଦେଖା ଯାଉଛି, କଞ୍ଚା ଗଛକୁ ଲାଗି ହାତ ପାଇଲା ଭଳି ଏତେ ପାଖରେ ତାର ଗୁଡିକ ନଇଁ ଗଲାଣି, ସାମାନ୍ୟ ପବନ ବର୍ଷା ହେଲେ କେତେବେଳେ ବି ଛିଡି ଯାଇ କିଛି ଅଘଟଣ ଘଟି ଯାଇପାରେ, ଏହି ତାର ତଳେ ପଡ଼ିଆରେ ଲୋକମାନେ ଯିବା ଆସିବା କରିବା ସହ ଗାଈ ଛେଳି ମଧ୍ୟ ଚରୁଛନ୍ତି, ଅସୁରକ୍ଷିତ ଭାବେ ଭଗବାନଙ୍କ ଭରଷାରେ ଲୋକମାନେ ଯାତାୟାତ କରୁଛନ୍ତି, ଯଦି ତାର ବାଜି କିଛି ଧନ ଜୀବନ କ୍ଷତି ହୁଏ ସେଥିପାଇଁ ଦାୟୀ ରହିବ କିଏ ?ଟାଟା ପାୱାର ବିଦ୍ୟୁତ ବିଭାଗର ଦାନଗଦି ସେକ୍ସନ ଦାୟିତ୍ୱରେ ଥିବା ଯନ୍ତ୍ରୀ କିଛି ଦୁର୍ଘଟଣା ଘଟିବା ପୂର୍ବରୁ ଏଥିପ୍ରତି ଦୃଷ୍ଟି ଦେଇ ତାର ଗୁଡିକୁ ଉପରକୁ ସିଧା ଟାଇଟ କରି ଟାଣି ବାନ୍ଧିବାକୁ ଗ୍ରାମବାସୀ ମାନେ ଦାବୀ କରୁଛନ୍ତି ।

# କଟକଣାକୁ ବେଖାତିର: ବେଧଡ଼କ ଚାଲିଛି ଗୁଟଖା ବିକ୍ରି




**କଳାହାଣ୍ଡି,୩।୫(ସଂଚାର ବ୍ୟୁରୋ):** ଓଡିଶାକୁ ତମାଖୁ ମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ୨୦୧୩ ମସିହାରେ ଆରମ୍ଭ ହେଲା ନୂଆ ନିୟମ ।ସାରା ରାଜ୍ୟରେ ଜାନୁୟାରୀ ମାସଠାରୁ ସରକାରଙ୍କ ପକ୍ଷରୁ ବେଆଇନ ଗୁଟଖା ବିକ୍ରି ପ୍ରଚଳନ ବନ୍ଦ ପାଇଁ ଆଇନ ଲାଗୁ କରାଗଲା । ପ୍ରଥମରୁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇ ବିଭିନ୍ନ ଦୋକାନ ଓ ଫ୍ୟାକଟେରୀ ଉପରେ ଚଢ଼ାଉ କରାଗଲା। ଗୁଟୁଖା, ତମାଖୁ ଭଳି ନିକୋଟିନ ଜାତୀୟ ପଦାର୍ଥ ବିକ୍ରି ରୋକିବା ଲାଗି ଜିଲ୍ଲା ଓ ବ୍ଲକ ସ୍ତରରେ ସ୍କୁଆଡ଼ ମାନ ଗଠନ କରାଗଲା । ଏଥିପାଇଁ ସ୍ୱତନ୍ତ୍ର ସେଲ ମଧ୍ୟ ରହିଲା। ହେଲେ ପ୍ରଥମରୁ ୨/୩ ମାସ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଲୋକ ଦେଖାଣିଆ ଯୋରଦାର ଚଢ଼ାଉ କରାଗଲା । ବିଭିନ୍ନ ଗଣମାଧ୍ୟମରେ ତମାଖୁ ବ୍ୟାନ ସମ୍ପର୍କିତ ବ୍ୟବସାୟୀ ମାନଂକୁ ସଚେତନତା କରାଗଲା । ଏଭଳି ହେବା ଦ୍ୱାରା ପ୍ରଥମେ ପ୍ରଥମେ ଦୋକାନୀମାନେ ନିକୋଟିନ ଜାତୀୟ ନିଶା ଦ୍ରବ୍ୟ ବିକ୍ରି କରିବାକୁ ଭୟଭୀତ ହୋଇଥିଲେ । ହେଲେ ଏବେ ସରକାରଙ୍କ ନିୟମ ଫାଇଲ ଭିତରେ ରହିଯାଇଥିଲା ବେଳେ ଆଗ ଭଳି ସବୁ ଦୋକାନରେ ଗୁଟଖା ଓ ନିକୋଟିନ ଜାତୀୟ ପକେଟ ନିଶା ଦ୍ରବ୍ୟ ମାଲ ମାଲ ଟଙ୍ଗା ହୋଇ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ପୂର୍ବରୁ ଏହି ଗୁଟଖା ଗୁଡିକର ମୂଲ୍ୟ ୧ ଟଙ୍କା ଥିବା ବେଳେ ଏବେ ଏହା ୫ ଟଙ୍କାରେ ପହଂଚିଥିଲେ ମଧ୍ୟ ବିକ୍ରି ନ କମି ଦିନକୁ ଦିନ ବଢ଼ିବାରେ ଦେଖିବାକୁ ମିଳିଛି। ଧର୍ମଗଡ ଅଞ୍ଚଳରେ ଥିବା ବିଭିନ୍ନ ଛକ, ବଜାର ସ୍ଥାନ ମାନଙ୍କରେ ପ୍ରତେକ ଷ୍ଟେସନାରୀ ଦୋକାନ, ପାନ ଦୋକାନ, ଚା'ଦୋକାନ, ଜଳଖିଆ ଦୋକାନ ଏଭଳି ବିଭିନ୍ନ ଭେରାଇଟି ଷ୍ଟୋର ମାନଙ୍କରେ ଏହି ଗୁଟଖା ମାଲ ମାଲ ହୋଇ ବିକ୍ରି ହେଉଥିବାର ଦେଖା ଯାଇଛି । ବିଶେଷ କରି ବିଭିନ୍ନ ସ୍କୁଲ ଓ କଲେଜର ପଖରେ ଥିବା ଦୋକାନ ଗୁଡିକରେ ବହୁଳ ପରିମାଣରେ ଗୁଟଖା ବିକ୍ରି ହେଉଥିବାରୁ ଛାତ୍ର ଛାତ୍ରୀ ମାନେ ଏହା ଦ୍ୱାରା ବେଶୀ ଅଭ୍ୟସ୍ତ ହେଉଥିବାର ଦେଖିବାକୁ ମିଳିଛି । ସରକାର ଗୁଟଖା ବିକ୍ରି ବ୍ୟାନ କଲାପରେ ଦୋକାନୀ ମାନେ ଲୁଚା ଛପାରେ ଏହାକୁ ବିକ୍ରି କରୁଥିଲେ । ଏବେ କିନ୍ତୁ ପ୍ରତେକ ଦୋକାନୀ ଖୋଲା ଖୋଲି ଭାବେ ଏହାକୁ ବିକ୍ରି କରୁଥିଲେ ମଧ୍ୟ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ ଏହାକୁ ରୋକିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଜଣା ଯାଇଛି । ଏହି ଗୁଟଖା ଓ ନିକୋଟିନ ଜାତୀୟ ଦ୍ରବ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପକ୍ଷରେ ବହୁତ କ୍ଷତି ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଏହାକୁ ରୋକିବା ପାଇଁ କୌଣସି କଟକଣା କରୁ ନାହାଁନ୍ତି ।ସର୍ବୋପରି ଏହି ଆଇନ ଲୋକ ଦେଖାଣିଆ ଭାବେ ପ୍ରଚଳନ କରାଯାଇଥିଲେ ମଧ୍ୟ ଏହା ସଠିକ କାର୍ଯ୍ୟକାରି ହେଉ ନାହିଁ । ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଙ୍କ ନିକଟରେ ସାଧାରଣରେ ଦାବି ହେଉଛି ।